

ଶ୍ରୀମନ୍ଦିର ପରିକ୍ରମା ସ୍ୱତନ୍ତ୍ର
▶ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-200 ◆BHUBANESWAR ◆SUNDAY ◆14 JANUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୦୦ ◆ଭୁବନେଶ୍ୱର ◆ରବିବାର ◆୧୪ ଜାନୁଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)



DADLS-78



## ଜୟ ଜଗନ୍ନାଥ




ପ୍ରତିଟି ଓଡ଼ିଆଙ୍କ ମଉଡ଼ମଣି ଶ୍ରୀଜଗନ୍ନାଥଙ୍କ ମହିମାରୁ ଆରମ୍ଭ ହୋଇଛି
**'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'**
ବିଶ୍ୱଐତିହ୍ୟ ସହରରେ ରୂପାନ୍ତରିତ ହେଉଛି ଶ୍ରୀକ୍ଷେତ୍ର
ଶାନ୍ତିପୂର୍ଣ୍ଣ ପରିକ୍ରମା କରିପାରିବେ ଶ୍ରଦ୍ଧାଳୁ

ଆଉକିଛି ଦିନର ଅପେକ୍ଷା
ଐତିହାସିକ **ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**ର
ହେବ ଲୋକାର୍ପଣ
**୧୭ ଜାନୁଆରୀ ୨୦୨୪**

OIPR-15001/13/0252/2324



# ଦେଶ ବିଦେଶ





● ଦୁର୍ନୀତି ମାମଲାରେ ଝୁଲୁଛି ଗିରଫ ଖଣ୍ଡା

# କେଜ୍ରିୱାଲଙ୍କୁ ଚତୁର୍ଥ, ସୋରେନଙ୍କୁ ଇଡିର ଅଷ୍ଟମ ସମନ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି)

ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସମସ୍ୟା କମ୍ ହେବାର ନା ଧରୁନାହିଁ। ଉଭୟ ନେତାଙ୍କ ମୁଣ୍ଡରେ ଗିରଫର ଖଣ୍ଡା ଝୁଲୁଛି। ଏହା ମଧ୍ୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ୨ ମୁଖ୍ୟମନ୍ତ୍ରୀଙ୍କୁ ପୁଣି ସମନ ଜାରି କରିଛି। ଏଜେନ୍ସି ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଆମ୍ ଆଦମୀ ପାର୍ଟି (ମୁଖ୍ୟ) କେଜ୍ରିୱାଲଙ୍କୁ ଚତୁର୍ଥ ସମନ ଜାରି କରିଛି। ୧୮ ତାରିଖରେ ଜେରା ପାଇଁ ହାଜର ହେବାକୁ କହିଛି। ଏହା ପୂର୍ବରୁ ଇଡି ଗତ ତିନି ତାରିଖରେ, ଡିସେମ୍ବର ୨୧ ଏବଂ ନଭେମ୍ବର ୨ରେ ସମନ ଜାରି କରିଥିଲା। ତେବେ କୌଣସି ଥର କେଜ୍ରିୱାଲ ହାଜର ହୋଇ ନ ଥିଲେ। ଗତ ୩ ତାରିଖରେ ଅନୁପସ୍ଥିତ ହେବାକୁ ନେଇ ସେ ଏଜେନ୍ସିକୁ ଚିଠି ଲେଖିଥିଲେ। ରାଜ୍ୟସଭା ନିର୍ବାଚନ ଏବଂ ଗଣତନ୍ତ୍ର ଦିବସ ପ୍ରସ୍ତୁତି ପାଇଁ ବ୍ୟସ୍ତଥିବାରୁ ହାଜର ହୋଇପାରୁ ନ ଥିବା କହିଥିଲେ। ଯାହା ପଚାରିବା କଥା ଲିଖିତ ଭାବେ ପଠାଇବାକୁ ଚିଠିରେ ଉଲ୍ଲେଖ କରିଥିଲେ। ସେହିପରି କେଜ୍ରିୱାଲ ନଭେମ୍ବର ୨ରେ ଇଡି ସମନକୁ ବେଆଇନ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କହିଥିଲେ। ଏହା ସମ୍ବିଧାନ ବିରୋଧୀ ବୋଲି ଦର୍ଶାଇ ଥିଲେ। ଡିସେମ୍ବର ୨୧ର ସମନ ମିଳିବା ପରେ ସେ ୧୦ ଦିନ ପାଇଁ ବିପଶ୍ୟନା କ୍ୟାମ୍ପକୁ ଚାଲି ଯାଇଥିଲେ। ଏହି ମାମଲାରେ ସିବିଆଇ ମଧ୍ୟ କେଜ୍ରିୱାଲଙ୍କୁ ସମନ ଜାରି କରିଥିଲା। ତେବେ ଅଗଷ୍ଟ ୧୭ରେ ସିବିଆଇ ଦାଖଲ କରିଥିବା ପ୍ରଥମ ଏତଲାରେ ତାଙ୍କ ନାମ ନ ଥିଲା। ଏ ପର୍ଯ୍ୟନ୍ତ ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଦିଲ୍ଲୀର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ସାଂସଦ ସଞ୍ଜୟ ସିଂହଙ୍କୁ ଗିରଫ କରାଗଲାଣି। ସରକାର ବ୍ୟବସାୟୀଙ୍କୁ ଲାଭ ଦେବା ପାଇଁ ନୂଆ ମଦ ନୀତି ଆଣିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏ ବାବଦକୁ ଆପ୍‌କୁ କୋଟି କୋଟି ଟଙ୍କା ମିଳିଥିବା କୁହାଯାଇଥିଲା। ବିରୋଧୀଙ୍କ ସମାଲୋଚନା ପରେ କେଜ୍ରିୱାଲ ସରକାର ନୂଆ ମଦ ନୀତିକୁ ପ୍ରତ୍ୟାହାର କରି ନେଇଥିଲେ। ପରେ ଉପ-ରାଜ୍ୟପାଳ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।


- ୧୮ରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ହାଜର ହେବାକୁ ନିର୍ଦ୍ଦେଶ
- ସୋରେନଙ୍କୁ ଅନୁପସ୍ଥିତ ହେବାର କାରଣ ପଚାରିଲା ଏଜେନ୍ସି
- ୧୬-୨୦ ଭିତରେ ଜବାବ ସହ ହାଜର ହେବାକୁ କହିଲା
- ନିଜେ ଆସନ୍ତୁ, ନଚେତ ଇଡି ଅଧିକାରୀ ପାଖରେ ପହଞ୍ଚିଯିବେ





ଅନ୍ୟପକ୍ଷରେ ଇଡି ଖଣି ଦୁର୍ନୀତି ମାମଲାରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଅଷ୍ଟମ ସମନ ଜାରି କରିଛି। ଏଜେନ୍ସି ସୋରେନଙ୍କୁ ଏ ପର୍ଯ୍ୟନ୍ତ ଅନୁପସ୍ଥିତ ହେବାର କାରଣ ପଚାରିଛି। ଏହା ଉପରେ ଜବାବ ଦେବା ପାଇଁ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ଏହି ସମୟସୀମା ଭିତରେ ଜବାବ ସହିତ ଉପସ୍ଥିତ ହେବାକୁ କୁହାଯାଇଛି। ନିଜେ ଆସନ୍ତୁ, ନଚେତ ଏଜେନ୍ସିର ଅଧିକାରୀ ଜେରା ପାଇଁ ପହଞ୍ଚିଯିବେ ବୋଲି ଦର୍ଶାଯାଇଛି। ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ୭ ଥର ସମନ ଜାରି ହୋଇଥିଲେ ମଧ୍ୟ ହେମନ୍ତ କୌଣସି ଥର ଇଡି ନିକଟରେ ହାଜର ହୋଇନାହାନ୍ତି। ତେଣୁ ତାଙ୍କୁ ଯେକୌଣସି ମୁହୂର୍ତ୍ତରେ ଗିରଫ କରାଯାଇପାରେ ବୋଲି କୁହାଯାଉଛି। ଡିସେମ୍ବର ୨୯ରେ ତାଙ୍କୁ ସପ୍ତମ ସମନ ଜାରି କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ ପିଏମଏଲ୍‌ଏର ଧାରା ୫୦ ଅନୁଯାୟୀ ବୟାନ ରେକର୍ଡ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଶେଷ ସୁଯୋଗ ଦିଆଯାଉଛି। ନିଜେ ତାରିଖ ଏବଂ ସମୟ ଧାର୍ଯ୍ୟ କରି ସୂଚନା ଦିଅନ୍ତୁ। ସେଠାରେ ଇଡି ଅଧିକାରୀ ପହଞ୍ଚି ପଚରାଉଚୁରା କରିବେ। ଏହା ଉପରେ ୨ ଦିନ ମଧ୍ୟରେ ଲିଖିତ ଜବାବ ଦେବା ପାଇଁ ସୋରେନଙ୍କୁ କୁହାଯାଇଥିଲା। ତେବେ ସେ ଏହାର କୌଣସି ଉତ୍ତର ଦେଇ ନ ଥିଲେ। ପୂର୍ବରୁ ସୋରେନ ନିଜ ପତ୍ନୀ କଳ୍ପନାଙ୍କୁ ମୁଖ୍ୟମନ୍ତ୍ରୀ ବନାଇବାକୁ ଚାହୁଁଥିବା ରିପୋର୍ଟ ଆସିଥିଲା। ତେବେ ସେ ଏହାକୁ ଖାରଜ କରିଦେଇଥିଲେ।

## ମହାଦେବ ଆପ୍ ମାମଲା; ୨ ଗିରଫ




**ରାୟପୁର, ୧୩।୧ (ଏଜେନ୍ସି):** ଛତିଶଗଡ଼ର ମହାଦେବ ବେଟିଂ ଆପ୍ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିତେଶ ଟିବରେୱାଲ ଏବଂ ଅମିତ ଅଗ୍ରୱାଲକୁ ଗିରଫ କରିଛି। ଉଭୟେ ଦୁବାଇରେ ସମ୍ପତ୍ତି କିଣିଛନ୍ତି। ବିଦେଶୀ କମ୍ପାନୀର ସେୟାରରେ ଅଂଶୀଦାର ଅଛନ୍ତି। ଏ ପର୍ଯ୍ୟନ୍ତ ଯାଞ୍ଚରୁ ୨.୫ କୋଟି ଟଙ୍କାର ହିସାବ ମିଳିଛି। ଅମିତର ଭାଇ ଅନିଲ ଅଗ୍ରୱାଲ ମହାଦେବ ଆପ୍‌ର ଅଂଶୀଦାର ଥିଲା। ସେ ଦୁବାଇରୁ ପଠାଉଥିବା ଟଙ୍କାକୁ ଅମିତ ନିଜ ଆକାଉଣ୍ଟକୁ ଆଣି ମନି ଲଣ୍ଡରିଂ କରୁଥିଲା। ଇଡି ଓକିଲ ସୌରଭ ପାଣ୍ଡେୟ କହିଛନ୍ତି ଯେ ଗତ ୧ ତାରିଖରେ କୋର୍ଟରେ ଅତିରିକ୍ତ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା। ଏଥିରେ ଅନିଲକୁ ଅଭିଯୁକ୍ତ ବନା ଯାଇଥିଲା। ଏହାର ପତ୍ନୀ ଅନିଲ ଦମାନୀ ସହ ମିଶି ଜମି କିଣିଥିଲା। ଅନ୍ୟପକ୍ଷରେ ମହାଦେବ ଆପ୍‌ର ପ୍ରମୋଟର ରବି ଉପଲକୁ ୟୁଏଇରୁ ଭାରତ ଆଣିବା ମାର୍ଗ ପ୍ରଶସ୍ତ ହୋଇଯାଇଛି। ଇଡି ଆବେଦନକୁ ରାୟପୁରର ସ୍ୱତନ୍ତ୍ର କୋର୍ଟ ସ୍ୱୀକାର କରିଛନ୍ତି। ଏହା ପରେ ପ୍ରତ୍ୟର୍ପଣ ଚୁକ୍ତି ଆଧାରରେ ୟୁଏଇ କୋର୍ଟରେ ଆବେଦନ କରାଯିବ।

## ତାଇୱାନ ନିର୍ବାଚନ ଜିତିଲେ ୱିଲିୟମ ଲାଇ

**ତାଇପେ ସିଟି, ୧୩।୧ (ଏଜେନ୍ସି):** ଚୀନ୍ ବିରୋଧୀ ନେତା ୱିଲିୟମ ଲାଇ ତାଇୱାନ ନିର୍ବାଚନରେ ବିଜୟୀ ହୋଇଛନ୍ତି। ତାଙ୍କ ଦଳ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି(ଡିପିପି) ବୃହତ ବିଜୟ ହାସଲ କରିଛି। ଏହା ପୂର୍ବରୁ ପିଡିପିର ସାଇ ଇଙ୍ଗ୍ ୱେନ୍ ତାଇୱାନ ରାଷ୍ଟ୍ରପତି ଥିଲେ। ନବ ନିର୍ବାଚିତ ରାଷ୍ଟ୍ରପତି ପ୍ରାର୍ଥୀ ସାଇଙ୍କ ଠାରୁ ବି ଚୀନର ବଡ଼ ବିରୋଧୀ ବୋଲି କୁହାଯାଉଛି। ଲାଇ ବର୍ତ୍ତମାନ ତାଇୱାନ୍‌ର ଉପରାଷ୍ଟ୍ରପତି ଅଛନ୍ତି। ଶନିବାର ହୋଇଥିବା ନିର୍ବାଚନରେ ସେ କେଏମ୍‌ଟି ଦଳର ହୋଉ ଓ ପୂର୍ବତନ ତାଇପେଇ ମେୟର ତଥା ସ୍ମଲ୍ ତାଇୱାନ ପିପୁଲ୍ସ ପାର୍ଟିର ନେତା କୋ ୱେନ୍ ଜେଙ୍କ ବିରୋଧରେ ରାଷ୍ଟ୍ରପତି ନିର୍ବାଚନ ଲଢୁଥିଲେ।

● ନଦୀକୁ ଖସିଲା ବସ୍

## ୨ ଭାରତୀୟଙ୍କ ସମେତ ୧୨ ମୃତ



**କାଠମାଣ୍ଡୁ, ୧୩।୧ (ଏଜେନ୍ସି):** ନେପାଳର ନେପାଳଗଞ୍ଜରୁ କାଠମାଣ୍ଡୁ ଯାଉଥିବା ଏକ ବସ୍ ଶୁକ୍ରବାର ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇ ରାପ୍ତୀ ନଦୀକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ୨ ଭାରତୀୟଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ୨୫ ଜଣ ଆହତ ହୋଇଛନ୍ତି। ରାପ୍ତି ବିଜ୍ଞାନ ପ୍ରତିଷ୍ଠାନରେ ଏମାନଙ୍କର ଚିକିତ୍ସା ଚାଲିଛି। ଏ ପର୍ଯ୍ୟନ୍ତ ୨ ଭାରତୀୟଙ୍କୁ ଚିହ୍ନଟ କରାଯାଇ ନାହିଁ। ପୁଲିସ ଉଭୟଙ୍କ ତଥ୍ୟ ସଂଗ୍ରହ କରୁଛି। ନେପାଳ ପୁଲିସ ପକ୍ଷରୁ କୁହାଯାଇଛି ଯେ ଏହି ବସ୍‌ଟି ନମସ୍ତେ ଟ୍ରାନ୍ସପୋର୍ଟର। ପୁଲିସ ବସ୍‌ର ଡ୍ରାଇଭରକୁ ଗିରଫ କରିଛି। ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## କେନାଲରୁ ଦିବ୍ୟାଙ୍କ ମୃତଦେହ ଉଦ୍ଧାର

**ଚଣ୍ଡିଗଡ଼, ୧୩।୧ (ଏଜେନ୍ସି):** ହରିୟାଣା ଗ୍ୟାଙ୍ଗଷ୍ଟର ସନ୍ଦୀପ ଗାଡୌଲିର ପୂର୍ବତନ ବାନ୍ଧବୀ ଦିବ୍ୟା ପାହୁଜା (୨୭)ର ମୃତଦେହ ମିଳିଛି। ହତ୍ୟାର ୧୨ ଦିନ ପରେ ଫତେହାବାଦର ଭାଖଡ଼ା କେନାଲରୁ ଦିବ୍ୟାଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ଶରୀରରେ ଥିବା ଟାଟୁକୁ ଦେଖି ଦିବ୍ୟାଙ୍କ ମୃତଦେହ ଚିହ୍ନଟ କରାଯାଇଛି। ଏବେ ମେଡିକାଲ ଯାଞ୍ଚ ପାଇଁ ଏହାକୁ ପଠାଇ ଦିଆଯାଇଛି। ପୁଲିସ ସୂଚନା ଅନୁଯାୟୀ ବଲରାଜ ଗିଲ୍ ଦିବ୍ୟାଙ୍କ ମୃତଦେହକୁ ଠିକଣାରେ ଲଗାଇ ଥିଲା। ତାକୁ କୋଲକତା ବିମାନବନ୍ଦରରୁ ଗିରଫ କରାଯିବା ପରେ ଏହାର ସୂଚନା ମିଳିଥିଲା। ମୃତଦେହ ଖୋଜିବା ପାଇଁ ଏନ୍‌ଡିଏଆର୍‌ଏଫ୍ ୨୫ଟି ଟିମ୍ ଲାଗିଥିଲା। ମୃତଦେହ ଚିହ୍ନଟ କରିବା ପାଇଁ ଏହାର ଫଟୋ ଦିବ୍ୟାଙ୍କ ପରିବାର ଲୋକଙ୍କୁ ପଠା ଯାଇଥିଲା। ଗତ ୨ ତାରିଖରେ 'ହୋଟେଲ ସିଟି ପଏଣ୍ଟ'ର ମାଲିକ ଅଭିଜିତ ସିଂହ ଦିବ୍ୟାଙ୍କୁ ଗୁଳି ମାରି ହତ୍ୟା କରିଥିଲା। ଉଭୟେ ୩ ମାସ ହେଲା ଲିଭ୍-ଇନ୍‌ରେ ରହୁଥିଲେ। ହତ୍ୟାର ଦିନକ ପୂର୍ବରୁ ଅଭିଜିତ, ଦିବ୍ୟା ଏବଂ ବଲରାଜ ହୋଟେଲରେ ପହଞ୍ଚି ଥିଲେ।



## ଶାସ୍ତ୍ରୀୟ କଣ୍ଠଶିଳ୍ପୀ ପ୍ରଭା ଅତ୍ରେଙ୍କ ପରଲୋକ



**ମୁମ୍ବାଇ, ୧୩।୧ (ଏଜେନ୍ସି):** ସୁପ୍ରସିଦ୍ଧ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଡ. ପ୍ରଭା ଅତ୍ରେ ଆଉ ଏ ଦୁନିଆରେ ନାହାନ୍ତି। ୯୨ ବର୍ଷୀୟ ଗାୟିକା ଶନିବାର ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ସେ ଶାସ୍ତ୍ରୀୟ ସଙ୍ଗୀତକୁ ସାରା ବିଶ୍ୱରେ ନୂଆ ପରିଚୟ ଦେଇଥିଲେ। ଏକାଡେମୀ, ଗବେଷଣା ଏବଂ ରଚନା କ୍ଷେତ୍ରରେ ମଧ୍ୟ ଅଗ୍ରଣୀ ଥିଲେ। ଏହି କ୍ଷେତ୍ରକୁ ଡ. ପ୍ରଭା ଦେଇଥିବା ଯୋଗଦାନକୁ କେବେ ବି ଭୁଲି ହେବ ନାହିଁ। ଏଥିପାଇଁ ଭାରତ ସରକାର ତାଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରିଥିଲେ। ଡ. ପ୍ରଭା ୧୯୩୨ ସେପ୍ଟେମ୍ବର ୧୩ରେ ପୁଣେର ଆବାସାହେବ ଏବଂ ଇନ୍ଦିରାବାଇଙ୍କ ଘରେ ଜନ୍ମଗ୍ରହଣ କରିଥିଲେ। ସେ କେବେ ବି ଶାସ୍ତ୍ରୀୟ ସଙ୍ଗୀତକୁ କ୍ୟାରିୟର କରିବାକୁ ଚାହିଁ ନ ଥିଲେ। କିନ୍ତୁ ହଠାତ୍ ତାଙ୍କ ମାଆଙ୍କ ଦେହ ଖରାପ ହୋଇଯାଇଥିଲା। ମାଆଙ୍କ ସ୍ୱାସ୍ଥ୍ୟ ଉପରେ ସଙ୍ଗୀତର ଉତ୍ତମ ପ୍ରଭାବ ପଡ଼ିବ ବୋଲି ଲୋକେ କହିଥିଲେ। ଏହା ପରେ ସେ ସଙ୍ଗୀତ ସାଧନା ଆରମ୍ଭ କରି ଆଉ ପଛକୁ ଫେରି ନ ଥିଲେ।

## ରାମ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ପାଇଁ ମରିସସ୍‌ରେ ସ୍ୱତନ୍ତ୍ର ଛୁଟି

**ପୋର୍ଟ ଲୁଇସ୍,୧୩।୧(ଏଜେନ୍ସି):** ଜାନୁଆରୀ ୨୨ରେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ପାଇଁ କେବଳ ଭାରତ ନୁହେଁ, ବରଂ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ରାମ ଶ୍ରଦ୍ଧାଳୁଙ୍କ ଭିତରେ ଉତ୍ସାହ ଜାଗ୍ରତ ହୋଇଛି। ରାମଲାଲା ଅଯୋଧ୍ୟାରେ ବିରାଜମାନ ହେବାକୁ ଯାଉଥିବାରୁ ଏହି ଶୁଭ ଏବଂ ଐତିହାସିକ ମୁହୂର୍ତ୍ତକୁ ସମସ୍ତେ ଅନୁଭବ କରିବାକୁ ଚାତକ ଭଳି ଚାହିଁ ରହିଛନ୍ତି। ଏହି ଭବ୍ୟ ଉତ୍ସବକୁ ବିଶ୍ୱର ବିଭିନ୍ନ ଭାଗରେ ପ୍ରସାରଣ କରିବାକୁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା ବେଳେ ଏହାମଧ୍ୟରେ ମରିସସ୍ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଜାନୁଆରୀ ୨୨ରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଦେଖିବାକୁ ସେଦିନ ୨ ଘଣ୍ଟାର ସ୍ୱତନ୍ତ୍ର ଛୁଟି ଘୋଷଣା କରିଛି ମରିସସ୍ କ୍ୟାବିନେଟ୍। ଯେଉଁମାନେ ଏହି ଉତ୍ସବ ଦେଖିବାକୁ ଇଚ୍ଛା କରିବେ ସେମାନେ ଦିନ ୨ଟା ପରେ ଦୁଇ ଘଣ୍ଟା ଛୁଟି ନେଇ ଏହାକୁ ଦେଖିପାରିବେ ବୋଲି ମରିସସ୍ ସରକାର କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବ ଆଫ୍ରିକା ସାମୁଦ୍ରିକ ଉପକୂଳରେ ଅବସ୍ଥିତ ମରିସସ୍ ଏକ ଦ୍ୱୀପରାଷ୍ଟ୍ର ହୋଇଥିଲେ ହେଁ ଏଠାକାର ୭୦ ପ୍ରତିଶତ ଲୋକ ହିନ୍ଦୁ ଧର୍ମାମ୍ବଲମ୍ବୀ। ଏଠାରେ ବହୁ ହିନ୍ଦୁ ଦେବାଦେବୀଙ୍କ ମନ୍ଦିର ରହିଥିବା ସହିତ ହିନ୍ଦୁମାନେ ସେମାନଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥାଆନ୍ତି। ଏହିକ୍ରମରେ ପ୍ରଭୁ ଶ୍ରୀରାମ ଅଯୋଧ୍ୟାରେ ବିରାଜମାନ କରିବାକୁ ଯାଉଥିବାରୁ ସେଠାକାର ହିନ୍ଦୁମାନଙ୍କ ଉତ୍ସାହ, ଉଦ୍ଦୀପନାକୁ ହୃଦୟଙ୍ଗମ କରି ମରିସସ୍ ସରକାର ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

## ପଶ୍ଚିମବଙ୍ଗରେ ତିନି ସାଧୁଙ୍କୁ ଆକ୍ରମଣ; ୧୨ ଗିରଫ

କୋଲକାତା,୧୩।୧(ଏଜେନ୍ସି)

ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲାରେ ଗଙ୍ଗା ସାଗର ମେଳା ଅଭିମୁଖେ ଯାଉଥିବା ତିନି ସାଧୁଙ୍କ ଉପରେ ଆକ୍ରମଣ ହେବା ଘଟଣାରେ ପୁଲିସ ୧୨ ଜଣଙ୍କୁ ଗିରଫ କରିଛି। ଭାଷା ସମସ୍ୟାକୁ ନେଇ ସାଧୁ ଏବଂ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଭୁଲ ବୁଝାମଣା ହେବା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ଜଣାପଡ଼ିଛି। ମିଳିଥିବା ଖବର ଅନୁସାରେ ଉତ୍ତରପ୍ରଦେଶର ରାୟ ବରେଲିରୁ ତିନି ସାଧୁଙ୍କ ସହ ୫ ଜଣ ଏକ କାର୍‌ରେ ପଶ୍ଚିମବଙ୍ଗ ୨୪ ପ୍ରଗଣା ଜିଲ୍ଲାସ୍ଥିତ ଗଙ୍ଗା ସାଗର ମେଳାରେ ଯୋଗ ଦେବାକୁ ଯାଉଥିବା ବେଳେ ସେମାନେ ପୁରୁଲିଆ ନିକଟସ୍ଥ ଗୌରାଙ୍ଗଡିହ ଗ୍ରାମ ନିକଟରେ ଅଟକିଥିଲେ। ଏହି ସମୟରେ ସ୍ଥାନୀୟ ଗ୍ରାମର ୩ ଝିଅ କାଳୀ ମନ୍ଦିରକୁ ଯାଉଥିଲେ। ସାଧୁମାନେ କିଛି ପଚାରିବା ଉଦ୍ଦେଶ୍ୟରେ ସେହି ଝିଅମାନଙ୍କୁ ଡାକିଥିଲା ବେଳେ ଭାଷାଗତ ସମସ୍ୟାକୁ ନେଇ ସେମାନଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଏହି ସାଧୁଙ୍କୁ ବାନ୍ଧିବା ସହିତ ସେମାନଙ୍କୁ ପିଟିଥିଲେ। ଲୋକମାନେ ସାଧୁଙ୍କ ଗାଡି ମଧ୍ୟ ଭଙ୍ଗାରୁଜା କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ପରେ ସାଧୁମାନଙ୍କୁ ଉତ୍ତ୍ୟକ୍ତ ଲୋକମାନଙ୍କ କବଳରୁ ଉଦ୍ଧାର କରାଯାଇଥିଲା। ତେବେ ଭୁଲ ବୁଝାମଣା ଯୋଗୁ ଏଭଳି ଘଟିଥିବାରୁ ଉକ୍ତ ଗ୍ରାମର ତିନି ଝିଅ ସାଧୁମାନଙ୍କୁ କ୍ଷମାପ୍ରାର୍ଥନା କରିଥିବା ପୁରୁଲିଆ ଏସପି କହିଛନ୍ତି। କିନ୍ତୁ ଗାଡି ଭାଙ୍ଗି ଯାଇଥିବାରୁ ସାଧୁମାନେ ଗଙ୍ଗା ସାଗର ନ ଯାଇ ପୁଣି ରାୟ ବରେଲି ଫେରିଯାଇଥିବା ଜଣାପଡ଼ିଛି।

**ଭାଷାଗତ ସମସ୍ୟାକୁ ନେଇ ଭୁଲ୍ ବୁଝାମଣା କହିଲା ପୁଲିସ**



## ହୁତି ବିଦ୍ରୋହୀଙ୍କ ଉପରେ ଆମେରିକାର ଆକ୍ରମଣ ଜାରି



**ୱାଶିଂଟନ, ୧୩।୧ (ଏଜେନ୍ସି):** ଆମେରିକା ପୁଣି ୟେମେନର ହୁତି ବିଦ୍ରୋହୀଙ୍କ ଉପରେ ଆକ୍ରମଣ କରିଛି। ଏହି ଏୟାରଷ୍ଟ୍ରାଇକରେ ରାଡାର ଫାସିଲିଟି ସିଷ୍ଟମକୁ ନିଶାଣ କରାଯାଇଛି। ଏହି ରାଡାର ସାଇଟ ଲୋହିତ ସାଗର ପାଇଁ ବିପଜ୍ଜନକ ଥିଲା ବୋଲି କୁହାଯାଉଛି। ଆମେରିକା ଯୁଦ୍ଧ ଜାହାଜ 'ୟୁଏସ୍‌ଏସ୍ କାର୍ଣ୍ଣି' ମଧ୍ୟ ଏହି ଆକ୍ରମଣରେ ସାମିଲ ହୋଇଛି। ଶନିବାର ସକାଳେ ଏହି ଯୁଦ୍ଧ ଜାହାଜରୁ ଟମହକ୍ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ରାଜଧାନୀ ସନାର ଅନେକ ଠିକଣାକୁ ନିଶାଣ କରାଯାଇଛି ବୋଲି ବିଦ୍ରୋହୀଙ୍କ ପକ୍ଷରୁ କୁହାଯାଇଛି। ଏହି ଆକ୍ରମଣ ବିରୋଧରେ ୟେମେନ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ଅନ୍ୟପକ୍ଷରେ ଆମେରିକା ନୌସେନାର ୨ ଜଣ ନାବିକ ସୋମାଲିୟା ଉପକୂଳରେ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କ ଖୋଜିବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ୟୁଏସ୍ ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ନାବିକଙ୍କୁ ଅପରେସନ ୟୁଏସ୍ ପଞ୍ଚମ ଫ୍ଲିଟ୍‌ରେ ମୁତୟନ କରାଯାଇଥିଲା। ତେବେ ସେମାନେ କେଉଁ ପରିସ୍ଥିତିରେ ନିଖୋଜ ହୋଇଛନ୍ତି ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

**ରାଜନାଥଙ୍କ ବ୍ରିଟେନ୍ ଗସ୍ତକୁ ଝଟ୍‌କା**

# ପିଓକେରେ ବ୍ରିଟିଶ ରାଷ୍ଟ୍ରଦୂତ



- ଦୃଢ଼ ବିରୋଧ କଲା ଭାରତ
- କ୍ଷେତ୍ରୀୟ ଅଖଣ୍ଡତାର ଉଲ୍ଲଙ୍ଘନ
- ଜମ୍ମୁ-କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି)

ବାଇଶ ବର୍ଷ ପରେ ଭାରତର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ବ୍ରିଟେନ ଗସ୍ତରେ ଯାଇଛନ୍ତି। ସେ ସୋମବାର ବ୍ରିଟେନରେ ପହଞ୍ଚି ବୁଧବାର ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କୁ ସାକ୍ଷାତ କରିଥିଲେ। ମାତ୍ର ଏହି ସମୟରେ ବ୍ରିଟେନ ଭାରତ ପିଠିରେ ଛୁରା ମାରିବା ଭଳି କାମ କରିଛି। ପାକିସ୍ତାନର ବ୍ରିଟିଶ ଉଚ୍ଚାୟୁକ୍ତ ଜାନେ ମେରିୟଟ ଭାରତକୁ ଚିଡ଼ାଇବା ଭଳି କାମ କରିଛନ୍ତି। ସେ ୧୦ ତାରିଖରେ ମିରପୁର ଗସ୍ତରେ ଯାଇଥିଲେ। ଏହି ଅଞ୍ଚଳ ଜମ୍ମୁ-କାଶ୍ମୀର ଅଧିନରେ ଆସୁଛି। କିନ୍ତୁ ବେଆଇନ ଭାବେ ପାକିସ୍ତାନ ଏହାକୁ କବ୍ଜା କରି ରଖିଛି। ସେ ସୁଚିନ୍ତିତ ଯୋଜନା କରି ଏହି ଗସ୍ତରେ ଯାଇଥିଲେ। ଏହାର ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ମିରପୁରକୁ ବ୍ରିଟେନ ଏବଂ ପାକିସ୍ତାନ ଲୋକଙ୍କ ମଧ୍ୟରେ ଥିବା ସମ୍ବନ୍ଧର କେନ୍ଦ୍ର କହିଥିଲେ। ଭାରତ ମେରିୟଟଙ୍କ ପିଓକେ ଗସ୍ତକୁ ଦୃଢ଼ ବିରୋଧ କରିଛି। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଭାରତର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ଏପରି ଭାବେ ଉଲ୍ଲଙ୍ଘନକୁ ବରଦାସ୍ତ କରାଯିବ ନାହିଁ। ଜମ୍ମୁ-କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଥିଲା ଏବଂ ଆଗକୁ ରହିବ ମଧ୍ୟ। ଏହା ବ୍ୟତୀତ ଭାରତ ବ୍ରିଟେନ ଉଚ୍ଚାୟୁକ୍ତଙ୍କ ଆଗରେ ଏହି ଗସ୍ତକୁ ବିରୋଧ କରିଛି।

ଏହା ପୂର୍ବରୁ ଗତ ବର୍ଷ ଅକ୍ଟୋବରରେ ପାକିସ୍ତାନର ଆମେରିକା ରାଷ୍ଟ୍ରଦୂତ ଡୋନଲ ବ୍ଲୋମ ପିଓକେର ମଜଫରାବାଦ ଗସ୍ତରେ ଯାଇଥିଲେ। ସେ ଏହାକୁ ସ୍ୱାଧୀନ କାଶ୍ମୀରର ଅଂଶ କହିଥିଲେ। ଭାରତ ମଧ୍ୟ ଏହି ଗସ୍ତକୁ ବିରୋଧ କରିଥିଲା। ଅନ୍ତର୍ଜାତୀୟ ସମୁଦାୟ ଭାରତର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତା ସହିତ ପିଓକେକୁ ସମ୍ମାନ ଦେବେ ବୋଲି ଭାରତ ପକ୍ଷରୁ କୁହାଯାଇଥିଲା।



## 'ଭାରତ ପରାମର୍ଶ ବିନା ବିଶ୍ୱର ବଡ଼ ସମସ୍ୟାର ସମାଧାନ ହେଉନାହିଁ'

ଗତ କିଛି ବର୍ଷ ହେଲା ଭାରତକୁ ନେଇ ବିଶ୍ୱର ଦୃଷ୍ଟିଭଙ୍ଗୀ ବଦଳିଛି। ବିଶ୍ୱରେ ଭାରତର ପ୍ରଭାବ ବୃଦ୍ଧି ପାଇଛି। ବିଶ୍ୱର କୌଣସି ବଡ଼ ସମସ୍ୟା ଭାରତର ପରାମର୍ଶ ବିନା ସମାଧାନ ହେଉନାହିଁ। ଭାରତ ବଦଳି ଯାଇଛି ଏବଂ ଭାରତ ଉପରେ ବିଶ୍ୱର ନଜର ମଧ୍ୟ ପରିବର୍ତ୍ତନ ହୋଇଛି। ଶନିବାର ନାଗପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏହି ମନ୍ତବ୍ୟ ଦେଇଛନ୍ତି। ସେ ଚୀନ୍ ସହ ଭାରତର ସମ୍ବନ୍ଧ ସ୍ୱାଭାବିକ ନାହିଁ ବୋଲି କହିଛନ୍ତି। ସୀମା ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ସମ୍ବନ୍ଧରେ ସୁଧାର ଆସିବ ନାହିଁ। କୁଟନୀତି ଜାରି ରହିଥାଏ। ତରବରିଆ ଭାବେ କଠିନ ସମସ୍ୟାର ସମାଧନ ହୋଇ ନ ଥାଏ। ଜୟଶଙ୍କର ବ୍ରିକ୍ସ ଉପରେ ଆଲୋଚନା କରି କହିଛନ୍ତି ଯେ ଭାରତ ଏକ ସ୍ୱାଧୀନ ରାଷ୍ଟ୍ର। ନିଜ ସ୍ୱାର୍ଥର ସୁରକ୍ଷା ପାଇଁ ଅଲଗା ଅଲଗା ଲୋକଙ୍କ ସହ କେଉଁ ଭଳି ବ୍ୟବହାର କରାଯିବା ଉଚିତ ତାହା ଶିଖିବା ଏବଂ ବୁଝିବା ଜରୁରୀ। ଏହାକୁ ସଠିକ୍ ଭାବରେ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରାଯିବା ଉଚିତ।

## ମାଳଦ୍ୱୀପକୁ କେହି ଧମକ ଦେଇପାରିବେ ନାହିଁ:ମୋଇଜ୍ଜୁ



**ମାଲେ:** ଚୀନ୍ ଗସ୍ତରୁ ଫେରିବା ପରେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୋଇଜ୍ଜୁ ଭାରତକୁ ସମାଲୋଚନା କରିଛନ୍ତି। ସେ ଭାରତର ନାମ ନ ନେଇ କହିଛନ୍ତି ଯେ ମାଳଦ୍ୱୀପ ଏକ କ୍ଷୁଦ୍ର ରାଷ୍ଟ୍ର ହୋଇପାରେ। ମାତ୍ର ଦେଶ କାହାକୁ ଧମକାଇବାର ଲାଇସେନ୍ସ ଦେଇନାହିଁ। ସୂଚନା ଅନୁଯାୟୀ ୫ ଦିନିଆ ଚୀନ୍ ଗସ୍ତ ସାରି ମୋଇଜ୍ଜୁ ଶନିବାର ଭେଲାନା ବିମାନବନ୍ଦରରେ ଅବତରଣ କରିଥିଲେ। ଏଠାରେ ତାଙ୍କୁ ଭାରତ ସହ ଉତ୍ତେଜନା ପ୍ରସଙ୍ଗରେ ପ୍ରଶ୍ନ ପଚରା ଯାଇଥିଲା। ଏହାର ଉତ୍ତରରେ ସେ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଏ ପର୍ଯ୍ୟନ୍ତ ଭାରତ ପକ୍ଷରୁ ଏହାର କୌଣସି ଜବାବ ଦିଆଯାଇନାହିଁ। ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲାକ୍ଷାଦ୍ୱୀପ ଗସ୍ତ ପରେ ମାଳଦ୍ୱୀପ ସହ ଭାରତର ବିବାଦ ବଢ଼ିଥିଲା। ମୋଦୀ ଛାଡ଼ିଥିବା ଭିଡିଓକୁ ନେଇ ମାଳଦ୍ୱୀପ ମନ୍ତ୍ରୀ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ସେ ଭାରତର ପର୍ଯ୍ୟଟନ କ୍ଷେତ୍ର ଉପରେ ମଧ୍ୟ ମନ୍ତବ୍ୟ ଦେଇଥିଲେ। ଏହା ପରେ ସାମାଜିକ ଗଣମାଧ୍ୟମରେ ବୟକଟ ମାଳଦ୍ୱୀପ ଟ୍ରେଣ୍ଡ ଚାଲିଥିଲା। ଅନେକ ଭାରତୀୟ ନିଜର ମାଳଦ୍ୱୀପ ଗସ୍ତକୁ ରଦ୍ଦ କରିଦେଇଥିଲେ। ସମସ୍ତେ ଲାକ୍ଷାଦ୍ୱୀପ ଯିବା ପାଇଁ ଆହ୍ୱାନ ଦେଇଥିଲେ। ଏହାକୁ ନେଇ ମାଳଦ୍ୱୀପର ଚିନ୍ତା ବୃଦ୍ଧି ପାଇଛି। ପର୍ଯ୍ୟଟକ ପଠାଇବା ପାଇଁ ଚୀନ୍‌କୁ କାକୁତିମିନତି କରୁଛି। ମୋଇଜ୍ଜୁ ବେଜିଂ ଗସ୍ତରୁ ଫେରି ଚୀନ୍‌କୁ ପ୍ରଶଂସା କରିଛନ୍ତି। ଏହି ଦେଶ ଆଭ୍ୟନ୍ତରୀଣ ମାମଲାରେ ଦଖଲ ଦେଉନାହିଁ ବୋଲି କହିଛନ୍ତି। ସେ ଭାରତ ମହାସାଗରକୁ ନେଇ ମଧ୍ୟ ମନ୍ତବ୍ୟ ଦେଇଛନ୍ତି। ଭାରତ ମହାସାଗର କୌଣସି ଏକ ଦେଶର ନୁହେଁ ବୋଲି କହିଛନ୍ତି। ଏହି ସାଗରରେ ମାଳଦ୍ୱୀପର ସବୁଠାରୁ ବଡ଼ ଅଂଶ ରହିଛି। ଦେଶରେ ଅନେକ ଅନେକ କ୍ଷୁଦ୍ର ଦ୍ୱୀପ ରହିଛି। ଏହା ସହିତ ୯ ଲକ୍ଷ ବର୍ଗ କିମିର ଏକ୍ସକ୍ଲୁଜିଭ ଇକୋନମିକ ଜୋନ ରହିଛି।




ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-200 ♦BHUBANESWAR ♦SUNDAY ♦14 JANUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୦୦ ♦ଭୁବନେଶ୍ୱର ♦ରବିବାର ♦୧୪ ଜାନୁଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)







### କେନ୍ଦ୍ରମନ୍ତ୍ରୀଙ୍କୁ '୫-ଟି' ଅଧ୍ୟକ୍ଷଙ୍କ ତୀର୍ଯ୍ୟକ ତୀର

# କଟକ-ସମ୍ବଲପୁର ରାଜପଥ ଅବସ୍ଥା, ପଦ୍ମପୁର ପ୍ରତିଶ୍ରୁତି କଥା ମନେପକାନ୍ତୁ

## ଏନ୍‌ଏଚ୍ ବାଟେ ନ ଯାଇ ରାଜ୍ୟ ରାଜପଥକୁ ପସନ୍ଦ କରୁଛନ୍ତି କେନ୍ଦ୍ରମନ୍ତ୍ରୀ

■ **କୁଚିଣ୍ଡା/ରେଢ଼ାଖୋଲ, ୧୩।୧ (ସମିସ):** ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଓ ରେଢ଼ାଖୋଲରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୁଣି ଟାର୍ଗେଟ କରିଛନ୍ତି ବିଜେଡି ନେତା ତଥା '୫-ଟି' ସଚିବ କାର୍ତ୍ତିକ ପାଣ୍ଡିଆନ। ପଦ୍ମପୁର ଉପନିର୍ବାଚନ ପ୍ରତିଶ୍ରୁତି ଓ କଟକ-ସମ୍ବଲପୁର ରାଜପଥ ମରାମତି ପ୍ରସଙ୍ଗ କେନ୍ଦ୍ରମନ୍ତ୍ରୀଙ୍କୁ ମନେ ପକାଇ ଦେଇଛନ୍ତି । ଧର୍ମେନ୍ଦ୍ରଙ୍କ ନାମ ଉଲ୍ଲେଖ ନ କରି ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ କିଛି ନେତା ଅଛନ୍ତି, ଯେଉଁମାନେ ନିର୍ବାଚନ ବେଳେ ବଡ଼ ବଡ଼ କଥା କୁହନ୍ତି। ମାତ୍ର ନିର୍ବାଚନ ସରିବା ପରେ ସବୁ ପ୍ରତିଶ୍ରୁତି ଭୂଲି ଯାଆନ୍ତି। ଏପରିକି ସେମାନଙ୍କ ଦେଖା ବି ମିଳେନାହିଁ। ଅନ୍ୟପକ୍ଷରେ ନବୀନ ପଟ୍ଟନାୟକ ହେଉଛନ୍ତି ଏକ ମାତ୍ର ନେତା ଯିଏ କଥା ଅପେକ୍ଷା କାମରେ ବିଶ୍ୱାସ କରନ୍ତି। ଓଡ଼ିଶାରେ ସରକାର ନବୀନ ପଟ୍ଟନାୟକ ବା ବିଜେଡିର ନୁହେଁ, ଏହା ସାଧାରଣ ଲୋକଙ୍କ ସରକାର ବୋଲି ମୁଖ୍ୟମନ୍ତ୍ରୀ ସର୍ବଦା କହି ଆସୁଛନ୍ତି ବୋଲି '୫-ଟି' ଅଧ୍ୟକ୍ଷ କହିଛନ୍ତି ।



- କଟକ-ସମ୍ବଲପୁର ରାଜପଥ ଦେଶର ସବୁଠାରୁ ମନ୍ଥର ପ୍ରକଳ୍ପ
- ବହୁପରେ ଆରମ୍ଭ ହୋଇ ବିଜୁ ଏକ୍ସପ୍ରେସ୍ ୱେ କାମ କେବେଠୁ ସରିଲାଣି
- ସବୁଥର ପରି ଏଥର ବି ନିର୍ବାଚନରେ ବଡ଼ ପ୍ରତିଶ୍ରୁତି ଦେଇ ଚାଲିଯିବେ
- କେନ୍ଦୁପତ୍ରରୁ ଜିଏସ୍‌ଟି ଉଚ୍ଛେଦ ସଂକ୍ରାନ୍ତ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିଶ୍ରୁତି ଅପୂରଣୀୟ
- କେନ୍ଦୁପତ୍ର ତୋଳାଳିଙ୍କୁ ବୋନସ୍ ଦେବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ
- ଖୁବ୍‌ଶୀଘ୍ର କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଘୋଷଣା ହେବ ନୂଆ ପ୍ୟାକେଜ

ହୋଇଥିବା ବିଜୁ ଏକ୍ସପ୍ରେସ୍ ୱେ ପ୍ରକଳ୍ପରେ ୨୮୦ କିମି ଲମ୍ବା ରାସ୍ତାରୁ ୧୦୦ କିମି ସମ୍ପୂର୍ଣ୍ଣ ନୂଆ କରି ନିର୍ମାଣ କରାଯାଇଥିଲା। ହେଲେ ପରିତାପର ବିଷୟ ମାତ୍ର ୨୯୦ କିମି ଜାତୀୟ ରାଜପଥର କେବଳ ମରାମତି କାମ ସରିପାରୁ ନାହିଁ। କେନ୍ଦ୍ରରେ ମନ୍ତ୍ରୀଥିବା ଏହି ଅଞ୍ଚଳର ନେତା ରାଜପଥ କାର୍ଯ୍ୟ ତୁରନ୍ତ ଶେଷ କରିବା ଦିଗରେ ପଦକ୍ଷେପ ନେବାକୁ ଏହି ଅବସରରେ ଶ୍ରୀ ପାଣ୍ଡିଆନ ଅନୁରୋଧ କରିଛନ୍ତି।

'୫-ଟି' ଅଧ୍ୟକ୍ଷ ପୁଣି କହିଛନ୍ତି ବାରମ୍ବାର ଦାବି ପରେ ବି କେନ୍ଦୁପତ୍ରକୁ ଜିଏସ୍‌ଟି ମୁକ୍ତ କରାଯାଉ ନାହିଁ, ଏ କ୍ଷେତ୍ରରେ କେନ୍ଦ୍ରମନ୍ତ୍ରୀଙ୍କ ଉଦାସୀନତା ସମସ୍ତଙ୍କୁ ବ୍ୟଥିତ କରୁଛି। ପଦ୍ମପୁର ଉପ ନିର୍ବାଚନ ସମୟରେ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଛାଡ଼ ପାଇଁ କେନ୍ଦ୍ରମନ୍ତ୍ରୀ ଘୋଷଣା କରିଥିଲେ। ଏପର୍ଯ୍ୟନ୍ତ ▶ପୃଷ୍ଠା-୧୩

### ପରିକ୍ରମା ଲୋକାର୍ପଣକୁ ଆଉ ୩ ଦିନ

# ଯଜ୍ଞମଣ୍ଡପରେ ମଣ୍ଡଳ କଟା

■ **ପୁରୀ, ୧୩।୧ (ସମିସ):** ପାଖେଇ ଆସୁଛି ସେହି ଦିବ୍ୟ ମୁହୂର୍ତ୍ତ । ଆଉ ମାତ୍ର ୩ ଦିନ ପରେ ପ୍ରତୀକ୍ଷାରେ ପଡ଼ିବ ପୂର୍ଣ୍ଣଚ୍ଛେଦ। ନୂଆରୂପରେ ଉଦ୍‌ଭାସିତ ହେବ ଶ୍ରୀମନ୍ଦିର ଚୌହଦୀ। ପୌଷ ଶୁକ୍ଳ ସପ୍ତମୀ ତିଥିରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଲୋକାର୍ପଣର ଆଦ୍ୟ ପର୍ବ ଶୁକ୍ରବାର ଆରମ୍ଭ ହୋଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀନଅରରେ ଆଚାର୍ଯ୍ୟ ବରଣ କରିଥିବା ବେଳେ ଯଜ୍ଞସ୍ଥଳରେ ଅଙ୍କୁରାରୋପଣ ସମ୍ପନ୍ନ ହୋଇଥିଲା। ଶନିବାର ପୌଷ ଶୁକ୍ଳ ତୃତୀୟା ତିଥିରେ ଅଙ୍କୁରପୂଜନ ଓ ପ୍ରଥମ ମଣ୍ଡଳକଟା ଶେଷ ହୋଇଛି। ଏଥିସହ ଲୋକାର୍ପିତ ହେବାକୁ ଥିବା ଫଳକର ମାପଚୁପ କରାଯାଇଛି ।



**ଅଙ୍କୁରପୂଜନ କଲେ ୧୦ ଶ୍ରୋତ୍ରୀୟ ବ୍ରାହ୍ମଣ**

**ଆଜି ଯଜ୍ଞ ଅଧିବାସ, ମଣ୍ଡଳ ଓ ଧ୍ୱଜା ସ୍ଥାପନ**

ପୂର୍ବାହ୍ନ ୧୧ଟାରେ ଅଙ୍କୁରପୂଜନ ବିଧି ଆରମ୍ଭ ହୋଇଥିଲା। ଯଜ୍ଞ ମଣ୍ଡପ ପାର୍ଶ୍ୱରେ ହୋଇଥିବା ଅଙ୍କୁରାରୋପଣ ଗୃହରେ ବରଣ ହୋଇଥିବା ୧୦ଜଣ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ଅଙ୍କୁର ପୂଜନ ହୋଇଥିଲା। ସନ୍ଧ୍ୟାରେ ଦ୍ୱିତୀୟ ପର୍ଯ୍ୟାୟ ଅଙ୍କୁର ପୂଜନ କରାଯାଇଛି। ଅଙ୍କୁରାରୋପଣ ହୋଇଥିବା ୭ ପ୍ରକାର ଶସ୍ୟରେ ଏହି ଅଙ୍କୁର ପୂଜନ ସହ ଉତ୍ସର୍ଗ ପୂଜା କରାଯାଇଥିଲା। ଏହାପରେ ମୁଖ୍ୟ ଯଜ୍ଞ ମଣ୍ଡପରେ ପ୍ରଥମ ମଣ୍ଡଳ କଟା ଶେଷ ହୋଇଛି। ରବିବାର ଅଙ୍କୁରପୂଜନ, ଯଜ୍ଞ ଅଧିବାସ, ମଣ୍ଡଳସ୍ଥାପନ, ଧ୍ୱଜାସ୍ଥାପନ, ତୋରଣସ୍ଥାପନାଦି କର୍ମ ହେବ। ସୋମବାର ପୌଷଶୁକ୍ଳ ପଞ୍ଚମୀ ତିଥିରୁ ଆରମ୍ଭ ହେବ ତ୍ରିଦିନାତ୍ମକ ଯଜ୍ଞ । ବରଣ ହୋଇଥିବା ୪୮ ଜଣ ଶ୍ରୋତ୍ରୀୟ ବ୍ରାହ୍ମଣ ଯଜ୍ଞ କରିବେ।

ତେବେ ଶନିବାର ଅନ୍ୟାନ୍ୟ ପ୍ରସ୍ତୁତି ମଧ୍ୟରେ ଲୋକାର୍ପଣ ହେବାକୁ ଥିବା ପଥର ଫଳକରେ ଯେଉଁ ଅଷ୍ଟଧାତୁ ଖୋଦେଇ କରି ଲଗାଯିବ ତା'ର ମାପଚୁପ ହୋଇଛି।ଏହି ପଥର ଚତୁଃପାର୍ଶ୍ୱ କନାଦ୍ୱାରା ଆବୃତ୍ତ କରାଯିବ। ଦୁଇ ପାର୍ଶ୍ୱରେ ୬ ଇଞ୍ଚର ଝାଲର ଲାଗିବ। ଶିଳାନ୍ୟାସ ଫଳକର ଦକ୍ଷିଣ ପାର୍ଶ୍ୱରେ ଲୋକାର୍ପଣ ହେବାକୁ ଥିବା ପଥର ଫଳକ ରହିଛି ବୋଲି ▶ପୃଷ୍ଠା-୧୩

# ଖଡ୍‌ଗେ 'ଇଣ୍ଡିଆ' ମେଣ୍ଟ ଅଧ୍ୟକ୍ଷ

## ଆବାହକ ପଦକୁ ନୀତୀଶଙ୍କ ପ୍ରତ୍ୟାଖ୍ୟାନ

■ **ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି):** କଂଗ୍ରେସ ରାଷ୍ଟ୍ରୀୟ ମୁଖ୍ୟ ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କୁ ଶନିବାର ଇଣ୍ଡିଆ ମେଣ୍ଟର ଅଧ୍ୟକ୍ଷ ଘୋଷଣା କରାଯାଇଛି। ଶନିବାର ମେଣ୍ଟ ପକ୍ଷରୁ ଆହୂତ ଆଭାସୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଏହି ବୈଠକରେ ମେଣ୍ଟର ଆବାହକ ଭାବେ ଜେଡିୟୁ ସୁପ୍ରିମୋ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନାମ ଘୋଷଣା କରାଯାଇଥିଲେ ହେଁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିବା ଜଣାପଡ଼ିଛି। ଏଭଳି ସ୍ଥଳେ ଇଣ୍ଡିଆ ମେଣ୍ଟରେ ସବୁକିଛି ଠିକ୍‌ଠାକ୍ ଚାଲି ନାହିଁ ବୋଲି ରାଜନୀତିକ ମହଲରେ ଜୋରଦାର ଚର୍ଚ୍ଚା ଚାଲିଛି। ସବୁଠାରୁ ବଡ଼ କଥା ହେଲା ଏହି ବୈଠକରେ ୨୦୨୪ ନିର୍ବାଚନକୁ ନେଇ ଆସନ ବଣ୍ଟା ବୁଝାମଣା ହେବ ବୋଲି କୁହାଯାଇଥିଲେ ହେଁ ସେଭଳି କିଛି ହୋଇ ନାହିଁ। ଏହାଛଡ଼ା ଇଣ୍ଡିଆ ମେଣ୍ଟରେ ମୋଟ ୨୮ ବିରୋଧୀ ଦଳ ସାମିଲ ହୋଇଥିଲା ବେଳେ ଶନିବାର ବୈଠକରେ କେବଳ ୮ଟି ଦଳର ନେତା ସାମିଲ ହେବା ଘଟଣା ମଧ୍ୟ ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି। ଏହି ବୈଠକ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଥିଲେ ହେଁ ମମତା ବାନାର୍ଜୀ, ଅଖିଳେଶ ଯାଦବ, ଅରବିନ୍ଦ କେଜ୍ରିୱାଲଙ୍କ ଭଳି ବହୁ ପ୍ରମୁଖ ନେତା ବିଭିନ୍ନ ଆଳ ଦେଖାଇ ଏଥିରେ ଯୋଗ ଦେଇନାହାନ୍ତି। ସେପଟେ ଆସନ ବଣ୍ଟା ବୁଝାମଣା ତ' ଦୂରର କଥା ପଶ୍ଚିମବଙ୍ଗ, କେରଳ,ଦିଲ୍ଲୀ, ▶ପୃଷ୍ଠା-୧୩

**ଆସିଲେନି ମମତା, ଅଖିଳେଶ, କେଜ୍ରିୱାଲ୍**

# ଥରୁଛି ଦିଲ୍ଲୀ

## ତାପମାତ୍ରା ୩.୪ ଡିଗ୍ରୀ

■ **ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି):** ଉତ୍ତର ଭାରତର ଅନେକ ରାଜ୍ୟରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି। ରାଜଧାନୀ ଦିଲ୍ଲୀ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଶନିବାର ଦିଲ୍ଲୀର ସର୍ବନିମ୍ନ ତାପମାତ୍ରା ୩.୪ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚି ଯାଇଛି। ଏହା ଚଳିତ ଋତୁର ସବୁଠାରୁ ଶୀତୁଆ ସକାଳ ହୋଇଛି। ସେହିପରି ଅୟା ନଗରର ତାପମାତ୍ରା ୩ ଡିଗ୍ରୀକୁ ଖସି ଯାଇଛି। ଚାରିଆଡ଼େ ଘନ କୁହୁଡ଼ି ଛାଇ ହୋଇ ରହୁଛି। ଦୃଶ୍ୟମାନ କ୍ଷମତା ହ୍ରାସ ପାଇ ଚାଲିଛି। ଏଥିଯୋଗୁଁ ଦିଲ୍ଲୀରୁ ଯାତ୍ରା ଆରମ୍ଭ କରୁଥିବା ଏବଂ ପହଞ୍ଚୁଥିବା ୧୮ଟି ଟ୍ରେନ୍ ଘଣ୍ଟେରୁ ୬ ଘଣ୍ଟା ପର୍ଯ୍ୟନ୍ତ ବିଳମ୍ବରେ ଚାଲୁଛି। ଅନେକ ବିମାନ ଉଡ଼ାଣ ମଧ୍ୟ ବିଳମ୍ବିତ ହୋଇଛି। ଏହା ମଧ୍ୟରେ ଶୀତ ଏବଂ କୁହୁଡିକୁ ଦେଖି ଭାରତୀୟ ପାଣିପାଗ ବିଭାଗ ଦିଲ୍ଲୀ ଏବଂ ▶ପୃଷ୍ଠା-୧୩

**'୫-ଟି' ସ୍କୁଲ ରୂପାନ୍ତରଣ: ୪ର୍ଥ ପର୍ଯ୍ୟାୟର ଦ୍ୱିତୀୟ ଦିନ**

# ୬ଜିଲ୍ଲାର ୩୨୭ ସ୍କୁଲ ଲୋକାର୍ପିତ



ସ୍କୁଲ ରୂପାନ୍ତର ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି: **ମୁଖ୍ୟମନ୍ତ୍ରୀ**

ପିଲାଙ୍କ ଭିତରେ ବଡ଼ହେବାର ସ୍ୱପ୍ନକୁ ଜାଗ୍ରତ କରିଛି ସ୍କୁଲ ରୂପାନ୍ତର: **ପାଣ୍ଡିଆନ**

**ରୂପାନ୍ତର ଯୋଗୁଁ ଆମ ସ୍କୁଲ କାନ୍ଥ ଏବେ କଥା କହୁଛି: ଛାତ୍ରଛାତ୍ରୀ**

■ **ଭୁବନେଶ୍ୱର, ୧୩।୧ (ସମିସ):** ସରକାରୀ ସ୍କୁଲରେ ପିଲାମାନଙ୍କୁ ଉନ୍ନତ, ଆଦର୍ଶ ଏବଂ ସର୍ବୋତ୍କୃଷ୍ଟ ଶିକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ। ଏହିକ୍ରମରେ '୫-ଟି' ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକି ମାଲକାନଗିରି, ବାଲେଶ୍ୱର, ଗଜପତି, ଢେଙ୍କାନାଳ, କେନ୍ଦୁଝର ଓ କଟକ ଆଦି ୬ଟି ଜିଲ୍ଲାର ୩୨୭ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପଣ କରିଛନ୍ତି। ଏଥିରେ ମାଲକାନଗିରି ଜିଲ୍ଲାର ୩୫, ବାଲେଶ୍ୱରର ୭୬, ଗଜପତିର୨୮, ଢେଙ୍କାନାଳର ୬୩, କେନ୍ଦୁଝରର ୪୫ ଓ କଟକର ୮୦ ହାଇସ୍କୁଲ ଅନ୍ତର୍ଭୁକ୍ତ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏବେ ଓଡ଼ିଶାରେ ରୂପାନ୍ତରଣ ଯୁଗ ଚାଲିଛି। ଶିକ୍ଷା ହିଁ ଆମ ସମାଜର ସାମୂହିକ ଚିନ୍ତାଧାରକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ ରୂପାନ୍ତର ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି । ସ୍କୁଲ କଲେଜ ଠାରୁ ଆରମ୍ଭ କରି ହସ୍‌ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ▶ପୃଷ୍ଠା-୧୩

## ଲୋକକଥା



କହୁ କହୁ ହାଏ ଖୋଲି ପକେଇଲେ
ବିରୋଧୀବାଲାଙ୍କ ମୁଖା,
ଭୋଟ୍ ବେଳେ ଆସି ନସରପସର
ଆଉ ନ ଦିଅନ୍ତି ଦେଖା ।
କହନ୍ତି ଲୋକଙ୍କ ସଖା,
ଚବିଶିରେ ଖଣ୍ଡେ ପାଇବନି ବାବୁ
କାଖେଇ ବୁଲିବ ଅଖା !!

### ସମ୍ବଲପୁରରେ '୫-ଟି' ଅଧ୍ୟକ୍ଷଙ୍କ ବିକାଶ ସମୀକ୍ଷା

# ୮୦୨ କୋଟି ବ୍ୟୟରେ ୭ ବ୍ଲକ୍‌କୁ ପାଇପ୍ ପାଣି

■ **ସମ୍ବଲପୁର, ୧୩।୧ (ସମିସ):** ଲୋକେ ଯେଉଁ ମତ ଦିଅନ୍ତି ତାକୁ ପାଥେୟ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନିଅନ୍ତି। ସେଥିପାଇଁ ସମ୍ବଲପୁରର ଜନସାଧାରଣ ଦେଇଥିବା ପ୍ରସ୍ତାବ ଆଧାରରେ ମୁଖ୍ୟମନ୍ତ୍ରୀ ସମ୍ବଲପୁରକୁ ୩୨୬ କୋଟି ଟଙ୍କାର ପ୍ରକଳ୍ପ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦୁଇ ଦିନିଆ ସମ୍ବଲପୁର ଗସ୍ତରେ ଯାଇଥିବା '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଜିଲ୍ଲାରେ ବିକାଶ କାର୍ଯ୍ୟର ସମୀକ୍ଷା କରିବା ସାଧାରଣଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଛନ୍ତି।

ଆଜି ପୂର୍ବାହ୍ନରେ ଶ୍ରୀ ପାଣ୍ଡିଆନ୍ ମା' ସମଲେଶ୍ୱରୀ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା ସହ ରୂପାନ୍ତରଣ କାମ ବୁଲି ଦେଖିଛନ୍ତି। ଆସନ୍ତା ୨୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହେବାକୁ ଥିବା ମା' ସମଲେଇ ପ୍ରକଳ୍ପ ପାଇଁ ଦୁଇ ପର୍ଯ୍ୟାୟରେ ୨୯୨ କୋଟି ଟଙ୍କା ବ୍ୟୟ କରାଯାଉଛି। ଏହା ପରେ ୫-ଟି ଅଧ୍ୟକ୍ଷ ଶ୍ରୀ ଜଗନ୍ନାଥ ମନ୍ଦିର, ରେଢ଼ାଖୋଲ ସ୍ଥିତ ପଞ୍ଚଖଣ୍ଡ ମନ୍ଦିର, ଖିଣ୍ଡାରେ ସୁରେନ୍ଦ୍ରସାଏ ସ୍ମୃତି ପୀଠ ନବୀକରଣ କାମ ଅନୁଧ୍ୟାନ କରିଛନ୍ତି। ସେହିପରି ମଧୁପୁର ଠାରେ ସନ୍ଥ ଭୀମ ଭୋଇଙ୍କ ପ୍ରାପ୍ତୀ ପୀଠର ଉନ୍ନୟନ କାର୍ଯ୍ୟ ବୁଲି ଦେଖିଛନ୍ତି। ଏସବୁ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୧୩.୫୮ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଗତବର୍ଷ ଜୁଲାଇ ମାସରେ ଶ୍ରୀ ପାଣ୍ଡିଆନଙ୍କ ସମ୍ବଲପୁର ଗସ୍ତ ସମୟରେ ମିଳିଥିବା ଲୋକଙ୍କ ପ୍ରସ୍ତାବ ଆଧାରରେ ଏସବୁ ପ୍ରକଳ୍ପ ଆରମ୍ଭ କରାଯାଇଛି।

ଅନୁରୂପ ଭାବେର ଶ୍ରୀ ପାଣ୍ଡିଆନ କୁଚିଣ୍ଡାରେ ଭେଡେନ୍ ନଦୀରେ ବୁଢ଼ାରାଜା, କିରସାସନ, ସଇଦ ଓ ଗୋଛରା ଠାରେ ନଦୀଗର୍ଭ ଜଳାଶୟର ନିର୍ମାଣ କାର୍ଯ୍ୟ ତଦାରଖ କରି ନିର୍ଦ୍ଧାରିତ ସମୟ ଭିତରେ କାମ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଚାରି ନଦୀଗର୍ଭ ଜଳାଶୟ ନିର୍ମାଣ ଲାଗି ୨୧୦ କୋଟି ଟଙ୍କା ବ୍ୟୟ କରାଯିବ। ସେହିପରି ଶ୍ରୀ ପାଣ୍ଡିଆନ୍ ସମ୍ବଲପୁର ଜିଲ୍ଲାର ▶ପୃଷ୍ଠା-୧୩

- ୨୧୦ କୋଟିରେ ନିର୍ମାଣ ହେଉଛି ୪ ନଦୀଗର୍ଭ ଜଳାଶୟ
- ୧୩୧ କୋଟିରେ ୧୬ ସଡ଼କ, ୧୬ ସେତୁ ପାଇଁ ୯୦ କୋଟି
- ସମଲେଇ ଓ ଅନ୍ୟ ଧାର୍ମିକ ପୀଠର ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ
- ଜନଶୁଣାଣିର ପ୍ରସ୍ତାବ ଆଧାରରେ ଜିଲ୍ଲାକୁ ମିଳିଛି ଅନେକ ପ୍ରକଳ୍ପ



### ସମ୍ପର୍କୀୟଙ୍କ ସଂସ୍କାର ସାରି ଫେରିବା ବେଳେ ଦୁର୍ଘଟଣା

# ୨ ମୃତ, ଜଣେ ଗୁରୁତର

■ **ନନ୍ଦପୁର, ୧୩।୧ (ସମିସ):** ନନ୍ଦପୁର ବ୍ଲକ୍ ଜଲାପୁଟ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକଦ୍ୱୟ ହେଲେ, ଖମରା ଗ୍ରାମର ଧନିଆ ଖରା, ମାଣିକ ଖେମୁଣ୍ଡୁ ଏବଂ ଆହତ ଜଣକ ଲମତାପୁଟ ବ୍ଲକ୍ ପାଲାମ ଗ୍ରାମର ରବୀନ୍ଦ୍ର ଖରା। ଗୁରୁତର ରବୀନ୍ଦ୍ରଙ୍କୁ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଖବର ପାଇ ସକାଳୁ ସେଠାକୁ ଯାଇଥିଲେ। ଶେଷକୃତ୍ୟ ସାରି ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସେମାନେ ଜଲାପୁଟ ନିକଟ ପାତ୍ରପୁଟ ମୁଖ୍ୟ ରାସ୍ତା ଅତିକ୍ରମ କରିବା ବେଳେ ବିପରୀତ ଦିଗରୁ ଆସୁଥିବା ପାଲାମ ଗ୍ରାମର ରବୀନ୍ଦ୍ର ଖରାଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଯୁବକମାନେ ସେମାନଙ୍କୁ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥା ଧନିଆ ଓ ମାଣିକଙ୍କ ମୃତ୍ୟୁ ହୋଇଯାଇଥିଲା।

■ ଥରୁଛି ଶିମିଳିପାଳ

# ଶୂନ୍ ଡିଗ୍ରୀ ଛୁଇଁଲା ତାପମାତ୍ରା



**ବାରିପଦା, ୧୩ ।୧(ସମିସ):** ପୁଣି ଶୂନ୍ୟ ଡିଗ୍ରୀକୁ ଖସିଲା ଶିମିଳିପାଳ ଅଭୟାରଣ୍ୟର ତାପମାତ୍ରା । ଅଭୟାରଣ୍ୟରେ ଥିବା ଉପର ବାରାହାକାମୁଡ଼ାରେ ଶନିବାର ସକାଳେ ଶୂନ ଡିଗ୍ରି ରେକର୍ଡ ହୋଇଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଏଥିସହ ଚହଲାରେ ୩ ଡିଗ୍ରୀ, ନଅଣାରେ ୭ଡିଗ୍ରୀ, ଗୁଡୁଗୁଡିଆରେ ୮ଡିଗ୍ରୀ, ବରେହିପାଣିରେ ୮ଡିଗ୍ରୀ, କିଆଝରିରେ ୧୩ ଡିଗ୍ରୀ ଏବଂ ରାମତୀର୍ଥରେ ୧୦ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି । ପ୍ରବଳ ଜାଡ଼ କାରଣରୁ ଅଭୟାରଣ୍ୟର ଅନେକ ସ୍ଥାନରେ ସକାଳୁ ସକାଳୁ ତୁହିନ ଆସ୍ତରଣ ଦେଖିବାକୁ ମିଳିଛି । ଶିମିଳିପାଳ ମଧ୍ୟରେ ଥିବା ନିଷିଦ୍ଧାଞ୍ଚଳରେ ତାପମାତ୍ରା ହ୍ରାସ ଯୋଗୁଁ ରାତିରେ ଘାସ ଏବଂ ଗଛଲତା ଉପରେ ପଡ଼ିଥିବା କାକରବିନ୍ଦୁ ଜମାଟ ବାନ୍ଧି ତୁହିନର ଆସ୍ତରଣରେ ପରିଣତ ହୋଇଥିବା ବେଳେ ଏହା ତୁଷାରପାତର ଭ୍ରମ ସୃଷ୍ଟି କରିଛି ।ତୁହିନର ଆସ୍ତରଣ ଯୋଗୁଁ ପାହାଡ ଓ ପ୍ରକୃତିମାଳାରେ ଘେରି ରହିଥିବା ଶିମିଳିପାଳ ଅଭୟାରଣ୍ୟରେ ତୁଷାରପାତ ପରେ ଭୂସ୍ୱର୍ଗ ପାଲଟି ଯାଇଛି । ଶିମିଳିପାଳ ମଧ୍ୟରେ କାଶ୍ମୀରର ଅନୁଭୂତିର ସୁଯୋଗ ପର୍ଯ୍ୟଟକମାନେ ନେଉଛନ୍ତି । ସୂଚନାଯୋଗ୍ୟ, ଗତ ଡିସେମ୍ବରରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ଶୂନ୍ୟ ଡିଗ୍ରୀ ରେକର୍ଡ କରାଯାଇଥିଲା ।

**ତୁଷାରପାତର ଭ୍ରମ ସୃଷ୍ଟି କରୁଛି ତୁହିନର ଆସ୍ତରଣ**

‘ନୂଆ-ଓ’ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ‘୫-ଟି’ ଅଧ୍ୟକ୍ଷଙ୍କ ପରାମର୍ଶ

# ଆତ୍ମବିଶ୍ୱାସ, କଠିନ ପରିଶ୍ରମ ହିଁ ସଫଳତାର ମୂଳମନ୍ତ୍ର



■ ସୋସିଆଲ ମିଡିଆଠୁ ଦୂରରେ ରହି ଆତ୍ମସମୀକ୍ଷା କରିବା ଆବଶ୍ୟକ
■ ସରକାରୀ କଲେଜର ଛାତ୍ର ପ୍ରମୋଦ ମିଶ୍ର ପ୍ରଧାନମନ୍ତ୍ରୀଙ୍କ ସଚିବ
■ ଗାଁ’ର ଆଦିବାସୀ ଯୁବକ ଶେଷ କିଶାନ ଜର୍ମାନୀରେ ବୈଜ୍ଞାନିକ

■ **ଭୁବନେଶ୍ୱର, ୧୩ ।୧ (ସମିସ):** ସଫଳତା ଆପେଆପେ ମିଳେନାହିଁ । ଏଥିପାଇଁ ଗଭୀର ଆତ୍ମବିଶବାସ ଓ କଠିନ ପରିଶ୍ରମ ଲୋଡ଼ା । ଦୈନିକ ୧୪ ଘଣ୍ଟା ପରିଶ୍ରମ ସହ ନିଜ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଉଜାଗର କରିପାରିଲେ ସଫଳତା ଆପଣା ଛାଏଁ ହାତ ମୁଠାକୁ ଆସିବ । ସେ ଏହାକୁ ଅଙ୍ଗେ ନିଭାଇଛନ୍ତି ଏବଂ କଠିନ ପରିଶ୍ରମ କରୁଥିବାରୁ ଯେକୌଣସି ବିଷୟରେ ଅନର୍ଗଳ ତଥ୍ୟ ଭିତ୍ତିକ ମନ୍ତବ୍ୟ ରଖିପାରୁଛନ୍ତି ବୋଲି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ‘୫-ଟି’ ଓ ‘ନବୀନ ଓଡ଼ିଶା’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ । ସମ୍ବଲପୁର ମଣ୍ଡଳିଆ ଠାରେ ଅନୁଷ୍ଠିତ ନୂଆ-ଓ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସଫଳତା ପାଇବା ଲାଗି ୬ ସୂତ୍ରୀ ମନ୍ତ୍ର ପ୍ରଦାନକରିଛନ୍ତି ।

ଶ୍ରୀ ପାଣ୍ଡିଆନ୍ ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମ ସମ୍ପର୍କରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉଦାହରଣ କହିଛନ୍ତି ଯେ ଏକ ସରକାରୀ କଲେଜରେ ପାଠ ପଢ଼ି ସମ୍ବଲପୁରର ପ୍ରମୋଦ ମିଶ୍ର ପ୍ରଧାନମନ୍ତ୍ରୀଙ୍କର ପ୍ରମୁଖ ସଚିବ ହୋଇପାରିଛନ୍ତି । ସମ୍ବଲପୁରର ଗଙ୍ଗାଧର ମେହେର କଲେଜରେ ପାଠ ପଢ଼ି ଶୀର୍ଷପଦରେ ଅବସ୍ଥାପିତ ହୋଇଛନ୍ତି । କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସେ ଉଚ୍ଚତମ ସୋପାନରେ ପହଞ୍ଚି ସୁଦ୍ଧା ପରିଶ୍ରମ କାତର ହୋଇ ନାହାନ୍ତି । କିଛିଦିନ ତଳେ ସେ ରବିବାରରେ ପ୍ରମୋଦ ମିଶ୍ରଙ୍କୁ ଫୋନ୍ କରିଥିଲେ । ଶ୍ରୀ ମିଶ୍ରଙ୍କୁ ରବିବାରରେ ଫୋନ୍ କରିଥିବାରୁ ସୌଜନ୍ୟତା ଦୃଷ୍ଟିରୁ ପ୍ରଥମେ କ୍ଷମା ମାଗିଥିଲେ । ମାତ୍ର ସେ ସେ ସମୟରେ ଅଫିସରେ ଥିବା ସୂଚନା ଦେବା ସହ କ୍ଷମା ମାଗିବାର ଆବଶ୍ୟକତା ନାହିଁ ବୋଲି କହିଥିଲେ । ସଫଳତାର ଶୀର୍ଷରେ ପହଞ୍ଚିଥିବା ଜଣେ ବ୍ୟକ୍ତି ରବିବାରରେ ମଧ୍ୟ ବିଶ୍ରାମ ନ ନେଇ କାମ କରୁଛନ୍ତି । ଏହାକୁ ହିଁ କହନ୍ତି କଠିନ ପରିଶ୍ରମ । ସେ ନିଜେ ଆଇଏଏସ୍ ପ୍ରଶିକ୍ଷଣ ନେଉଥିବା ବେଳେ ପ୍ରମୋଦ ମିଶ୍ର କେନ୍ଦ୍ର କୃଷି ସଚିବ ଥିଲେ । ଶ୍ରୀ ମିଶ୍ର ଆଇଏଏସ୍ ମାନଙ୍କର ଟ୍ରେନିଂ କ୍ଲାସ୍ ନେବାକୁ ଆସି କୃଷି ସମ୍ପର୍କରେ ଯେପରି ବକ୍ତବ୍ୟ ରଖିଥିଲେ ସେଥିରେ ସେ କୃଷି ପାଠ ପଢ଼ି ଆସିଥିବା ମନେ ହେଉଥିଲା । ସେହିପରି ବିପର୍ଯ୍ୟୟ ପରିଚାଳନା ବୈଠକରେ ତାଙ୍କ ବକ୍ତବ୍ୟ ଶୁଣିବା ପରେ ସେ ବିପର୍ଯ୍ୟୟ ପରିଚାଳନା ପାଠ ପଢ଼ିଥିବା ପରି ଲାଗୁଥିଲା । ଏ ସବୁ କଠିନ ପରିଶ୍ରମର ଫଳ ବୋଲି ଶ୍ରୀ ପାଣ୍ଡିଆନ୍ ପିଲାମାନଙ୍କ କହିଛନ୍ତି ।

ଅନୁରୂପ ଭାବରେ ପଶ୍ଚିମ ଓଡ଼ିଶାର ଅନ୍ୟଜଣେ ସଫଳ ବୈଜ୍ଞାନିକ ଶେଷ କିସାନଙ୍କ ଉଦାହରଣ ଦେଇଛନ୍ତି ଶ୍ରୀ ପାଣ୍ଡିଆନ । ପିଲାମାନଙ୍କ ଉଦ୍ଦେଶ୍ୟରେ ପାଣ୍ଡିଆନ କହିଛନ୍ତି ଯେ ପିଲାଟି ଦିନରୁ ନିଜ ପିତାମାତାଙ୍କୁ ହରାଇଥିବା ଶେଷ କିସାନ ଗାଁ ସ୍କୁଲରେ ପାଠ ପଢୁଥିଲେ । ପେଟ ପୋଷିବା ଲାଗି ନିଜେ କାମ ମଧ୍ୟ କରୁଥିଲେ । କିନ୍ତୁ ଜୀବନରେ ବଡ଼ ହେବାର ସ୍ୱପ୍ନ ନେଇ କଠିନ ପରିଶ୍ରମ କରୁଥିବା ଶେଷ ଭୁବନେଶ୍ୱରର ନାଇଜର୍‌ରେ ପାଠ ପଢ଼ିଲେ ଆଉ ସ୍ୱର୍ଣ୍ଣପଦକ ପାଇଲେ । ପରେ ସେ ଜର୍ମାନୀରେ ବୈଜ୍ଞାନିକ ଭାବେ କାମ କଲେ । ଏବେ ସେ ଓଡ଼ିଶାରେ ଫାର୍ମା କମ୍ପାନୀ ଖୋଲି ବହୁ ଲୋକଙ୍କୁ ନିଯୁକ୍ତି ଦେବାକୁ ଚାହୁଁଛନ୍ତି । ଶ୍ରୀ ମିଶ୍ର ଓ ଶ୍ରୀ କିସାନଙ୍କ ଭଳି ନିଜ ଭବିଷ୍ୟତ ଗଢ଼ିବା ଲାଗି ସେ ପିଲାମାନଙ୍କୁ ଆହ୍ୱାନ ଜଣାଇଛନ୍ତି ।

ହଜାର ହଜାର ସଂଖ୍ୟାରେ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ସୋସିଆଲ ମିଡିଆ ନିଜକୁ ଯଥାସମ୍ଭବ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି କାର୍ତ୍ତିକ ପାଣ୍ଡିଆନ । ସୋସିଆଲ ମିଡିଆରେ ସମୟ ବିତାଇଲେ ପାଠ ମନେ ରଖିବାର ଦକ୍ଷତା ହ୍ରାସ ପାଇବ । ଜୀବନରେ ସଫଳତା ପାଇବାକୁ ହେଲେ ଆତ୍ମସଂଯମତା ଜରୁରୀ । ପିଲାମାନଙ୍କ ମଧ୍ୟରେ ବହୁ ପ୍ରତିଭା ଲୁଚି ରହିଛି ଏବଂ ତାକୁ ବାହାରକୁ ଆଣିବାକୁ ପଡିବ । ସେଥିପାଇଁ ମୁଖ୍ୟମନ୍ତ୍ରୀ ନୂଆ-ଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । କୌଣସି ପ୍ରତିଯୋଗିତାରେ ପରାଜୟ କିମ୍ବା ବିଜୟ ବଡ଼ କଥା ନୁହେଁ, ଅଂଶଗ୍ରହଣ କରିବା ହିଁ ବଡ଼ କଥା । ଛାତ୍ରଛାତ୍ରୀମାନେ ନିଜ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନରେ ଅଛନ୍ତି । ଏହି ୫ ବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ୫ ବର୍ଷ ପରିଶ୍ରମ କଲେ ୫୦ ବର୍ଷ ଖୁସିରେ ବିତାଇବେ । ସଫଳତା ହାସଲ ପାଇଁ ଛାତ୍ରଛାତ୍ରୀ ଶାରିରୀକ ବ୍ୟାୟାମ କରିବା ସହ ୧୫ ମିନିଟ୍ ଧ୍ୟାନ କରିବା ଏବଂ ବାପା, ମା’ ଓ ଗୁରୁଜନଙ୍କୁ ସମ୍ମାନ କରିବା ନିମନ୍ତେ ମଧ୍ୟ ସେ ପରାମର୍ଶ ଦେଇଛନ୍ତି ।

ମଣ୍ଡଳିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ ଶ୍ରୀ ପାଣ୍ଡିଆନଙ୍କୁ ଦେଖି ବେଶ୍ ଉତ୍ସାହିତ ଥିଲେ । ତାଙ୍କ ସହିତ ହାତ ମିଳାଇବା ଓ ସେଲ୍ଫି ନେବା ଲାଗି ଭିଡ଼ ଲାଗିଥିଲା । ସେମାନେ କହିଥିଲେ ଯେ ପାଣ୍ଡିଆନ ସାରଙ୍କୁ ଭେଟିବା ଲାଗି ସେମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ, ଆଜି ତାହା ପୂରଣ ହୋଇଛି । ୫-ଟି ଅଧ୍ୟକ୍ଷ ଆମକୁ ଯେଉଁ ପରାମର୍ଶ ଦେଇଛନ୍ତି ତାହା ଆମ ଜୀବନର ଏକ ଅଂଶବିଶେଷ ହେବ ଏବଂ ଆମେ ନିଶ୍ଚୟ ସଫଳତା ପାଇବୁ ।

କ୍ରିପ୍ଟୋ କରେନ୍ସି ଆଳରେ କୋଟି କୋଟି ଟଙ୍କା ଠକେଇ ମାମଲା

# ତଦନ୍ତ ଭାର ହାତକୁ ନେଲା ଇଡି

■ ଦେଶରୁ ୩୦୦କୋଟିରୁ ଅଧିକ ଠକେଇ ହୋଇଛି
■ ଇଡି ସ୍କାନର୍‌ରେ ଏବେ ୧୬୦ କ୍ରିପ୍ଟୋ କରେନ୍ସି ଆପ୍

**ଭୁବନେଶ୍ୱର,୧୩ ।୧(ସମିସ):** କ୍ରିପ୍ଟୋ କରେନ୍ସି କାରବାରରେ ଅଧିକ ଲାଭ ମିଳିବାର ଆଳ ଦେଖାଇ କୋଟି କୋଟି ଟଙ୍କା ଠକିନେବା ମାମଲାର ତଦନ୍ତ ଭାର ହାତକୁ ନେଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) । କ୍ରିପ୍ଟୋ କରେନ୍‌ସି ରାକେଟ୍‌ର ଜଣେ ସଦସ୍ୟକୁ ଗତ ବର୍ଷ ଜୁଲାଇ ମାସରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ଗିରଫ କରିଥିଲା । ଏହି ଠକ ରାକେଟ୍ ଦେଶର ବିଭିନ୍ନ ସ୍ଥାନରୁ ଲୋକଙ୍କ ଠାରୁ ୦୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଜଣାପଡ଼ିଥିଲା । ତେଣୁ ଏହି କାରବାରରେ ମନି ଲଣ୍ଡରିଂ ଲିଙ୍କ୍ ଆସିବା ପରେ ଏବେ ମାମଲାରେ ମୁଣ୍ଡ ପୂରାଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଏହି ମାମଲାରେ ଇଡି ତଦନ୍ତ କରିବା ସହ ଟଙ୍କା କାରବାର ହୋଇଥିବା ଏକାଧିକ ଆକାଉଣ୍ଟକୁ ଅକାମୀ କରିଛି । ଏଥିସହିତ ଦେଶ ସାରା ଚାଲିଥିବା ପ୍ରାୟ ୧୬୦ଟି କ୍ରିପ୍ଟୋ କରେନ୍ସି ଆପ୍‌କୁ ଇଡି ନିଜର ତଦନ୍ତ ସ୍କାନରରେ ରଖିଛି ।

ଏହି ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା କର୍ଣ୍ଣାଟକ କୁର୍ଗ ଜିଲ୍ଲାର କ୍ରିଷ୍ଣାନନ୍ଦ ଏନ୍‌କୁ ପଚରାଉଚରା କରିବା ପାଇଁ ଇଡି ପ୍ରକ୍ରିୟା ଆରମ୍ଭ କରିଛି । ଏହି ଠକ କମ୍ପାନୀର ଆକାଉଣ୍ଟକୁ ୧୪୪ କୋଟି ଟଙ୍କା ଯାଇଥିବା ତଦନ୍ତରୁ ଜଣାପଡ଼ିଛି । ଏହି କମ୍ପାନୀର ଆକାଉଣ୍ଟରୁ ୨୬କୋଟି ଟଙ୍କା ଅଭିଯୁକ୍ତ କ୍ରିଷ୍ଣାନନ୍ଦଙ୍କ ଆକାଉଣ୍ଟକୁ ଯାଇଛି । ଯାହାକୁ ଆଧାର କରି ଇଓଡବ୍ଲ୍ୟୁ କମ୍ପାନୀର ଟ୍ରାଞ୍ଜାକ୍‌ସନ ବାହାର କରିଥିଲା ଏବଂ ଯାଞ୍ଚ ପରେ କ୍ରିଷ୍ଣାନନ୍ଦ ଏନ୍‌ର ନାମ ପଦାକୁ ଆସିଥିଲା । ଏହି ଠକ କମ୍ପାନୀର ଜାଲରେ ପଡ଼ି ଭୁବନେଶ୍ୱର ନୂଆପଲ୍ଲୀ କୃଷ୍ଣବଳରାମ ବିହାରରେ ରହୁଥିବା ଦିବ୍ୟଜ୍ୟୋତି କର ୧ଲକ୍ଷ ୨୭ ହଜାର ଟଙ୍କା ଠକାମିର ଶିକାର ହୋଇଥିଲେ । ସେ ଇଓଡବ୍ଲ୍ୟୁରେ ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ଓଲିଭିଆ ଜେମ୍ସ, ଭିସାଲ ଶଖାରାମ ଉତ୍‌କର ଏବଂ କ୍ରିଷ୍ଣାନନ୍ଦ ଏନ୍ ନାମରେ ମାମଲା ରୁଜୁ କରିଥିଲା । ଏବେ ଇଡି ତଦନ୍ତ କରିବା ପରେ ଅଭିଯୁକ୍ତ ତାଲିକାରେ ଥିବା ସମସ୍ତଙ୍କ ଆକାଉଣ୍ଟକୁ ଇଡି ଯାଞ୍ଚ କରୁଛି ।

ସାଙ୍ଗ ସାଜିଲା ବଇରୀ

# କୋଡ଼ିବେଣ୍ଟରେ ପିଟିପିଟି ହତ୍ୟା

**ବ୍ରହ୍ମପୁର/ହିଞ୍ଜିଳିକାଟୁ, ୧୩ ।୧ (ସମିସ):** ଟଙ୍କା ନ ଦେବାରୁ ସାଙ୍ଗକୁ କୋଡି ବେଣ୍ଟରେ ପିଟିପିଟି ହତ୍ୟା । ହିଞ୍ଜିଳି ଥାନା ଅନ୍ତର୍ଗତ ଗଣ୍ଡଳା ଗ୍ରାମରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି । ମୃତକ ହେଲେ, ସାଇବ ପାଣିଗ୍ରାହୀଙ୍କ ସାନପୁଅ ବିଜୟ ପାଣିଗ୍ରାହୀ (୩୧) । ଏହି ଘଟଣାରେ



ପୁଲିସ ଗଣ୍ଡଳା ମଝି ସାହିର ରାମକୃଷ୍ଣ ସାହୁ(୪୬)କୁ ଗିରଫ କରିଛି । ଅପରପକ୍ଷେ ବିଜୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଛି ।

ସୂଚନା ଅନୁସାରେ, ବିଜୟ ଜଣେ ଗାଡ଼ି ଚାଳକ ଭାବେ କାମ କରନ୍ତି । ଶୁକ୍ରବାର ସେ ଘରେ ଥିବା ବେଳେ ରାମକୃଷ୍ଣ ତାକୁ ଘରୁ ଡାକି ନେଇଥିଲା । ବିଜୟ ଗୋଟିଏ ନୂଆ ଫୋନ୍ କିଣିବା ପାଇଁ ୨୨ହଜାର ଟଙ୍କା ନେଇ ଯାଇଥିଲେ । ବିଜୟ ପାଖରେ ଟଙ୍କା ଥିବା ଦେଖି ରାମକୃଷ୍ଣ ତାଙ୍କୁ କିଛି ଟଙ୍କା ଧାର୍ ମାଗିଥିଲା । କିନ୍ତୁ ବିଜୟ ମନା କରିଦେବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ରାମକୃଷ୍ଣ ପାଖରେ ଥିବା ଏକ ହାତକୋଡ଼ି ବେଣ୍ଟରେ ବିଜୟଙ୍କ ମୁଣ୍ଡକୁ ବାରମ୍ବାର ପିଟି ଚାଲିଥିଲା । ଘଟଣାସ୍ଥଳରେ ହିଁ ବିଜୟଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା ବୋଲି ପୁଲିସ୍ କହିଛି । ଭୋର୍ ପ୍ରାୟ ୪ଟା ବେଳେ ବିଜୟଙ୍କ ଭଉଣୀ ସଞ୍ଜୁତା ସାବତ ପୋଖରୀକୁ ଯିବା ବେଳେ ବିଜୟ ଶବ ପଡ଼ିଥିବା ଦେଖି ପରିବାରଲୋକଙ୍କୁ ଡାକ ପକାଇଥିଲେ । ଆସିକା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଉମାଶଙ୍କର ସିଂ ଓ ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଅଭିଯୁକ୍ତ ରାମକୃଷ୍ଣ ସାହୁଙ୍କୁ କାବୁ କରିଥିଲେ ।

**ଅଭିଯୁକ୍ତ ଗିରଫ**

# ଝୁଲିପଡ଼ିଲେ ପ୍ରେମୀଯୁଗଳ

**ଦଶମନ୍ତପୁର, ୧୩ ।୧ (ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ଚଣାବାଡ଼ ପଞ୍ଚାୟତ ଅଧୀନସ୍ଥ ଯୋଡ଼ିପାଇ ଗାଁରେ ଏକ ଗଛରୁ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ମୃତକଦ୍ୱୟ ହେଲେ, ମହିନ୍ଦ୍ର ହିକକା (୨୫) ଓ ଯୁବନ୍ତି ମୁସ୍କା (୨୨) । ଏ ସଂପର୍କରେ ଶନିବାର ପୂର୍ବାହ୍ନରେ ମୃତ ମହିନ୍ଦ୍ରଙ୍କ ବାପା ମଧୁ ହିକକା ଦଶମନ୍ତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏତଲାକୁ ଭିତ୍ତି କରି ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଥାନା ଅଧିକାରୀ ନିର୍ମଳା ଲିମା ଘଟଣାସ୍ଥଳରେ ପହଞ୍ଚି ମୃତ ପ୍ରେମୀଯୁଗଳଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରିଛି । ତେବେ କେଉଁ କାରଣରୁ ପ୍ରେମୀଯୁଗଳ ଏପରି ଚରମ ପଦକ୍ଷେପ ନେଲେ, ତାହା ଜଣାପଡ଼ିନାହିଁ । ଏ ସଂପର୍କରେ ତଦନ୍ତ ଜାରି ରହିଥିବା ଏସ୍‌ଆଇ ଲିମା ସୂଚନା ଦେଇଛନ୍ତି ।



# ବେତନଟୀରେ ୪-ଜି ଟାୱାର ପାଇଁ ଭିତ୍ତିପ୍ରସ୍ତର ରଖିଲେ ଆଇଟି ମନ୍ତ୍ରୀ

**ଭୁବନେଶ୍ୱର,୧୨ ।୧(ସମିସ):** କେନ୍ଦ୍ର ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଓଡ଼ିଶାରେ ୪-ଜି ମୋବାଇଲ୍ ଟାୱାର ସ୍ଥାପନ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି । ମୟୂରଭଞ୍ଜର ବେତନଟୀ ବ୍ଲକ ଅନ୍ତର୍ଗତ ମନତପାଲ ଗ୍ରାମରେ ୪-ଜି ଟାୱାର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି । ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଅଧୀନରେ ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହାର କରି ୪-ଜି ଇଣ୍ଟରନେଟ୍ ସେବା ଆରମ୍ଭ କରାଯିବ । ଏହି ପ୍ରକଳ୍ପ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାରେ ୯୪ଟି ମୋବାଇଲ୍ ଟାୱାର ଜରିଆରେ ସ୍ଥାନୀୟ ବାସିନ୍ଦା ଉପକୃତ ହେବେ । ଉନ୍ନତ ଇଣ୍ଟରନେଟ୍ ସେବା ଦ୍ୱାରା କର୍ମନିଯୋଜନ ସୁଯୋଗ ସୃଷ୍ଟି ହେବା ସହିତ ଗ୍ରାମାଞ୍ଚଳର ଲୋକଙ୍କୁ ଦ୍ରୁତ ଇଣ୍ଟରନେଟ୍ ପ୍ରଦାନ, ସାଧାରଣ ଲୋକଙ୍କ ସଶକ୍ତିକରଣ ସହିତ ଡିଜିଟାଲ ଅନ୍ତର୍ଭୁକ୍ତିକରଣ ସମ୍ଭବ ହେବ । ପ୍ରଥମଥର ପାଇଁ ଶ୍ରୀ ବୈଷ୍ଣବ ମନତପାଲ ଗ୍ରାମ ଗସ୍ତ କରିଥିଲେ । ଏହି ଅବସରରେ ଶ୍ରୀ ବୈଷ୍ଣବ ବଡ଼ସାହି ବ୍ଲକ ଅନ୍ତର୍ଗତ ପଡିସାରୀ ଗ୍ରାମ ଓ କାହ୍ନୁପୁରା ଗ୍ରାମ ପାଇଁ ନୂତନ ମୋବାଇଲ୍ ଟାୱାର ଘୋଷଣା କରିଥିଲେ ।

# ସ୍କୁଟି-ବାଇକ୍ ମୁହାଁମୁହିଁ; ୩ ମୃତ

**ଘାଘରବେଡା, ୧୩।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଘାଗରବେଡା ଥାନା ଅଧୀନ ବୁଡାମରା ନେହରୁ ବନ୍ଧ ନିକଟ ଗ୍ରାମ୍ୟ ରାସ୍ତାରେ ଶନିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ ଯୁବକ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି । ମୃତକମାନେ ହେଲେ, ବୁଡ଼ାମରା ଗ୍ରାମର ସୁବ୍ରତ ମହାକୁଡ଼, ଆଲୋକ ହୋ ଓ ରାଇକଳା ଗ୍ରାମର ଜନ୍ମେଜୟ ବେହେରା । ଆହତ ୨ ଜଣ ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ଘାଗରବେଡା ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୁବ୍ରତ ଓ ଆଲୋକ ଏକ ସ୍କୁଟିରେ ଆସୁଥିବା ବେଳେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ଜନ୍ମେଜୟ ସହ ଧକ୍କା ହୋଇଥିଲା ।

ଡିଏଏଫ୍‌ଇ ଓ ଆଇଆରଆରଆଇ ସହ ମିଶନ ଶକ୍ତିର ବୁଝାମଣା

# ଚାଉଳରୁ ତିଆରି ହେବ କୁକିଜ୍, ସ୍ନାକ୍ସ, ପାସ୍ତା, ନୁଡୁଲ୍ସ

● ମିଶନ ଶକ୍ତି ଆନୁକୂଲ୍ୟରେ ‘କୃଷି ଓଡ଼ିଶା- ୨୦୨୪’ର ଦ୍ୱିତୀୟ ଦିନ
● କୃଷି କ୍ଷେତ୍ରର ୩୦ଟି ଶ୍ରେଷ୍ଠ ଏସଏଚ୍‌ଜି ଉଦ୍ୟୋଗୀ ସମ୍ମାନିତ

**ଭୁବନେଶ୍ୱର, ୧୩ ।୧(ସମିସ):** ଜନତା ମଇଦାନରେ ଚାଲିଥିବା ତିନିଦିନିଆ ‘କୃଷି ଓଡ଼ିଶା -୨୦୨୪’ ଦ୍ୱିତୀୟ ଦିନରେ ଆଜି କୃଷି ଉଦ୍ୟୋଗ କ୍ଷେତ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଉଦ୍ୟୋଗୀଙ୍କ ଭୂମିକା ଉପରେ ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ଡିଏଏଫ୍‌ଇ ଓ ଆଇଆରଆରଆଇ ଭଳି ଅନ୍ତଃରାଷ୍ଟ୍ରୀୟ ସଂସ୍ଥା ସହ ମିଶନ ଶକ୍ତି ବିଭାଗର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଭାଗୀଦାରିତା ଜରିଆରେ ମିଶନ ଶକ୍ତି ମହିଳାମାନେ ଚାଉଳରୁ କୁକିଜ, ସ୍ନାକ୍ସ, ମୁସଲି, ପାସ୍ତା, ନୁଡୁଲ୍ସ ପରି ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିପାରିବେ । ଚାଉଳ ଭିତ୍ତିକ ଖାଦ୍ୟ ଶିଳ୍ପରେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ସୁଯୋଗ ବୃଦ୍ଧି, ମହିଳାମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଉଦ୍ୟୋଗଗୁଡ଼ିକର ବିକାଶ ଏହି ବୁଝାମଣାର ମୂଳ ଉଦ୍ଦେଶ୍ୟ । ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଉଦ୍ୟୋଗରେ ଏସଏଚ୍‌ଜି ମା’ମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ଏକ ମିନି ମିଲେଟ କାରଖାନା ମଧ୍ୟ ପ୍ରତିଷ୍ଠା କରାଯିବ । ଏଥିରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ



ଯୋଗଦେଇ ୩୦ଜଣ ଏସ୍‌ଏଚ୍‌ଜି କୃଷି ଉଦ୍ୟୋଗୀଙ୍କୁ ପୁରସ୍କୃତ ଓ ସମ୍ମାନିତ କରିଥିଲେ । ଏହି ଅବସରରେ ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ସୁଜାତା ଆର୍. କାର୍ତ୍ତିକେୟନ ସ୍ୱାଗତ ଭାଷଣ ଦେଇଥିଲେ । ଅଧିବେଶନରେ ଅନ୍ୟମାନଙ୍କ ମଧ୍ୟରେ ଜୟଶ୍ରୀ ପଲେଇ, ପ୍ରେମଚନ୍ଦ୍ର ଚୌଧୁରୀ, ମୋନାଲିସ ଗାନ୍ଧୀ ଓ ଆଇଆଇଟି ଖଡ଼ଗପୁର ପ୍ରଫେସର ସୁଶ୍ରୀ ପୁଣ୍ୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ । ୨ହଜାରରୁ ଊର୍ଦ୍ଧ୍ୱ ମହିଳା କୃଷି ଉଦ୍ୟୋଗୀ ଅଧିବେଶନରେ ସାମିଲ ହୋଇଥିଲେ । ଶେଷ ପର୍ଯ୍ୟାୟରେ ମିନି ଚାଉଳ ମିଲ, ଡାଲି ମିଲ, ତେଲ ମିଲ, ରବର ରୋଲ ସେଲର କମ ପଲିସର୍ ଭଳି ବିଭିନ୍ନ ପ୍ରକଳ୍ପ ପାଇଁ ଏସଏଚଜିଗୁଡ଼ିକୁ କାର୍ଯ୍ୟ ନିର୍ଦ୍ଦେଶ ହସ୍ତାନ୍ତର କରାଯାଇଥିଲା ।

ଏହି ଅବସରରେ ଅତିଥିମାନେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ମିଶନ ଶକ୍ତି ସମଗ୍ର ଓଡ଼ିଶାରେ ମହିଳାଙ୍କ ସଶକ୍ତୀକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ମିଶନ୍ ଶକ୍ତି ବିଭାଗ ସମସ୍ତ ଏସଏଚ୍‌ଜି ମହିଳାମାନଙ୍କୁ ଗୋଟିଏ ମଞ୍ଚ ପ୍ରଦାନ କରି ସେମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଉଦ୍ୟୋଗକୁ ପ୍ରୋତ୍ସାହନ ଦେଇ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ମହିଳା ସଶକ୍ତୀକରଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏସ୍‌ଏଚ୍‌ଜିଗୁଡ଼ିକୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ପରିଣତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ସାରା ରାଜ୍ୟରେ ପ୍ରାୟ ୬ଲକ୍ଷ ଏସ୍‌ଏଚ୍‌ଜିରେ ୭୦ ଲକ୍ଷରୁ ଅଧିକ ଏସ୍‌ଏଚ୍‌ଜି ସଦସ୍ୟ ମିଶନ ଶକ୍ତିର ଏହି ବିକାଶ ପର୍ବରେ ସାମିଲ ହୋଇଛନ୍ତି । ସେଥିମଧ୍ୟରୁ ୨୦ଲକ୍ଷରୁ ଅଧିକ ମହିଳା କୃଷକ ମିଶନ ଶକ୍ତି ମାଧ୍ୟମରେ କୃଷି ଉଦ୍ୟୋଗୀ ଭାବେ କାମ କରୁଛନ୍ତି । ମହିଳାମାନଙ୍କ ଦ୍ୱାରା ଗଠିତ ୭୩ ଉତ୍ପାଦକ କମ୍ପାନୀ ସହ ୫ଲକ୍ଷ ମିଶନ ଶକ୍ତି ସଦସ୍ୟା ଉତ୍ପାଦକ ଗୋଷ୍ଠୀ ଭାବେ ନିଜକୁ ଯୋଡ଼ି ପାରିଛନ୍ତି । ମିଶନ୍ ଶକ୍ତିଙ୍କ ସହଯୋଗରେ ଏହି କମ୍ପାନୀଗୁଡ଼ିକ ଉଚିତ ବଜାର ଉପଲବ୍ଧ କରେଇବା ସହ ମହିଳାମାନଙ୍କର ଉତ୍ତମ ଆର୍ଥିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିଥାଏ । ମିଶନ ଶକ୍ତି ବିଭାଗର ତତ୍ତ୍ୱାବଧାନରେ ହଜାର ହଜାର ମସଲା ଏବଂ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା କରାଯାଇଛି । ରାଜ୍ୟରେ ମହିଳାମାନଙ୍କର ପରିଚାଳନାଗତ କୌଶଳ, ନେତୃତ୍ୱ ନେବାର ଦକ୍ଷତା ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ମିଲେଟ୍ ଉଦ୍ୟୋଗମାନ ଗଠନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ତଥା ଦୂରଦୃଷ୍ଟିସମ୍ପନ୍ନ ‘୫-ଟି’ ଉପକ୍ରମ ହେତୁ ଏହି ପରିବର୍ତ୍ତନଶୀଳ ଯାତ୍ରା ସମ୍ଭବ ହୋଇଛି । ମହିଳା ସଶକ୍ତୀକରଣ ଏବଂ ସେମାନଙ୍କର ସାମାଜିକ-ଅର୍ଥନୈତିକ ବିକାଶ ପ୍ରତି ତାଙ୍କର ପ୍ରତିବଦ୍ଧତା ମିଶନ ଶକ୍ତିର ସଫଳତାରେ ପ୍ରତିଫଳିତ ହେଉଛି । ମିଶନ୍ ଶକ୍ତି ମହିଳାମାନେ ଓଡ଼ିଶା ରୂପାନ୍ତରଣର ବାହକ ହୋଇପାରିଛନ୍ତି ।

■ ଗୁଣୁପୁର-ବିଶାଖାପାଟଣା ଟ୍ରେନ

# ବଗି ଛାଡ଼ି ଚାଲିଗଲା ଇଞ୍ଜିନ୍



**ଗୁଣୁପୁର,୧୩ ।୧(ସମିସ):** ଗୁଣୁପୁର-ବିଶାଖାପାଟଣା ଟ୍ରେନ୍‌ର ଇଞ୍ଜିନ ବଗିକୁ ଛାଡ଼ି ଅଳ୍ପ ଦୂର ଚାଲି ଯାଇଥିଲା । ଯାତ୍ରୀମାନେ ଏ ସଂପର୍କରେ ଟ୍ରେନ୍‌ର ଲୋକୋ ପାଇଲଟ୍‌ଙ୍କୁ ସୂଚନା ଦେବା ପରେ ଇଞ୍ଜିନ୍ ଅଟକିଥିଲା । ବଗି ସହ ଇଞ୍ଜିନ ସଂଯୋଗ ହେବା ପରେ ପୁଣିଥରେ ଟ୍ରେନ୍ ଗୁଣୁପୁରଠାରୁ ବିଶାଖାପାଟଣା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା । ଗୁଣୁପୁର ଷ୍ଟେସନ୍‌ର ଅନତି ଦୂର କପିଳପୁରରେ ଆଜି ଏହି ଅଭାବନୀୟ ଘଟଣା ଘଟିଥିଲା । ସୂଚନାନୁଯାୟୀ, ଗୁଣୁପୁର-ବିଶାଖାପାଟଣା ଟ୍ରେନ୍ ଅପରାହ୍ଣ ୧ଟା ୫୫ରେ ଗୁଣୁପୁର ଷ୍ଟେସନ୍ ଛାଡ଼ିଥାଏ । କିନ୍ତୁ ଆଜି (ଶନିବାର) ରାଜ୍ୟରାଣୀ ଟ୍ରେନ୍ ବିଳମ୍ବରେ ପହଞ୍ଚିବାରୁ ନିର୍ଦ୍ଧାରିତ ସମୟଠାରୁ ୨ଘଣ୍ଟା ୧୫ ମିନିଟ ବିଳମ୍ବରେ ତଥା ଅପରାହ୍ଣ ୪ଟା ୧୦ରେ ଗୁଣୁପୁରଠାରୁ ବିଶାଖାପାଟଣା ଅଭିମୁଖେ ବାହାରିଥିଲା । ଟ୍ରେନ ଯାଉଥିବାବେଳେ କପିଳପୁର ନିକଟରେ ଇଞ୍ଜିନ୍‌ଟି ବଗି ଛାଡ଼ି ଚାଲି ଯାଇଥିଲା । ଲୋକମାନେ ଏ ନେଇ ଲୋକୋପାଇଲଟ୍‌ଙ୍କୁ ସୂଚନା ଦେବା ପରେ ଟ୍ରେନ୍‌ର ଇଞ୍ଜିନ୍ ଅଟକିଥିଲା । ଇଞ୍ଜିନ୍ ସହ ବଗି ସଂଯୋଗ ହେବା ପରେ ଅପରାହ୍ଣ ୪ଟା ୨୫ରେ ଟ୍ରେନ୍ ବିଶାଖାପାଟଣା ଅଭିମୁଖେ ଯାତ୍ରା କରିଥିଲା ।

## ମଣ୍ଡଳିଆରେ 'ନୂଆ-ଓ' କାର୍ଯ୍ୟକ୍ରମ

# ଅନନ୍ୟା ଓ ବାବୁସାନଙ୍କ ନାଚଗୀତରେ ଝୁମିଲେ ଛାତ୍ରଛାତ୍ରୀ



**ସମ୍ବଲପୁର, ୧୩ା୧(ସମିସ)**

ସମ୍ବଲପୁର ମହାନଗର ନିଗମ ମଣ୍ଡଳିଆ ପଡ଼ିଆରେ 'ନୂଆ-ଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିନତମାତ ଏହି କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବାହ୍ନରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ତଥା '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ଛାତ୍ରଛାତ୍ର ମାନଙ୍କୁ ଉଜ୍ଜଳ ଭବିଷ୍ୟତ ଓ ଜୀବନରେ ସଫଳତା କିଭଳି ମିଳିବ ମାର୍ଗଦର୍ଶନ କରିଥିଲେ। ୬ ସୂତ୍ରରେ କାମ କଲେ ନିଶ୍ଚୟ ସଫଳତା ମିଳିବ ବୋଲି କହିଥିଲେ। ଏହାସହ ସମ୍ବଲପୁର ଜିଲ୍ଲାର ଦୁଇଜଣ ବ୍ୟକ୍ତଙ୍କ ସମ୍ପର୍କରେ ଉଦାହରଣ ଦେଇଥିଲେ। ପ୍ରଧାନ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର ଓ ଯୁବ ବୈଜ୍ଞାନିକ ଶେଷଦେବ କିସାନଙ୍କ ସଂଘର୍ଷମୟ ଜୀବନ ଉପରେ କହିଥିଲେ। ଏମାନଙ୍କ ଜୀବନୀ ଉପରେ ପିଲାଙ୍କୁ ଉତ୍ସାହିତ କରିବା ପାଇଁ ଏକ ଛୋଟ ଭିଡ଼ିଓ ମଧ ଦେଖାଯାଇଥିଲା। କଠନି ପରିଶ୍ରମର ବିକଳ୍ପ ନାହିଁ। ସଫଳତା ନିଶ୍ଚୟ ମିଳିଥାଏ ବୋଲି କହିଥିଲେ। କଠିନ ପରିଶ୍ରମ, ପ୍ରବଳ ଇଚ୍ଛାଶକ୍ତି ଓ ନିଷ୍ଠାପର ଅଧବସାୟ ବଳରେ ସଫଳତା ମିଳେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ କଲେଜର ପ୍ରାୟ ୧୦ହଜାର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ପିଲାଙ୍କ ପାଇଁ ସବୁ ବ୍ୟବସ୍ଥା କରାଯାଇଥିଲା। ଅଧକ୍ଷ ଯିବାପରେ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଆ ସିନେ ଅଭିନେତା ବାବୁ ସାନଙ୍କୁ ଦେଖିବା ପାଇଁ ପିଲାଙ୍କ ମନରେ ଉତ୍ସାହ ରହିଥିଲା। ଅଭିନେତା ବାବୁସାନ ଷ୍ଟେଜ୍‌କୁ ଆସି ପିଲାମାନଙ୍କୁ ପାଠ ପଢ଼ିବା ସହ ଶାରୀରିକ ବିକାଶର ଆବଶ୍ୟକ ରହିଛି। କଳା ପ୍ରତିଭା ଥିବା ଛାତ୍ରଛାତ୍ରୀ ନିଜ ଇଚ୍ଛାକୁ ନ ମାରି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ବିକାଶଧାରା ବଢ଼ି ବଢ଼ି ଚାଲିଛି, ଏଥିରେ ଯୁବବର୍ଗଙ୍କୁ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସେହିପରି ଇଣ୍ଡିଆନ ଆଇଡଲ

### ଜିଲ୍ଲାସ୍ତରକୁ ଆସିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର

ବିଜେତା ଅନନ୍ୟା ଶ୍ରୀତମ ନନ୍ଦଙ୍କ ଗୀତରେ ପିଲାମାନେ ମନ ଭରି ନାଚିଥିଲେ। ସମ୍ବଲପୁରୀ ଗୀତ ରଙ୍ଗବତୀ, ଏକଡ଼ା ଏକଡ଼ା, ମନର ମଇନା ଭଳି ଏକାଧିକ ସମ୍ବଲପୁରୀ ଗୀତ ଗାଇଥିଲେ। ଓଡ଼ିଆ ସିନେମାରେ ନିଜେ ଗାଇଥିବା ଗୀତ ଶୁଣି ଶୋତ୍ରାମାନେ ଝୁମି ଉଠିଥିଲେ। ଶେଷରେ ପଞ୍ଜାବି ଗୀତରେ ପିଲାମାନେ ଭଙ୍ଗଡ଼ା ନୃତ୍ୟ କରିଥିଲେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ମଜା ନେଇଥିଲେ ପିଲାମାନେ। ବ୍ଲକସ୍ତରରୁ ହୋଇଥିବା ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ, ଗୀତ ଭଳି ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ର ମାନଙ୍କୁ ଆର୍ଥିକ ରାଶି ସହ ପୁରସ୍କୃତ କରାଯାଇଥିଲା। କୃତୀ ଛାତ୍ରଛାତୀମାନେ ହେଲେ, କୀର୍ତ୍ତି ଅଗ୍ରୱାଲ, ଇପ୍‌ସିତା ବେହେରା, କୁଳସୀ ଦେଶଭାୟା, ଆରତୀ ଟଣ୍ଡନ, ରାଜେଶ୍ୱରୀ ନାଏକ, ରାକେଶ କୁମାର ସାହୁ, ଗାୟତ୍ରୀ ତ୍ରିପାଠୀ, ଗାୟତ୍ରୀ ବେହେରା, ନେହାରାଣୀ ନାଥ, ଯଶଶ୍ରୀ ପଧାନ, ଆଞ୍ଚଳ ରାଉତ, କ୍ଷୀରୋଦ କୁମାର ପଧାନ, ଶୁଭଶ୍ରୀ ସାହୁ, ଆୟୁଷ୍ମାନ ଦାଶ, ସଂଗ୍ରାମ କେଶରୀ ବାଗ, ସ୍ନେହାଂଶୀ ମିଶ୍ର, ସୁଭସ୍ମିତା ସାହୁ, ସରୋଜିନୀ ଡାଙ୍ଗ, ରେଶମା ନାଏକ, ଶୁଭସ୍ମିତା ମିଶ୍ର, ସୁମତି ବାରିକ, ଗିରିନନ୍ଦିନୀ, କାମିନୀ ବରିହା, ପ୍ରିୟଙ୍କା ସାହୁ, ଚୂଳଧର ସାହୁ, ବିଜୟ ବାଗ, ମାନସୀ ନାଏକ, ବିରଜପାଲ ସିଂ, ଚନ୍ଦନ ପଣ୍ଡିତ ଓ ରିନୁ ଛତର। ପୁରସ୍କାର ବିତରଣ ସଭାପରେ ସମ୍ବଲପୁର ମହାନଗର କମିସନର ବେଦଭୂଷଣ, ଜିଲ୍ଲାପରିଷଦ କାର୍ଯ୍ୟନିବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ଉପସ୍ଥିତ ରହି ପିଲାମାନଙ୍କୁ ପୁରସ୍କାର ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ବିଭାଗ, ଆଇସିଡିଏସ୍, ଶ୍ରମ ବିଭାଗ, ଡିସିପିଓ, ମିଶନ ଶକ୍ତି ଆଦି ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ମିଶନ ଶକ୍ତି ପକ୍ଷରୁ ଏକ ଷ୍ଟଲ ଖୋଲାଯାଇଥିଲା। ସଫଳତା ସହିତ ଶୃଙ୍ଖଳିତ ଭାବେ ସମସ୍ତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।



## '୫-ଟି' ଅଧକ୍ଷଙ୍କୁ ଦାବିପତ୍ର ଦେଲା ବୁର୍ଲା ବ୍ୟବସାୟୀ ସଂଘ

### କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଶୀଘ୍ର ଥଇଥାନ ଦାବି



**ବୁର୍ଲା, ୧୩ା୧(ସମିସ):** ସମ୍ବଲପୁର ଗସ୍ତରେ '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଆସିଥିବା ବେଳେ ଆଜି ବୁର୍ଲା ବ୍ୟବସାୟୀ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ତାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବୁର୍ଲା ବ୍ୟବସାୟୀ ସଂଘର ସଭାପତି ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ଶ୍ରୀ ପାଣ୍ଡିଆନଙ୍କୁ ଭେଟି ସହରରେ ରାସ୍ତା ସମ୍ପ୍ରସାରଣ ପାଇଁ ଉଚ୍ଛେଦ ହୋଇଥିବା ଦୋକାନ ବିଷୟରେ ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ। ଏ ବିଷୟରେ ମୁଁ ଆଲୋଚନା କରି ଯଥାଶୀଘ୍ର ଆପଣମାନଙ୍କ ଦାବିକୁ ପୂରଣ କରିବା ଦିଗରେ ପଦକ୍ଷେପ ନେବି ବୋଲି ଶ୍ରୀ ପାଣ୍ଡିଆନ ବ୍ୟବସାୟୀ ସଂଘକୁ ପ୍ରତିଶ୍ରୁତି ଦେଇଥିବା ସଂଘ ସଭାପତି କହିଛନ୍ତି। ପ୍ରତିନିଧି ଦଳରେ ବୁର୍ଲା ବ୍ୟବସାୟୀ ସଂଘର ଉପସଭାପତି ଅଭିମନ୍ୟୁ ରାଉତ, ସାଧାରଣ ସମ୍ପାଦକ ଅକ୍ଷୟ ପଣ୍ଡା, ସମ୍ପାଦକ ଦିଲୀପ ଜେନା, କୋଷାଧକ୍ଷ ପ୍ରକାଶ ପାଣିଗ୍ରାହୀ, ମନୋଜ ସାହୁ, ଅଶ୍ୱିନୀ ସ୍ୱାଇଁ, ସଂଜିବ କର, ମଧୁ ସାହୁ, ଭଗବାନ ସ୍ୱାଇଁ ଓ ମୋହନଲାଲ ଅଗ୍ରୱାଲ ସହ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ବିକାଶ ବଖାଣିଲେ ବିଧାୟକ ରୋହିତ ପୂଜାରୀ

**ରେଢ଼ାଖୋଲ, ୧୩ା୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଗସ୍ତରେ '୫-ଟି' ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଆସି ପହଞ୍ଚିଥିଲେ। ତାଙ୍କ ଆସିବା ପୂର୍ବରୁ ରେଢ଼ାଖୋଲ ସହର ସ୍ଥିତ କଦମ୍ବ ପଡ଼ିଆରେ ଅଧକ୍ଷଙ୍କ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ରେଢ଼ାଖୋଲ ଅଞ୍ଚଳରେ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକାରର ବିକାଶକୁ ପ୍ରକାଶ କରିଥିଲେ। ୧୧୨କୋଟି ଟଙ୍କା ବ୍ୟୟରେ ଏକ ବିଶାଳ ଟ୍ରମା ସେଣ୍ଟର ପ୍ରସ୍ତୁତ ହେବାକୁ ଯାଉଛି। କନ୍ଧରା ସ୍ଥିତ ସନ୍ଥ କବି ଭୀମଭୋଇଙ୍କ ସ୍ମୃତିପୀଠ ରୂପାନ୍ତରଣ ପାଇଁ ୧୦କୋଟି ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ ହୋଇସାରିଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଢ଼ାଖୋଲ ଅଞ୍ଚଳର ଗ୍ରାମାଞ୍ଚଳ ହେଉ କିମ୍ବା ସହରାଞ୍ଚଳ ବିଭିନ୍ନ ମନ୍ଦିର ପୀଠ ତଥା ଧର୍ମାନୁଷ୍ଠାନ ମାନଙ୍କ ପାଇଁ ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି। ତା'ସହିତ ରେଢ଼ାଖୋଲ ଏନ୍‌ଏସି ଅନ୍ତର୍ଗତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଯାହାକିଛି କାର୍ଯ୍ୟ ବାକିଥିଲା ସେଥିପାଇଁ ୨୨କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିମଧ୍ୟରେ ବିରୋଧୀ ଦଳକୁ ବର୍ଷିଥିଲେ ବିଧାୟକ। ୧୦ବର୍ଷ ଧରି ଶାସନରେ ଥାଇ ଏ ଅଞ୍ଚଳ ପାଇଁ କ'ଣ କରିଛନ୍ତି କେନ୍ଦ୍ର ସରକାର। ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬ଷ୍ଠ ଥର ପାଇଁ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। କଥା କମ୍ କୁହନ୍ତି, କାମ ଅଧିକ କରନ୍ତି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ରେଢ଼ାଖୋଲ ବ୍ଲକ ବିଜୁ ଜନତା ଦଳ ସଭାପତି ଉଦିତ ତ୍ରିପାଠୀ କହିଥିଲେ ଯେ, ଗତ ଜୁଲାଇ ମାସରେ ରେଢ଼ାଖୋଲ ଗସ୍ତରେ ଆସିଥିଲେ କାର୍ତ୍ତିକ ପାଣ୍ଡିଆନ। ବିଭିନ୍ନ ପ୍ରକାର ସମସ୍ୟାକୁ କିଛିଦିନ ମଧ୍ୟରେ ସମାଧାନ କରିଦେଇଥିଲେ। ବିଜୁ କଲ୍ୟାଣ ସ୍ୱାସ୍ଥ୍ୟ କାର୍ଡ ରେଢ଼ାଖୋଲ ଅଞ୍ଚଳର ସାଧାରଣ ଲୋକଙ୍କ ଭାଗ୍ୟ ପରିବର୍ତ୍ତନ କରିଦେଇଛି। ଗ୍ରାମାଞ୍ଚଳରେ ଯେଉଁମାନଙ୍କ ସ୍ୱାସ୍ଥ୍ୟ କାର୍ଡ ହୋଇନାହିଁ ସେମାନେ ୧୬ତାରିଖ ମଧ୍ୟରେ ଅନ୍‌ଲାଇନ୍ ମାଧ୍ୟମରେ ବିଜୁ କଲ୍ୟାଣ ସ୍ୱାସ୍ଥ୍ୟ କାର୍ଡ ପାଇଁ ଆବେଦନ କରି ପାଇପାରିବେ ବୋଲି କହିଥିଲେ।



## '୫-ଟି' ଅଧକ୍ଷଙ୍କୁ ସମସ୍ୟା ଜଣାଇଲେ ପ୍ରେସ୍‌କ୍ଲବ ସଦସ୍ୟ

**ସମ୍ବଲପୁର, ୧୩ା୧ (ସମିସ):** ସମ୍ବଲପୁର ପ୍ରେସ୍ କ୍ଲବର ଏକ ପ୍ରତିନିଧି '୫-ଟି' ତଥା 'ଆମ ଓଡ଼ିଶା ନବୀନ ଓଡ଼ିଶା' ଅଧକ୍ଷ କାର୍ତ୍ତିକ



ପାଣ୍ଡିଆନଙ୍କୁ ଶନିବାର ସର୍କିଟ ହାଉସ ଠାରେ ସାକ୍ଷାତ କରିଥିଲେ। ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଏହାସହ ସମ୍ବଲପୁର ପ୍ରେସ୍ କ୍ଲବର ଜମି ସମସ୍ୟା ନେଇ କାର୍ତ୍ତିକ ପାଣ୍ଡିଆନଙ୍କୁ ଅବଗତ କରାଯିବ ସହ ଏହାର ସମାଧାନ ପାଇଁ ଅନୁରୋଧ କରାଯାଇଥିଲା। ଏ ସଂକ୍ରାନ୍ତରେ ଆଗରୁ ସରକାର ଓ ଜିଲ୍ଲା ପ୍ରଶାସନଙ୍କୁ ଦିଆଯାଉଥିବା ଚିଠିପତ୍ର ଏବଂ ସମସ୍ତ କାଗଜପତ୍ର ତାଙ୍କୁ ହସ୍ତାନ୍ତର କରାଯାଇଥିଲା। ୧୯୮୬ମସିହାରୁ ସ୍ଥାପିତ ହୋଇଥିବା ସମ୍ବଲପୁର ପ୍ରେସ୍ କ୍ଲବର ନିଜସ୍ୱ କୋଠା ଏବଂ ଭିତ୍ତିଭୂମି ରହିଥିବା ବେଳେ ସେଠାରେ ଜିଲ୍ଲା ଏବଂ ଅଞ୍ଚଳର ବିକାଶ ସମ୍ବନ୍ଧୀୟ ଆଲୋଚନା କାର୍ଯ୍ୟକ୍ରମ ମାନ ନିୟମିତ ଆୟୋଜନ ହୋଇଆସୁଛି। ତେବେ ଜମି କାଗଜପତ୍ର ପ୍ରେସ୍ କ୍ଲବ ନାମରେ ହୋଇପାରି ନଥିବାରୁ ଅନେକ ବିକାଶ କାମ ଆଗକୁ ବଢ଼ିପାରୁ ନଥିବା ବିଷୟରେ ଅବଗତ କରାଯାଇଥିଲା। ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରାଯିବା ସହ ଭିତ୍ତିଭୂମିର ବିକାଶ ଦିଗରେ ରାଜ୍ୟ ସରକାର ସଚେତନ ରହିଥିବା ପାଣ୍ଡିଆନ କହିଥିଲେ। ସମ୍ବଲପୁର ପ୍ରେସ୍ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ନେତୃତ୍ୱରେ ବରିଷ୍ଠ ସାମ୍ବାଦିକ ସୁବାଷ ପାଣିଗ୍ରହୀ, ସାଧାରଣ ସମ୍ପାଦକ ଭବାନୀ ଶଙ୍କର ଭୋଇ, ଶଙ୍କର ବେହେରା, ଅଜୟ ନାଥ, ନରେଶ ସେଠ, ନରୋତ୍ତମ ଗୁରୁ, ନରସିଂହ ବର୍ଗାଁ ସାମିଲ ଥିଲେ। ଏହି ଅବସରରେ ରାଜ୍ୟସଭା ସାଂସଦ ତଥା ସମ୍ବଲପୁର ଲୋକସଭା ବିଜେଡି ପର୍ଯ୍ୟବେକ୍ଷକ ମାନସ ରଞ୍ଜନ ମଙ୍ଗରାଜ, ସକାଳ ଖବରକାଗଜ ପବ୍ଲିସର ଅମିଲ ମଲ୍ଲିକ ମଧ ଉପସ୍ଥିତ ରହିଥିଲେ।

## ମୁଖ୍ୟମନ୍ତ୍ରୀ ସମ୍ବଲପୁରକୁ ବେଶି ଭଲ ପାଆନ୍ତି



**କୁଚିଣ୍ଡା, ୧୩ା୧(ସମିସ):** ଶନିବାର ଅପରାହ୍ନରେ '୫-ଟି' ତଥା 'ଆମ ଓଡ଼ିଶା ନବୀନ ଓଡ଼ିଶା' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ହେଲିକପ୍ଟର ଯୋଗେ କୁଚିଣ୍ଡା ମହାବିଦ୍ୟାଳୟର ଖେଳପଡ଼ିଆରେ ଅବତରଣ କରିଥିଲେ। ପରେ ସଭାକାର୍ଯ୍ୟରେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ବିଜେଡି ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସ୍ଥାନୀୟ ବିଧାୟକ କିଶୋର ଚନ୍ଦ୍ର ନାଏକ, ସମ୍ବଲପୁର ଜିଲ୍ଲା ପରିଷଦ ସଭାପତି କୁମୁଦିନି ନାୟକ, ଏନ୍‌ଏସି ଅଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଶୋଭାରମ ପଧାନ, ସଞ୍ଜିତ ମହାନ୍ତି, ବ୍ଲକ ଅଧକ୍ଷ ଭୁବନେଶ୍ୱର କିସାନ, ମନୋରଞ୍ଜନ ଭୋଇ, ଅଶୋକ ପରିଡ଼ା, ସଦା କୁଜୁର, ଗଗନ ଶର୍ମା, ସୌଭାଗ୍ୟ ନାୟକ, ମହମ୍ମଦ ମୂର୍ତ୍ତଜା, ଚୁଡାମଣି ପଟେଲ, ମିଳନ ଖୁଣ୍ଟିଆ, ତନାୟ ଧୁରୁଆ, ଆଦି ମହାକୁଡ, ସୁଜାତା ଖୁଣ୍ଟିଆ, ପ୍ରଦୀପ ମିଶ୍ର, ବରିଷ୍ଠ ବିଜେଡି ନେତା ଗଣେଶ ଅଗ୍ରୱାଲ, ଆଶ୍ରିତା ଭୋଇ, ସୁଶୀଲ ନାୟକଙ୍କ ସମେତ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିକାଶ ଯୋଜନା ଓ ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ପ୍ରତି ସ୍ୱତନ୍ତ୍ର ଭଲ ପାଇବା ରହିଥିବା କହିଥିଲେ ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ। ଏହାସହ ନାମ ନ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଅକ୍ଷୋପ କରି କେନ୍ଦ୍ରର ଅବହେଳା ଉପରେ କହିଥିଲେ।

## କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଖୁବ୍‌ଶୀଘ୍ର ଖୁସି ଖବର: '୫-ଟି' ଅଧକ୍ଷ

**ସମ୍ବଲପୁର, ୧୩ା୧(ସମିସ):** ରେଢ଼ାଖୋଲ ଠାରେ ହୋଇଥିବା ସାଧାରଣ ସଭାରେ '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ କେନ୍ଦୁପତ୍ର ତୋଳାଳିଙ୍କୁ ବିବାହ ସହାୟତା ଦିଆଯିବ ବୋଲି କରିଥିବା ଘୋଷଣାକୁ କେନ୍ଦୁଲିଭ ୱେଲଫେୟାର୍ ବୋର୍ଡ ଉପଦେଷ୍ଟା ସଂଜିତ ମହାନ୍ତି ସ୍ୱାଗତ ଜଣାଇଛନ୍ତି। ଓଡ଼ିଶାରେ ରହୁଥିବା ୧୫ଲକ୍ଷ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ ମାନଙ୍କ କନ୍ୟା ବିବାହ ପାଇଁ ୨୦୧୮ ମସିହା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା, ଯାହା ବର୍ତ୍ତମାନ ବନ୍ଦ ଅଛି। ୨୦୧୮ ମସିହାରୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଏହାର ପୁନଃ ପ୍ରଚଳନ ପାଇଁ ଆନ୍ଦୋଳନ କରିଆସୁଛି। ଏ ସଂକ୍ରାନ୍ତରେ ତଥା ଦରମା ବୃଦ୍ଧି ନେଇ ଶ୍ରୀ ପଣ୍ଡିଆନଙ୍କୁ ସାକ୍ଷାତ କରିଥିଲେ ସଂଜିତ ମହାନ୍ତି। କନ୍ୟା ବିବାହ ସହାୟତା କ୍ଷେତ୍ର ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ୫-ଟି ଅଧକ୍ଷ ପାଣ୍ଡିଆନ କହିଥିବା ବେଳେ ଆଜି ଗୋଟିଏ ଦିନ ମଧ୍ୟରେ ସମ୍ବଲପୁର ଜିଲ୍ଲାର ସବୁଠୁ ଅଧିକ ୬୦ହଜାର ତୋଳାଳି ଥିବା ଅଞ୍ଚଳ ରେଢ଼ାଖୋଲରେ କେନ୍ଦୁପତ୍ର ତୋଳାଳି ପରିବାରଙ୍କୁ ମିଳିବ ବିବାହ ସହାୟତା ଓ ଘୋଷଣା କରିବେ ମୁଖ୍ୟମନ୍ତ୍ରୀ ବୋଲି ଅଧକ୍ଷ ପଣ୍ଡିଆନ ନିଜ ବକ୍ତବ୍ୟରେ କହିଛନ୍ତି। କେନ୍ଦୁପତ୍ର ଉପରେ ଗରିବ ଓ ବିଶେଷ ଭାବରେ ୯୦ ପ୍ରତିଶତ ମହିଳା ମାନେ ନିଜର ପରିବାର ଚଳାଇବା ପାଇଁ ନିର୍ଭର କରୁଥିବା ବେଳେ ଏହି ଘୋଷଣା ତୋଳାଳି ମାନଙ୍କ ପାଇଁ ଆନନ୍ଦ ଆଣିଛି।୨୨ଟି ଜିଲ୍ଲାର ୧୫ ଲକ୍ଷ ତୋଳାଳି ଓ ୧୮ ହଜାର କର୍ମଚାରୀ ଲାଭ ପାଇବେ ବୋଲି ସଂଜିତ ମହାନ୍ତି ପ୍ରକାଶ କରିଛନ୍ତି।

## ଯୁଯୁମୁରା ବ୍ଲକର ବିଭିନ୍ନ ପଞ୍ଚାୟତରେ କିଶୋରୀ ମେଳା

**ଯୁଯୁମୁରା, ୧୩ା୧(ସମିସ):** ଯୁଯୁମୁରା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ଆଜି ବ୍ଲକର ୯ଗୋଟି ପଞ୍ଚାୟତ ପାଇଁ ୪ଗୋଟି ସ୍ଥାନରେ କିଶୋରୀ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଲିପିଣ୍ଡା ଠାରେ ଯୁଯୁମୁରା ଓ ଲିପିଣ୍ଡା ପଞ୍ଚାୟତ ପାଇଁ କିଶୋରୀ ମେଳା ଅନୁଷ୍ଠିତ ହୋଇଥିଲା। ସେହିପରି ଜୟନ୍ତପୁର ଠାରେ କୁକୁଡ଼ାପାଲି ଓ କବରାପାଲି ପଞ୍ଚାୟତକୁ ନେଇ ବାଳିକା ମେଳା ଅନୁଷ୍ଠିତ ହୋଇଥିଲା। ବାହାମ ଓ ଡଙ୍ଗରପଡ଼ା ପଞ୍ଚାୟତ ପାଇଁ ଡଙ୍ଗରପଡ଼ା କାର୍ଯ୍ୟକ୍ରମ ହୋଇଥିଲା। ମେଘପାଲ ଠାରେ ଛାମୁଣ୍ଡା, ମେଘପାଲ, ଟାମ୍ପରଗଡ଼ ପଞ୍ଚାୟତକୁ ନେଇ କିଶୋରୀ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ




ହୋଇଯାଇଛି। ଏ ପରିପ୍ରେକ୍ଷୀରେ ଜୟନ୍ତପୁର ଓ ଡଙ୍ଗରପଡ଼ା ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁଯୁମୁରା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଯୋଜନା ଅଧିକାରୀ ସବିତା ନାଏକ, ବାହାମ ସରପଞ୍ଚ ସରସ୍ୱତୀ ଭୂସାଗର, ଜୟନ୍ତପୁର ସରପଞ୍ଚ ଆରତୀ ତାଣ୍ଡିଆ ଯୋଗଦାନ କରିଥିଲେ। ସେହିପରି ମେଘପାଲ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମେଘପାଲ ସରପଞ୍ଚ ମମତା ପ୍ରଧାନ, ସ୍ଥାନୀୟ ସୁପରଭାଇଜର ଯୋଗ ଦେଇଥିଲେ। ଏଥିସହିତ ଅନ୍ୟ କାର୍ଯ୍ୟକ୍ରମରେ ଆଇସିଡିଏସର ସୁପରଭାଇଜର, ସ୍କୁଲ ଶିକ୍ଷକ, ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶା, ସ୍ଥାନୀୟ ଜନପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରକ୍ତ ପରୀକ୍ଷା, ଉଚ୍ଚତା ଓ ଓଜନ ମାପ ବାଳିକା କିଶୋରୀ ମେଳାର ଉଦ୍ଦେଶ୍ୟ ଉପରେ ଆଲୋଚନା କରାଯାଇଥିଲା। ଏହାସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଘର ଭିତରୁ ଯୁବକଙ୍କ ଶବ ଉଦ୍ଧାର ଘଟଣା

# ହତ୍ୟାକାରୀ ବାପା ଗିରଫ

**ରେଙ୍ଗାଲି, ୧୩ା୧(ସମିସ):** ସମ୍ବଲପୁର ଜିଲ୍ଲା ଠେଲକଲୋଇ ଥାନା ଅନ୍ତର୍ଗତ ଲପଙ୍ଗା ସରଧାପାଲିର ଏକ ଘରୁ ଯୁବକଙ୍କ ରକ୍ତାକ୍ତ ଶବ ଉଦ୍ଧାର ଘଟଣାର ପର୍ଦ୍ଦାଫାସ୍ ହୋଇଛି। ପୁଲିସ ଅଭିଯୁକ୍ତ ବାପାକୁ ଗିରଫ କରିଛି। ପୁଅର ଅତ୍ୟାଚାରରେ ଅତିଷ୍ଠି ହୋଇ ହତ୍ୟା କରିଦେଇଥିବା ବାପା ପୁଲିସ ଆଗରେ କହିଛି। ସୂଚନାଯୋଗ୍ୟ ଠେଲକଲୋଇ ଥାନା ଅନ୍ତର୍ଗତ ଲପଙ୍ଗା ସରଧାପାଲିରେ ବିଶ୍ୱନାଥ ବେନର୍ଜୀଙ୍କୁ କେହି

### ପୁଅର ଅତ୍ୟାଚାରରେ ଅତିଷ୍ଠ ହୋଇ ହତ୍ୟା

ହତ୍ୟା କରି ଘରେ ଫିଙ୍କି ଦେଇଥିବାର ଠେଲକଲୋଇ ପୁଲିସକୁ ଲୋକେ ଖବର ଦେଇଥିଲେ। ଖବର ପାଇ ଠେଲକଲୋଇ ଥାନା ଅଧିକାରୀ ସାବିତ୍ରୀ ବଳ, ରେଙ୍ଗାଲି ଥାନା ଅଧିକାରୀ ସୁଦର୍ଶନ ପଣ୍ଡା, ଏସଡିପିଓ ପ୍ରଦୀପ ସାହୁ ଓ ସାଇଣ୍ଟିଫିକ ଦଳ ଆସି ତଦନ୍ତ କରିଥିଲେ। ତଦନ୍ତ ସମୟରେ ବିଶ୍ୱନାଥଙ୍କ ଶବ ଘର ଭିତରେ ଏକ ରୁମ୍‌ରେ ପଡ଼ିଥିଲା। ରୁମ୍ ଭିତରେ ଥିବା କାନ୍ଥ, ଚଟାଣ, କପଡ଼ାରେ ରକ୍ତର ଛିଟା ପଡ଼ିଥିବାର ପୁଲିସ ଦେଖିଥିଲା। ଘଟଣାର ତଦନ୍ତ କରି ପୁଲିସ ହତ୍ୟାକାରୀ ବିଶ୍ୱନାଥର ବାପା ଗଣେଶ ବେନାର୍ଜୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଅର ଅତ୍ୟାଚାରରେ ଅତିଷ୍ଠ ହୋଇ ଗଣେଶ ଏକ ଗଇଁତିରେ ପୁଅକୁ ହତ୍ୟା କରିଥିଲେ।

### ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାକୁ ଆଉ ଗୋଟିଏ ଦିନ

# ଧନୁଯାତ୍ରାର ପ୍ରଚାରପ୍ରସାର ପକ୍ଷରୁ ରଙ୍ଗୋଲି ମହୋତ୍ସବ





**ବରଗଡ଼, ୧୩।୧(ସମିସ)**

ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାକୁ ଆଉ ଗୋଟିଏ ଦିନ ରହିଥିବା ବେଳେ ଶନିବାର ଧନୁଯାତ୍ରା ପ୍ରଚାର ପ୍ରସାର କମିଟିର ତରଫରୁ ରଙ୍ଗୋଲି ମହୋତ୍ସବର ଆୟୋଜନ କରାଯାଇଥିଲା। ଧନୁଯାତ୍ରାର ବିଷୟ ବସ୍ତୁକୁ ନେଇ ବରଗଡ଼ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀମାନେ ବିରାଟ ରଙ୍ଗୋଲି ଅଙ୍କନ କରିଥିଲେ। ଏହି ରଙ୍ଗୋଲି କାର୍ଯ୍ୟକ୍ରମ ସକାଳ ୮ ଟାରୁ ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ଅନୁଷ୍ଠାନର ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ଚିତ୍ରଶିଳ୍ପୀ କଳା ପ୍ରଦର୍ଶନ କରିଥିଲେ। ଚିତ୍ରଶିଳ୍ପୀମାନେ ଧନୁଯାତ୍ରାର ବିଭିନ୍ନ ବିଷୟକୁ ନେଇ ରଙ୍ଗୋଲିମାନ ଅଙ୍କନ କରିବା ସହ ସେଗୁଡିକୁ ଦୂରରେ ଦେଖିଲେ ଏକ ବିରାଟ କାନଭାସରେ ଧନୁଯାତ୍ରା ସଜ୍ଜିତ ହୋଇଥିବା ପରି ପରିଲକ୍ଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଚାର ପ୍ରସାର କମିଟିର ଆବାହକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାସ, ରବି ପଣ୍ଡା, ରମଣୀ ରଞ୍ଜନ ବେହେରା, ରଞ୍ଜନ କୁମାର ଦେବତା, ସତ୍ୟଜିତ ଦାଶ, ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ, ହେପି ବରଗଡ଼ର ପପୁନ ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ।



### ପଡ଼ିଲା ବିଡ଼ିଓଙ୍କ ଦୃଷ୍ଟି

# ବଦଳିବ ଜୁବାଖୋଲ ଜମରତଲା ରାସ୍ତା ଅବସ୍ଥା

**ଗାଇସିଲେଟ, ୧୩।୧ (ସମିସ):** ଭଲ ରାସ୍ତା ଖଣ୍ଡେ ପାଇଁ ଅନେକ ଥର ଅଧିକାରୀଙ୍କୁ ଜଣାଇଥିଲେ, ନେତାଙ୍କୁ ଗୁହାରି ହେଲେ କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ ଗାଁ ଲୋକ ଧରି ନେଇଥିଲେ ବୋଧ ହୁଏ ଏ ସମସ୍ୟା କେବେ ସମାଧାନ ହୋଇ ପାରିବ ନାହିଁ। ବାରମ୍ବାର ପ୍ରଶାସନ ଆଗରେ ନିଜ ଅଧିକାର ପାଇଁ ଦାବି କରି ନିରାଶ ହୋଇଥିବା ଯୁବାଖୋଲ ଗ୍ରାମବାସୀଙ୍କ ମୁହଁରେ ଏବେ ହସ ଫୁଟିଛି। ଖୁବ୍ ଶୀଘ୍ର ରାସ୍ତା ମରାମତି କରିବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଇଛି। ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମପଞ୍ଚାୟତର ଜୁବାଖୋଲ ଗ୍ରାମରୁ ଜମାରତଲା ଗ୍ରାମକୁ ସଂଯୋଗ କରିଥିବା ଏହି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଏ ନେଇ ବିଭିନ୍ନ ସମୟରେ ବହୁ ନେତା ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ଗ୍ରାମବାସୀ ହେଲେ ଆଜି ଯାଏ କେହି ବି ଏହି ରାସ୍ତା ପ୍ରତି ଧ୍ୟାନ ଦେଇ ନାହାନ୍ତି। ଅର୍ପିତା ପଣ୍ଡା କଟାବାହାଲ୍ ସରପଞ୍ଚ ହେବା ପରଠୁ ଅନେକ ଥର ବ୍ଲକରେ ବିଡିଓଙ୍କୁ ଦେଖା କରି ରାସ୍ତା ମରାମତି ପାଇଁ ଅନୁରୋଧ କରିଥିଲେ। ଇତି ମଧ୍ୟରେ ବହୁ ବିଡିଓ ଆସିଲେ ଆଉ ବଦଳି ହୋଇ ଚାଲିଗଲେ ହେଲେ ରାସ୍ତା ସେମିତି ପଡ଼ି ରହିଛି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା



ଦେଖି ସରପଞ୍ଚ ଶ୍ରୀମତୀ ପଣ୍ଡା ବ୍ଲକରେ ନୂତନ ଭାବରେ ଯୋଗ ଦେଇଥିବା ବିଡ଼ିଓ ଲକ୍ଷ୍ମଣ ମାଝିଙ୍କୁ ପୁଣି ଥରେ ଅନୁରୋଧ କରିଥିଲେ। ତେବେ ବିଡିଓ ଶ୍ରୀ ମାଝି ହଠାତ ପହଞ୍ଚି ସରପଞ୍ଚଙ୍କୁ ସାଙ୍ଗରେ ନେଇ ଉକ୍ତ ଜାଗାରେ ପହଞ୍ଚିଥିଲେ। ଚାଲି ଚାଲି ରାସ୍ତାଟିକୁ ତଦାରଖ କରିବା ସହ ଜିଲ୍ଲା ପ୍ରଶାସନ ସହିତ କଥା ହୋଇ ଖୁବ୍‌ଶୀଘ୍ର ଏହି ରାସ୍ତା ତିଆରି କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ଇମ୍ପେରିୟଲ କଲେଜରେ ବିସ୍ମୟ ବାଳକ ବିରାଟ ଆୟାର

**ବରଗଡ଼, ୧୩।୧(ସମିସ):** ସାରା ଦେଶରେ ଗୁଗୁଲବୟ ନାମରେ ଖ୍ୟାତି ଲାଭ କରିଥିବା ତଥା ଅମିତାଭ ବଚ୍ଚନଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ 'କୌନ ବନେଗା କରୋଡପତି'ରେ ଭାଗ ନେଇଥିବା ବିସ୍ମୟ ବାଳକ ଆଠ ବର୍ଷିୟ ବିରାଟ ଆୟର ଆଜି ବିଦ୍ୟାବିହାର ସ୍ଥିତ ଇମ୍ପେରିୟଲ କଲେଜରେ ପହଞ୍ଚି ବରଗଡ଼ ଓ ଆଖପାଖ ଅଞ୍ଚଳର ଶହ ଶହ ଛାତ୍ରଛାତ୍ରୀଙ୍କ ମତ ବିନିମୟ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାଳକ ବିରାଟଙ୍କ ପରିଚୟ ପ୍ରଦାନ ପରେ ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରଛାତ୍ରୀମାନେ ତାଙ୍କର ଜୀବନ ଶୈଳୀ ଓ ଅନ୍ୟ ବହୁ ବିଷୟରେ ପ୍ରଶ୍ନ ପଚାରିଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବିସ୍ମୟ ବାଳକ ବିରାଟ ତାଙ୍କ ଜୀବନରେ ମୋବାଇଲ କମ ବ୍ୟବହାର କରୁଥିବା ସୂଚନା ଦେଇଥିଲେ। କଲେଜର ଅଧକ୍ଷ ଦୁର୍ଗେଶ ଶତପଥୀ ଓ ଅଧାପିକା ହରିପ୍ରିୟା ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇମ୍ପେରିୟଲ କଲେଜର ଚେୟାରମେନ ଦିପକ ଗୋୟଲ ତାଙ୍କୁ ଏକ ଫଟୋଚିତ୍ର ଓ ଉପହାର ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଟଲି ଶାଁ ସରକାରୀ ବାଳିକା ୟୁପି ସ୍କୁଲ, ସଂସ୍କାର ଇଣ୍ଟରନେସନାଲ ସ୍କୁଲ୍ , ବରଗଡ଼ ସାଇନ୍ସ ଇନଷ୍ଟିଚ୍ୟୁଟ, ଚଢ଼େଇଗାଁ ସ୍କୁଲ, ତେଜାଗୋଲା ସରକାରୀ ୟୁପି ସ୍କୁଲ, ଉର୍ଦ୍ଦୁନା ସରକାରୀ ୟୁପି ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କର୍ଲାଜୋରୀ, ଟୁକୁର୍ଲା ୟୁପି ସ୍କୁଲ ଏବଂ ରୋଟାରୀ ପବ୍ଲିକ ସ୍କୁଲ ବରଗଡ଼ର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।



# ସୁବର୍ଣ୍ଣ ଦୀପ ଶିଶୁ ସାହିତ୍ୟ ପତ୍ରିକାର ଧନୁଯାତ୍ରା ସଂସ୍କରଣ ଲୋକାର୍ପିତ

**ବରଗଡ଼, ୧୩।୧(ସମିସ):** ବରଗଡ଼ ରାଣାପ୍ରତାପ ସ୍କୁଲ ପରିସରରେ ସୁବର୍ଣ୍ଣଦୀପ ଶିଶୁ ସାହିତ୍ୟ ପତ୍ରିକାର ଧନୁଯାତ୍ରା ସଂସ୍କରଣ ଲୋକାର୍ପିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧକ୍ଷତା ଏବଂ ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣଦୀପ ପତ୍ରିକାର ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟକ ମନୋରଞ୍ଜନ ମେହେର ଯୋଗଦେଇ ସୁବର୍ଣ୍ଣଦୀପ ଶିଶୁ ସାହିତ୍ୟ ପତ୍ରିକା ସାହିତ୍ୟ ଜଗତ ସମୃଦ୍ଧ କରିଛି ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ସୂର୍ଯ୍ୟସ୍ନାତା ପତ୍ରିକାର ସମ୍ପାଦିକା ସୁପ୍ରଭା ସାମଲ, ଲେଖିକା ବାସନ୍ତୀ ଗୁରୁ, କବିତା ଦେବତା, ମୀନା ପଣ୍ଡା, ସୁନୀତା ମିଶ୍ର, ମିହିର ସରାଫ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶିଶୁ ଲେଖିକା ଭାବେ ରାଣା ପ୍ରତାପ ସ୍କୁଲ ଛାତ୍ରୀ ରୁଚିମାଝୀ, ସାଳିନି ସା ଓ ଧନୁଯାତ୍ରା ଚିତ୍ର ପାଇଁ ରୋଟାରୀ ସ୍କୁଲ ଛାତ୍ର ଶ୍ରୀଶାନ୍ତ କୁମାର ପଣ୍ଡା, ରଶ୍ମୀରଞ୍ଜନ ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଣା ପ୍ରତାପ ଭାରତୀ ଶିଶୁ ସାହିତ୍ୟ ସଂସଦର ସଭାନେତ୍ରୀ ଛାତ୍ରୀ ରେଣୁକା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



## କୃଷକ ସଂଗଠନର ଧାନମଣ୍ଡି ପରିଦର୍ଶନ

**ପଦ୍ମପୁର, ୧୩।୧ (ସମିସ):** ରାଜ ବୋଡା ସମ୍ବର କୃଷକ ସଙ୍ଗଠନର ସଦସ୍ୟମାନେ ରାଜବୋଡାସମ୍ବର, ପାଇକମାଳ ଓ ଝାରବନ୍ଧ ବ୍ଲକର ସତିଭଟା, ଲଖମରା, ଚର୍ଦ୍ଧାପାଲି, ସରେଇକେଲା ଜଗଦଲପୁର, ଲଉଡିଧରା ଭୈଷାଦର୍ହା, କୁର୍ଲୁପାଲି, ଡଭା, ଝାରବନ୍ଧ, ବିଲାସପୁର, ମାଣ୍ଡିଆଡିପା, ପାଇକମାଲ, ଟେମରି ବୁକୁରାମୁଣ୍ଡା, ବରିକେଲ ମଣ୍ଡି ପରିଦର୍ଶନରେ ଯାଇଥିଲେ। ରାଜବୋଡା ସମ୍ବର କୃଷକ ସଙ୍ଗଠନରୁ ରମେଶ ମହାପାତ୍ର, ରୋହିତ ପଧାନ, ସୁବାସ ସାମନ୍ତରାୟ, ପଞ୍ଚାନନ ସାହୁ, ଅଶୋକ ସାହୁ, ପ୍ରମୋଦ ରାୟ, ପ୍ରଶାନ୍ତ ପଧାନ, ଚିତ୍ତ ପାଣ୍ଡେ, ପ୍ରକାଶ ମିଶ୍ର ଆଦି ସଦସ୍ୟ ମଣ୍ଡି ପରିଦର୍ଶନରେ ସାମିଲ ଥିଲେ।

# ତୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼, ୧୩।୧ (ସମିସ):** ଶନିବାର ଦିନ ସ୍ଥାନୀୟ ବରଗଡ଼ ଉପକଣ୍ଠରେ ଥିବା ତୋରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଦେବେଶ ଆଚାର୍ଯ୍ୟଙ୍କ ଆହ୍ୱାନ କ୍ରମେ ଜିଲ୍ଲା ବରିଷ୍ଠ ନାଗରିକ ସଂଘ, ବରଗଡ଼ର କର୍ମକର୍ତାଙ୍କୁ ନେଇ କ୍ରମ ବର୍ଦ୍ଧିଷ୍ଣୁ ବରିଷ୍ଠ ମାନଙ୍କୁ ହତାଦର ଉପରେ ସଚେତନତା କାର୍ଯ୍ୟକ୍ରମ ଅଧାପକ ଶ୍ରୀରାମ ଶଙ୍କର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବାପା ମାଆ ହେଉଛନ୍ତି ଚଳନ୍ତି ଠାକୁର ତଥା ଘରର ବରିଷ୍ଠ ମାନଙ୍କୁ କିପରି ଭାବେ ସମ୍ମାନ ଦେଇ ଏକ ସୁସ୍ଥ ବାତାବରଣ ରେ ରଖି ସୁନ୍ଦର ସମାଜ ଗଠନ କଲେ ବୃଦ୍ଧାଶ୍ରମ ର ଆବଶ୍ୟକତା ପଡ଼ିବନି ବୋଲି ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ଝାଙ୍କର ସୂଚନା ଦେଇଥିଲେ। ସେହିପରି ସମ୍ପାଦକ ଗୋବିନ୍ଦ ଦାଶ, ସଂଗଠନ ସମ୍ପାଦକ କେଦାର ମିଶ୍ର ଓ ଉପସଭାପତି ନିର୍ମଳ କର ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ମଞ୍ଚାସିନ ଅତିଥି ଙ୍କ ସହ ବରିଷ୍ଠ ସଦସ୍ୟ ଗୌର ଚନ୍ଦ୍ର କର, ପ୍ରସାର ବିଭାଗ ତଥା ସାମ୍ବାଦିକ ତୁଳସୀ ଚରଣ ଦାଶ, ଦେବୀ ପଟ୍ଟନାୟକ, ଅଭିଜିତ ପ୍ରତିହାର ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ନୋଡାଲ ଅଫିସର ତଥା ଅଧାପିକା ଜୁଲିନା ପତି। ଅନ୍ୟ ମାନଙ୍କ ମଧ୍ୟରେ ନୋଡାଲ ଅଫିସର ତଥା ଅଧାପକ ସୁନୀଲ କୁମାର ଦାଶ, ନୋଡାଲ ଅଫିସର ତଥା ଅଧାପକ ନନ୍ଦିଘୋସ ପ୍ରଧାନ, ଇଂରାଜୀ ଅଧାପକ ଛବି ବାଗ, ଅଧାପିକା ସୁପ୍ରୀଆ ନାଥ, ତେଜସ୍ୱୀନି ସାହୁ, ରଶ୍ମି ମେହେର, ସସ୍ମିତା ଆଚାର୍ଯ୍ୟ, ବିପିନ ପାଇକ, କୈଳାଶ ନାୟକ, ସୁରେଶ ପରିଡ଼ା ଉପସ୍ଥିତ ଥିଲେ।




## ବାଇକ୍‌ରେ ଅଯୋଧ୍ୟା ଯାତ୍ରାକଲେ ରିଙ୍କୁ

**ବିଜେପୁର, ୧୩।୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ଲାଉମୁଣ୍ଡା ଗ୍ରାମର ଡୋଲାମଣୀ (ରିଙ୍କୁ) ମେହେର ଆସନ୍ତା ୨୨ ତାରିଖ ବହୁ ପ୍ରତିକ୍ଷିତ ଅଯୋଧ୍ୟା ରାମଜନ୍ମ ଭୂମିରେ ଅନୁଷ୍ଠିତ ହେବାକୁ ଥିବା ରାମ ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ଭାଗନେବା ପାଇଁ ଆଜି ମୋଟର ସାଇକେଲ ଯୋଗେ ଏକୁଟିଆ ଯାତ୍ରା କରିଛନ୍ତି। ଏପରିପ୍ରେକ୍ଷୀରେ ବିଜେପୁର ଶ୍ରୀରାମ ନଗର ଛକ ଠାରେ କୋଶଲ୍ ସଂଗ୍ରାମୀ ମାନେ ସ୍ୱାଗତ ସମ୍ବର୍ଦ୍ଧନା ପରେ ତାଙ୍କୁ ସ୍ଥାନୀୟ ମାଁ ସମଲେଶ୍ୱରୀ ମନ୍ଦିରକୁ ପାଛୋଟି ନେଇ ମାଁଙ୍କ ଠାରେ ତାଙ୍କ ଯାତ୍ରା ମଙ୍ଗଳମୟ ହେଉ ବୋଲି ପୂଜାର୍ଚ୍ଚନା ପରେ ସହର ପରିକ୍ରମା କରି ଶୁଭ ବିଦାୟ ଦେଇଥିଲେ।



# ସୋହେଲାରେ କୃଷି ରଥ ଶୁଭାରମ୍ଭ

**ସୋହେଲା, ୧୩।୧ (ସମିସ) :** ସ୍ଥାନୀୟ କୃଷି ବିଭାଗ ତରଫରୁ ରାଜ୍ୟ ସରକାରଙ୍କ କୃଷି ଭିତ୍ତିକ ପ୍ରସାର କାର୍ଯ୍ୟକ୍ରମରେ ସୋହେଲାରେ କୃଷି ବିଭାଗ ପକ୍ଷରୁ କୃଷିରଥକୁ ସୋହେଲା ବ୍ଲକ କୃଷି ଅଧିକାରିଣୀ ନୀତାଂଜଳୀ ବିଶି ଶୁଭାରମ୍ଭ କରିଛନ୍ତି। ଏହି ରଥ ବ୍ଲକର ପ୍ରତ୍ୟେକ ଗ୍ରାମକୁ ଯାଇ କୃଷକମାନଙ୍କୁ ରାଜ୍ୟ କୃଷି ବିଭାଗ ଦ୍ୱାରା କୃଷି ଏବଂ କୃଷକମାନଙ୍କ ଉନ୍ନତି ପାଇଁ ଚାଲିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିବା ସହିତ ଚାଷୀମାନେ କିପରି ଏହି ଯୋଜନାର ଲାଭ ନେଇ ପାରିବେ ସେ ସମ୍ପର୍କରେ ଚାଷୀ ମାନଙ୍କୁ ସଚେତନ କରିବ। ଏହା ବ୍ୟତିତ ଚାଷ କାର୍ଯ୍ୟରେ ସଫଳତା ପାଇଥିବା ସୋହେଲା ବ୍ଲକର କିଛି ସଫଳ ଚାଷୀଙ୍କ କାହାଣି ଫଟୋ ଏବଂ ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରାଯିବ। ଏହି କୃଷି ରଥର ଶୁଭାରମ୍ଭ ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ସହାୟକ ବ୍ଲକ କୃଷି ଅଧିକାରୀ ଅଭିଷେକ ଅଗ୍ରୱାଲ ଏବଂ ବିଭାଗର ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।



## 'ନୂଆ-ଓ' ଓଡିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ

**ଗାଇସିଲେଟ, ୧୩।୧(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ନୂଆ-ଓ ଓଡିଆ ଭାଷା, ସଂସ୍କୃତି ଓ ସାହିତ୍ୟ ପ୍ରତିଯୋଗିତା ଓ ଆଲୋଚନାର ଉଦ୍‌ଘାଟନୀ ଉତ୍ସବ ଅ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ଜୟକେତନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ। ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝି, ସମ୍ମାନିତ ଅତିଥି ଭାବରେ ପୂର୍ବତନ ସମ୍ପାଦକ ଅମ୍ବିକା ପ୍ରସାଦ ତ୍ରିବେଦୀ ଓ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ନାରାୟଣ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ହେମନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ଦୀପ୍ତି ସାହୁ, ସସ୍ମିତା ଭୋଇ ଓ ଧରିତ୍ରୀ ଗୁରୁ ଓଡିଶୀ ନୃତ୍ୟ ଓ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ସୁଶ୍ରୀ ସଙ୍ଘମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ଅବେଶନରେ ଓଡିଆ ଗୀତ, ହସ୍ତାକ୍ଷର ଲିଖନ, ଓଡିଆ କବିତା ପଠନ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନିର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ପୂର୍ବତନ ପ୍ରଧାନ ଶିକ୍ଷକ ଶିକ୍ଷାବିତ ଡ. ସୁନୀଲ କୁମାର ପଣ୍ଡା, ରବି ନାରାୟଣ ପଣ୍ଡା ଓ ପ୍ରାଧ୍ୟାପକ ଜଗଦୀଶ କୁମାର ଠାକୁର, ଅର୍ଜୁନ କୁମାର ପଣ୍ଡା ଓ ରାକେଶ କୁମାର ପଣ୍ଡା ବିଚାରକ ଭାବରେ ଯୋଗ ଦେଇଥିଲେ। ଉକ୍ତ ପ୍ରତିଯୋଗିତାକୁ ଅଧ୍ୟାପିକା ବୀଣାପାଣି ତାଣ୍ଡି ଓ ଝରଣା ସାହୁ ପରିଚାଳନା କରିଥିଲେ।

## 'ନୂଆ-ଓ' ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ମେଲଛାମୁଣ୍ଡା, ୧୩।୧( ସମିସ):** ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଅଧକ୍ଷ ଡ଼. ସରୋଜ କୁମାର ଦାଶ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଓ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଉଦ୍‌ଘାଟନୀ ସଭାକୁ ଅଧାପକ ଡ. ପ୍ରଦୀପ କୁମାର ପ୍ରଧାନ ସଂଯୋଜନା କରିଥିଲେ ଏହି ସଭାରେ ଅଧାପକ ଭୂପତି କାଲୋ, ଅଧାପକ ମହେଶ କୁମାର ମିଶ୍ର, ଦୀପାଞ୍ଜଳି ଦଣ୍ଡସେନା, ବିଭସ୍ମ ପଟେଲ ମଞ୍ଚାସୀନ ଥିଲେ। ଜଗନ୍ନାଥଙ୍କ ଭଜନ ପ୍ରତିଯୋଗୀତା ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ସଭାକୁ ସୁବାସ ଚନ୍ଦ୍ର ପ୍ରଧାନ, ହୃଷିକେଶ ସାହୁ, ସୁନୀଲ ଜୈନ, ମିନତୀ ରଥ, ସବିତା ସେଠ୍, ସଂଯୁକ୍ତା କାଣ୍ଡ ଓ ଉପେନ୍ଦ୍ର ଜାଲ ସହଯୋଗ କରିଥଲେ।

# ସମ୍ଭାଗସ୍ତରୀୟ ଖେଳକୁଦ ସମାରୋହ ଉଦ୍‌ଘାଟିତ

**ପଦ୍ମପୁର, ୧୩।୧ (ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ସ୍ଥାନୀୟ ଧୂମାଭଟା ପଡ଼ିଆରେ ସମ୍ଭାଗ ସ୍ତରୀୟ ଖେଳକୁଦ ସମାରୋହ ୨୦୨୩-୨୪ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅର୍ଜୁନ ଭିଲ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଧ୍ୱଜା ଆରୋହଣ କରି ଜ୍ୟୋତି ସ୍ଥାପନ କରି ଉଦଘାଟନ ଘୋଷଣା କରି ଉପସ୍ଥିତ ପ୍ରତିଯୋଗୀ ମାନଙ୍କୁ ନିଜକୁ ନିଜେ ଜଣେ ଦକ୍ଷ ଖେଳାଳୀ ର ପରିଚୟ ଦେଇ ଖେଳରେ ଭାଗ ନେବା ପାଇଁ ଉତ୍ସାହିତ କରିଥିଲେ। ଜ୍ୟୋତି ରଞ୍ଜନ ମିଶ୍ର ପଶ୍ଚିମ ସମ୍ଭାଗ ସଂଯୋଜକ ସ୍ୱାଗତ ଭାଷଣ ଦେଇଥିଲେ ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଦ୍ୱାଦଶ କୁମାର ପଧାନ, ପୃଥିରାଜ ସାହୁ ସଭାପତି, ପ୍ରମୁଖ ମଞ୍ଚାସୀନ ଥିଲେ। କୋଷାଧକ୍ଷ ଘନଶ୍ୟାମ ପୁଞ୍ଜି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାନ୍ତ ବିଦ୍ୟା ମନ୍ଦିର ସଂଯୋଜକ ଆଶିଷ କମାର ରଥ, ପ୍ରଦୀପ ମିଶ୍ର ରାଉରକେଲା ବିଭାଗ ନିରୀକ୍ଷକ, ଜୟକିଶୋର ପଣ୍ଡା ସମ୍ବଲପୁର ବିଭାଗ ନିରୀକ୍ଷକ, ସୁଶାନ୍ତ କୁମାର ପାଣିଗ୍ରାହୀ ବରଗଡ଼ ବିଭାଗ ନିରୀକ୍ଷକ ଲୋକନାଥ ମିଶ୍ର ଶୈକ୍ଷିକ ସଂଯୋଜକ ଶିଶୁ ବାଟିକା ବିଭାଗ ପ୍ରମୁଖ ସହଯୋଗ କରିଥିବା ବେଳେ ୫ଟି ଜିଲ୍ଲାରୁ ୨୯୮ ଜଣ ଭାଇ ଭଉଣୀ ଖେଳକୁଦରେ ଭାଗନେଇ ଥିଲେ। ଏଥିରେ ୩୦ ଜଣ କ୍ରୀଡ଼ା ପରିଚାଳକ ସହଯୋଗ କରିଥିବା ବେଳେ ପ୍ରାନ୍ତ ଶାରୀରିକ ପ୍ରମୁଖ ଦିଲୀପ ସାଥୁଆ ଓ ସମ୍ଭାଗ ଶାରୀରିକ ପ୍ରମୁଖ ଶିବାନନ୍ଦ ଦାଶ କ୍ରୀଡ଼ା ପରିଚାଳନା କରିଥିଲେ। ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବାର୍ଷିକ ଉତ୍ସବ ଓ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବରଗଡ଼, ୧୩।୧(ସମିସ):** ବରଗଡ଼ ସଦର ବ୍ଲକ ଅଧୀନ ଗାନ୍ଧୀ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାପାଣିର ୩୧ ତମ ବାର୍ଷିକ ଉତ୍ସବ ଓ ନୂଆ -ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଛି। ଅଧକ୍ଷ ସରୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ, ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ସମାଜସେବୀ ଲକ୍ଷ୍ମୀ ନାରାୟଣ ଦାଶ, କବି ହେମନ୍ତ ଦୀପ, ବରଗଡ଼ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ସ୍ଥାନୀୟ ସରପଞ୍ଚ ଖୁଲଣା ସାହୁ, ସମିତିସଭ୍ୟ ବୈଜୟନ୍ତି ସାହୁ, ବାସୁଦେବ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପକ ଅମୃତାନ୍ସ ମହାପାତ୍ର ସଂଯୋଜନା କରିଥିବାବେଳେ ଅଧାପକ ସୁଧାସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ଚାପମୁକ୍ତ ଶିକ୍ଷା ଅନ୍ତର୍ନିହିତ ଗୁଣ ପ୍ରକାଶ କରିବା ସୁଯୋଗ ସୃଷ୍ଟି କରେ

**ବରଗଡ଼, ୧୩।୧(ସମିସ)**

ଛାତ୍ରଛାତ୍ରୀଙ୍କୁ ଚାପମୁକ୍ତ ରଖିବା ଉଚିତ। ନିଜ ରୁଚି ଓ ଆଗ୍ରହ ମୁତାବକ ଯଦି ଶିକ୍ଷା ଦିଆଯାଏ ତାହେଲେ ସେହି ଛାତ୍ର ବା ଛାତ୍ରୀର ଅନ୍ତର୍ନିହିତ ଗୁଣାବଳୀ ପରିପ୍ରକାଶ ପାଇଁ ସୁଯୋଗ ସୃଷ୍ଟି କରେ ବୋଲି ରାଣାପ୍ରତାପ ସ୍କୁଲରେ ଶିକ୍ଷକ ଅଭିଭାବକ ସଂଘ ବୈଠକରେ ମତପ୍ରକାଶ ପାଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଅଭିବୃଦ୍ଧି, ସମାପ୍ତିସୂଚକ ଆକଳନ, ଉପଲବ୍ଧି, ଉପସ୍ଥାପନ, ମାନସିକଚାପ ଓ ଦୂରୀକରଣ ଉପାୟ, ବୃଦ୍ଧି ନିର୍ଦ୍ଧାରଣ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ, ଶିଶୁଯୌନ ଅପରାଧ ସୁରକ୍ଷା ଆଇନ ଏବଂ ସ୍କୁଲ ସୁରକ୍ଷା ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକରେ ଅଭିଭାବକମାନେ ଉପସ୍ଥିତ ରହି ୫-ଟି ସ୍କୁଲ ରୂପାନ୍ତରଣ ଓ ମୋ ସ୍କୁଲ ଅଭିଯାନର ସଫଳ ରୂପାୟନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ନୂତନ ଭାବେ ଯୋଗଦାନ କରିଥିବା ଶିକ୍ଷୟିତ୍ରୀ ଦୀପିକା କୁଲୁ ଓ ଜ୍ୟୋତି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ବରପାଲି କଲେଜରେ 'ନୂଆ- ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା



**ବରପାଲି, ୧୩।୧(ସମିସ):** ବରପାଲି ମହାବିଦ୍ୟାଳୟ ପରିସରରେ 'ନୂଆ- ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ପର୍ବର ଉଦଘାଟନୀ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶ୍ରୀ ଜୟନ୍ତୀ ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ସାହିତ୍ୟର ଉପଯୋଗିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାପିକା ମମତା ସାହୁ, ପ୍ରଧାପକ ସୁଶୀଳ ଶତପଥୀ, ଅଧ୍ୟାପକ ଧୀରୋଜ କୁମାର ତ୍ରିପାଠୀ ପ୍ରମୁଖ ନିଜର ସତଶିକ୍ଷା ମୂଳକ ଉକ୍ତି ମାନ ଉପସ୍ଥାପନ କରିଥିଲେ। ଅଧ୍ୟାପକ ଉତ୍ତର କୁମାର ଗଡ଼ତିଆ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅଲେଖ ମହାନନ୍ଦ। ସ୍ୱାଗତ ସଙ୍ଗୀତ ଗାନ ଛାତ୍ରି ବିନୋଦିନୀ, ଶୁଭଶ୍ରୀ, ସନ୍ଧ୍ୟା ଗାନ କରିଥିଲେ। ଅଧ୍ୟାପକ ଅରୁଣ କୁମାର ବାରିକ, ଅଧ୍ୟାପକ ବିଶ୍ୱନାଥ ସାହୁ, ଡ. ସସ୍ମିତା ପ୍ରଧାନ, ଦେବାଙ୍ଗିନି ସାହୁ, ଗଣେଶ ପ୍ରସାଦ ମିଶ୍ର, ଭକ୍ତବନ୍ଧୁ ପଧାନ, ବୃନ୍ଦାବନ ସାହୁ, ସୀମାଞ୍ଚଳ ପ୍ରଧାନ, ବାଳକୃଷ୍ଣ ପଟେଲ, ସମ୍ରନ ଗହୀର ଏବଂ ଶିଖା ବାରିକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଏହି ଅବସରରେ ଭାଷା ଓ ସଂସ୍କୃତି ସମ୍ପର୍କିତ ଓଡ଼ିଆ ହସ୍ତାକ୍ଷର ପ୍ରତିଯୋଗିତା ଓ କବିତା ଲିଖନ ବିଷୟକୁ ନେଇ ପ୍ରତିଯୋଗିତା ମାନ ଆୟୋଜିତ ହୋଇଥିଲା।

# ଗ୍ରାମାଞ୍ଚଳରେ ଅର୍ପଣ ରଥ ପରିକ୍ରମା

**ବରପାଲି, ୧୩।୧(ସମିସ)**

ବରପାଲି ବ୍ଲକ ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ଜୟ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କରୁଛି। ଶନିବାର ଡିଲେଇମାଲ ପଞ୍ଚାୟତ ସହ ବାରଗୁଡ଼ା, କାଇଁଶିର ବରମକେଲା, କନବାର ପଞ୍ଚାୟତର ଗ୍ରାମ ପରିକ୍ରମା ପର୍ବ ଆଗେଇଥିଲା। ଡିଲେଇମାଲ ପଞ୍ଚାୟତ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ ପରେ ସରପଞ୍ଚ ସରୋଜିନୀ ମିଶ୍ରଙ୍କ ନେତୃତ୍ୱରେ ରଥ ପରିକ୍ରମା ପର୍ବ ଆରମ୍ଭ ହୋଇଥିଲା। ଏହି ଅବସରରେ ଅତିଥି ଭାବରେ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁ, ବ୍ଲକ ଅଧ୍ୟକ୍ଷା ରିନା ଅଇଡ, ବିଡିଓ ପ୍ରସନ୍ନ ପାଣ୍ଡେ, ସମିତିସଭ୍ୟା ଭ୍ରମରାବତୀ ପୋଡ଼, ଜିଲ୍ଲାପରିଷଦ ସଦସ୍ୟ ଅନନ୍ତ ସେଠ, ସସ୍ମିତା ପୋଡ଼, ରାଧେଶ୍ୟାମ ମିଶ୍ର, ଗୋପାଳ ଭୋଇ ତଥା ପଞ୍ଚାୟତର ବରିଷ୍ଠ ବ୍ୟକ୍ତି ମାନେ ପରିକ୍ରମାରେ ସାମିଲ ହୋଇ ଗ୍ରାମ ମାନଙ୍କର ଦାଣ୍ଡରେ ବୁଲିଥିଲେ। ଶହ ଶହ ମହିଳା ପୁରୁଷ ଭକ୍ତଙ୍କ ଦ୍ୱାରା ହରିବୋଲ ହୁଳହୁଳି, ଶଙ୍ଖ ଧ୍ୱନି, ଜୟ ଜଗନ୍ନାଥ ଧ୍ୱନିରେ ସ୍ଥାନଟି ପ୍ରକମ୍ପିତ ହୋଇଥିଲା ଓ ସେହିପରି ବାରଗୁଡ଼ା ପଞ୍ଚାୟତରେ ସରପଞ୍ଚ ମଧୁମତି ଲୁହାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆଗେଇଥିଲା। ଅତିଥି ଭାବରେ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁ, ବିଡିଓ ପ୍ରସନ୍ନ ପାଣ୍ଡେ, ଜିଲ୍ଲାପରିଷଦ ସଦସ୍ୟ ଅନନ୍ତ ସେଠ, ମଧୁ ପଧାନ ପ୍ରମୁଖଙ୍କ ସହ ପୁରୁଷ ଓ ମହିଳା ଭକ୍ତ ମାଷଙ୍କ ଗହଣରେ ରଥ ପରିକ୍ରମା ଶୋଭାଯାତ୍ରା ବାହାରି ଗ୍ରାମ ମାନଙ୍କରେ ବୁଲିଥିଲା ଓ ଅତିଥି ମାନେ ପ୍ରତି ଗ୍ରାମରେ ଘରକୁ ଘର ବୁଲି ଭକ୍ତ ମାନଙ୍କ ନିକଟରୁ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ।



# ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ'

**ପଦ୍ମପୁର, ୧୩।୧ (ସମିସ):** ପଦ୍ମପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ- ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସାମାଜିକ ବିଭାଗର ଉଦ୍‌ଯାପନୀ ଉତ୍ସବ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ସମାଜସେବୀ ନିରୋଜ ଦୋରା, ସମ୍ମାନିତ ଅତିଥି ଅଗ୍ନିଶମ ବିଭାଗ ଅଧିକାରୀ ବେଦବ୍ୟାସ ପିଙ୍ଗ ଓ ମୁଖ୍ୟବକ୍ତା ରାଜବୋଡ଼ାସମ୍ବର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦ୍ରମଣି ନାଗ ଯୋଗ ଦେଇଥିଲେ।ସାମାଜିକ କାର୍ଯ୍ୟକ୍ରମର ନୋଡାଲ ଅଫିସର କୃଷ୍ଣଚନ୍ଦ୍ର ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ବିବରଣୀ ଉପସ୍ଥାପନ କରିଥିଲେ। ନୁଆଁ-ଓ ନୋଡାଲ ଅଫିସର ପ୍ରାଧ୍ୟାପିକା ସସ୍ମିତା ସାହୁ ମାନବ ସେବା ହିଁ ମାଧବ ସେବା ପ୍ରସଙ୍ଗରେ ସାରଗର୍ଭକ ବକ୍ତବ୍ୟ ଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସମାଜସେବୀ ନିରୋଜ ଦୋରାଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ବିଭାଗର ନୋଡାଲ ଅଫିସର ପ୍ରାଧ୍ୟାପିକା ମମତା ସାହୁ ମାନପତ୍ର ପଠନ କରିଥିଲେ। ଅଧ୍ୟାପିକା ଅମିତା ପତି ଓ ସାମାଜିକ କାର୍ଯ୍ୟକ୍ରମର ସହଯୋଗୀ ନୋଡାଲ ଅଫିସର ଆଭାମୟୀ ଶତପଥୀ ମଞ୍ଚ ପରିଚାଳନା କରିଥିଲେ।

# 'ନୂଆ-ଓ' କାର୍ଯ୍ୟକ୍ରମ

**ଥୁଆପାଲି, ୧୩।୧(ସମିସ) :** ବରଗଡ଼ ଜିଲ୍ଲା ରେମଣ୍ଡା ଡିଗ୍ରୀ ମହାବିଦ୍ୟାଳୟ ଠାରେ ନୂଆ-ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶାର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ବଲରାମ ସାହୁ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା ବିଜୁ ଜନତାଦଳ ର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଜନକୀ କୁମ୍ଭାର ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ରେମଣ୍ଡା ସରପଞ୍ଚ ଉଦ୍ଧବ ବାରିକ, ସମିତି ସଭ୍ୟା ଟିଂକି ସେଠ ଓ ରେମଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷ ସନ୍ତୋଷ କୁମାର ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀମତୀ ଛୁରିଆ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ଏହି ଉତ୍ସବରେ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଓ ମଞ୍ଚ ପରିଚାଳନା କରିଥିଲେ ଡିଇଓ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ସର୍ବଭାରତୀୟ ବୋଡାସମ୍ବର କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ପଦ୍ମପୁର, ୧୩।୧ (ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡ଼ିଆ ଠାରେ ୨୮ ତମ ସର୍ବଭାରତୀୟ ବୋରା ସମ୍ବର କ୍ରିକେଟ କପ ଆଜିଠାରୁ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟିତ ହୋଇଯାଇଛି। ଆଜିର ଉଦଘାଟନୀ ଦିବସରେ ମୁଖ୍ୟଅତିଥି ଭାବରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସମ୍ମାନିତ ଅତିଥି ରାଜବୋଡାସମ୍ବର ବ୍ଲକ ଅଧ୍ୟକ୍ଷ ରଞ୍ଜିତ ସିଂ ବରିହା, ପାଇକମାଳ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ପଦ୍ମପୁର ଏନ୍ ଏ ସି ଅଧ୍ୟକ୍ଷା ସାବିତ୍ରୀ ବାଗ, ଝାରବନ୍ଧ ବ୍ଲକ ଅଧ୍ୟକ୍ଷା ଲିପ୍ସା ପ୍ରଧାନ ଶୁଭ ଉଦଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟ ଉଦଘାଟନୀର ପ୍ରଥମ ମ୍ୟାଚ ରେ ଆଜି ବୋଡାସମ୍ବର ସ୍ପୋଟିଙ୍ଗ ଓ ରାଉରକେଲା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଦଳ ପ୍ରଥମେ ଟସ ଜିଣି ନିର୍ଦ୍ଧାରିତ ୨୫ ଓଭରରେ ୪ ଉଇକେଟ ବିନିମୟରେ ୨୨୨ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅଙ୍କିତ ସିଂ ୯୯(୭୨)ରନ କରିଥିଲେ। ଜବାବରେ ବୋରା ସମ୍ବର ସ୍ପୋଟିଙ୍ଗ ଦଳ ୨୫ ଓଭରରେ ୭ ୱିକେଟ ରେ ମାତ୍ର ୧୪୫ରନ ସଂଗ୍ରହ କରିଥିଲେ ଫଳରେ ୭୭ ରନରେ ରାଉରକେଲା ଦଳ ବିଜୟୀ ହୋଇଥିଲେ। ପ୍ରଥମ ମ୍ୟାଚର ଉଦଯାପିତ ଦିବସରେ ଅତିଥି ଭାବରେ ପଦ୍ମପୁର ସାମ୍ବାଦିକ ସଙ୍ଘ ର ପ୍ରଦୀପ୍ତ ଦାଶ, ବିଜୟ କୁମାର ସାହୁ, ଗୋପବନ୍ଧୁ ସିକା ଓ ନୀଳକଣ୍ଠ ଦୀପ, ଆଦର୍ଶ ନାଥ ଓ ପ୍ରସନ୍ନ ମହାନନ୍ଦ ପ୍ରମୁଖ ଯୋଗଦାନ ଦେଇ ମ୍ୟାନ୍ ଅଫଦି ମ୍ୟାଚ ଭାବରେ ରାଉରକେଲା ଦଳର ଅଙ୍କିତ ସିଂଙ୍କୁ ପୁରସ୍କୃତ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନ ର ମ୍ୟାଚ ସେଲ ରାଞ୍ଚି ଓ ଆର୍ ଉଆଇ ସିସି ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ। ଜାନୁୟାରୀ ୨୧ ତାରିଖ ରବିବାର ଦିନ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଆଜିର ପ୍ରଥମ ଦିନ ର ମ୍ୟାଚ କୁ ଅମ୍ପାୟାର ଚୂଡାମଣୀ ପାଢ଼ୀ ଓ ଅନିଲ ଦାଶ ପରିଚାଳନା କରିଥିବା ବେଳେ ସ୍କୋରର ଅମରେଶ ବେହେରା, ରିଙ୍କୁ ବରିହା ଓ ଦିବ୍ୟ ପଣ୍ଡା, ରୋହିଣି ପାଣ୍ଡେ, ଏସ୍ ଜୟକିସନ, କୁମାର ଆନନ୍ଦ ପ୍ରମୁଖ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ।



# ଖୁଜେନ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ

**ପଦ୍ମପୁର, ୧୩।୧ (ସମିସ):** ରାଜବୋଡା ସମ୍ବର ବ୍ଲକ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ପ୍ରଧାନ ଶିକ୍ଷକ ମାଧବ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ଶୈକ୍ଷିକ ଅଭିବୃଦ୍ଧି, ସମାପ୍ତିସୂଚକ ଆକଳନ-୧ର ଉପଲବଧିକୁ ଅଭିଭାବକଙ୍କ ନିକଟରେ ଉପସ୍ଥାପନ ଓ ବାର୍ଷିକ ପରୀକ୍ଷା ୨୦୨୪ ପାଇଁ ପ୍ରସ୍ତୁତି, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଭୂମିକା, ପିଲାମାନଙ୍କର ମାନସିକ ଚାପ ଓ ଏହାର ଦୂରୀକରଣ, ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଦକ୍ଷତା ହାସଲ କରିବାରେ ପିତାମାତାଙ୍କ ଭୂମିକା, ବିଦ୍ୟାଳୟ ସୁରକ୍ଷା ନିୟମାବଳୀ-୨୦୧୬ ଗଠନମୂଳକ ପ୍ରସ୍ତାବ ସମ୍ବନ୍ଧରେ ଆଲୋଚନା କରାଯାଇ ଥିଲା।ଅଭିଭାବକମାନଙ୍କ ଠାରୁ ବିଦ୍ୟାଳୟ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ମତାମତ ସଂଗ୍ରହ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ସାବିତ୍ରୀ ଧରୁଆ ସ୍ୱାଗତ କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଗଞ୍ଜେଇ ଚାଲାଣ, ମହିଳାଙ୍କ ସମେତ ୪ ଗିରଫ

**ଝାରବନ୍ଧ, ୧୩।୧(ସମିସ):** ଜଗଦଲପୁର ଥାନା ଅଧିନରେ ଥିବା ପଦ୍ମପୁର ବସନା ରାସ୍ତାରେ ବ୍ୟାପକ ପରିମାଣର ନିଶାଦ୍ରବ୍ୟ ଚୋରାଚାଲାଣ ଖବରପାଇ ଜଗଦଲପୁର ପୋଲିସ ଛତିଶଗଡ଼ ସୀମାନ୍ତ ଶିକାରିପାଲି ଛକ ଠାରେ ନାକାବନ୍ଦୀ କରିଥିଲା। ସନ୍ଦେହରେ ଥିବା ଏକ କାର ଓ ପଲସର ବାଇକକୁ ଅଟକ ରଖି ତଲାସ୍ କରିଥିଲା। ସେଥିରୁ ୨୫କେଜି ୧୨୫ଗ୍ରାମ ଗଞ୍ଜେଇ ରହିଥିଲା। ଗାଡ଼ି, ବାଇକ, ଗଞ୍ଜେଇ ଜବତ କରିବା ସହ ଚୋରା ବ୍ୟବସାୟରେ ଲିପ୍ତ ଥିବା ଜଗଦଲପୁର ଥାନା ଅଧିନସ୍ଥ ବିଦେଶକୋନା ଗ୍ରାମର ଟିକେଶ୍ୱର ରାବଣ, କାର୍ତ୍ତିକ ଖର୍ସେଲ, ବୁର୍ଲା ଥାନା ଅଧିନସ୍ଥ ବିଜୟମୁଣ୍ଡା ଗ୍ରାମର ମନୋଜ ସୁନା, ଛତିଶଗଡ଼ ରାଜ୍ୟ ରାୟଗଡ଼ା ଜିଲ୍ଲା ଖରସିଆ ଥାନା ଅର୍ରା ଗ୍ରାମର ନିଶା କେଓଟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ଚତୁର୍ଥ ଅଭିଭାବକ-ଶିକ୍ଷକ ସମ୍ମିଳନୀ

**ପଦ୍ମପୁର, ୧୩।୧(ସମିସ):** ପଦ୍ମପୁର ଉପଖଣ୍ଡ ପୁରେନା ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ରେଣୁଧର ସାହୁଙ୍କ ସଭାପତିତ୍ୱରେ ଚତୁର୍ଥ ଅଭିଭାବକ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୫୦ ଜଣ ଅଭିଭାବକ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ପ୍ରମୋଦ ନାଗ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭୁମନ୍ୟୁ ସାହୁ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ନନ୍ଦିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମପରାୟଣାଙ୍କ ପରଲୋକ

**ପଦ୍ମପୁର, ୧୩।୧ (ସମିସ):** ପଦ୍ମପୁର ନିକଟସ୍ଥ ବରିକେଲ ନିବାସୀ ସ୍ୱର୍ଗତ ଅଭିମନ୍ୟୁ ବନଛୋରଙ୍କ ଧର୍ମପତ୍ନୀ ଯଶୋଦା ବନଛୋରଙ୍କ (୭୪) ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା, ପରୋପକାରୀ, ସରଳ ଓ ସହଯୋଗୀ ମହିଳା ଥିଲେ। ସେ ତାଙ୍କ ପଛରେ ପୁତ୍ର କାନ୍ତିଲାଲ ଓ ମୁରଲୀ, ବୋହୂ ଓ ନାତିନାତୁଣୀମାନଙ୍କୁ ଛାଡି ଯାଇଛନ୍ତି। ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ପୁଅ ଶିକ୍ଷକ ମୋହନ ବନଛୋର ମୁଖାଗ୍ନି ଦେଇଥିଲେ।

# ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ

**ବରଗଡ଼, ୧୩।୧(ସମିସ):** ସ୍ଥାନୀୟ ବିକାଶ ସେବାଶ୍ରମ ସ୍କୁଲ ପ୍ରକୋଷ୍ଠ ରେ ସ୍ୱାମୀ ବିବକାନନ୍ଦଙ୍କ ଜୟନ୍ତୀ ଅଧ୍ୟକ୍ଷ ଡ. ଡୋଳାମଣି ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଚିତ୍ରସେନ ଶତପଥୀ ଅଧ୍ୟକ୍ଷ ବିକାଶ ଆଇ. ଟି.ଆଇ, ପ୍ରଶିକ୍ଷକ ଦୀପକ କୁମାର ହୋତା ସମ୍ମାନିତ ଅତିଥି ଭାବରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ଅଭିପ୍ସା ମହାନନ୍ଦ ସଭା କାର୍ଯ୍ୟ ପରିଚାଳନା ସହ ଶ୍ରୀରଙ୍ଗା ତାଣ୍ଡି, ଶ୍ରୀୟା ଭୋଇ, ସୌରଭ ଭୋଇ, ଆକାଶ ପ୍ରଭୃତି ଛାତ୍ରମାନେ ସ୍ୱାମୀ ବିବେକାନନ୍ଦଙ୍କ ସ୍ମୃତି ଚାରଣ କରିଥିଲେ। ଏଥିରେ ସମସ୍ତ ବିକାଶ ସେବାଶ୍ରମ ବରଗଡ଼ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। ଶିକ୍ଷକ ନିଶିଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡିଆ ଭାଷା ପ୍ରତିଯୋଗିତା

**ପାଇକମାଳ, ୧୩।୧ (ସମିସ) :** ପାଇକମାଳ ବ୍ଲକ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡିଆ ଭାଷା ଓ ସାହିତ୍ୟ ଭିତ୍ତିକ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନ ଏହି ପ୍ରତିଯୋଗିତା କୁ ଉଦଘାଟନ କରିବା ସହ ସଭାରେ ସଭାପତିତ୍ୱ କରିଥିଲେ। ନୋଡାଲ ଅଫିସର ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପିକା ରଞ୍ଜିତା ମହାନ୍ତି ସଭା ପରିଚାଳନା ସହ ସହ ପ୍ରତିଯୋଗିତାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଇତିହାସ ବିଭାଗର ଅଧ୍ୟାପକ ମୀନ କେତନ ବେହେରା ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ସବିତା ଭୋଇ ଧନ୍ୟବାଦ ଦେଇଥିଲେ।

# ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ପ୍ରସ୍ତୁତି ବୈଠକ

**ପଦ୍ମପୁର, ୧୩।୧ (ସମିସ):** ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପେକ୍ଷୀରେ ନୂଆ-ଓ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାର ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଆୟୋଜନ କରିଛନ୍ତି। ତାର ପ୍ରସ୍ତୁତି ପାଇଁ ଏକ ବୈଠକ ମହିଳା ?ଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ପ୍ରତିଯୋଗୀତାର ଆୟୋଜନ ସମ୍ପର୍କରେ ବିଷଦ ଆଲୋଚନା ହୋଇଥିଲା। କୁନ୍ତଳା ସାହୁ, ଲୋପାମୁଦ୍ରା ନାୟକ, ସରିତାରାଣୀ ପ୍ରଧାନ, ସୋନିଆ ମେହେର, ପଦ୍ମିନୀ ପ୍ରଧାନ, ଅନିଳ ପୁରୋହିତ, ଧୀରେନ୍ଦ୍ର ବର୍ଗେ, ରବି ଅମରୀ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ସାହିତ୍ୟ ପ୍ରତିଯୋଗିତା

**ପାଇକମାଳ, ୧୩।୧ (ସମିସ) :** ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟରେ 'ବିଶ୍ୱ ଓଡ଼ିଆ ଭାଷାସମ୍ମିଳନୀ' ଏବଂ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ 'ନୂଆ-ଓ' ପକ୍ଷରୁ ବିଭିନ୍ନ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଜି ଭଜନ ଗାନ, ବକ୍ତୃତା ପ୍ରତିଯୋଗିତା ଓ ପ୍ରବନ୍ଧ ଲିଖନ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି ସବୁ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ସେହିପରି ପ୍ରଥମ ଦିବସରେ କବିତା ଲିଖନ, ଓଡିଆ ହସ୍ତାକ୍ଷର ପ୍ରତିଯୋଗିତା ଓ ଓଡିଆ ସ୍ଲୋଗାନ ଲିଖନ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

**ରାଷ୍ଟ୍ରୀୟ ଯୁବ ଦିବସ**

# ଯୁବ ସମାଜ ଉଚିତ ମାର୍ଗରେ ପରିଚାଳିତ ହୁଅନ୍ତୁ

**ବରଗଡ଼/ଝାରବନ୍ଧ/ପାଇକମାଳ/ବରପାଲି/ ଗାଇସିଲେଟ/ ପଦ୍ମପୁର, ୧୩।୧(ସମିସ)**

ସ୍ୱାମୀ ବିବେକାନନ୍ଦ ଯୁବବର୍ଗଙ୍କ ମନୋବଳ ବଢ଼ାଇବା ପାଇ ନିରନ୍ତର ପ୍ରୟାସ କରୁଥିଲେ ବୋଲି ବରଗଡ଼ ରାଣାପ୍ରତାପ ସ୍କୁଲ ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ଓ ସ୍ୱାମୀ ବିବେକାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଶିଷ୍ଟ ବକ୍ତାଗଣ ମତପ୍ରକାଶ କରିଛନ୍ତି। ସଂସଦର ସଭାନେତ୍ରୀ ଛାତ୍ରୀ ରେଣୁକା ଭୋଇଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକଭାବେ ବିଶିଷ୍ଟ ଶିଶୁ ସାହିତ୍ୟକ ଡ.ରବିନାରାୟଣ ସାହୁ ଯୋଗ ଦେଇଥିଲେ। ଅନ୍ୟତମ ଆଲୋଚକ ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ ଯୋଗ ଦେଇଥିଲେ। ସାହିତ୍ୟ ସଂସଦର ସମ୍ପାଦିକା ଛାତ୍ରୀ ଅଶ୍ଳେଷା ମହାନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଉପଦେଷ୍ଟା ପ୍ରଧାନଶିକ୍ଷକ ସୁଦୀପ ରଥ ଆଲୋଚନାର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ନିଳୀମା ପ୍ରଧାନ, ଗୀତା ଜାଲ. ଦୀପିକା କୁଲୁ, ସୁନୀତା ମିଶ୍ର, ଜ୍ୟୋତି ବେହେରା, ତପସ୍ୱିନୀ ତ୍ରିପାଠୀ, ବବିତା ନାଏକ, ଜ୍ୟୋସ୍ନା ତ୍ରିପାଠୀ ଅଂଶଗ୍ରହଣ କରିଥିଲେ। ସଭାନେତ୍ରୀ ଛାତ୍ରୀ ରେଣୁକା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା କବିତା ଆବୃତି ତଥା ଜାତୀୟ ଯୁବ ଦିବସର ମହତ୍ୱ ବିଷୟରେ ପ୍ରସଙ୍ଗ ଉପସ୍ଥାପନା କରାଯାଇଥିଲା। କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ରାଷ୍ଟ୍ରର ଭବିଷ୍ୟ ଗଠନରେ ଯୁବଗୋଷ୍ଠୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ ସାହୁ ଓ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ବିକାଶ ହାୟର୍ ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜର ରେଡ୍ ରିବନ୍ କ୍ଲବ୍ ଏବଂ ରାଷ୍ଟ୍ରୀୟ ସେବା ଯୋଜନାର ମିଳିତ ଉଦ୍ୟମରେ 'ଅଲ୍ ଇନ୍ ଦ ମାଇଣ୍ଡସ୍' ଶୀର୍ଷକ ସଂଗୋଷ୍ଠୀ ଆୟୋଜିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ବରିଷ୍ଠ ଇଂରାଜୀ ଅଧ୍ୟାପକ ତଥା କବି ପ୍ରଫେସର ସୁନୀଲ ଅଗସ୍ତୀ ଯୋଗ ଦେଇଥିଲେ। ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ର ତାଙ୍କ ସଂକ୍ଷିପ୍ତ ଅଭିଭାଷଣରେ ରେଡ୍ ରିବନ୍ କ୍ଲବକୁ ସାଧୁବାଦ ଜଣେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀ ସଂସ୍କୃତି ହୋତା ଏବଂ ଶାୟନା ଅଗ୍ରଓ୍ୱାଲ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ସଂକ୍ଷିପ୍ତ ଭାଷଣ ରଖିଥିଲେ। ଯୁଥ୍ ରେଡ୍ କ୍ରସ୍ ବିକାଶ ଡିଗ୍ରୀ କଲେଜର ଯୁଥ୍ ଅଫିସର ସୁରଜ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପିକା ଶତାବ୍ଦୀ ରାଏ ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ତରଫରୁ ପ୍ରଫେସର୍ ଅଗସ୍ତିଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରାଯାଇଥିଲା। ଛାତ୍ରୀ ଇଶିକା ଜୟସ୍ୱାଲ୍ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।




ବିକାଶ ଲ' ସ୍କୁଲରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ବିକାଶ ଲ' ସ୍କୁଲର ଅଧ୍ୟକ୍ଷ ବିକ୍ରମ କୁମାର ଦାସ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଂଯୋଜକ ଅଧ୍ୟାପକ ଶିବାନନ୍ଦ ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର୍ ଦାସ୍ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ 'ଦେଶ ଗଠନରେ ଯୁବ ସମାଜର ଭୂମିକା' ବିଷୟ ଉପରେ ଅନୁଷ୍ଠିତ ବିତର୍କ ପ୍ରତିଯୋଗିତରେ ଲ' ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ବିତର୍କ ପ୍ରତିଯୋଗିତାରେ ବିଏ ଏଲ୍ଏଲ୍‌ବି ଶେଷ ବର୍ଷର ଛାତ୍ରୀ ରାକ୍ଷୀ ପଧାନ ପ୍ରଥମ, ତୃତୀୟ ବର୍ଷର ଛାତ୍ର ସତ୍ୟମ ସାହୁ ଦ୍ୱିତୀୟ ଓ ଚତୁର୍ଥ ବର୍ଷର ଛାତ୍ରୀ ପ୍ରତ୍ୟାଶା ମିଶ୍ର ଓ ପ୍ରଥମ ବର୍ଷର ଛାତ୍ର ସାଇ ସୌମ୍ୟରଞ୍ଜନ୍ ଭୋଇ ମିଳିତ ଭାବରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିକାଶ ଗ୍ରୁପର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଉଚ୍ଚ ପ୍ରଶଂସା କରିଥିଲେ। ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ, ପ୍ରତାପ ସାହୁ, ଅଧ୍ୟାପିକା ରୋଜି ମେହେର, ସ୍ୱାଗତିକା ସାହୁ, ସୁଶୋଭିତା ଦାସ୍, ସାଗରିକା ବିଶ୍ୱାଳ ଓ ବିକାଶ ଲ' ସ୍କୁଲର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ଝାରବନ୍ଧ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରମୋଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରେଡକ୍ରସ କାଉନସିଲର ଚିନ୍ତାମଣି ମିଶ୍ର ସଂପାଦନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ସାନନ୍ଦ ସାହୁ ମୁଖ୍ୟଅତିଥି ଭାବରେ ଯୁବ ସମାଜ ଉଚିତ ମାର୍ଗରେ ପରିଚାଳିତ କରିବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପିକା ସରିତା ମିଶ୍ର ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ କାର୍ତ୍ତିକ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ମେଘନାଦ ସୁନା, ଅଧ୍ୟାପିକା ସଙ୍ଗୀତା ବରିହା, ଉମେଶ ସାହୁ, ଡୋଳାମଣି ବେହେରା ସହଯୋଗ କରିଥିଲେ। ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ପାଇକମାଳ ଜବାହର ନୋବଦୟ ବିଦ୍ୟାଳୟରେ ରାଷ୍ଟ୍ରୀୟ ଯୁବା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ଦ୍ୱାରା ପ୍ରାତଃ କାଳରେ ଯୋଗର ଆୟୋଜନ କରାଯାଇଥିଲା। ପରେ ଅନୁଷ୍ଠିତ ସଭାରେ ସ୍ୱାମୀ ବିବେକାନନ୍ଦ ତଥା ରାଷ୍ଟ୍ରୀୟ ଯୁବା ଦିବସ ଉପରେ ସାରଗର୍ଭକ ଆଲୋଚନା ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକଶିକ୍ଷୟତ୍ରୀ ତଥା ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ମାରାଥନ ଦୌଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ସହ ଅଧ୍ୟକ୍ଷ ଅରବିନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବରପାଲି ବ୍ଲକ୍ କଦଲୀପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ପଦ୍ମିନୀ ଦାଶ ସଭାପତିତ୍ୱ କରିଥିଲେ। ରେଡକ୍ରସ୍ କାଉନସିଲର ଅଧ୍ୟାପକ ଯତୀନ୍ଦ୍ର ସାହୁଙ୍କ ସଂଯୋଜନାରେ ପରିଚାଳିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସୁଧାଂଶୁ ଦାଶ ଯୋଗ ଦେଇଥିଲେ। ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ମିଳିତ ଉଦ୍ୟମରେ ମହାବିଦ୍ୟାଳୟ ସମ୍ମୁଖ ସଫେଇ କରାଯିବା ସହ ଏକ ସଚେତନତା ସଭାରେ ଅତିଥିମାନେ ଦିଗଦର୍ଶନ ଦେଇଥିଲେ। ରେଡକ୍ରସ୍ ସହଯୋଗୀ କାଉନସିଲର ଅଧ୍ୟାପିକା ନିଳୀମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ନେପାଳ ବିଶ୍ୱାଳ, ଅଧ୍ୟାପିକା ପିଙ୍କି ବାରିକ, ଜ୍ୟୋତି ସାହୁ, ମନ୍ଦାକିନୀ ମେହେର, ମନିଷା ଭୋଇ, ପୁନମ ସାହୁ, ଶୋଭାବତୀ ଥପା, ପରିଣିତା ପଧାନ ସହକର୍ମୀ ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ସାମିଲ ହୋଇଥିଲେ।

ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ ସାହୁ, ସମ୍ମାନିତ ଅତିଥି ଭାବରେ ପ୍ରାଧ୍ୟାପକ ଅର୍ଜୁନ ମହାନ୍ତି, ଉମାକାନ୍ତ ସାହୁ, ମୁଖ୍ୟବକ୍ତା ଭାବରେ ପ୍ରାଧ୍ୟାପକ ପ୍ରଦୀପ ପଧାନ ଯୋଗ ଦେଇଥିଲେ। ଯୁବ ରେଡକ୍ରସ କାଉନସିଲର ପ୍ରାଧ୍ୟାପକ ନାରାୟଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ହେମନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସୁଶ୍ରୀ ସଙ୍ଘମିତ୍ରା ସାହୁ ମଞ୍ଚ ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସୁଶ୍ରୀ ପିଙ୍କି ରଥ ଧନ୍ୟବାଦ ଦେଇଥିଲେ।

ଜମଲା ଡିଗ୍ରୀ କଲେଜ ଯୁଥ ରେଡକ୍ରସ ତରଫରୁ କଲେଜର ଅଧ୍ୟକ୍ଷ ଡ. ସ୍ୱାଧୀନଚନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟାପିକା ସୁରେଖା ଭୁଏ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଯୁଥ ରେଡକ୍ରସ ଅଧିକାରୀ ଅଧ୍ୟାପକ ସଦାନନ୍ଦ ସେଠ ମାର୍ଗଦର୍ଶନ ଦେଇଥିଲେ। ଅଧ୍ୟାପକ ଅଭିଳାଶ ମିଶ୍ର, ଫରେନ୍ଦ୍ର କୁମାର ସାହୁ ସହ ସମସ୍ତ ଅଧ୍ୟାପକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟାପକ ଅଞ୍ଜନ ସାଗର ଧନ୍ୟବାଦ ଅର୍ପଣ କରିଥିଲେ।

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏନସିସି, ଏନଏସଏସ, ଯୁବ ରେଡକ୍ରସ ଓ ରେଡ ରିବନ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳନର ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷ ଲଲିତ ମୋହନ ପଣ୍ଡା ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପକ ଖଗେଶ୍ୱର ଦାଶ ବିବେକାନନ୍ଦଙ୍କ ଆଦର୍ଶକୁ ଯୁବଶକ୍ତି ଗ୍ରହଣ କରି ଦେଶର ଉନ୍ନତି କରିବାକୁ ମାର୍ଗଦର୍ଶନ ଦେଇଥିଲେ। ଏ ପରିପ୍ରେକ୍ଷୀରେ ଏକ ତର୍କ ପ୍ରତିଯୋଗୀତା ହୋଇଥିଲା। କୃତୀ ପ୍ରତିଯୋଗୀ ମୁକେଶ ଯାଦବ, କିରଣ ବାଗ, ମନୀଷା ଖମାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁଥ ରେଡକ୍ରସ କାଉନସିଲର ପ୍ରମୋଦ ପାଣିଗ୍ରାହୀ, ଏନଏସଏସ ପୋଗ୍ରାମ ଅଫିସର ସଞ୍ଜୟ ଟିଗ୍ଗା, ଏନସିସି ପୋଗ୍ରାମ ଅଫିସର ଜୟକୁମାର ଭୁଏ, ପ୍ରାଧ୍ୟାପକ ପ୍ରଭାତ ମହାପାତ୍ର, ଅଧ୍ୟାପିକା ବୁନି ସାହୁ, ତୋଷବନ୍ତ ବାରିକ, ବାଳଗୋପାଳ ମେହେର, ମୋନାଲିସା ସ୍ୱାଇଁ,ପ୍ରଶାନ୍ତ ସିଦାର,ସୁରେଶ୍ୱରୀ ପାଣ୍ଡେ,ଦୟାନିଧି ବଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୟ ଟିଗ୍ଗା ଧନ୍ୟବାଦ ଦେଇଥିଲେ।

# କାଳଜୟୀ ସ୍ରଷ୍ଟା ଫକୀରମୋହନ



ଡକ୍ଟର ଅରବିନ୍ଦ ଗିରି

ଓଡ଼ିଆ ଭାଷା ସାହିତ୍ୟର ରକ୍ଷକ, କଥା ସମ୍ରାଟ ବ୍ୟାସକବି ଫକୀରମୋହନ ସେନାପତି ଯେତେ ଯେତେ ପୁରୁଣା ହେଉଥିବେ, ତାଙ୍କର ସାରସ୍ୱତ ସୃଷ୍ଟି ତଥା ତାଙ୍କର ଘଟଣାବହୁଳ କର୍ମମୟ ଜୀବନ ପ୍ରତି ଏ ଜାତିର ଉତ୍ତରଦାୟାଦଙ୍କ ସେତେ ସତେ ଆଗ୍ରହ ବଢୁଥିବ। ଏ ଜାତି ପାଇଁ ତାଙ୍କର ଆବିର୍ଭାବ ଥିଲା ଏକ ଶୁଭାଶୀର୍ବାଦ। ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି, ଓଡ଼ିଆ ସାମାଜିକ ଜୀବନର ବିକାଶ ତଥା ଓଡ଼ିଆର ନିଜସ୍ୱ ପରିଚୟ ସୃଷ୍ଟି ପାଇଁ ଆଜୀବନ ସେ ସଂଗ୍ରାମ କରିଥିଲେ । ଘାତ ସଂଘାତମୟ ସମଗ୍ର ଜୀବନକାଳ ମଧ୍ୟରେ ସେ ଓଡ଼ିଆ ଭାଷା, ଓଡ଼ିଆ ଜାତୀୟ ଜୀବନର ବିକାଶ ପାଇଁ ଜୀବନକୁ ଉତ୍ସର୍ଗ କରିଥିଲେ।

ସେ ଥିଲେ ଏକାଧାରରେ କୃତୀ ଶିକ୍ଷକ, ପାଠ୍ୟପୁସ୍ତକ ରଚୟିତା, ପତ୍ରିକା ସମ୍ପାଦକ, ପ୍ରଶାସକ ତଥା ସାହିତ୍ୟ ସ୍ରଷ୍ଟା। ଜଣେ ବିଚକ୍ଷଣ ଧୀସମ୍ପନ୍ନ ବ୍ୟକ୍ତିତ୍ୱ ହିଁ ତାଙ୍କର ବହୁମୁଖୀ ଜୀବନର ପରିଚୟ। ଏ ଜାତି ପାଇଁ ସେ ଥିଲେ ଅନେକ କ୍ଷେତ୍ରରେ ପ୍ରଥମ ଆଦର୍ଶ। ପ୍ରଥମ ଶିକ୍ଷକ, ପ୍ରଥମ ପାଠ୍ୟପୁସ୍ତକ ରଚୟିତା ('ଜୀବନ ଚରିତ' ଅନୁବାଦ-୧୮୬୮) ପ୍ରଥମ ବ୍ୟାକରଣ, ପ୍ରଥମ ଇତିହାସ ପ୍ରଣେତା, ପ୍ରଥମ ସାମ୍ବାଦିକ, ପ୍ରଥମ ପ୍ରଶାସକ (ଦେୱାନ), ପ୍ରଥମ କଥାକାର, ପ୍ରଥମ ରମ୍ୟରଚନାକାର, ପ୍ରଥମ ଆତ୍ମଚରିତ ଲେଖକ।



ପାଠ୍ୟ ପୁସ୍ତକ ଅନୁବାଦ, ମୌଳିକ ପାଠ୍ୟ ପୁସ୍ତକ ରଚନା, ରାମାୟଣ, ମହାଭାରତ, ହରିବଂଶ, ଉପନିଷଦ, ଶ୍ରୀମଦ୍ ଭଗବତ୍ ଗୀତାର ଅନୁବାଦ, କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଓ ଜୀବନ ଚରିତ ଆଦି ରଚନା କରି ଉତ୍କଳ ଭାଷା ସାହିତ୍ୟକୁ ସମୃଦ୍ଧ କରିଥିଲେ। ମୌଳିକ ଚିନ୍ତା, ମୌଳିକ ସୃଷ୍ଟି, ଉତ୍କଳ ଜନଜୀବନର ବାସ୍ତବ ଚିତ୍ର, ଚରିତ୍ର ଓ ଭାଷାକୁ ସାଉଁଟି ଉତ୍କଳୀୟ ମର୍ଯ୍ୟାଦାରେ ଏପରି ପରିବେଷଣ କରିଥିଲେ, ଯେଉଁଥି ପାଇଁ ଏ ଜାତି ପାଖରେ ସେ ଚିର ନମସ୍ୟ ଓ ପୂଜ୍ୟ ହୋଇ ରହିଛନ୍ତି। ସେ ଥିଲେ ସର୍ବଧର୍ମ ସମନ୍ୱୟ ଭାବନାର ମୂର୍ତ୍ତିମନ୍ତ ପ୍ରତୀକ। ଏ ଜାତିର ଉତ୍ତରଦାୟାଦ ତାଙ୍କ ସାହିତ୍ୟ ପ୍ରତି ଯେତିକି ଆଗ୍ରହ ପ୍ରକାଶ କରୁଛନ୍ତି, ବିଶ୍ୱ ସାହିତ୍ୟ କ୍ଷେତ୍ରରେ ତାଙ୍କର ସାରସ୍ୱତ ଖ୍ୟାତି ସେତିକି ବଢ଼ି ବଢ଼ି ଚାଲିଛି।

କିଶୋର ଜୀବନରେ ଉତ୍କଳର ପ୍ରକୃତ ଅବସ୍ଥା ଦେଖି ସେ ଖୁବ୍ ବ୍ୟଥିତ ହୋଇଥିଲେ। ବୀରତ୍ୱ, ବାଣିଜ୍ୟପଟୁ, କଳାଭାସ୍କର୍ଯ୍ୟ ନିପୁଣ ଜାତି ରୂପେ ଯେଉଁ ଜାତି ଦିନେ ସମଗ୍ର ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିପାରିଥିଲା, ସେହି ଜାତି ମୋଗଲ, ମରହଟ୍ଟା, ଇଂରେଜ ଶାସନର ରଥଚକ ତଳେ ଦୀର୍ଘ ଦୁଇଶହ ବର୍ଷ ପେଶି ହୋଇ ଆତ୍ମପରିଚିତ ହରାଇ ବସିଲା। ଜାତିର ଅନ୍ତରରେ ପୁନର୍ଜୀବନ ସୃଷ୍ଟି ପାଇଁ ଏବଂ ଜାତୀୟ ଜୀବନର ସର୍ବବିଧ ବିକାଶ ପାଇଁ ସେ ନୂତନ ସ୍ୱପ୍ନ ଦେଖିଥିଲେ। ବାଲେଶ୍ୱରରେ ପି.ଏମ୍.ସେନାପତି ଏଣ୍ଡ କୋ-ଉତ୍କଳ ପ୍ରେସ୍ ପ୍ରତିଷ୍ଠା, ବୋଧଦାୟିନୀ ଓ ବାଲେଶ୍ୱର ସମ୍ବାଦ ବାହିକା ପ୍ରକାଶନ, ଓଡ଼ିଆ ପାଠ୍ୟ ପୁସ୍ତକ ରଚନା, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ। ଏଭଳି ଦେଶ ହିତକର କର୍ମରେ ତାଙ୍କୁ ସହଯୋଗ କରିଥିଲେ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, ଭୋଳାନାଥ ସାମନ୍ତରାୟ, ରାଜା ବୈକୁଣ୍ଠନାଥ ଦେ ଓ ଅନ୍ୟମାନେ । ଏଥିସହିତ କଟକରୁ ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ ପ୍ରକାଶିତ 'ଉତ୍କଳ ଦୀପିକା' ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ହୁଏତ ଫକୀରମୋହନ ନଥିଲେ ଓଡ଼ିଆ ଭାଷା ସାହିତ୍ୟ ଚକ୍ରାନ୍ତକାରୀ ବଙ୍ଗୀୟମାନଙ୍କ କବଳରୁ ମୁକ୍ତ ହୋଇ ପାରିନଥାନ୍ତା। ଏଥିପାଇଁ ଉତ୍କଳ ହିତୈଷୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରେମୀ ବାଲେଶ୍ୱରର ତତ୍କାଳୀନ କଲେକ୍ଟର ଓ ଜିଲ୍ଲା ମାଜିଷ୍ଟ୍ରେଟ୍, ଜନ୍ ବୀମସ୍ଙ୍କ ଅବଦାନ ଏ ଜାତି କେବେ ଭୁଲି ପାରିବ ନାହିଁ । ଓଡ଼ିଆ ଭାଷାର ପ୍ରାଚୀନତା ଓ ଏହାର ବ୍ୟାପକ ପ୍ରଚଳନ ବିଷୟରେ ତାଙ୍କର ଯୁକ୍ତିନିଷ୍ଠ ଆଲୋଚନା ଭାଷାକୁ ମୃତ୍ୟୁମୁଖରୁ ବଞ୍ଚେଇବାକୁ ସକ୍ଷମ ହୋଇଥିଲା।

ଫକୀରମୋହନଙ୍କ ପ୍ରକୃତ ସାରସ୍ୱତ ଜୀବନ ଆରମ୍ଭ ହୁଏ କର୍ମମୟ ଜୀବନରୁ ଅବସର ନେଲା ପରେ। ଦୀର୍ଘଜୀବନର ସାଉଁଟା ଅନୁଭୂତି, ଲୋକ ଚରିତ୍ର, ଲୋକ ପ୍ରଚଳିତ ଭାଷା ଓ ସାମାଜିକ ଜୀବନଧାରା ତାଙ୍କ ସାହିତ୍ୟରେ ପ୍ରତିଫଳିତ। ସମାଜର ନିଃସହାୟ, ଅସହାୟ ଓ ଅବହେଳିତ ମଣିଷ ତଥା ସେମାନଙ୍କ ଜୀବନଚିତ୍ରକୁ ସାହିତ୍ୟର ଉପାଦାନ ଭାବରେ ଗ୍ରହଣ କରି ପ୍ରଚଳିତ ପରମ୍ପରାକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦେଇଥିଲେ। ତାଙ୍କ ରଚିତ କୋଡ଼ିଏରୁ ଅଧିକ ଗଳ୍ପ, ଚାରୋଟି ଉପନ୍ୟାସ, ପ୍ରବନ୍ଧ ଓ ରମ୍ୟରଚନା ତଥା ଆତ୍ମଜୀବନୀ ହେଉଛି ତାଙ୍କ ସାରସ୍ୱତ ଜୀବନର ଚରମ ସାର୍ଥକତା। କାବ୍ୟ କବିତା, ଅନୁବାଦ ସାହିତ୍ୟରେ ମଧ୍ୟ ତାଙ୍କର ମୌଳିକ ଦକ୍ଷତା ସୁସ୍ପଷ୍ଟ। ସାମ୍ବାଦିକତା ଓ ସମ୍ପାଦନା କ୍ଷେତ୍ରରେ ତାଙ୍କର ନିର୍ଭୀକ ଓ ନିରପେକ୍ଷ ବ୍ୟକ୍ତିତ୍ୱଟି ସର୍ବଦା ଫୁଟିଉଠେ। କୌଣସି ପରିସ୍ଥିତିରେ ଜାତି ବା ଜାତି ଅନ୍ତର୍ଗତ ବ୍ୟକ୍ତିର ମର୍ଯ୍ୟାଦା ହାନି ନ ଘଟୁ, ସେଥିପ୍ରତି ସେ ସଜାଗ ରହୁଥିଲେ।

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ, ବାଲେଶ୍ୱରରେ ରାଧାନାଥ, ଭକ୍ତକବି ମଧୁସୂଦନ ଓ ଫକୀରମୋହନଙ୍କୁ ନେଇ ଯେଉଁ ତ୍ରିବେଣୀ ସଂଗମ ଘଟିଥିଲା, ସେଥିରେ ଫକୀରମୋହନ ଥିଲେ ମୁଖ୍ୟତଃ ସେନାପତି। ଯାହାଙ୍କ ମୁରବି ପଣିଆ ଓ ଲେଖନୀର ଶକ୍ତି ସମଗ୍ର ଓଡ଼ିଶାର ଜନମତକୁ ସୁସଂଗଠିତ ଓ ସଚେତନ କରିବାରେ ସହାୟକ ହୋଇଥିଲା। 'ରେବତୀ', 'ରାଣ୍ଡିପୁଅ ଅନନ୍ତା', 'ପେଟେଣ୍ଟ ମେଡିସିନ୍', 'ଡାକମୁନ୍‌ସୀ', 'କବିତ୍ୱ ବିସର୍ଜନ' ଭଳି ଗଳ୍ପର ସେ ସ୍ରଷ୍ଟା ହୋଇପାରିଥିଲେ। 'ଛ'ମାଣ ଆଠଗୁଣ୍ଠ', 'ମାମୁଁ', 'ପ୍ରାୟଶ୍ଚିତ', 'ଲଛମା' ଆଦି ଉପନ୍ୟାସ ରଚନା କରି ପରାଧୀନ ଓଡ଼ିଶାର ଦୁଇଶହ ବର୍ଷର ସାମାଜିକ ଜୀବନର ବାସ୍ତବ ଚିତ୍ରକୁ ସଫଳ ଭାବରେ ଉପସ୍ଥାପନ କରିପାରିଥିଲେ। ଜମିଦାରୀ ଓ ମରହଟ୍ଟା ଶାସନର ଶୋଷଣ ଓ ଶୋଷିତଙ୍କ କରୁଣ ଚିତ୍ର ଏଥିରେ ସୁସ୍ପଷ୍ଟ। ଏତଦ୍‌ଭିନ୍ନ ତତ୍କାଳୀନ ସମାଜର କୁସଂସ୍କାର, ଅନ୍ଧବିଶ୍ୱାସ, ନାରୀ ଶିକ୍ଷା ପ୍ରତି ବିମୁଖତା, ଆଧୁନିକ ଶିକ୍ଷାର କୁପରିଣାମ, ମଦ୍ୟପାନ,ବେଶ୍ୟାସକ୍ତ, ଉଚ୍ଛୃଙ୍ଖଳତା ସୁନ୍ଦର ଭାବରେ ଚିତ୍ରିତ। ରେବତୀ, ରାଣ୍ଡିପୁଅ ଅନନ୍ତା, ଗୋପାଳ, ଚନ୍ଦ୍ରମଣି, ରାମଚନ୍ଦ୍ର ମଙ୍ଗରାଜ, ଚମ୍ପା, ଗୋବରା ଜେନା, ନାଜର ନଟବର, ଶଙ୍କର୍ଷଣ, ବାଦଲ ସିଂହ, ଲଛମା, ସାରିଆ, ଭଗିଆ ଇତ୍ୟାଦି ଜଣେ ଜଣେ ପ୍ରତିନିଧି ସ୍ଥାନୀୟ ଚରିତ୍ର। ଫକୀରମୋହନଙ୍କ ସମଗ୍ର କଥା ସାହିତ୍ୟରେ ଓଡ଼ିଆ ସାମାଜିକ ଜୀବନର ବିପର୍ଯ୍ୟୟ ଓ ସାମନ୍ତବାଦୀ ସଭ୍ୟତାର ଅଧଃପତନର ଚିତ୍ର ସୁସ୍ପଷ୍ଟ।

ବାସ୍ତବିକ ଫକୀରମୋହନ ଥିଲେ ସମକାଳୀନ ସଚେତନ ଶିଳ୍ପୀ। ବିଷୟବସ୍ତୁ ନିର୍ବାଚନ ସହିତ ଚରିତ୍ର ତଥା ଚରିତ୍ର ମୁଖରୁଚି ଭାଷା ସଂଯୋଜନା ତାଙ୍କ କଳା ନିପୁଣତାର ନିଦର୍ଶନ। ଏହାର ମୁଖ୍ୟ କାରଣ ଥିଲା, ଅବକ୍ଷୟୀ ଓ ଅଧଃପତିତ, ନୈତିକ ମୂଲ୍ୟବୋଧହୀନ ଗୋଟିଏ ଐତିହ୍ୟ, ଐଶ୍ୱର୍ଯ୍ୟଶାଳୀ ଗୌରବମୟ ଜାତିର ଦୁର୍ଦ୍ଦଶା, ଯାହା ତାଙ୍କୁ ଖୁବ୍ ବ୍ୟଥିତ କରିଥିଲା। 'ମୁଁ ହାଟବାହୁଡ଼ା' କବିତାଟି ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ରକ୍ଷଣଶୀଳତାର ଭିତ୍ତି ଉପରେ ସମାଜକୁ ମାର୍ଜିତ ଓ ନିର୍ମଳ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା।

ଫକୀରମୋହନଙ୍କ ଜୀବନ ଚରିତ ଏକ ସତ୍ୟନିଷ୍ଠ ଆତ୍ମସ୍ୱୀକାରୋକ୍ତିର ବିରଳ ଦୃଷ୍ଟାନ୍ତ କହିଲେ ଭୁଲ ହେବ ନାହିଁ। ପ୍ରଥମ ଆତ୍ମଜୀବନୀକାର ଭାବରେ ଯେଉଁ ଅଭିନବ ପରମ୍ପରା ସୃଷ୍ଟି କରିଗଲେ, ତାହା ଆଜି ଆଦର୍ଶ ପରମ୍ପରା ରୂପେ ଗ୍ରହଣୀୟ ହୋଇପାରିଛି। ତାଙ୍କ ଆତ୍ମଜୀବନ ଚରିତ୍ରକୁ ଏକ ଚରିତଧର୍ମୀ ଅଭିନବ ଉପନ୍ୟାସ କହିଲେ ଭୁଲ ହେବ ନାହିଁ। ପାଠକ ଯେତେଥର ଏହି ପୁସ୍ତକକୁ ଅଧ୍ୟୟନ କଲେ ବି ତା'ର ମନ୍ତ୍ରମୁଗ୍ଧ ଶୈଳୀ ପାଠକ ଅନ୍ତରକୁ ସର୍ବଦା ଆଚ୍ଛନ୍ନ କରିଥାଏ। ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ଓ ବିଂଶ ଶତାବ୍ଦୀର ଆଦ୍ୟକାଳରେ ଉତ୍କଳୀୟ ସାମାଜିକ, ରାଜନୀତିକ, ଅର୍ଥନୀତିକ, ଭୌଗୋଳିକ ଓ ସାଂସ୍କୃତିକ ଜୀବନର ଏହା ଏକ ବାସ୍ତବ ଦଲିଲ। ତାଙ୍କର କଥା ସାହିତ୍ୟ ଓ ଆତ୍ମଜୀବନୀର ଭାଷା ଓ ଶୈଳୀ ପରବର୍ତ୍ତୀ ବହୁ ସ୍ରଷ୍ଟାଙ୍କୁ ପ୍ରଭାବିତ କରିଛି। 'ଉତ୍କଳ ଭ୍ରମଣ' କବିତା ଉତ୍କଳ ବରପୁତ୍ରମାନଙ୍କ ଯଶଗୁଣ କୀର୍ତ୍ତନର ଏକ ସାର୍ଥକ ସୃଷ୍ଟି। ଉତ୍କଳର ବରେଣ୍ୟ ଓ ପୂଜ୍ୟମାନଙ୍କୁ ଲୋକଲୋଚନକୁ ଆଣି ପୂଜ୍ୟପୂଜାର ନୂତନ ପରମ୍ପରା ସେ ସୃଷ୍ଟି କରିଥିଲେ।

ଫକୀରମୋହନ ଆଜି ମଧ୍ୟ ଜୀବନ୍ତ ତାଙ୍କର ଦେଶ ହିତୈଷୀ କର୍ମ ଓ ଶାଶ୍ୱତ ସୃଷ୍ଟି ପାଇଁ। କେବଳ ଓଡ଼ିଆ ସାହିତ୍ୟରେ ନୁହେଁ, ସମଗ୍ର ଭାରତୀୟ ତଥା ପାଶ୍ଚାତ୍ୟ ସାହିତ୍ୟରେ ସେ ଥିଲେ ଏକ ବିରଳ ଦୃଷ୍ଟାନ୍ତ। ଆଜିସୁଦ୍ଧା ସେ ଜୀବନ୍ତ ହୋଇପାରିଛନ୍ତି ତାଙ୍କର ଅଭିନବ ଗଦ୍ୟଶୈଳୀ, କଥା ସାହିତ୍ୟ ଓ ଜୀବନ ଚରିତ ପାଇଁ। ତାଙ୍କର ସୃଷ୍ଟି ଆଜି ଭାରତୀୟ ବିଭିନ୍ନ ଭାଷାଭାଷୀ ତଥା ପାଶ୍ଚାତ୍ୟ ସାହିତ୍ୟର ପଠନ ବିଷୟ ହୋଇପାରିଛି। ବାସ୍ତବିକ୍ ସେ ଥିଲେ ପ୍ରକୃତରେ 'ସଂକ୍ରାନ୍ତି ପୁରୁଷ'। ସମୟର ସ୍ରୋତ ବହି ଚାଲିଲେ ମଧ୍ୟ ତାଙ୍କ ଭଳି କାଳଜୟୀ ସ୍ରଷ୍ଟାଙ୍କର ମୃତ୍ୟୁ ନାହିଁ। ସେ ମୃତ୍ୟୁଞ୍ଜୟୀ ଏବଂ ଉତ୍କଳୀୟ ସାରସ୍ୱତ ଉଦ୍ୟାନରେ ଚିର ଜାଜ୍ୱଲ୍ୟମାନ ବ୍ୟକ୍ତିତ୍ୱ। ଭାଷା, ସାହିତ୍ୟର ସେହି ଅମର କଥା ସମ୍ରାଟଙ୍କ ପ୍ରତି ହୃଦୟର ଗଭୀର ଶ୍ରଦ୍ଧାଞ୍ଜଳି ନିବେଦନ କରୁଛି। ■

ସୁଏଲପୁର, ବାଲେଶ୍ୱର
ମୋ: ୯୭୭୭୬୯୨୩୨୧



# ପତନ



ସଦାନନ୍ଦ ତ୍ରିପାଠୀ

ପତନ!

ବିସ୍ମିତ ହେଲା ସେ। ଶବ୍ଦଟି ହଜମ ହେଲାନି ହେମନ୍ତର। ବାଷ୍ପ ପରି ମସ୍ତିଷ୍କରେ ହାବୁକା ମାରିଲା। ଯେମିତି ହଜମ ହୁଏନି ଗରିଷ୍ଠ ଖାଦ୍ୟ। ବଦହଜମ ହୋଇ ଯେମିତି ଘଡ଼ଘଡ଼ କରେ ପେଟ। ରନ୍ଧାଳି ପକାଏ ବାୟୁର ପ୍ରକୋପ।

ଉତ୍ଥାନ ବଦଳରେ ପତନ ବୋଲି ଭୁଲ୍‌ବଶତଃ କହିଦେଲେ କି ଗୁରୁ? ଗୁରୁଙ୍କର ଅବଶ୍ୟ କଦାଚିତ୍ ସେପରି ତ୍ରୁଟି ହୁଏନା। ଶବ୍ଦ ପ୍ରକାଶ କରିବାରେ ସର୍ବଦା ସେ ସତର୍କ। ପୁରସ୍କାରକୁ ପତନ ଆଖ୍ୟା ଦେବା ଅନ୍ତରାଳରେ କିଛି ଗୂଢ଼ ରହସ୍ୟ ରହିଥିବା ସମ୍ଭବ।

ଗୁରୁ ଜଣେ ଲେଖକ; ଅପ୍ରତିମ ନାଟ୍ୟକାର। ନିର୍ଦ୍ଦେଶକ ବି। ଆଇନ କଲେଜର ଛାତ୍ର ହେମନ୍ତ, ସହରର ଅତୁଳନୀୟ ନାଟ୍ୟାଭିନେତା। ନାଟ୍ୟକାର ବନାମ ନିର୍ଦ୍ଦେଶକ ବୋଲି ତାଙ୍କୁ ସେ ଗୁରୁ ରୂପେ ମାନେ।

ଟେଲିଭିଜନ୍‌ରେ ସନ୍ଧ୍ୟା ସାତଟା ବେଳେ ପ୍ରସାରିତ ସମ୍ବାଦରୁ ହେମନ୍ତ ଜାଣିବାକୁ ପାଇଲା ଯେ, ରାଜ୍ୟର ଏକ ପ୍ରମୁଖ ଅନୁଷ୍ଠାନ ଚଳିତ ବର୍ଷର ଶ୍ରେଷ୍ଠ ଲେଖକ ଭାବରେ ଗୁରୁଙ୍କୁ ପୁରସ୍କୃତ କରିବାର ନିଷ୍ପତ୍ତି ନେଇଛି। ତାଙ୍କର, 'ଆକ୍ରୋଶ ଆଇନା ଆତ୍ମନିନ୍ଦା' ନାଟକ ପୁସ୍ତକଟି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି ବୋଲି ଶୁଣିବା ମାତ୍ରେ ଆନନ୍ଦରେ ଉଛୁଳି ଉଠିଲା ସେ ଏବଂ ଟିଭି ବନ୍ଦ କରି ଗୁରୁଙ୍କୁ ଅଭିନନ୍ଦନ ଜଣାଇବାକୁ ଯିବା ପାଇଁ ସଜବାଜ ହେଲା। ଗୁରୁଙ୍କର ସେହି ବହିଟି ତିନୋଟି କ୍ଷୁଦ୍ର ନାଟକର ସମାହାର। ତିନୋଟିଯାକ ନାଟକର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲା ହେମନ୍ତ, ସେଗୁଡ଼ିକ ପୁସ୍ତକ ଆକାରରେ ପ୍ରକାଶ ପାଇବା ପୂର୍ବରୁ। ତାହା ତା'ର ଆନନ୍ଦାତିଶଯ୍ୟର ଅନ୍ୟତମ କାରଣ।

ସହର ଉପକଣ୍ଠରେ, ଉତ୍ତର ପ୍ରାନ୍ତରେ, ଗୁରୁଙ୍କ ସହ ଭେଟ ହୋଇଗଲା ରାତି ପ୍ରାୟ ସାଢ଼େ ଆଠଟାରେ। ପୌଷ ମାସ, ମଞ୍ଜଥରା ଶୀତ। ସ୍ୱେଟର୍ ପିନ୍ଧି ମୁଣ୍ଡରେ ମଫଲର୍ ବାନ୍ଧିଥିବା ସତ୍ତ୍ୱେ ଥର ଥର କମ୍ପୁଥାଏ ହେମନ୍ତର ସର୍ବାଙ୍ଗ। ଗୁରୁଙ୍କ ଦେହରେ କିଛି ଶୀତବସ୍ତ୍ର ନାହିଁ।

ରାସ୍ତା ପାର୍ଶ୍ୱରେ ବତିଖୁଣ୍ଟ। ସେଇଠି ସେ ଠିଆ ହୋଇଛନ୍ତି। ପକେଟରୁ କାଢୁଛନ୍ତି ରୁମାଲ। ତାକୁ ଖୋଲି ଦୁଇକାନ ଉପରେ ବାନ୍ଧିବାକୁ ଚେଷ୍ଟା କରୁଛନ୍ତି ଓ ପୁଣି ଚଉତାଚଉତି କରି, ମୁହଁ ପୋଛି, ପକେଟ୍‌ରେ ରଖି ଦେଉଛନ୍ତି।

ହେମନ୍ତ ତାଙ୍କ ପାଖକୁ ଯାଇ ନମସ୍କାର କଲା ଓ ଅଭିନନ୍ଦନ ଜଣାଇଲା। ସେ ଫାଙ୍କା ଦୃଷ୍ଟିରେ ତା' ଆଡ଼କୁ ଚାହିଁଲେ।

ବତିଖୁଣ୍ଟର ପଛପଟେ, ଅଦୂରରେ, ମସ୍ତବଡ଼ ବରଗଛ। ପ୍ରାୟ ଗୋଲାକାର ଜହ୍ନର ତନ୍ଦ୍ରାଚ୍ଛନ୍ନ ଆଲୋକରେ ଝାପ୍‌ସା ଦେଖାଯାଉଥିଲା ଗଛର ଗଣ୍ଡି ଚାରିପଟେ ନିର୍ମିତ ବର୍ଗାକାର ଚଉତରା। ତିଥି ହୁଏତ ଦ୍ୱାଦଶୀ, ଶୁକ୍ଳ ପକ୍ଷର।

ସିମେଣ୍ଟ ଚଉତରାରେ ଦୁହେଁ ଯାଇ ବସିବା ପରେ ଗୁରୁ ଏକ ଦୀର୍ଘଶ୍ୱାସ ଛାଡ଼ିଲେ ଓ କହିଲେ - ପୁରସ୍କାର ନୁହେଁ, ତାହା, ପତନ। ତପସ୍ୱୀକୁ ପୁରସ୍କାର ପ୍ରଦାନ, ତା' ପତନର କାରଣ।

ଗୁରୁ ଜଣେ ନାଟ୍ୟକାର। ଅଥଚ ତାଙ୍କ ଜୀବନ ଓ ବଚନ ଦାର୍ଶନିକ ସୁଲଭ। ବେଶୀ କଥା କହନ୍ତିନି କେବେ। ପଦେ କଥା ଶୁଣି, ନିଜ ଶକ୍ତିମତେ, ଯିଏ ଯାହା ବୁଝିଲା। ହେମନ୍ତର ଅନ୍ତରରେ ବହୁ ପ୍ରଶ୍ନ, ଅନେକ ସଂଶୟ। ଗୁରୁ ସବୁ ଶୁଣୁଥିଲେ, ଅଳ୍ପ ଅଳ୍ପ ହସୁଥିଲେ, ମାତ୍ର କିଛି ଉତ୍ତର ଦେଲେନି।

ବିତିଗଲା ପାଖାପାଖି ଏକଘଣ୍ଟା ସମୟ।

ବଢୁଥିଲା ଶୀତର ପ୍ରକୋପ। ରାସ୍ତାଘାଟ ଜନଶୂନ୍ୟ ହୋଇ ସାରିଥିଲା। ତାହା ପୁଣି ସହରର ଉପାନ୍ତ ଇଲାକା। ଗୁରୁଙ୍କ ଘର ଅବଶ୍ୟ ଅନତି ଦୂରରେ। ଘରକୁ ଫେରିବା ପାଇଁ ହେମନ୍ତକୁ ଅତିକ୍ରମ କରିବାକୁ ହେବ ଦୂର ବାଟ।

ସେ ଦୁହେଁ ବସିବା ଜାଗାରୁ ଉଠିଲେ। ପବନାର ପାନ ଦୋକାନ ପାଖକୁ ଯାଉଯାଉ ଗୁରୁ ମନ୍ତବ୍ୟ ଦେଲେ - କିଛି ଲେଖକ ପୁରସ୍କାର ନ ପାଇଲେ ଖୁବ୍ ବାଉଳିଚାଉଳି ହେଉଛନ୍ତି, ଲେଖା ବନ୍ଦ କରି ଦେଉଛନ୍ତି। ଅନ୍ୟ କିଏ ପୁରସ୍କାର ପାଇବା ପରେ ତା' ଲେଖିବା ବନ୍ଦ ହୋଇଯାଉଛି ବା ଆହୁରି ବଡ଼ ପୁରସ୍କାର ପାଇବାର ପଣ କରି ସେ ପ୍ରାଣମୂର୍ଚ୍ଛା ଲେଖୁଛି। ଜୀବନ ସରିବା ପୂର୍ବରୁ ସବୁ କେମିତି ମିଳିଯିବ ! ସତେଯେମିତି ପୁରସ୍କାର ପାଇଁ ହିଁ ସେମାନେ ଲେଖୁଥା'ନ୍ତି। ଅନ୍ୟକିଛି ଆନନ୍ଦ ବା ତଲ୍ଲୀନତା ନ ଥାଏ।

ହେମନ୍ତ ପ୍ରଶ୍ନ ଉଠାଇଲା - ତଥାପି, ମଣିଷର କ୍ଷୁଦ୍ର ଜୀବନରେ ଏପରି ସ୍ୱୀକୃତିର କ'ଣ କିଛି ବି ମହତ୍ତ୍ୱ ନାହିଁ?

ଗୁରୁ ରାସ୍ତା ଉପରେ ଠିଆହୋଇ ମୁହଁ ଖୋଲିଲେ - ନିରବଧି କାଳରେ ଏତେ ସୀମିତ, ବରଂ କ୍ଷଣିକ, ଏ ଜୀବନ ଯେ ତାହା କ୍ଷୁଦ୍ର ବୋଲାଇବାକୁ ବି ଅଯୋଗ୍ୟ। ଆଖିକୁ ଦିଶୁ ନ ଥିବା ପରମାଣୁ କେଉଁ ପୁରସ୍କାର ବଳରେ ମହିମା ମଣ୍ଡିତ ହୋଇପାରିବ?

ଗୁରୁ ପାନ ଖାଆନ୍ତି। ହେମନ୍ତ କେବେ କେମିତି ଖାଏ। ପବନା ତା' ଦୋକାନ ବନ୍ଦ କରିବାକୁ ପ୍ରସ୍ତୁତ ହେଉଥିଲା। ଗୁରୁଙ୍କୁ ଦେଖି ପାନ ଭାଙ୍ଗିବାର ଉପକ୍ରମ କଲା।

ପବନାର ପାନ ଗୁମୁଟି ତଳେ ଗୋଟେ ଛୋଟ କୋଠରି। ମାଟି ତଳେ ଅଧା ଓ ଉପରେ ଅଧା। ଶୀତ କି ବର୍ଷା ରାତିରେ ଶୋଇବାକୁ ଗୁମୁଟିରୁ ସେ ଖସିଯାଏ ତଳକୁ। ଖରାଦିନେ ଶୋଇଯାଏ ଗୁମୁଟି ବାହାରେ।

ହେମନ୍ତ କହିଲା ଗୁରୁଙ୍କୁ - ଯେମିତି ଶୀତ ପଡ଼ିଛି, ମୋର ଭାରି ଇଚ୍ଛା ହେଉଛି, ପବନା ସହିତ ତା' ଗୁମୁଟିତଳ ଘରେ ଶୋଇଯାଆନ୍ତି।

ଗୁରୁ ଚେତାଇ ଦେଲେ - ତାହା ମଧ୍ୟ ପତନ। ଆଗ୍ରହକୁ ଲଗାମ ଦେବାକୁ ପଡ଼େ। ତାହା ହିଁ ତୁମର ଅସ୍ତିତ୍ୱ। ତୁମେ ଯେଉଁଠି ଅଛ, ସେଇଠୁ ଅନ୍ୟତ୍ର ମଧ୍ୟ ଯିବାକୁ ପଡ଼ିପାରେ। କିନ୍ତୁ ଆକର୍ଷଣ କି ଆଗ୍ରହ ହେତୁ ନୁହେଁ, ଏକନିଷ୍ଠ ଉଦ୍ୟମ ବଳରେ। ପୃଥିବୀ ଓଲଟି ଗଲେ ବି ତୁମେ ତୁମ ଘରକୁ ଫେରିବା ଆବଶ୍ୟକ।

ପାନଖଣ୍ଡେ କଳରେ ଜାକି ଗୁରୁ ସୂଚନା ଦେଲେ - ଜାଣିଛ କି; ଜ୍ଞାନପୀଠ ପୁରସ୍କାର ପାଇ ସାରିଥିବା ଜଣେ ଲେଖକ ଏଇ ରାଜ୍ୟସ୍ତରୀୟ ପୁରସ୍କାରଟି ପାଇଁ ଲାଳାୟିତ ଥିଲେ। ଏଇ ସାମାନ୍ୟ ପୁରସ୍କାର ପାଇବାରୁ ବଞ୍ଚିତ ଥିବାରୁ ତାଙ୍କ ମନରେ ଘୋର ପୀଡ଼ା ରହିଛି।

ହେମନ୍ତ ଚକିତ ସ୍ୱରରେ କହିଲା - ବୁଝିଲି...ବୁଝିଲି। ପବନାର ଗୁମୁଟିତଳ ବସାରେ ଶୋଇବାକୁ ଇଚ୍ଛା କରିବା ଯେତେ ଆବେଗମୟ ହେଲେ ସୁଦ୍ଧା ମୋର ପତନର ନିଦର୍ଶନ।

ଗୁରୁ ଶୁଣାଇଲେ - କୌଣସି ସାମ୍ୟବାଦୀ ମଧ୍ୟ ସେପରି କରନ୍ତା ନାହିଁ।

ରାତି ବଢୁଥିଲା। ଶୀତ ବଢୁଥିଲା। ହେମନ୍ତ ଅନୁଭବ କରୁଥିଲା ଯେ ସ୍ୱେଟର୍ ଓ ମଫଲର୍ ପିନ୍ଧିଥିବା ସତ୍ତ୍ୱେ ତାକୁ ଯେତିକି ଶୀତ ଲାଗୁଛି, ଗୁରୁଙ୍କୁ ତା'ଠାରୁ ବହୁତ ଅଧିକ ଶୀତ ଲାଗୁଥିବ। କିନ୍ତୁ ସେ ବିଲକୁଲ୍ କାତର କି ବିଚଳିତ ଜଣା ପଡୁ ନ ଥିଲେ। ■

ଚୈତନ୍ୟ ବ୍ରାହ୍ମଣୀ ଭବନ
ପ୍ଲଟ୍ ନମ୍ବର - ୨୪୦୮, ମଞ୍ଚେଶ୍ୱର ଗାଁ
ଭୁବନେଶ୍ୱର- ୭୫୧୦୧୭
ମୋ: ୯୪୩୭୫୦୨୯୬୨



# ଦିନେ ଦିନେ



ଚକ୍ରପାଣି ପରିଚ୍ଛା

ନିର୍ବାକ୍
କୋଉ କାଳରୁ

ନିଶ୍ଚଳ
ନିରାସକ୍ତ ବି

ଯେବେ ବି ଭେଟେ
ସେଇ ଏକା ଭଙ୍ଗୀ
ଏକା ଭାବ

ଅଭୟମୁଦ୍ରା
କରୁଣାର ଅଥବା
କାରୁଣ୍ୟର

ଦିନେ ଦିନେ
ନିଜ ସାମ୍ନାରେ ନିଜେ,
ନତଜାନୁ
ପ୍ରାର୍ଥନାଭଙ୍ଗୀରେ

ଈଶ୍ୱର
କି ଛାୟାପୁରୁଷ,
ନିଜ ସମୟର

ବିକଳାଙ୍ଗ
ବିବଶ,
ଅଚଳ ହାତ, ପାଦ
ଈଶ୍ୱରଙ୍କର
ସମୟର ବି

ସମୟ ଖାତିର କରେନା
ଈଶ୍ୱରଙ୍କୁ ଏବଂ
ଈଶ୍ୱରଙ୍କର ବେଳ ନ ଥାଏ
ମାପିବା ପାଇଁ
ଦରଜ, ସମୟର

ନିର୍ବେଦ
ନିଜେ, ନିଜ ଭିତରେ।। ■

ମୋ: ୯୧୭୮୬୪୭୧୩୭

# ସେ ଆସିବ



ଫନୀ ମହାନ୍ତି

ଜ୍ୟୋସ୍ନା ବିଧୌତ ଶିଶିରସ୍ନାତ ରାତିରେ
ଠିକ୍ ତିନି ମିନିଟ୍ ପାଇଁ ସେ ଆସିବ।
ସେଇଠି ଅପେକ୍ଷା କରି
ରହିଥିବ ଗୋଟିଏ ଭାବଲୋଭା ଦ୍ୱାରୁଦ୍ୱାର
ବୁଲା ଦୁଃସ୍ଥ ଯାଯାବର,

ଆଖିରେ ଆଖିରେ ନକହି କହିଲା ପରି
କେତେ କେତେ କଥା କହି ଯାଉଥିବ
ଠିକ୍ ତିନି ମିନିଟ୍ ପାଇଁ ସେ ଆସିବ।

ସେଇଠି, ସେଇ ଖଡ଼ିସିଜୁ ବାଡ଼ ଆର କଡ଼େ
ସେ ବିଦେଶିନୀ ଆସି ତିନି
ମିନିଟ୍ ପାଇଁ ଠିଆ ହେବ
ଲାଲ୍ ଧଡ଼ିଥିବା ନାସପାତି ରଙ୍ଗର ପଶାପାଲି
ପାଟ ଶାଢ଼ି ଖଣ୍ଡେ ପିନ୍ଧି ଛିଡ଼ା ହେବ, ଠିକ୍
ତିନି ମିନିଟ୍ ପାଇଁ
ମୋହିନୀ ମାୟାରେ ବଶକରି ମତେ କଳେବଳେ
ମନ ମୋହି ନେବ...ଦ୍ରାକ୍ଷା ଆସିବ...ଆସିବ।

ସେଇଠୁ ଆରମ୍ଭ ହେବ ଗୋଟେ ଯୋଜନାବଦ୍ଧ
ବେଦନାର୍ତ୍ତ ଅସଂପୂର୍ଣ୍ଣ ନୂଆ ଇତିହାସ
ସେଇଠୁ ହିଁ ଝରଝର ଝରି ପଡୁଥିବ
ଆକାଶଲୋକରୁ ହିମ ଶୀତଳ ଜ୍ୟୋସ୍ନା ବିଧୌତ
ଶିଶିର ପ୍ରପାତ
ଗାଢ଼ ଅନୁରାଗରେ ପ୍ରମତ୍ତ ଉଦଣ୍ଡ ପବନ
ଗୁଣୁ ଗୁଣୁ ସ୍ୱରରେ ବଂଶୀନାଦ କରୁଥିବ
ହୃଦୟାନ୍ତରର କେଉଁ ନିର୍ଜନ ନିକୁଞ୍ଜେ ଉଭା
ଶ୍ରୀଠାକୁରାଣୀଙ୍କ ମୁହଁ ପରି
ଦ୍ରାକ୍ଷା ମୁହଁ ଜଳ ଜଳ ଦିଶୁଥିବ
ହଠାତ୍ ସହରର ନିଅନ ଆଲୋକମାଳା ସବୁ
ଦପ୍ କରି ଲିଭିଯିବ ତିନି ମିନିଟ୍
ଠିକ୍ ମାତ୍ର ତିନି ମିନିଟ୍ ପାଇଁ
ମହର୍ଲୋକରେ ମୁଖାନାରେ ଦୀର୍ଘ ପଟୁଆର
ଲମ୍ବିଥିବ, ଦ୍ରାକ୍ଷା ଆସିବ...ଆସିବ..ଆ-ସି-ବ
ନଆସି ଆସିଲା ଭଳି
ମତେ ଲାଗୁଥିବ...ସେ ନିଶ୍ଚେ ଆସିବ।। ■

ପୁଷ୍ପଧନୁ, ଭୁବନେଶ୍ୱର
ମୋ: ୯୯୩୭୯୬୧୮୭୮

## ପୁସ୍ତକ ପରିଚୟ

### କବିତା ବାରିକଙ୍କ ନିର୍ବାଚିତ ଗଳ୍ପ

**ସଂପାଦନା: ଡକ୍ଟର ଗଣେଶ ପ୍ରସାଦ ସାହୁ**

ଓଡ଼ିଆ କଥା ସାହିତ୍ୟରେ କବିତା ବାରିକ ଜଣେ ପ୍ରତିଷ୍ଠିତ କଥାଶିଳ୍ପୀ। ତାଙ୍କ ରଚିତ କେତୋଟି ହୃଦୟସ୍ପର୍ଶୀ ଗପକୁ ନେଇ ପ୍ରକାଶ ପାଇଛି 'କବିତା ବାରିକଙ୍କ ନିର୍ବାଚିତ ଗଳ୍ପ' ପୁସ୍ତକ। ଡକ୍ଟର ଗଣେଶ ପ୍ରସାଦ ସାହୁଙ୍କ ସଂପାଦନାରେ ପ୍ରକାଶିତ ଏହି ପୁସ୍ତକରେ ବଛା ବଛା ୩୮ ଟି ଗଳ୍ପ ସଂକଳିତ ହୋଇଛି। 'ମା ଚାଲିଗଲା ପରେ', 'ଏକ ଅଝଟ ଝିଅ ସଂପର୍କରେ', 'କାକ୍‌ଟସ୍', 'ଟିକି ଅଗଣାର ଝିଅ' ଆଦି ଗଳ୍ପରେ ପାରିବାରିକ ସଂପର୍କ, ମାନବୀୟ ଭାବାବେଗ, ମାନସିକ ଦ୍ୱନ୍ଦ୍ୱ, ମାନଅଭିମାନ ଅତି ଚମତ୍କାର ଭାବେ ପ୍ରସ୍ଫୁଟିତ ହୋଇଉଠିଛି। ଗାଳ୍ପିକା ଜୀବନର ବହୁ ବାସ୍ତବ ସତ୍ୟକୁ ଗଳ୍ପ ମାଧ୍ୟମରେ ଉନ୍ମୋଚନ କରିଛନ୍ତି। 'ଅଚିହ୍ନା ଏବେ ମୋ ଗାଁ' ଗଳ୍ପରେ ଗାଁ ଓ ମା' ମାଟିକୁ ଭଲ ପାଇବାର ବାସ୍ନା ପ୍ରତିଫଳିତ ହୋଇଛି। ସେହିପରି 'ପାନ ବରଜ' ଗଳ୍ପରେ ବିସ୍ଥାପନର କରୁଣ ଚିତ୍ର ଉଦ୍‌ଭାସିତ ହୋଇଛି। 'ପୁଣି ଜଣେ ଅରୁଣା ସାନବାଗ୍', 'କନ୍ଧମାଳର ଦୁଃଖ', 'ପାହାଡ଼ ସେପଟେ ସ୍ୱପ୍ନ' ଆଦି ଗଳ୍ପରେ ବାସ୍ତବ ଜୀବନର କଥା ଉକୁଟି ଉଠିଛି। ସେହିପରି 'ଗୁମ୍ଫା', 'ସଂପର୍କର ପରିଭାଷା', 'ପରିଚୟ' , 'ସଂସ୍କାର', 'ଖାସି ମାଂସର ଝୋଳ' ଆଦି ଗଳ୍ପରେ ମାନବୀୟ ସଂପର୍କ ଓ ସାମାଜିକ ବାସ୍ତବତାର ଚିତ୍ର ପ୍ରକଟିତ ହୋଇଛି। ଭାବବସ୍ତୁ, ଭାଷା, ଉପସ୍ଥାପନା ଶୈଳୀ ଦୃଷ୍ଟିରୁ ପ୍ରତିଟି ଗଳ୍ପ ମନଛୁଆଁ ହୋଇଛି। 'କବିତା ବାରିକଙ୍କ ନିର୍ବାଚିତ ଗଳ୍ପ' ପୁସ୍ତକର ଗଳ୍ପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■





ବନଫୁଲ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ : ୩୬୦ ଟଙ୍କା

### ଚେନାଏ ଆକାଶ

**ବନଶ୍ରୀ ଦାଶ**

'ଜୀବନ ମୋର ଯେ/ ଆଶାର ପ୍ରଦୀପ/ ଜଳୁଅଛି ପ୍ରତିକ୍ଷଣେ/ ସତେ କି ଯେପରି/ ଦପ୍‌ଦପ୍ ହୋଇ/ ଲିଭିଯିବ କେଉଁ କ୍ଷଣେ।' ଜୀବନର ଏଭଳି ବାସ୍ତବ ସତ୍ୟ ଉତ୍କୀର୍ଣ୍ଣ ହୋଇଉଠିଛି ବନଶ୍ରୀ ଦାଶଙ୍କ 'ଚେନାଏ ଆକାଶ' କବିତା ପୁସ୍ତକରେ। କବି କେତେବେଳେ ଜୀବନକୁ ସୂତାଖିଅ ତ କେତେବେଳେ ଶୂନ୍ୟ ଆକାଶ ସହିତ ତୁଳନା କରୁଛନ୍ତି। ଦୁଃଖ, ବେଦନାରେ ଭରା ମଣିଷ ଜୀବନ। ତଥାପି ଜୀବନରେ ହସ ଅଛି, ଖୁସି ଅଛି, ସୁଆଦ ଅଛି। ସେଥିପାଇଁ ତ ମଣିଷ ସ୍ୱପ୍ନ ଦେଖେ, ଅତୀତକୁ ଝୁରି ହୁଏ। 'ହୃଦୟ ସ୍ପନ୍ଦନ', 'ଥୁଣ୍ଟା ଗଛ', 'ମାଡ଼ଯା' ଆଗକୁ ଆଗକୁ','ବଣର ମଲ୍ଲିକା ମୁଁ', 'ସେହି ହସ', 'କିଛି ତ କରିଯାଅ', 'ଯନ୍ତ୍ରଣା', 'ପ୍ରେମର ସ୍ୱରୂପ', 'ଶୂନ୍ୟତା', 'ଆଶା', 'ପ୍ରତିବିମ୍ବ', 'ସ୍ମୃତି ଆଭାସ', 'ମାଟିର କଥା', 'ସୁଖଦୁଃଖର ଧସ୍ତାଧସ୍ତିରେ', 'ସ୍ମୃତି', 'ଜୀବିକା', 'ଝଡ଼', 'ମଣିଷତ୍ୱ' ଆଦି କବିତା ମନଛୁଆଁ ହୋଇଛି। ଏହି ପୁସ୍ତକର ଅନେକ କବିତା ପ୍ରେମ, ବିରହ, ଆଶା, ନିରାଶା, ସ୍ମୃତି, ମାନବୀୟ ସଂପର୍କକୁ ଆଧାର କରି ରଚିତ ହୋଇଛି। ସାମାଜିକ ବାସ୍ତବତା ଓ ନିଚ୍ଛକ ଜୀବନର ବର୍ଣ୍ଣନା ଅନେକ କବିତାରେ ଦେଖିବାକୁ ମିଳେ। ସରଳ ବୋଧଗମ୍ୟ ଭାଷା, ମାର୍ମିକ ଭାବ କବିତାଗୁଡ଼ିକକୁ ଅଧିକ ପ୍ରାଣବନ୍ତ କରିଛି। ଅନେକ କବିତାର ସ୍ୱର ଅତ୍ୟନ୍ତ ସ୍ୱଷ୍ଟ ଓ ସାବଲୀଳ। 'ଚେନାଏ ଆକାଶ' ପୁସ୍ତକର କବିତାଗୁଡ଼ିକ ରସଗ୍ରାହୀ ପାଠକଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■




ଶ୍ରୀରୂପା, ଭବାନୀପାଟଣା, କଳାହାଣ୍ଡି
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ : ୧୦୦ ଟଙ୍କା





ଜଙ୍ଗଲରେ ବାସ କରୁଥିବା ସମ୍ପ୍ରଦାୟଙ୍କ ଅଧିକାର ଏବଂ ଜୀବିକାକୁ ସୁନିଶ୍ଚିତ କରୁଥିବା ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ନିବାସୀ (ଜଙ୍ଗଲ ଅଧିକାରର ସ୍ୱୀକୃତି) ଅଧିନିୟମ ୨୦୦୬ କିମ୍ବା ଜଙ୍ଗଲ ଅଧିକାର ଆଇନ (ଏଫ୍ଆର୍ଏ) ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏଫ୍ଆର୍ଏର୍ ଅଗ୍ରଗତି ଏବଂ ବ୍ୟାବହାରିକ ପ୍ରଣାଳୀକୁ ଆଗେଇ ନେବା ପାଇଁ 'ମୋ ଜଙ୍ଗଲ ଜମି' ଯୋଜନା ଘୋଷଣା କରି ଓଡ଼ିଶା ଆଜି ଭାରତର ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି।

ପ୍ରସ୍ତୁତି: 'ସକାଳ' ବ୍ୟୁରୋ

## ଜନଜାତିଙ୍କ ଅଗ୍ରଗତି

# ଐତିହାସିକ ବିକାଶ

ରାୟଗଡ଼ା ଜିଲ୍ଲା କୋଲନାରା ବ୍ଲକ ଥରୁଭାଲୀ ପଞ୍ଚାୟତ ଅନ୍ତର୍ଗତ ବୋରିଗୁଆ ଗାଁର ୪୭ ବର୍ଷିୟା ସାବିତ୍ରୀ ହିକକା 'ମୋ ଜଙ୍ଗଲ ଜମି ଯୋଜନା'ରେ ମିଶନ୍ ଜୀବିକା ଯୋଜନାରେ ସେ ଫୁଲ ବ୍ୟବସାୟ ଆରମ୍ଭ କରି ଅନ୍ୟମାନଙ୍କ ପାଇଁ ସୃଷ୍ଟି କରିଛନ୍ତି ଏକ ଉଦାହରଣ। ଏହି ଯୋଜନାରେ ସେ ବର୍ଷକୁ ରୋଜଗାର କରୁଛନ୍ତି ୧ ଲକ୍ଷ ଟଙ୍କା। ଅବିବାହିତା ସାବିତ୍ରୀଙ୍କ ନିକଟରେ ପୂର୍ବରୁ କୌଣସି ଜମି ନ ଥିଲା। ଜଙ୍ଗଲ ଅଧିକାର ଆଇନରେ ତାଙ୍କୁ ମିଳିଥିଲା ୨ ଏକର ଜମି। ସେହି ଜମି ତାଙ୍କୁ ପରିଚୟ ପ୍ରଦାନ କରିବା ସହ ତାଙ୍କ ଭିତରେ ସୁରକ୍ଷା ଏବଂ ସଶକ୍ତୀକରଣର ଭାବନା ଆଣିଦେଇଛି ବୋଲି ସେ କହିଛନ୍ତି।

ସାବିତ୍ରୀଙ୍କ ଭଳି ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ କୁର୍ଲି ଗ୍ରାମ ପଞ୍ଚାୟତର ଖମ୍ବେସି ଗାଁର ଆଦିମ ଜନଜାତି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ୪୫ ବର୍ଷୀୟ ସୁରେଶ ୱାଡକା ମଧ୍ୟ ଜଙ୍ଗଲ ଅଧିକାର ଆଇନରୁ ଜମି ପାଇ କୃଷି କ୍ଷେତ୍ରରେ ସଫଳ ହୋଇପାରିଛନ୍ତି। ତାଙ୍କର ଦୁଇ ପୁଅଙ୍କ ମଧ୍ୟରୁ ଜଣେ ସହକାରୀ ଅଧ୍ୟାପକ ଭାବରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଏସ୍‌କେସିଜି କଲେଜରେ ଯୋଗ ଦେଇଛନ୍ତି। ଜଙ୍ଗଲ ଅଧିକାର ଆଇନ ଦ୍ୱାରା ୱାଡକାଙ୍କ ପରିବାରକୁ ସାମାଜିକ-ଅର୍ଥନୈତିକ ପରିବର୍ତ୍ତନ ସ୍ପଷ୍ଟ ଭାବେ ଦେଖାଯାଉଛି।

ସୁରେଶ ପୂର୍ବରୁ ଭୂମିହୀନ ଥିଲେ। ପ୍ରଥମେ ଜଙ୍ଗଲ ଜମିରେ ପାରମ୍ପରିକ ଭାବେ ମାଣ୍ଡିଆ ଏବଂ ଡାଲି ଚାଷ କରୁଥିଲେ। ବ୍ୟକ୍ତିଗତ ପରିଚୟ ପାଇବା ପରେ ମିଳିଥିବା ଜଙ୍ଗଲ ଜମିରେ ଆଇଟିଡିଏ ଏବଂ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ସହାୟତାରେ ବିଭିନ୍ନ ମସଲା, କଦଳୀ, ଅଦା, ଧନିଆ ପତ୍ର, ଆମ୍ବ ଏବଂ କାଜୁ ଚାଷ ଆରମ୍ଭ କରିଥିଲେ। ଜଙ୍ଗଲ ଅଧିକାର ଆଇନ ମାଧ୍ୟମରେ ଜମିରୁ ଆର୍ଥିକ ଲାଭ ପାଇବା ସହ ପୁଅମାନଙ୍କୁ ଉଚିତ ଶିକ୍ଷା ଦେବା ସହଜ ହୋଇଥିଲା ବୋଲି ସୁରେଶ କହିଛନ୍ତି।

କେବଳ ସାବିତ୍ରୀ କି ସୁରେଶ ନୁହନ୍ତି; ଏହିଭଳି ଜଙ୍ଗଲ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ଜନଜାତି ସମୁଦାୟଙ୍କୁ ଜଙ୍ଗଲ ଅଧିକାର ଆଇନ ଏକ ବିସ୍ତୃତ ତଥା ସଶକ୍ତୀକରଣ ଢାଞ୍ଚା ପ୍ରଦାନ କରି ସେମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାରେ ସହାୟକ ହୋଇପାରିଛି। ଅନୁସୂଚିତ ଜନଜାତି ଓ ଜାତି ଗବେଷଣା ଓ ତାଲିମ ସଂସ୍ଥା ଉପନିର୍ଦ୍ଦେଶକ ସନ୍ତୋଷ କୁମାର ରଥଙ୍କ କହିବା ମୁତାବକ ଓଡ଼ିଶା ସରକାରଙ୍କ 'ମୋ ଜଙ୍ଗଲ ଜମି' ଯୋଜନ ପରିବେଶ ସଂରକ୍ଷଣ ସହ ବ୍ୟକ୍ତିଗତ ତଥା ସାମୂହିକ କାର୍ଯ୍ୟ ମାଧ୍ୟମରେ ଜଙ୍ଗଲ ଭିତ୍ତିକ ଜୀବିକାକୁ ପ୍ରୋତ୍ସାହିତ କରିବା ପ୍ରୟାସକୁ ପରିପୂର୍ଣ୍ଣ କରିବାକୁ ଲକ୍ଷ୍ୟରେ ରଖିଛି। ଜଙ୍ଗଲ ଅଧିକାର ଆଇନ ଜଙ୍ଗଲ ଜମି ଅଞ୍ଚଳରେ ରହୁଥିବା ଜନଜାତି ଏବଂ ଏହା ଉପରେ ନିର୍ଭର କରୁଥିବା ଲୋକଙ୍କ ହୃଦୟକୁ ଛୁଇଁଛି। ବର୍ଷ ବର୍ଷ ଧରି ଜାରି ରହିଥିବା ପ୍ରକ୍ରିୟା ଏବଂ କାର୍ଯ୍ୟକ୍ରମଗୁଡ଼ିକ ଯୋଗ୍ୟ ହିତାଧିକାରୀଙ୍କ ପାଖକୁ ପହଞ୍ଚାଇ ସର୍ବସମ୍ମତ କରିବାକୁ ଚେଷ୍ଟା କରାଯାଇଥିଲା। 'ମୋ ଜଙ୍ଗଲ ଜମି' ଯୋଜନା ଜନଜାତି ସମୁହଙ୍କ ମଧ୍ୟରେ ନୂତନ ଉତ୍ସାହ ଭର୍ତ୍ତି କରିବା ସହ ରାଜ୍ୟକୁ ଆଗକୁ ବଢ଼ିବାକୁ ଚେଷ୍ଟା କରିଛି ବୋଲି କହିଛନ୍ତି ମାଲକାନଗିରି ପିଏ ଆଇଟିଡିଏ ଜୟଶ୍ରୀ।

କେବଳ ଯେ ଗୋଟିଏ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରିବା ନୁହେଁ, ବରଂ ଓଡ଼ିଶା ଏକ ପାଦ ଆଗକୁ ଯାଇ ୪୮, ୫୯୨ଟି ଗାଁରୁ ୨୯, ୩୯୭ଟି ଗାଁରେ ଜଙ୍ଗଲ ଅଧିକାର କମିଟି ଗଠନ ଓ ପୁନର୍ଗଠନ କରିବା ପାଇଁ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରି ସମଗ୍ର ଦେଶରେ ପ୍ରଥମ ରାଜ୍ୟ ହୋଇପାରିଛି।

ଦ୍ୱିତୀୟତଃ, ଆବେଦନଗୁଡ଼ିକର ସହଜରେ ଦାଖଲ ପାଇଁ, ହିତାଧିକାରୀ-ସହାୟକ ଅନୁକୂଳ ଡକ୍ୟୁମେଣ୍ଟେସନ୍ ପ୍ରକ୍ରିୟା ଗ୍ରହଣ କରାଯାଇଛି। ଯାହା ଦ୍ୱାରା ହିତାଧିକାରୀମାନେ ସେମାନଙ୍କର ଆବେଦନପତ୍ର ଦାଖଲ କରିବା ସମୟରେ କୌଣସି ସମସ୍ୟାର ସମ୍ମୁଖୀନ ହେଉନାହାନ୍ତି।

ରାଜ୍ୟ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ନେଇଥିବା ଅନେକ ପଦକ୍ଷେପ ଯୋଗୁଁ ୪,୫୮, ୭୭୫ରୁ ଅଧିକ ପରିବାର ଉପକୃତ ହୋଇଛନ୍ତି। ୪,୩୩୦ଟି ଗ୍ରାମସଭା ଗୋଷ୍ଠୀ ଜଙ୍ଗଲ ଅଧିକାର ଏବଂ ୩,୪୮୦ଟି ଗ୍ରାମ ସଭା ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପାଇ ସାରିଛନ୍ତି। ଏହି ସଫଳତା ବ୍ୟତୀତ, ଏଫ୍ଆର୍ଏ ଅଧୀନରେ ୩ ଲକ୍ଷରୁ ଅଧିକ ହିତାଧିକାରୀ ସେମାନଙ୍କ ଜୀବିକା ତଥା ଆର୍ଥିକ ଉନ୍ନତି ପାଇଁ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଏକ ସମ୍ମାନଜନକ ଜୀବନ ନିର୍ବାହ କରିବାକୁ ସମର୍ଥ ହୋଇପାରିଛନ୍ତି। ସଂକ୍ଷେପରେ କହିବାକୁ ଗଲେ, ଏଫ୍ଆର୍ଏର କାର୍ଯ୍ୟକାରିତା ସହିତ ଭାରତର ଅନ୍ୟତମ ପ୍ରଗତିଶୀଳ ତଥା ସମ୍ଭାବନାପୂର୍ଣ୍ଣ ରାଜ୍ୟ ଭାବରେ ଓଡ଼ିଶା ଏହାକୁ ବିଶାଳ ଜନ ଆନ୍ଦୋଳନ କରିବା ପାଇଁ ଏକ ସମନ୍ୱିତ ପଦକ୍ଷେପ ଆରମ୍ଭ କରିଛି।







### ଭବିଷ୍ୟତର ଯୋଜନା

ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଅନ୍ତର୍ଗତ ସମସ୍ତ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ ସୁନିଶ୍ଚିତ କରିବା ପାଇଁ ଯୋଜନା ରଖାଯାଇଛି। ଓଡ଼ିଶାର ସମସ୍ତ ଜିଲ୍ଲା ଓ ତହସିଲ ସ୍ତରରେ 'ମୋ ଜଙ୍ଗଲ ଜମି' ଯୋଜନାରେ ସମର୍ପିତ ମାନବ ସମ୍ବଳ ସହିତ ଏଫ୍ଆର୍ ସେଲ୍ ପ୍ରତିଷ୍ଠା ହେବ। ଦୈନନ୍ଦିନ କାମ ପାଇଁ ପ୍ରତ୍ୟେକ କକ୍ଷରେ ଜଣେ ସଂଯୋଜକ ଏବଂ ଜଣେ ଏମ୍ଆଇସି ସହାୟକ ନିୟୋଜିତ ରହିବେ। ମୋ ଜଙ୍ଗଲ ଜମି ଯୋଜନାର ପ୍ରଭାବଶାଳୀ କାର୍ଯ୍ୟକାରିତା ପାଇଁ ଏସ୍‌ସିଏସ୍‌ଟିଆର୍‌ଟିଆଇ ଭୁବନେଶ୍ୱର କାର୍ଯ୍ୟାଳୟରେ ରାଜ୍ୟ ସ୍ତରୀୟ ପିଏମ୍‌ୟୁ ଭାବରେ କାର୍ଯ୍ୟ କରିବ। ସମ୍ପୃକ୍ତ ଜିଲ୍ଲାଗୁଡ଼ିକର ପିଏ, ଆଇଟିଡିଏ / ଡିଓଡବ୍ଲ୍ୟୁଙ୍କୁ ଅଗ୍ରାଧିକାର ଭିତ୍ତିରେ ଏଫ୍ଆର୍ ସେଲର୍ ଗଠନ ପ୍ରକ୍ରିୟା ଏବଂ ଆଉଟ୍‌ସୋର୍ସ ଆଧାରରେ ସେବା ପ୍ରଦାନକାରୀଙ୍କ ମାଧ୍ୟମରେ ମାନବ ସମ୍ବଳର ସମ୍ପୃକ୍ତିକୁ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରାଯାଇଛି।

### ସହଭାଗୀ ବେସରକାରୀ ସଂସ୍ଥାଙ୍କ ମତ

ଜଙ୍ଗଲ ଅଧିକାର ଆଇନର ପ୍ରଭାବଶାଳୀ କାର୍ଯ୍ୟାକାରିତା ମାଧ୍ୟମରେ ଅତି କମରେ ୩୨,୫୬୨ଟି ଗାଁରେ ଜଙ୍ଗଲ ଜମି ଉପରେ ନିରାପତ୍ତା ସୁନିଶ୍ଚିତ କରିବାକୁ ବିଚାର କରାଯାଉଛି। ଏହା ପୁଞ୍ଜିନିବେଶକୁ ଅନୁକରଣ କରି ସ୍ୱୟଂ ସହାୟକ ଗୋଷ୍ଠୀ ପରି ମହିଳା ସଂଗଠକମାନଙ୍କୁ ସବୁଜ ଅର୍ଥନୀତିରେ ନୂତନ ଯୁଗର ଉଦ୍ୟୋଗୀ ହେବାକୁ ସାହାଯ୍ୟ କରିବ ବୋଲି ଭୁବନେଶ୍ୱରସ୍ଥିତ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟିର (ଏଫ୍ଇଏସ୍) ବରିଷ୍ଠ ପ୍ରୋଗ୍ରାମ ମ୍ୟାନେଜର ବର୍ଣ୍ଣ ବୈଭବ ପଣ୍ଡା କହିଛନ୍ତି। ଜୀବିକା, ଖାଦ୍ୟ ନିରାପତ୍ତା, ଜଙ୍ଗଲ ପୁନରୁଦ୍ଧାର, ଜୈବ ବିବିଧତା ସଂରକ୍ଷଣ ଏବଂ ପରିବେଶ ଉପରେ ପ୍ରଭାବ ପକାଇବା ପାଇଁ ମିଶନ ମୋଡ୍‌ରେ ଜଙ୍ଗଲ ବାସ କରୁଥିବା ସମ୍ପ୍ରଦାୟର ଜଙ୍ଗଲ ଅଧିକାରକୁ ସ୍ୱୀକୃତି ଦେବା ପାଇଁ ଓଡ଼ିଶା ସରକାରଙ୍କ 'ମୋ ଜଙ୍ଗଲ ଜମି' ଯୋଜନା ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି 'ପ୍ରଦାନ'ର ସେଣ୍ଟର ଫର ଏକ୍ସିଲେନ୍ସ ଶୈଳବାଳା ପଣ୍ଡା କହିଛନ୍ତି। ବସୁନ୍ଧରା ବର୍ତ୍ତମାନ ୧୧ଟି ଜିଲ୍ଲାରେ ଏହି ପ୍ରକ୍ରିୟାକୁ କାର୍ଯ୍ୟକାରୀ କରୁଛି ଏବଂ ଜଙ୍ଗଲ ଉପରେ ନିର୍ଭରଶୀଳ ମହିଳାଙ୍କ ଅଧିକାର ଏବଂ ଗୋଷ୍ଠୀ ଜଙ୍ଗଲ ଅଧିକାର ଉପରେ ଗୁରୁତ୍ୱ ଦେଉଛି।

### ଏକ ସଂକ୍ଷିପ୍ତ ସମୀକ୍ଷା

୧୩ଟି ଆଦିମ ଜନଜାତି ସହିତ ୬୨ଟି ଆଦିବାସୀ ଗୋଷ୍ଠୀ ସହ ଓଡ଼ିଶାର ଏକ ସ୍ୱତନ୍ତ୍ର ଜନସଂଖ୍ୟାର ଅଂଶ ବିଶେଷ ଭାବେ ରହିଛନ୍ତି। ଯାହା ବର୍ତ୍ତମାନର ଜନସଂଖ୍ୟାର ୨୨.୮ ପ୍ରତିଶତରୁ ଅଧିକ। ଓଡ଼ିଶାରେ ୩୯.୩୨ ପ୍ରତିଶତରୁ ଅଧିକ ଜଙ୍ଗଲ ରହିଛି ଏବଂ ଏହା ଜଣାକଥା ଯେ ଜଙ୍ଗଲ ଉପରେ ଆଦିବାସୀମାନଙ୍କ ନିର୍ଭରଶୀଳତା ଅଧିକ। ତେଣୁ ଜଙ୍ଗଲ ସଂରକ୍ଷଣ, ଜୈବ ବିବିଧତା ସଂରକ୍ଷଣ ଏବଂ ଆଦିବାସୀ ସମ୍ପ୍ରଦାୟର ସାଂସ୍କୃତିକ ପରମ୍ପରାର ପୁନରୁଦ୍ଧାର ସହିତ ସମ୍ପୃକ୍ତ ହିତାଧିକାରୀଙ୍କ ସହ ପରାମର୍ଶ କରି ଏଫ୍ଆର୍ଏର ଏକ ସମନ୍ୱିତ କାର୍ଯ୍ୟାନ୍ୱୟନ, ଓଡ଼ିଶାର ଚମତ୍କାର ପ୍ରଦର୍ଶନ ରାଜ୍ୟକୁ ବିଶ୍ୱସ୍ତରୀୟ ସ୍ୱୀକୃତି ପ୍ରଦାନ କରିଛି। ଜଙ୍ଗଲ ଉପରେ ଆଦିବାସୀ ସମ୍ପ୍ରଦାୟର ଅଧିକାର ଏବଂ ସେମାନଙ୍କର ପୁରୁଣା ସାମାଜିକ-ସାଂସ୍କୃତିକ ସମ୍ପର୍କ ଉପରେ ସାମ୍ବିଧାନିକ ବୈଧତା ମଧ୍ୟ ଦିଆଯାଇଛି। ବିଭିନ୍ନ ଜିଲ୍ଲାସ୍ତରୀୟ, ତହସିଲସ୍ତରୀୟ ଏଫ୍ଆର୍ ସେଲ୍ ଗଠନ କରି ରାଜ୍ୟରେ ଜଙ୍ଗଲ ଅଧିକାର ଆଇନକୁ 'ମୋ ଜଙ୍ଗଲ ଜମି'ରେ ଶତପ୍ରତିଶତ କାର୍ଯ୍ୟକାରୀ ପାଇଁ ଲକ୍ଷ୍ୟ ରଖାଯାଇଛି। ୩୦ଟି ଜିଲ୍ଲାସ୍ତରୀୟ ଏଫ୍ଆର୍ ସେଲ୍ କାର୍ଯ୍ୟକ୍ଷମ ହୋଇଥିବାବେଳେ ୨୧୭ଟି ତହସିଲ ସ୍ତରୀୟ ଏଫ୍ଆର୍ ସେଲ୍ ଗଠନ ହୋଇଛି। ଅନ୍ୟସବୁ ସ୍ତରରେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ। ସେହିଭଳି, ଏହାକୁ କାର୍ଯ୍ୟକାରିତା ଦିଗରେ ସାମାଜିକ ସେବା ସଂଗଠନଗୁଡ଼ିକୁ ମଧ୍ୟ ନିୟୋଜିତ କରାଯାଇଛି। ଏଥିପାଇଁ 'ବସୁନ୍ଧରା' ୧୧ଟି ଜିଲ୍ଲାରେ କାର୍ଯ୍ୟ କରୁଥିବା ବେଳେ ପ୍ରଫେସନାଲ୍ ଆସିଷ୍ଟାଣ୍ଟ ଫର୍ ଡେଭେଲପ୍‌ମେଣ୍ଟ ଆକ୍ସନ ବା 'ପ୍ରଦାନ'କୁ ୩ଟି ଜିଲ୍ଲାରେ ସାମିଲ କରାଯାଇଛି। ଓଡ଼ିଶାର ୧୬ଟି ଜିଲ୍ଲାରେ ଫାଉଣ୍ଡେସନ୍ ଫର୍ ଇକୋଲୋଜିକାଲ୍ ସିକ୍ୟୁରିଟି (ଏଫ୍ଇଏସ୍)କୁ ଦାୟିତ୍ୱ ଦିଆଯାଇଛି।

### ମହତ୍ୱପୂର୍ଣ୍ଣ ପ୍ରଗତି

ଅନୁସୂଚିତ ଜନଜାତି ଓ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ମାଧ୍ୟମରେ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଦୃଷ୍ଟିକୋଣରୁ ଜଙ୍ଗଲ ଜମି ଆଇନ ଅଧୀନରେ ବର୍ତ୍ତମାନ ଯାଏ ବ୍ୟକ୍ତିଗତ ପରିବାରରୁ ୬,୩୩,୦୭୮ଟି ଆବେଦନ ଗ୍ରହଣ କରାଯାଇଥିବା ବେଳେ ୪, ୫୮, ୭୭୫ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ସେହିଭଳି, ଗୋଷ୍ଠୀ ପାଇଁ ମୋଟ ୧୫, ୪୬୧ଟି ଆବେଦନରୁ ୭, ୮୧୯ଟି ପଟ୍ଟା ବଣ୍ଟନ କରାଯାଇଛି। ଜୀବିକା ତଥା ଅନ୍ୟାନ୍ୟ ସହାୟତା ପାଇଁ ଓଡ଼ିଶା ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଅଧୀନରେ ୩,୫୬, ୭୨୩ ଜଣ ସହାୟତା ପାଇଛନ୍ତି। ରେକର୍ଡ ସଂଶୋଧନ କଥା ଯଦି କହିବା ୩, ୫୨, ୯୨୧ଙ୍କୁ ସହାୟତା ଦିଆଯାଇଥିବା ବେଳେ ୫୭ଟି ଅଣସଂରକ୍ଷିତ ବାସସ୍ଥାନକୁ ରାଜସ୍ୱ ଗ୍ରାମରେ ସାମିଲ କରାଯାଇଛି।

# ଗୁଡ଼ ମର୍ଣ୍ଣିଂ ରିପୋର୍ଟର

## ଆଉନାହିଁ କମାରଶାଳ
# ନାଁକୁ କେବଳ କମାରଡିହ

ଲୁହା ଆଉ ନିଆଁକୁ ନିଜ ଜୀବନର ସାଥୀ କରିଥାଏ କମାର। ଝାଳବୁହା ପରିଶ୍ରମ କରି ଗଢ଼ିଚାଲନ୍ତି ଲୋକଙ୍କ ପାଇଁ ନାନା ଉପକରଣ। କୋଡ଼ି, କଟୁରି, ଦାଆ, କୁରାଢ଼ି, ଡାବ, ଜାଲିଚଟୁ, ଲୁହା ଖଡ଼ିକା ଆଦି ଉପକରଣ ଘରର ନିତିଦିନିଆ କାମରେ ଲାଗିଥାଏ। ଶହ ଶହ ବର୍ଷ ଧରି ଏଭଳି ଏକ ବୃତ୍ତି ରହିଥିବାବେଳେ ଏବେ କିନ୍ତୁ ଯୁବପିଢ଼ି ଏହି ବୃତ୍ତିରୁ ମୁହଁ ଫେରାଇ ନେଉଥିବା ଦେଖିବାକୁ ମିଳିଛି।


ସମ୍ପୂର୍ଣ୍ଣା ଦାସ

ରାଜଧାନୀ ଉପକଣ୍ଠଗୁଡ଼ିକ ଧଉଳି ଗ୍ରାମପଞ୍ଚାୟତର କମାରଡିହ ଗ୍ରାମରେ ଏକଦା ୩୨ କମାର ପରିବାର ପାରମ୍ପରିକ ଭାବେ କମାର କାମ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଏବେ ମାତ୍ର ୨ଟି ପରିବାର ଏହି ବୃତ୍ତିକୁ ଆପଣେଇଛନ୍ତି। ଅନ୍ୟମାନେ ନିଜର କୌଳିକ ବୃତ୍ତି ବଦଳାଇ ଅନ୍ୟ ପେସାକୁ ଆପଣେଇ ନେଇଛନ୍ତି। ଅଧିକ ପରିଶ୍ରମ ଓ ସ୍ୱଳ୍ପ ଆୟ ଯୋଗୁଁ ଏହି ବୃତ୍ତି ପ୍ରତି ଯୁବପିଢ଼ି ଆଗ୍ରହ ପ୍ରକାଶକରୁ ନ ଥିବା କମାର ପରିବାର ମତ ଦିଅନ୍ତି। ସେଇ ଦୁଇ ପରିବାର ଶେଷ ପିଢ଼ି, ଯାହାଙ୍କ ପରେ ଏହି ଗ୍ରାମର କମାର ବୃତ୍ତି ହଜିଜିବାର ଆଶଙ୍କା କରିଛନ୍ତି ଗ୍ରାମବାସୀ। ସେହି ବୃତ୍ତିକୁ ବଞ୍ଚାଇ ନିଜ ପରିବାର ପୋଷୁଥିବା ରଘୁନାଥ ଓଝା କୁହନ୍ତି ଯେ ହେତୁ ସେ କମାର ପରିବାରରେ ଜନ୍ମ ପିଲାଦିନରୁ ଶାଳ ବୁଲାଇବା ତାଙ୍କୁ ଜଣା। ଦୀର୍ଘ ୩୫ ବର୍ଷ ହେବ ସେ ଏହି ଶାଳ ମାଧ୍ୟମରେ ହିଁ ନିଜ ପରିବାର ଭରଣପୋଷଣ କରନ୍ତି। ଦିନକୁ ୪ରୁ ୫ଟି ଉପକରଣ ତିଆରି କରିଥାନ୍ତି ସେ। ଯାହାର ମୂଲ୍ୟ ୭୦ ଟଙ୍କାରୁ ଆରମ୍ଭ ହୋଇ ୭୦୦ ପର୍ଯ୍ୟନ୍ତ ରହିଛି। ବଜାରରେ ରେଡିମେଡ୍ ଜିନିଷ ମିଳିଯିବାରୁ ଲୋକ କମାରଡିହକୁ ଆଉ ଯାଉନାହାନ୍ତି। ଏହି କାମ ପାଇଁ କିଣିବାକୁ ପଡୁଥିବା ଲୁହା ହେଉ କି କୋଇଲା, ସେ ସବୁର ଦରଦାମ ବୃଦ୍ଧି ଫଳରେ ଅଧିକ ଲାଭ ହେଉନି ବୋଲି ମଧ୍ୟ କୁହନ୍ତି ଏଠାକାର କମାର ପରିବାର। ଏପରିକି କଞ୍ଚାମାଲ୍‌କୁ ଛାଡ଼ି ଗୋଟିଏ ସାମଗ୍ରୀ ବିକ୍ରିକରି ମଜୁରି ଉଠାଇବା ବେଳେବେଳେ କଷ୍ଟକର ହୋଇପଡ଼େ ବୋଲି କୁହନ୍ତି ରଘୁନାଥ। ସେହିଭଳି ଏହି ବୃତ୍ତିର ଅନ୍ୟଜଣ କାରିଗର ପ୍ରମୋଦ ଓଢ଼ା କୁହନ୍ତି କମାରଶାଳରେ ତିଆରି କୋଡ଼ିର ଚାହିଦା ଚାଷୀମାନଙ୍କ ପାଖରେ ଢେର ଥିଲା। ସେଠାରୁ କେବଳ ରାଜଧାନୀ ନୁହେଁ ବରଂ ପୁରୀ ଓ କଟକରୁ ମଧ୍ୟ ଅର୍ଡର ଆସୁଥିଲା। ଏବେ ଧୀରେ ଧୀରେ ସେସବୁ କମିଗଲାଣି। ଲୋକଙ୍କୁ ରେଡିମେଡ୍ ଜିନିଷ ମିଳିଯାଉଛି। ଫଳରେ ସେ କମାରଶାଳର ରାସ୍ତା ଭୁଲିଗଲେଣି। ସେଥିପାଇଁ ଅନେକ କମାର ପରିବାର ନିଜ ବୃତ୍ତି ବଦଳାଇଲେଣି ବୋଲି ସେ କହିଛନ୍ତି।



ନଅଙ୍କ ଦୁର୍ଭିକ୍ଷ ସମୟରେ ଲୋକଙ୍କୁ ଖାଦ୍ୟ ପାଇଁ କାମ ଯୋଜନାରେ ବ୍ରିଟିଶ ସରକାର ଖନନ କରିଥିଲେ ଜମ୍ବୁ-ମାର୍ଶାଘାଇ କେନାଲ। ଯେଉଁ କେନାଲ ଦେଇ ଲୋକେ ଯାତାୟତ କରିବା ସହ ବାଣିଜ୍ୟିକ କାରବାର କରୁଥିଲେ ଓ ଏହି କେନାଲ ପାଣିକୁ ଜଳସେଚନରେ ବ୍ୟବହାର କରାଯାଉଥିଲା। ଏହି କେନାଲ ସ୍ଥାନୀୟ ଅଧିବାସୀମାନଙ୍କ ପାଇଁ ଦେଢ଼ଶହ ବର୍ଷ ଧରି ଜୀବନରେଖା ପାଲଟିଥିଲା। ଉଣେଇଶି ଶହ ନବେ ଦଶକ ପର୍ଯ୍ୟନ୍ତ ଜଳପଥ ଭାବେ ବ୍ୟବହାର ହୋଇ ଗମନାଗମନ ଓ ମାଲ ପରିବହନ ପାଇଁ ଏହି କେନାଲ ଜଳପଥ ଭାବେ ମୁଖ୍ୟ ମାଧ୍ୟମ ସାଜିଥିଲା। ଯାହାର ବହୁ ପ୍ରମାଣ ଏବେ ବି ସ୍ଥାନୀୟ ଅଞ୍ଚଳରେ ପରିଲକ୍ଷିତ ହେଉଛି।



## ଜମ୍ବୁ-ମାର୍ଶାଘାଇ କେନାଲ
# ନଅଙ୍କ ଦୁର୍ଭିକ୍ଷର ମୂକସାକ୍ଷୀ




ବିଚିତ୍ରାନନ୍ଦ ବେହେରା



୧୮୬୬ ମସିହାରେ ଦେଖାଦେଇଥିବା ନଅଙ୍କ ଦୁର୍ଭିକ୍ଷ ତତ୍କାଳୀନ ବ୍ରିଟିଶ ସରକାରଙ୍କୁ ବିଚଳିତ କରିଥିଲା। ଯେଉଁଥିପାଇଁ ମହାନଦୀର କଟକରୁ ଏହି ତଳିଆ ଅଞ୍ଚଳକୁ ଚାଷ ପାଇଁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ଏକ ବୃହତ ଯୋଜନା ସ୍ୱରୂପ କେନାଲ ଖନନ କରିଥିଲେ। ପ୍ରାୟ ତିରିଶି ମିଟର ଚଉଡ଼ାର ଶହେରୁ ଅଧିକ କିଲୋମିଟର ଲମ୍ବ ଏହି କେନାଲ କଟକରୁ ଜମ୍ବୁ ପର୍ଯ୍ୟନ୍ତ ଖୋଳାଇଥିଲେ। ଜମ୍ବୁ ମାର୍ଶାଘାଇ କେନାଲରେ ଜିଲ୍ଲାର ମହାକାଳପଡ଼ା, ଜମ୍ବୁ, ଛପାଲି ଠାରୁ ଆରମ୍ଭ କରି ବେଣାକନ୍ଧା, ଜଗରୀଜୋର, ରାଜନଗର ପର୍ଯ୍ୟନ୍ତ ଅଞ୍ଚଳବାସୀ ଜଳପଥରେ ଡଙ୍ଗାରେ ନିରାପଦ ଭାବେ କଟକ ପର୍ଯ୍ୟନ୍ତ ଯାତାୟତ କରୁଥିଲେ। ନଦୀ ଅପେକ୍ଷା କେନାଲର ସ୍ଥିର ଜଳ ରାଶିରେ ଡ଼ଙ୍ଗା ଚଳାଇବା ସହଜ ହେଉଥିଲା। ପବନ ସମୟରେ ଡଙ୍ଗାକୁ ସୁରକ୍ଷିତ ରଖିବା ପାଇଁ ସଡ଼କପଥର ବସ୍‌ଷ୍ଟାଣ୍ଡ ଭଳି ଏହି କେନାଲର ଖ୍ରୀଷ୍ଟିଯାନପଡ଼ା ବାଲି, ମହାକାଳପଡ଼ା ନିକଟରେ କେନାଲକୁ ପ୍ରଶସ୍ତ ଗଣ୍ଡ କରାଯାଇଥିଲା। ସେହିଠାରେ ଅଧିକ ଗଭୀର କରାଯାଇ ସବୁଦିନେ ପାଣି ରହିବାର ବ୍ୟବସ୍ଥା କରାଯାଇଥିଲା। ଅଧିକ ଡ଼ଙ୍ଗା ଚଳପ୍ରଚଳ କରୁଥିବା ଗଣ୍ଡରେ ଲଙ୍ଗର ପକାଇ ଏବଂ କୂଳରେ କାତ ପୋତି ଡଙ୍ଗା ରଖାଯାଇପାରୁଥିଲା। କେନାଲରୁ ନଦୀକୁ ବିଭିନ୍ନ ସ୍ଥାନରେ ସଂଯୋଗ କେନାଲ କରାଯାଇ ଲକ୍ ସିଷ୍ଟମ କରିଥିଲେ। କଟକରୁ ଜମ୍ବୁ ପର୍ଯ୍ୟନ୍ତ ସାଲେପୁର, କେନ୍ଦୁପଟଣା, ବରପଡ଼ା ଅସୁରେଶ୍ୱର, ଦାନପୁର, ବସପୁର କଳପଡ଼ା ମାର୍ଶାଘାଇ ଏବଂ ଜମ୍ବୁ ନିକଟରେ ଲକ୍ ସିଷ୍ଟମ ଥିଲା। ଜମ୍ବୁରେ କେନାଲରୁ ଗୋବରୀ ନଦୀକୁ ଡଙ୍ଗା ଯାତାୟାତ ପାଇଁ, ମାର୍ଶାଘାଇରେ ଲୁଣା ନଦୀକୁ ଯାତାୟତ ପାଇଁ ଲକ ସିଷ୍ଟମ କରାଯାଇଥିଲା। ଲକ ସିଷ୍ଟମରେ ଉପର ମୁଣ୍ଡର ଜଳକୁ ଅଟକାଇ ରଖିବା ଆବଶ୍ୟକ ସ୍ଥଳେ ତଳ ମୁଣ୍ଡକୁ ଜଳ ଛାଡ଼ିବା ପାଇଁ ସ୍ୱତନ୍ତ୍ର ପାଣି ଗଳାବାଟ (ସ୍ଲୁଇସ ସିଷ୍ଟମ) ଥିଲା। କେନାଲ ପାଖରୁ ଜଳସେଚନ ପାଇଁ ପାଣି ଯୋଗାଇ ଦେବାକୁ ଶାଖା କେନାଲ ମଧ୍ୟ କରିଥିଲେ। ଫଳରେ ଚାଷୀମାନେ ମରୁଡ଼ି ଦାଉରୁ ଫସଲକୁ ରକ୍ଷା କରିପାରୁଥିଲେ। ଉଦ୍‌ବୃତ୍ତ ଜଳକୁ ଗୋବରୀ ନଦୀକୁ ଛାଡ଼ିବା ପାଇଁ ପଳାସପୁର ନିକଟରେ ଗୋବରୀକୁ ସଂଯୋଗ ପାଇଁ ମୁହାଣ ଏବଂ ମାଣତିର ନିକଟରେ କଳିଙ୍ଗା ସ୍ଲୁଇସ ବ୍ୟବସ୍ଥା ଥିଲା। ମାର୍ଶାଘାଇରେ କେନାଲର ଏକ ସେକ୍ସନ କାର୍ଯ୍ୟାଳୟରେ ବ୍ରିଟିଶ ଅଫିସରମାନେ ରହି କର୍ମଚାରୀଙ୍କ ଦ୍ୱାରା କେନାଲ ସିଷ୍ଟମକୁ ପରିଚାଳନା କରୁଥିଲେ। ଜନୈକ ଅଫିସର ମାର୍ସଲ ସାହେବଙ୍କ ପୁଅର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମୃତଦେହକୁ ମାର୍ଶାଘାଇ ଲକ ପରିସରରେ ସମାଧି ଦେଇଥିଲେ। ଯାହା ଏବେ ବି ବ୍ରିଟିଶମାନଙ୍କ ମୁକସାକ୍ଷୀ ହୋଇ ରହିଛି। ସେହି ସମାଧିର ଚାରି ପାର୍ଶ୍ୱରେ ଲୁହା ଜଞ୍ଜିରର ବାଡ଼ ଦିଆଯାଇଥିଲା।

ତାଳ ଗଛ ଥିଲେ ସ୍ଥାନୀୟ ଅଞ୍ଚଳରେ ବଜ୍ରପାତଜନିତ କ୍ଷୟକ୍ଷତି ହ୍ରାସ ପାଇଥାଏ। ଯଦିବା ତାଳଗଛ ଉପରେ ବଜ୍ର ପଡ଼ିଲେ ଗଛ ପୋଡ଼ି ଜଳି ଯାଉଥିଲା କିନ୍ତୁ କୌଣସି ଜୀବନହାନୀ ହେଉ ନ ଥିଲା। ଯେଉଁଥିପାଇଁ ଅନେକ ପୁରୁଣା ଲୋକେ ଗାଁ ଗଣ୍ଡାର ପୋଖରୀ ହୁଡ଼ା, ବିଲ ହିଡ଼, ରାସ୍ତା କଡ଼, ଗଡ଼ିଆ ଆଡ଼ିରେ ଶହଶହ ତାଳ ଗଛ ଲଗାଉଥିଲେ। କିନ୍ତୁ ସମୟ କ୍ରମେ ସହରୀ ସଭ୍ୟତାର ଅନୁପ୍ରବେଶ ଯୋଗୁଁ ଅନେକ ଗାଁରେ ତାଳଗଛ ସବୁ ଲୋପ ପାଇବାକୁ ବସିଲାଣି। ତେବେ ଏ କ୍ଷେତ୍ରରେ କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅଳତି ପଞ୍ଚାୟତରେ ଏମିତି ଏକ ଗାଁ ଅଛି ଯେଉଁଠାରେ ଏବେ ବି ମାଳମାଳ ତାଳଗଛ ଦଣ୍ଡାୟମାନ ହୋଇ ରହିଛି। ଯାହା ଗାଁ ପରିବେଶକୁ ସୁନ୍ଦର ରଖିବା ସହ ପୂରା ଅଞ୍ଚଳକୁ ବଜ୍ରପାତରୁ ରକ୍ଷା କରୁଛି। ସେମିତି ଗାଁର ନାଁ ହେଉଛି ବେଲସୁନ୍ଦରୀ।

# ତାଳଗଛର ଗାଁ ବେଲସୁନ୍ଦରୀ




ଗତିକୃଷ୍ଣ ଭୂୟାଁ

ଅନେକଙ୍କ ବିଶ୍ୱାସ ଥାଏ ତାଳଗଛ ଲଗାଇଥିଲେ ପରିବାରର ମୁଣ୍ଡ ଗଡ଼ିଥାଏ। ଅତେଣୁ କେବଳ ବୟସ୍କ ବ୍ୟକ୍ତିମାନେ ତାଳଗଛ ରୋପଣ କରୁଥିଲେ। କିନ୍ତୁ ସ୍ଥାନୀୟ ଗ୍ରାମବାସୀଙ୍କ କହିବା କଥା ଆଜକୁ ଦୁଇଶହ ବର୍ଷ ତଳେ ଗାଁର କପିଳେନ୍ଦ୍ର ସ୍ୱାଇଁ ନାମକ ଜଣେ ବ୍ୟକ୍ତି ଥିଲେ ଯାହାଙ୍କର କୌଣସି ସନ୍ତାନସନ୍ତତି ନ ଥିବାରୁ ସେ ନିୟମିତ ପୋଖରୀ ହୁଡ଼ାରେ ତାଳଗଛ ଲଗାଇ ତା'ର ଯତ୍ନ ନେଉଥିଲେ। ତାଙ୍କ ଦେହାନ୍ତ ପରେ ଗ୍ରାମର ବୟଜ୍ୟେଷ୍ଠ ବ୍ୟକ୍ତି ମଣିଚରଣ ବାରିକ ଏହି ଗଛ ଲଗା ଅଭିଯାନକୁ ବ୍ୟାପକ କରିଥିଲେ। ଫଳର ୧୦ ଏକର ପରିମିତ ପୋଖରୀ ହୁଡ଼ାରେ ହଜାର ହଜାର ସଂଖ୍ୟାରେ ତାଳଗଛ କାୟାମେଲି ଆକାଶକୁ ମୁଣ୍ଡ ଟେକି ଅନାଇ ରହିଛନ୍ତି। ସହସ୍ରାଧିକ ତାଳଗଛ ରହିଥିବାରୁ ପୋଖରୀର ନାମ ତାଳଗଡ଼ିଆ ମଧ୍ୟ ରହିଛି। ତେବେ ଏବେ କେବଳ ବୟସ୍କ ବ୍ୟକ୍ତିମାନେ ତାଳଗଛ ଲଗାଇବାର ଅନ୍ଧବିଶ୍ୱାସରୁ ମୁକୁଳିଛନ୍ତି ଗାଁର ଶିକ୍ଷିତ ଓ ସଚେତନ ଯୁବଗୋଷ୍ଠୀ। ଯେଉଁମାନେ ନିଜ ବିଲବାଡ଼ି, ପତିତ ଜମିରେ ତାଳ ଗଛରୋପଣ କରିବାକୁ ଅଣ୍ଟା ଭିଡ଼ିଲେଣି। ବେଲସୁନ୍ଦରୀ ଗ୍ରାମର ସୁଦୃଶ୍ୟ ଶହଶହ ତାଳଗଛର ଦୃଶ୍ୟ ଦୂରଦୂରାନ୍ତକୁ ଦୃଶ୍ୟମାନ ହେଉଛି। ଏହାକୁ ଅନୁକରଣ କରି ପଡ଼ୋଶୀ ଗାଁ ଅଙ୍ଗାରୁଆ ଏବଂ କାଟେଣି କନ୍ତଲୋ ଲୋକେ ମଧ୍ୟ ତାଳ ଚାରାରୋପଣ ଅଭିଯାନରେ ସାମିଲ ହୋଇଛନ୍ତି। ଯାହା ଏକ ଆନ୍ଦୋଳନରେ ପରିଣତ ହେବାକୁ ଯାଉଛି। ଦିଗରେ ଆଗଭର ହୋଇ ପୋଖରୀ ହୁଡାରେ ଶହଶହ ତାଳ ଗଛ ରୋପଣ କରି ସ୍ଥାନୀୟ ଅଞ୍ଚଳକୁ ପରିବେଶ ସଚେତନତାର ବାର୍ତ୍ତା ଦେବା ସହ ବଜ୍ରପାତରୁ ମୁକ୍ତି ପାଇଁ ନିଆରା ସନ୍ଦେସ ଦେଉଛନ୍ତି। ଶିକ୍ଷାବିତ୍ ସୋମନାଥ ମଲ୍ଲିକ କୁହନ୍ତି ପୂରାତନ ଲୋକଙ୍କ ଚିନ୍ତାଧାରାକୁ ଏବେକାର ବିଜ୍ଞାନ ଆପଣାଇ ଲାଣି, ତାଳଗଛ ରୋପଣ ଦ୍ୱାରା ପୋଖରୀ ହୁଡା ମାଟି କ୍ଷୟରୁ ମୁକ୍ତି ହେବା ସହ ବିଶେଷ ଭାବେ ବଜ୍ରପାତରୁ ମୁକ୍ତି ମିଳୁଛି। ଗାଁ କମିଟି ସମ୍ପାଦକ ନିରଞ୍ଜନ ମଲ୍ଲିକ ପୂର୍ବଜଙ୍କ ପଥ ଏବେକାର ଯୁବପିଢ଼ି ଅନୁସରଣ କରି ପରିବେଶ ସୁରକ୍ଷାରେ ଲାଗି ପଡ଼ିଛନ୍ତି। ନୂଆଗଛ ସୃଷ୍ଟି ଦିଗରେ ସମସ୍ତେ ସଚେତନ ଅଛନ୍ତି ବୋଲି କୁହନ୍ତି ସେହିପରି ଶିକ୍ଷାବିତ୍ ଦିଗମ୍ବର ସାହୁ ତାଳଗଛରୁ କିଛି ଲୋକ ରୋଜଗାରକ୍ଷମ ହୋଇ ପାରିଛନ୍ତି, ତାଳ ପତ୍ର ବାହୁଙ୍ଗା ଏପରିକି ଶୁଖିଲା ଗଛ ଅନେକ ଘରଘରଣା କାମରେ ଲାଗି ପାରୁଛି, ଏଥିସହ ଗଛ ରସରୁ ଏବଂ ତାଳ ସଜ କାଟି କିଛି ଲୋକ ରୋଜଗାରକ୍ଷମ ହୋଇ ପାରୁଛନ୍ତି ବୋଲି କୁହନ୍ତି।



## ଦୁଗ୍ଧମେଲାଣ ନୀତି ସମ୍ପନ୍ନ

**ପୁରୀ, ୧୩।୧(ସମିସ):** ମକର ସଂକ୍ରାନ୍ତି ପୂର୍ବ ଦିନକୁ ନବାଙ୍କ କୁହାଯାଏ। ନବାଙ୍କ ପୂର୍ବଦିନ ମହାପ୍ରଭୁଙ୍କ ଦୁଗ୍ଧମେଲାଣ ନୀତି ଅନୁଷ୍ଠିତ ହେବାର ବିଧି ରହିଛି। ତେଣୁ ଶନିବାର ମହାପ୍ରଭୁଙ୍କ ଦୁଗ୍ଧମେଲାଣ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ସରିବା ପରେ ରାମକୃଷ୍ଣ ଆଜ୍ଞାମାଳପ୍ରାପ୍ତ ହୋଇ ଘଣ୍ଟ, ଛତା ଓ କାହାଳୀ ପଟୁଆରରେ ପାଲିଙ୍କିରେ ଶ୍ରୀଜଗନ୍ନାଥ ମଠ ସମ୍ମୁଖରେ ବିଜେ ହୋଇଥିଲେ। ତାଙ୍କ ସହିତ ଲେଙ୍କା, ଆସ୍ଥାନ ପଢ଼ିଆରୀ, ମହାଭୋଇ ପୂଜାପଣ୍ଡା ସାମନ୍ତ, ମହାଜନ, ଭିତରଛ ସେବକ ଆସିଥିଲେ। ମହାଭୋଇ ସେବକ ମଠ ସମ୍ମୁଖରେ ବନ୍ଧା ଯାଇଥିବା ଗାଈକୁ ରୂପା ପିଙ୍ଗଣରେ ଦୁହିଁଥିଲେ। ଏହି କ୍ଷୀରକୁ ଦୁଇଭାଗ କରାଯାଇଥିଲା। ଗୋଟିଏ ଭାଗରେ ଲେଙ୍କା କର୍ପୁର ପକାଇ ଅମୁଣିଆ ପ୍ରସାଦ ପ୍ରସ୍ତୁତ କରି ଭିତରଛଙ୍କୁ ପ୍ରଦାନ କରିଥିଲେ। ଏହାପରେ ଭିତରଛ ଠାକୁରଙ୍କୁ କ୍ଷୀର ମଣୋହି କରିଥିଲେ। ଆଉ ଗୋଟିଏ ଭାଗ କ୍ଷୀରକୁ ମହାଭୋଇ ସେବକ ମାଟି ଗଡ୍ଡୁରେ ଶିକାରେ ବସାଇ ଶ୍ରୀମନ୍ଦିରକୁ ନେଇଥିଲେ। ଏହାପରେ ପୂଜାପଣ୍ଡା ସାମନ୍ତ ମଠ ଆସ୍ଥାନରେ ପନ୍ତି ସମ୍ପନ୍ନ କରିଥିଲେ। ଗଡ୍ଡୁରେ ଯାଇଥିବା କ୍ଷୀରରେ ଦହି ପ୍ରସ୍ତୁତ ହୋଇ ମକର ସଂକ୍ରାନ୍ତି ନୀତିରେ ଲାଗି ହେବ।

## ଆଜି ସରିବ ପହିଲି ଭୋଗ ନୀତି

**ପୁରୀ, ୧୩।୧(ସମିସ):** ପବିତ୍ର ଧନୁ ସଂକ୍ରାନ୍ତିଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଥିଲା ପହିଲି ଭୋଗ ନୀତି। ଏହା ମକର ସଂକ୍ରାନ୍ତି ପୂର୍ବ ମାସାନ୍ତ ପର୍ଯ୍ୟନ୍ତ ଚାଲିବାର ବିଧି ରହିଛି। ତେଣୁ ରବିବାର ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ଶେଷ ହେବ। ଏହିଦିନ ମହାପ୍ରଭୁଙ୍କ ନବାଙ୍କ ବେଢ଼ା ଓ ନବାଙ୍କ ବେଶ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ସ୍ୱତ୍ତ୍ୱ ଲିପି ଅନୁଯାୟୀ, ପହିଲି ଭୋଗରେ ଠାକୁରଙ୍କ ପାଖରେ ବଡ଼ଝିଲ୍ଲୀ, ଦରସୁଆ, ବଡ଼ବଡ଼ା, ସାନ ଅମାଲୁ, ନଳୀ, ଆରିସା, ଏଣ୍ଡୁରୀ, ମୁଗେଇ, ଝଡେଇନଦା, ଚୁଡ଼ାପୁଆ, ଛତୁ, ନଡ୍ଡୁ, ଖଜା, ଖଇରଚୁଳ, ଗଇଣ୍ଠା, ମଣ୍ଡା, ଛତୁପୁଆ, କଣ୍ଟେଇ ଆଦି ଲାଗି କରାଯାଇଥାଏ। ମାସେ ଧରି ଗୋପାଳ ବଲ୍ଲଭ ଭୋଗ ସହିତ ପହିଲି ଭୋଗ ହୋଇଥାଏ। କାଉ କା ନ କରିବା ପୂର୍ବରୁ ଏହି ଭୋଗ ଠାକୁରଙ୍କ ପାଖରେ ଅର୍ପଣ କରାଯିବାର ବିଧି ରହିଛି। ଶ୍ରୀମନ୍ଦିରରେ ପହିଲି ଭୋଗ ମା' ଯଶୋଦାଙ୍କ ସେବା। ମା' ଯଶୋମତି ପୁଷମାସ ଶୀତ ଦିନରେ ଶୀତକାଳୀନ ସୁସ୍ୱାଦୁ ପିଠା ତିଆରି କରିଥାନ୍ତି। ଥଣ୍ଡା ଲାଗିଯିବ ବୋଲି କୁଆ କା ନ କରିବା ପୂର୍ବରୁ କଳାକାହ୍ନୁଙ୍କୁ ଖୁଆଇ ଶୀତବସ୍ତ୍ର ଘୋଡାଇ ଦେଇ ଜଗତବାସୀଙ୍କ ଗୁହାରି ଶୁଣିବା ନିମନ୍ତେ ପ୍ରସ୍ତୁତ କରାଇଥାନ୍ତି।

## ସାଧାରଣ ନିର୍ବାଚନ ପୂର୍ବରୁ ପୁଲିସର ପ୍ରସ୍ତୁତି

# ରାଜ୍ୟର ସୀମାରେ ଯାଞ୍ଚ କଡାକଡି କରିବା ଉପରେ ଡିଜିପିଙ୍କ ଗୁରୁତ୍ୱାରୋପ

**କଟକ,୧୩।୧(ସମିସ):** ଆଗକୁ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ପୁଲିସ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଦେଇଛି। ନିର୍ବାଚନକୁ ଅବାଧ, ଅପରାଧମୁକ୍ତ, ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଛନ୍ତି। ବିଶେଷକରି ସମ୍ବେଦନଶୀଳ ସ୍ଥାନମାନଙ୍କରେ ବ୍ଲକିଂ ଓ ରାଜ୍ୟସୀମା ତନଖି ଫାଟକଗୁଡ଼ିକରେ ଯାଞ୍ଚ କଡ଼ାକଡ଼ି କରିବାକୁ ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଡିଜିପି ଶ୍ରୀ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ପ୍ରସଂଗରେ ଆଲୋଚନା କରାଯାଇଛି। ସାମାଜିକ ଗଣମାଧ୍ୟମରେ ନିର୍ବାଚନ ଅପରାଧ ସମ୍ପର୍କିତ ମାମଲା, ଅବକାରୀ ଧରପଗଡ଼ ଏବଂ ବେଆଇନ ମଦ ସମ୍ପର୍କିତ ଅପରାଧ ମ୍ୟାପିଙ୍ଗ୍ ସହ ମାଓ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ନିର୍ବାଚନ ସମ୍ପର୍କିତ ହିଂସାକୁ ଦୃଷ୍ଟିରେ ରଖି ରୋଡ୍‌ମ୍ୟାପ ପ୍ରସ୍ତୁତ ହୋଇଛି। ଏନ୍‌ବିଡବ୍ଲୁ କାର୍ଯ୍ୟକାରିତା, ଅବକାରୀ ମାମଲା, ଏନଡିପିଏସ୍ ମାମଲା, ବେଆଇନ ମରଣାସ୍ତ୍ର, ପୋଷ୍ଟାଲ ବାଲାଟର ପ୍ରସ୍ତୁତି ଓ ମତଦାନ କେନ୍ଦ୍ରଗୁଡ଼ିକରେ ସେକ୍ଟର୍ ପୁଲିସ ଅଧିକାରୀଙ୍କ ନିୟୋଜନ ନେଇ ସମୀକ୍ଷା କରାଯାଇଥିଲା। ଆଜିର ଏହି ବୈଠକରେ ଡିଜିପି ଶ୍ରୀ ଷଡ଼ଙ୍ଗୀ ରାଜ୍ୟର ସମସ୍ତ ଆରକ୍ଷୀ ଅଧିକ୍ଷକଙ୍କ ସମେତ ସମସ୍ତ ରେଞ୍ଜ ଆଇ.ଜି ଓ ଡି.ଆଇ.ଜିମାନଙ୍କ ସହ ଭିଡିଓ କନଫେରେନ୍ସି ମାଧ୍ୟମରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସମୀକ୍ଷା କରିଥିଲେ। ବୈଠକରେ ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



## ନୂତନ ମେମୁ ଟ୍ରେନ୍ ସେବାର ଶୁଭାରମ୍ଭ

**ବାଲେଶ୍ୱର/ନୀଳଗିରି,୧୩।୧(ସମିସ):** ଗୋପୀନାଥପୁର ନୀଳଗିରି ରେଳ ଷ୍ଟେସନ୍‌ରେ ଗୋପୀନାଥପୁର-ନୀଳଗିରି-ବାଲେଶ୍ୱର ନୂତନ ମେମୁ ଟ୍ରେନ୍ ସେବା ଆରମ୍ଭ ହୋଇଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ପତାକା ଶୁଭାରମ୍ଭ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ରେଳ ନେଟ୍‌ୱାର୍କକୁ ବିସ୍ତାର କରିବା ଉଦ୍ଦେଶ୍ୟରେ ଭାରତୀୟ ରେଳବାଇ ଏହି ଅଞ୍ଚଳ ପାଇଁ ନୂତନ ଷ୍ଟେସନ ବିଲଡିଂ, ନୂତନ ପାସେଞ୍ଜର ଲାଇନ ଏବଂ ନୂତନ ମେମୁ ସେବାର ପ୍ରତିଶ୍ରୁତି ପୂରଣ କରିଛି। ଏହି ଉତ୍ସବରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ନୀଳଗିରି ବିଧାୟକ ସୁକାନ୍ତ ନାୟକ ଉପସ୍ଥିତ ଥିଲେ। ଏହି ରୁଟ୍‌ରେ ପ୍ରତିଦିନ ୩ ଯୋଡ଼ି ମେମୁ ଟ୍ରେନ୍ ଚାଲିବ। ସମସ୍ତ ମେମୁ ଟ୍ରେନ୍ ସୁତେଇ ବଡ଼ଗାଁ ଷ୍ଟେସନରେ ରହିବ ବୋଲି ସୂଚନା ଦିଆଯାଇଛି।



ଅନ୍ୟପକ୍ଷେ ବେତନଟୀ ଷ୍ଟେସନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ରେଳମନ୍ତ୍ରୀ ସବ୍‌ୱେ ପାଇଁ ମୂଳଦୁଆ ପକାଇଥିଲେ। ସେ ବେତନଟୀ ଷ୍ଟେସନରେ ନୂତନ ପିଆରଏସ କାଉଣ୍ଟରର ମଧ୍ୟ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ବଡ଼ସାହି ବିଧାୟକ ସନାତନ ବିଜୁଳି ଉପସ୍ଥିତ ଥିଲେ। ଦକ୍ଷିଣ ପୂର୍ବାଞ୍ଚଳ ରେଳ ବିଭାଗର ଜେନେରାଲ ମ୍ୟାନେଜର ଅନିଲ ମିଶ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ।

## ଦୁର୍ଘଟଣାରେ ୨ ମୃତ

**ନନ୍ଦପୁର,୧୩।୧ (ସମିସ):** ନନ୍ଦପୁର ବ୍ଲକ୍ ଜଲାପୁଟ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକଦ୍ୱୟ ହେଲେ, ଖମରା ଗ୍ରାମର ଧନିଆ ଖରା, ମାଣିକ ଖେମୁଣ୍ଡୁ ଏବଂ ଆହତ ଜଣକ ଲମତାପୁଟ ବ୍ଲକ୍ ପାଲାମ ଗ୍ରାମର ରବୀନ୍ଦ୍ର ଖରା। ଗୁରୁତର ରବୀନ୍ଦ୍ରଙ୍କୁ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଖବର ପାଇ ସକାଳୁ ସେଠାକୁ ଯାଇଥିଲେ। ଶେଷକୃତ୍ୟ ସାରି ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସେମାନେ ଜଲାପୁଟ ନିକଟ ପାତ୍ରପୁଟ ମୁଖ୍ୟ ରାସ୍ତା ଅତିକ୍ରମ କରିବା ବେଳେ ବିପରୀତ ଦିଗରୁ ଆସୁଥିବା ପାଲାମ ଗ୍ରାମର ରବୀନ୍ଦ୍ର ଖରାଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଯୁବକମାନେ ସେମାନଙ୍କୁ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥା ଧନିଆ ଓ ମାଣିକଙ୍କ ମୃତ୍ୟୁ ହୋଇଯାଇଥିଲା।

## ଲୋକାର୍ପଣ ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



**ପୁରୀ, ୧୩।୧(ସମିସ):** ଆସନ୍ତା ୧୭ ତାରିଖ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା। ଶନିବାର ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ପୁରୀରେ ପହଞ୍ଚି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଅନୁଧ୍ୟାନ କରିଥିଲେ। ଏଥିସହ ଯଜ୍ଞମଣ୍ଡପ, ସମ୍ବର୍ଦ୍ଧନା ମଞ୍ଚ, ଅତିଥିଙ୍କ ପାଇଁ ବସିବା ସ୍ଥାନ ସବୁ ବୁଲି ଦେଖିବା ସହ ଶ୍ରୀମାର୍ଗ, ଜେବିପିସି ଓ ଶ୍ରୀସେତୁ ମଧ୍ୟ ଦେଖିଥିଲେ। ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଥିଲେ, ପରିକ୍ରମା ପ୍ରକଳ୍ପ କାମ ଶେଷ ହୋଇଛି। ୩/୪ ଦିନ ପୂର୍ବରୁ ସୌନ୍ଦର୍ଯ୍ୟକରଣ ପାଇଁ ଯାହା ନିଷ୍ପତ୍ତି ନିଆଯାଇଥିଲା ତାହା ଠିକଣା ସମୟରେ ସରିବା ନିଶ୍ଚିତ ବଡ଼ କଥା। ପ୍ରକଳ୍ପ ପାଇଁ ଜମି ଦାନ କରିଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ମୁଖ୍ୟଶାସନ ସଚିବ ଧନ୍ୟବାଦ ଦେବା ସହ ଏହି ପ୍ରକଳ୍ପ ଭଲରେ ହେଉ ବୋଲି ଏହା ପ୍ରଭୁ ଜଗନ୍ନାଥଙ୍କର ଇଚ୍ଛା ବୋଲି କହିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦରୁ ସବୁ କାମ ସୁରୁଖୁରରେ ଚାଲିଛି। ଏବେ ଶ୍ରୀମନ୍ଦିରକୁ ଦୁଇଟି ରାସ୍ତା ମିଳିଯାଇଛି। ଗୋଟିଏ ବଡ଼ଦାଣ୍ଡ ଏବଂ ଅନ୍ୟଟି ଶ୍ରୀ ମାର୍ଗ। ଶ୍ରୀସେତୁରେ ଆସି ଭକ୍ତମାନେ ଜଗନ୍ନାଥବଲ୍ଲଭ ପିଲୀଗ୍ରୀମ ସେଣ୍ଟରରେ ପହଞ୍ଚିବେ। ସେଠାରେ ଗାଡ଼ି ପାର୍କିଂ କରି ଶ୍ରୀମାର୍ଗ ଦେଇ ମନ୍ଦିରକୁ କମ୍ ସମୟରେ ଚାଲି ଚାଲି କିମ୍ବା ବ୍ୟାଟେରୀ ଗାଡିରେ ପହଞ୍ଚିପାରିବେ। ସମଙ୍ଗ ପାର୍କିଂ କି ଜେବିପିସି ସବୁଠୁ ଭକ୍ତଙ୍କୁ ନେବା ଆଣିବା ପାଇଁ ଗାଡ଼ିର ବ୍ୟବସ୍ଥା ରହିଛି। ଭକ୍ତମାନେ ସୁବିଧାରେ ଶ୍ରୀମନ୍ଦିରରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରି ପରିକ୍ରମା ପ୍ରକଳ୍ପ ବୁଲି ପୁଣି ପାର୍କିଂରେ ପହଞ୍ଚିପାରିବେ। ତେବେ ପୁରୀ ସହରରେ ଯେତେଗୁଡ଼ିଏ ପ୍ରକଳ୍ପ ହୋଇଛି ଏହାକୁ ପରିଚାଳନା ଏବେ ଭକ୍ତଙ୍କ ଦାୟିତ୍ୱ। ଏହାକୁ କିପରି ସ୍ୱଚ୍ଛ ରଖାଯିବ ସେଥିଲାଗି ସମସ୍ତଙ୍କର ସହଯୋଗ ଲୋଡିଥିଲେ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା।

## ଅବଶିଷ୍ଟାଂଶ...

### କଟକ-ସମ୍ବଲପୁର ରାଜପଥ...

କେନ୍ଦ୍ରମନ୍ତ୍ରୀ ନିଜ ପ୍ରତିଶ୍ରୁତି ପାଳନ କଲେ ନାହିଁ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ଉପରୁ ନିଜ ଭାଗର ୮% ଜିଏସ୍‌ଟି ଛାଡ଼ କରିଛନ୍ତି। ରାଜ୍ୟ ସରକାର ସମଗ୍ର ଦେଶରେ ପ୍ରଥମ ରାଜ୍ୟ ଭାବେ କେନ୍ଦୁପତ୍ର ତୋଳାଳିଙ୍କୁ ବୋନସ୍ ଦେଉଛି। ଖୁବ୍ ଶୀଘ୍ର କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନୂଆ ପ୍ୟାକେଜ ଘୋଷଣା କରିବେ ବୋଲି କାର୍ତ୍ତିକ ପାଣ୍ଡିଆନ୍ ପ୍ରକାଶ କରିଛନ୍ତି। କେନ୍ଦୁପତ୍ର ତୋଳାଳୀଙ୍କ ଆବେଦନ କ୍ରମେ ସେମାନଙ୍କ ପରିବାର ସଦସ୍ୟଙ୍କ ବିବାହ ପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ଓଡ଼ିଶାବାସୀଙ୍କ କଲ୍ୟାଣ ହିଁ ସର୍ବୋଚ୍ଚ ପ୍ରାଥମିକତା। ଲୋକଙ୍କ ମତାମତ ଆଧାରରେ ମୁଖ୍ୟମନ୍ତ୍ରୀ କାମ କରୁଛନ୍ତି। ତାଙ୍କ ନିର୍ଦ୍ଦେଶରେ ଲୋକଙ୍କ ସବୁ ଦରଖାସ୍ତକୁ ଉପଯୁକ୍ତ ସମ୍ମାନ ଦେଇ ସମାଧାନ କରାଯାଉଛି ବୋଲି ୫-ଟି ଅଧ୍ୟକ୍ଷ କହିଛନ୍ତି।

### ଯଜ୍ଞମଣ୍ଡପରେ ମଣ୍ଡଳ...

ଯଜ୍ଞ ଉପପ୍ରଚାରକ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି।ଲୋକାର୍ପଣ ଅବସରରେ ଅର୍ଥାତ୍ ଆସନ୍ତା ୧୫, ୧୬ ଓ ୧୭ ତାରିଖରେ ଭକ୍ତଙ୍କ ଦର୍ଶନ ପାଇଁ କୌଣସି କଟକଣା ରହିବ ନାହିଁ। ୧୭ ତାରିଖ ଅପରାହ୍ନ ପର୍ଯ୍ୟନ୍ତ ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ସ୍ଥାନ ଓ ଯଜ୍ଞମଣ୍ଡପ ନିକଟକୁ ଭକ୍ତମାନଙ୍କୁ ଛଡାଯିବ ନାହିଁ ବୋଲି କହିଛନ୍ତି। ଶନିବାର ଜିଲ୍ଲାପାଳ ସମର୍ଥ ବର୍ମା ଅନ୍ୟ ଅଧିକାରୀଙ୍କ ସହ ପ୍ରସ୍ତୁତିର ସମୀକ୍ଷା କରି କହିଛନ୍ତି ଯେ, ୧୨ ତାରିଖରୁ ଆରମ୍ଭ ହୋଇଥିବା ଯଜ୍ଞ ପ୍ରକ୍ରିୟା ଭଲରେ ଚାଲିଛି। ୧୭ ତାରିଖ ଲୋକାର୍ପଣ ଉତ୍ସବ ପାଇଁ ମଧ୍ୟ ସମସ୍ତ ପ୍ରକାଶ ପ୍ରସ୍ତୁତି କରାଯାଇଛି। ଶ୍ରୀସେତୁ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଶ୍ରୀମାର୍ଗ ରବିବାର ସମ୍ପୂର୍ଣ୍ଣ ହୋଇଯିବ । ବଡ଼ଦାଣ୍ଡ ସମେତ ସହରର ବିଭିନ୍ନ ଅଞ୍ଚଳରେ ବ୍ୟାପକ ସୌନ୍ଦର୍ଯ୍ୟକରଣ କରାଯାଇଛି । ଜଗନ୍ନାଥ ବଲ୍ଲଭରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ପ୍ରଦର୍ଶନ କରାଯିବ । ପରିକ୍ରମା ପ୍ରକଳ୍ପର ଥ୍ରୀ ଡି ମଡେଲ ଏବଂ ଏହା ସମ୍ପର୍କିତ ସୂଚନା ମଧ୍ୟ ପ୍ରଦର୍ଶନ ମାଧ୍ୟମରେ ଦେଖିପାରିବେ।

### ଖଡ୍‌ଗେ 'ଇଣ୍ଡିଆ'...

ପଞ୍ଜାବ ଏବଂ ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଆସନ ବଣ୍ଟାକୁ ନେଇ ଯେଭଳି ବାଦ ବିବାଦ ଚାଲିଛି ତଦ୍ୱାରା ଇଣ୍ଡିଆ ମେଣ୍ଟରେ ଯେ ସବୁକିଛି ଠିକ୍ ଚାଲିଛି ତାହା ସନ୍ଦେହ ସୃଷ୍ଟି କରିଛି। ଏଭଳି ସ୍ଥଳେ ମେଣ୍ଟ ଅଧ୍ୟକ୍ଷ ଭାବେ ଖଡ଼୍‌ଗେଙ୍କ ନାମ ଘୋଷଣା କରିବା ଏବଂ ଆବାହକ ପଦ ପାଇଁ ନୀତୀଶଙ୍କ ନାମ ଘୋଷଣା କରାଯିବା ପଛରେ କଂଗ୍ରେସର ସ୍ୱାର୍ଥ ନିହିତ ରହିଛି ବୋଲି ରାଜନୀତିକ ବିଶାରଦମାନେ ଆକଳନ କରିଛନ୍ତି। ରାହୁଲ ଗାନ୍ଧୀ ଆସନ୍ତାକାଲି ଠାରୁ ଭାରତ ଯୋଡୋ ନ୍ୟାୟ ଯାତ୍ରା ଆରମ୍ଭ କରିବାକୁ ଯାଉଥିବାରୁ ତାଙ୍କୁ ବିଭିନ୍ନ ରାଜ୍ୟରେ ମେଣ୍ଟ ସଦସ୍ୟ ଦଳ ସମର୍ଥନ କରିବା ଉଦ୍ଦେଶ୍ୟରେ ଶନିବାର ବୈଠକରେ ଏଭଳି ଘୋଷଣା କରାଯାଇଥିବା କୁହାଯାଉଛି। ତେବେ ନୀତୀଶ ଆବାହକ ପଦକୁ ପ୍ରତ୍ୟାଖ୍ୟାନ କରିବା ଘଟଣା ମେଣ୍ଟ ପାଇଁ ଆଗକୁ ଅଡୁଆ ପରିସ୍ଥିତି ସୃଷ୍ଟି କରିପରେ ବୋଲି କୁହାଯାଉଛି।

### ଥରୁଛି ଦିଲ୍ଲୀ...

ଏନ୍‌ସିଆର ପାଇଁ ରେଡ୍ ଆଲର୍ଟ ଜାରି କରିଛି। ଅନ୍ୟପକ୍ଷରେ ହିସାରର ବାଲସମନ୍ଦର ସର୍ବନିମ୍ନ ତାପମାତ୍ରା ୦.୪ ଡିଗ୍ରୀ ରେକର୍ଡ କରାଯାଇଛି। ଉତ୍ତର ପ୍ରଦେଶ କାନପୁରର ତାପମାତ୍ରା ୩ ଡିଗ୍ରୀରେ ପହଞ୍ଚିଛି। ବିହାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍କୁଲ୍‌କୁ ୧୬ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି।

### ୬ଜିଲ୍ଲାର ୩୨୭ଟି...

ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତର କାର୍ଯ୍ୟ ଚାଲିଛି। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହା ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି। ଏସବୁ ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶ୍ରେଷ୍ଠ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ। ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ '୫-ଟି' ଉପକ୍ରମରେ ଏହି ରୂପାନ୍ତର କାର୍ଯ୍ୟକ୍ରମରେ ତୁମ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବୋରେଟେରୀର ବ୍ୟବସ୍ଥା କରାଯାଇଛି। ଏହା ହେଉଛି ଟେକ୍‌ନୋଲୋଜିର ପ୍ରୟୋଗ। ସେହିଭଳି ଟିମ୍‌ୱାର୍କ ଜରିଆରେ ସମସ୍ତେ ମିଳିମିଶି କାମ କରୁଛନ୍ତି। ସମସ୍ତଙ୍କ ସହ ଆଲୋଚନା କରି ସବୁ କାମ ସ୍ୱଚ୍ଛତାର ସହ କରାଯାଉଛି। ଏହିସବୁର ଉପଯୋଗରେ ତୁମ ସ୍କୁଲ ମାନଙ୍କରେ ଆସିଛି ରୂପାନ୍ତର । ଯାହାକୁ ତୁମେ ଏବେ ଦେଖୁଛ ଓ ଅନୁଭବ କରୁଛ । ସରକାରୀ ସ୍କୁଲର ପିଲାମାନଙ୍କ ପାଇଁ ମେଡିକାଲ ଓ ଇଂଜିନିଅରିଂ କଲେଜରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଛି। ସରକାରୀ ସ୍କୁଲମାନଙ୍କରେ ପିଲାମାନଙ୍କ ଶିକ୍ଷାଦାନ କ୍ଷେତ୍ରରେ ବହୁ ଉନ୍ନତି ଆସିଛି। ଏବେ ସରକାରୀ ସ୍କୁଲରେ ପାଠ ପଢିବା ପାଇଁ ପିଲା ଓ ଅଭିଭାବକ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏବେ ସରକାରୀ ସ୍କୁଲ ଗୁଡିକ ଶ୍ରେଷ୍ଠ ମାଧ୍ୟମ ହୋଇଛି। ତେଣୁ ତୁମେମାନେ ଏହି ରୂପାନ୍ତରିତ ସ୍କୁଲର ସଠିକ ଉପଯୋଗ କରି ଭଲ ପାଠ ପଢି ଏକ ସୁନ୍ଦର ଭବିଷ୍ୟତ ଗଢିବା ପାଇଁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ତୁମେମାନେ ତୁମ ଜୀବନରେ ୫-ଟି ନୀତିର ପ୍ରୟୋଗ କର। ଏହା ତୁମମାନଙ୍କ ପାଇଁ ସଫଳତା ଆଣିଦେବ। ତୁମେମାନେ ନୂଆ ନୂଆ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ଚେଷ୍ଟା କର। କ୍ରୀଡା କ୍ଷେତ୍ରରେ ଟିମ୍ ୱାର୍କର ବିଶେଷ ଭୂମିକା ରହିଛି । ସ୍ୱଚ୍ଛତା ଓ ସାଧୁତା ହେଉଛି ମଣିଷ ଜୀବନର ଶ୍ରେଷ୍ଠ ଗୁଣ। ଜୀବନର ସବୁ କ୍ଷେତ୍ରରେ ସାଧୁତା ଅବଲମ୍ବନ କରିବାକୁ ଚେଷ୍ଟା କର। ସମୟ ହେଉଛି ତୁମ ମାନଙ୍କ ପାଇଁ ସବୁଠାରୁ ମୂଲ୍ୟବାନ। ତେଣୁ ସମୟକୁ ନଷ୍ଟ ନ କରି ତାର ଉପଯୋଗ କର ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

କାର୍ଯ୍ୟକ୍ରମରେ ଯୋଗ ଦେଇ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ୫-ଟି ସ୍କୁଲ ରୂପାନ୍ତର ଆଜି ପିଲାଙ୍କ ମଧ୍ୟରେ ଭଲ ପାଠ ପଢି ବଡ ହେବାର ସ୍ୱପ୍ନକୁ ଜାଗ୍ରତ କରିପାରିଛି। ସରକାରୀ ସ୍କୁଲରେ ପାଠ ପଢି ବହୁତ ପିଲା ବଡ଼ ମଣିଷ ହୋଇଛନ୍ତି। ତୁମ ମାନଙ୍କ ସ୍ୱପ୍ନ ମଧ୍ୟ ନିଶ୍ଚୟ ପୂରଣ ହେବ। ଏହି ଅବସରରେ ୫-ଟି ସ୍କୁଲ ରୂପାନ୍ତର ସଂପର୍କରେ ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀମାନେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ମାଲକାନଗିରିର ଦଶମ ଶ୍ରେଣୀର ଛାତ୍ରୀ ସୁକାନ୍ତି ଖରା, ବାଲେଶ୍ୱରର ଦଶମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ପ୍ରଧାନ, ଗଜପତିର ଦଶମ ଶ୍ରେଣୀ ଛାତ୍ରୀ ମନୀଷା ପାଲ, ଢେଙ୍କାନାଳର ନବମ ଶ୍ରେଣୀ ଛାତ୍ରୀ ସ୍ୱାତୀ ମହାପାତ୍ର, କେନ୍ଦୁଝରର ନବମ ଶ୍ରେଣୀ ଛାତ୍ରୀ ସୁଦୀପ୍ତା ନନ୍ଦ ଏବଂ କଟକର ଦଶମ ଶ୍ରେଣୀ ଛାତ୍ରୀ ଅଙ୍କିତା ପ୍ରିୟଦର୍ଶିନୀ ପ୍ରମୁଖ କହିଛନ୍ତି ଯେ ସ୍କୁଲ ରୂପାନ୍ତର ଯୋଗୁ ଆଜି ଆମ ସ୍କୁଲର କାନ୍ଥ କଥା କହୁଛି। ସ୍ମାର୍ଟ୍ ବୋଡର୍ ଜରିଆରେ ପାଠ ପଢା ଏବେ ଖୁବ୍ ଆକର୍ଷଣୀୟ ହୋଇ ପାରିଛି। ମୁଖ୍ୟମନ୍ତ୍ରୀ ଆମ ସରକାରୀ ସ୍କୁଲକୁ ପ୍ରାଇଭେଟ ସ୍କୁଲ ସହିତ ସମକକ୍ଷ କରି ଆମର ସ୍ୱପ୍ନକୁ ସାକାର କରିଛନ୍ତି । ୫-ଟି ଉପକ୍ରମରେ ଆମ ବିଦ୍ୟାଳୟର ପରିବେଶ ଓ ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଭାବେ ବଦଳି ଯାଇଛି ବୋଲି ସେମାନେ କହିଛନ୍ତି।

କାର୍ଯ୍ୟକ୍ରମରେ ମାଲକାନଗିରିରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ବାଲେଶ୍ୱରରେ ବିଧାୟକ ସ୍ୱରୂପ କୁମାର ଦାସ, ଗଜପତିରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ଢେଙ୍କାନାଳରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, କେନ୍ଦୁଝରରେ ବିଧାୟକ ଜଗନ୍ନାଥ ନାୟକ ଏବଂ କଟକରେ ବିଧାୟକ ଚନ୍ଦ୍ରସାରଥୀ ବେହେରା ପ୍ରମୁଖ ଯୋଗ ଦେଇ ଶିକ୍ଷା କ୍ଷେତ୍ରରେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱରେ ଉଚ୍ଚ ପ୍ରଶଂସା କରିଛନ୍ତି। ସେହିପରି କଟକ ଜିଲ୍ଲା କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଂସଦ ଡ. ଅଚ୍ୟୁତ ସାମନ୍ତ, ସାଂସଦ ଡ. ରାଜଶ୍ରୀ ମଲ୍ଲିକ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଧାୟକ ଡ. ପ୍ରମୋଦ ମଲ୍ଲିକ, ବିଧାୟକ ସୌଭିକ ବିଶ୍ୱାଳ ପ୍ରମୁଖ ସ୍କୁଲ ରୂପାନ୍ତର ପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ। ଓସେପାର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ୮୦୨ କୋଟି ବ୍ୟୟରେ...

ସାତଟି ବ୍ଲକ୍‌ରେ ୮୦୨ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ବୃହତ ପାଇପ୍ ପାଣି ପ୍ରକଳ୍ପ, ୧୩୧ କୋଟି ଟଙ୍କାରେ ୧୬ଟି ସଡ଼କ ପ୍ରକଳ୍ପ ଏବଂ ୯୦ କୋଟି ଟଙ୍କା ବ୍ୟୟରେ ୧୬ଟି ସେତୁ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ। ଗତବର୍ଷ ଜୁଲାଇ ମାସରେ ଶ୍ରୀ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ପରେ ଏଥିରୁ ଅଧିକାଂଶ ପ୍ରକଳ୍ପ ଆରମ୍ଭ ହୋଇଛି। ଜୁଲାଇ ମାସରେ ଜନସଭାରେ ଶ୍ରୀ ପାଣ୍ଡିଆନଙ୍କୁ ଭେଟି ଜନସାଧାରଣ ଏସବୁ ପ୍ରକଳ୍ପ ଆରମ୍ଭ ପାଇଁ ନିବେଦନ କରିଥିଲେ। ଆଜି ଅପରାହ୍ନରେ ଶ୍ରୀ ପାଣ୍ଡିଆନ୍ କୁଚିଣ୍ଡା କଲେଜ ପଡିଆ, ରେଢ଼ାଖୋଲ ସ୍ଥିତ କଦମ ପଡିଆ ଠାରେ ଆୟୋଜିତ ଜନସଭାରେ ଲୋକଙ୍କ ସମସ୍ୟା ଶୁଣିବା ସହିତ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଦେଇଛନ୍ତି ।

DISTRICT OFFICE::MAYURBHANJ::BARIPADA g-136
(Social Welfare Section)
Notice No. 193 dt. 11-01-2024
ADVERTISEMENT FOR intending printing Press/ Firms/ Agencies for printing & Supply of "Pictorial Parenting Flipbook for AWWs/ASHAs on parenting of children (0-3 yrs.), Calendar for families of children (0-3 yrs.) and Kuni Calendar for Children 0-3 years under OMBADC"

Applications are invited from the intending printing Press/ Firms/ Agencies for printing & Supply of "Pictorial Parenting Flipbook for AWWs/ASHAs on parenting of children (0-3 yrs.), Calendar for families of children (0-3 yrs.) and Kuni Calendar for Children 0-3 years under OMBADC" for more details kindly visit: https://mayurbhanj.nic.in. Any other modification if arises to this effect will be uploaded in the same website.
OIPR-19015/11/0005/2324

OFFICE OF THE
SPECIAL PLANNING AUTHORITY
BHADRAK X-22
TENDER CALL NOTICE
(Through E-Procurement)
Tender Reference No:SPA-BDK-01-2023-24
Tender Call Notice No. 34 / SPA/dt. 11.01.2024

| | | |
|---|---|---|
| 1. | Name of the work | : Individual Civil construction works as per DTCN published in the website |
| 2. | No of works put to tender | : Two Nos. Civil Construction works |
| 3. | Estimated cost | : As per DTCN |
| 4. | Period of completion | : As per DTCN |
| 5. | Date and time of availability | : From 10.00 hours of Dt.16.01.24 to 17.00 hours of Dt.30.01.24 of bid document in the portal |
| 6. | Mode of deposit towards cost of Bid document & EMD | : Online |
| 7. | Date and time of opening of bid | : 11.00 hours and onwards of Dt. 31.01.24 |
| 8. | Name and address of the Officer Inviting Bid | : Special Planning Authority, Bhadrak. |

Further details can be seen from the e-procurement portal "https://tendersorissa.gov.in" or "http://tenders.ori.nic.in/nicgep/app"
Special Planning Authority, Bhadrak.
OIPR-13071/11/0001/2324

AFFIDAVIT
I Kabita Rath W/O Ramesh Chandra Rath, resident of Plot No 100/1274, JAGDA, JHIRPANI, SUNDERGARH, ODISHA-769042, declare by this affidavit No 6137 dtd -03/05/2023 that now onwards, I shall be known as Kabita Pati for all future purposes

AFFIDAVIT
By virtue of an affidavit before the Notary public, Angul, Odisha, I Sharat Chandra Samal S/o-Late Jogendra Samal R/o-Balibil, PS-Bari-Ramachandrapur, Dist-Jajpur, Odisha-755003, declare by this affidavit no.19849 dtd -25/12/2023 that now onwards I shall be known as **Sarat Chandra Samal** for all future purposes.

AFFIDAVIT
I Koshala Sahu, W/o- Late Kanhu Charan Sahu, Village- Balyamba, Ps.-Sadar, Dist.- Dhenkanal, Odisha, Pin-759015, declare by this affidavit no. -61AA667614, Dated 11.01.2024 that now on wards I shall be known as **Kaushalya Sahu** for all future purposes.

SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact-Bhavishya Homes Pvt Ltd.
Ph.: 9437015112

AFFIDAVIT
I, Mohammad Wasiuddin S/o-Late Hedayat Ali, resident of Jama Masjid Road, Ward No.03, Rajgangpur, PO/PS-Rajgangpur, Dist-Sundargarh, Odisha, That, my actual name is Mohammad Wasiuddin which mentioned in my Aadhar Card & Pan Card. That in my passport vide No. A-149132 my name wrongly mentioned as Mohammed Wasi Ahmad. That both names **Mohammad Wasiuddin & Mohammed Wasi Ahmad** denotes one & same person either myself.

AFFIDAVIT
I, Harekrishna Sahoo, S/o- Gouranga Sahoo, resident of AT/PO-Gotara, PS-Bhadreswar, Dist-Cuttack, Pin-754207, Odisha declare by this affidavit No-76, dated-13/01/2024, that now onwards I shall be known as **HAREKRUSHNA SAHOO** for all future purposes.

AFFIDAVIT
I, Arun Agrawal, S/o-Shambhu Dayal Agrawal, resident of AT- Mainroad, PO/PS -Rajgangpur, Dist-Sundargarh, Pin-770017, Odisha declare by this affidavit No-77, dated-13/01/2024, that now onwards I shall be known as **ARUN KUMAR AGRAWAL** for all future purposes.

AFFIDAVIT
I, Arvind Epari, S/o-Epari Madhav Rao, resident of At- Nimchouri, Old College Lane, Cuttack Sadar, Dist-Cuttack, Pin-753002, Odisha declare by this affidavit No-15, dated-12/01/2024, that now onwards I shall be known as **EPARI ARVIND KUMAR** for all future purposes.

# ବେଲପାହାଡ଼ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଫେବ୍ରୁଆରୀ ୧୫ ସୁଦ୍ଧା ଡିପିଆର ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ

**ଝାରସୁଗୁଡ଼ା, ୧୩।୧(ସମିସ)**

ବେଲପାହାଡ଼ ସହର ଫାଟକଠାରେ ବିଳାସପୁର ରେଳ ଡିଭିଜନର ଏଲସି-୨୬୮, ସିଏଚ୍ ୫୩୪/୧ରେ ଏକ ରେଳ ଓଭର ବ୍ରିଜ (ଆରଓବି) ନିର୍ମାଣ ସକାଶେ ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଲୋଚନା ଓ ନିଷ୍ପତ୍ତି କ୍ରମେ ଝାରସୁଗୁଡା ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଜିଏଡି (ନକ୍ସା) ମୁଖ୍ୟ ଇଞ୍ଜିନିୟର ବିଶ୍ୱବ୍ୟାଙ୍କ ଭୁବନେଶ୍ୱରଙ୍କ ଅଧୀନରେ ଅଛି। ଯାହା ଡେପୁଟି ଚିଫ୍ ଇଞ୍ଜିନିୟର ରେଳବାଇଙ୍କୁ ୧୫ ଜାନୁୟାରୀ ସୁଦ୍ଧା ଦାଖଲ କରାଯିବ। ଡେପୁଟି ଚିଫ୍ ଇଞ୍ଜିନିୟର ରେଳବାଇ ଏସଇସିଆର ବିଳାସପୁର ରେଳ ଡିଭିଜନ୍ ଜିଏଡି ଚୂଡାନ୍ତ କରି ୩୧ ଜାନୁୟାରୀ ସୁଦ୍ଧା ଏହାକୁ ଅନୁମୋଦନ କରିବ। ଅନ୍ତିମ ଡିପିଆର ଆସନ୍ତା ୧୫ ଫେବ୍ରୁଆରୀ ସୁଦ୍ଧା ଅନୁମୋଦିତ ହେବ ବୋଲି ଆଶା କରାଯାଇଛି। ଲଖନପୁର ତହସିଲଦାର ପ୍ରସ୍ତାବ ଦାଖଲ କରିବାର ୩ ଦିନ ମଧ୍ୟରେ ଝାରସୁଗୁଡା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ପରାମର୍ଶ କରି ଜମି ଯୋଜନା ଏବଂ ଜମି ସୂଚୀ ଶେଷ କରିବେ। ଏନେଇ ବିଳାସପୁର ରେଳ ଡିଭିଜନ ଓ ରେଳବାଇ ବୋର୍ଡ କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ବେଲପାହାଡ଼ ସହର ବୁଦ୍ଧିଜୀବୀଙ୍କ ପକ୍ଷରୁ ଫେବ୍ରୁଆରୀ ୨୩ରେ ଆମରଣ ଅନଶନ ସହିତ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ବେଲପାହାଡ଼ବାସୀ ଫାଟକଠାରେ ଏକ ଆରଓବି ପାଇଁ ଦୀର୍ଘ ବର୍ଷରୁ ଦାବି କରିଆସୁଥିବା ବେଳେ ଏଯାଏ କୌଣସି ଫଳପ୍ରଦ ହୋଇନାହିଁ। ପ୍ରତିଦିନ ବେଲପାହାଡ଼ ରେଳ ଫାଟକରେ ଘଣ୍ଟାଘଣ୍ଟା ଧରି ଫାଟକ ବନ୍ଦ ରହିବା ଦ୍ୱାରା ଲୋକଙ୍କ ଯାତାୟତ ଅନେକ ସମସ୍ୟା ଦେଖାଦେଇଛି। ସ୍କୁଲ, କଲେଜ୍ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଶିଳ୍ପ, ଖଣି, ବିଭିନ୍ନ କାର୍ଯ୍ୟାଳୟ ଆଦିରେ କାର୍ଯ୍ୟରତ କର୍ମଚାରୀ, ଅଧିକାରୀମାନେ ପ୍ରତିଦିନ ରେଳ ଫାଟକରେ ବ୍ୟାପକ ଟ୍ରାଫିକ ସମସ୍ୟା ପାଇଁ ହଇରାଣ ହେଉଛନ୍ତି। ଲୋକେ ରେଳ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଏକ ଆରଓବି ନିର୍ମାଣ ପାଇଁ ଦାବି କରାଯାଇଛି। ତେବେ ଏହି ଆନ୍ଦୋଳନକୁ ଆସନ୍ତା ଫେବ୍ରୁଆରୀ ୧୫ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ପ୍ରସ୍ତାବିତ ପ୍ରକଳ୍ପର ଅଗ୍ରଗତି ପାଇଁ ପରବର୍ତ୍ତୀ ବୈଠକ ଫେବ୍ରୁଆରୀ ୧୬ ତାରିଖରେ ଅନୁଷ୍ଠିତ ହେବ। ଝାରସୁଗୁଡା ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଟାଇମ ଲାଇନରେ ରହିବାକୁ ସମ୍ପୃକ୍ତ ଅଧିକାରୀଙ୍କ ସହିତ ଅନୁସରଣ କରିବେ ବୋଲି କୁହାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନକୁ ପ୍ରତ୍ୟାହାର କରିବାକୁ ଆବେଦନକାରୀମାନେ ସହମତ ହୋଇଛନ୍ତି। ଯଦି ଡିପିଆର ଶୀଘ୍ର ଅନୁମୋଦନ ପାଇଁ ସମ୍ଭବ ହୁଏ ତେବେ ରେଳବାଇ କର୍ତ୍ତୃପକ୍ଷଙ୍କ ସହ ଏହି ମାମଲା ଅନୁସରଣ କରିବାକୁ ଆବେଦନକାରୀମାନେ ସମର୍ଥନ କରିବେ ବୋଲି କୁହାଯାଇଛି। ଏହି ବୈଠକରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଏସ ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ, ଅତିରିକ୍ତ ତହସିଲଦାର ଡୋଳାମଣି ଦଳାଇ, ପୂର୍ତ୍ତ କନିଷ୍ଠ ଯନ୍ତ୍ରୀ ଲଳିନ୍ଦ୍ର ମାଝୀ ଓ ବେଲପାହାଡ଼ର ବୁଦ୍ଧିଜୀବୀଙ୍କ ମଧ୍ୟରୁ ଶ୍ୟାମସୁନ୍ଦର ଶତପଥୀ, ପ୍ରମୋଦ ସେନାପତି, କୈଳାଶ ନାଏକ ଏବଂ ହାଡୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବୁଲୁଛି ଅର୍ପଣ ରଥ, ସଂଗ୍ରହ ହେଉଛି ଗୁଆ ଓ ଅକ୍ଷତ

**ବ୍ରଜରାଜନଗର, ୧୩।୧(ସମିସ):** ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ସମଗ୍ର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହେବ ଏବଂ ଏଥିରେ ରାଜ୍ୟର ପ୍ରତେକ ପରିବାର ଅଂଶୀଦାର ହେବାର ସୌଭାଗ୍ୟ ଅର୍ଜନ କରିବା ନେଇ ରାଜ୍ୟ ସାରା ଅର୍ପଣ ରଥ ପରିକ୍ରମା କରୁଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରାଜପୁର ଗ୍ରାମପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥ ପ୍ରଥମେ ରାଜପୁର ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ରଥ ପରିକ୍ରମା ଆରମ୍ଭ ହୋଇଥିଲା। ରାଜପୁର ରଜପୁତ ପଡ଼ାରୁ ଆରମ୍ଭ ହୋଇ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ଆମ ଦରହ୍‌ରେ ପ୍ରଥମ ଦିନର ପରିକ୍ରମା ଶେଷ ହୋଇଥିଲା। ଏହି ଅବସରରେ ଗ୍ରାମର ପୁରୁଷ ଓ ମହିଳା ସାମିଲ ହୋଇ ଗୁଆ ଓ ଅକ୍ଷତ ପ୍ରଦାନ କରିଥିଲେ। ଏହି ଅବସରରେ ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ବିଧାୟିକାଙ୍କ ପ୍ରତିନିଧି ଗଣେଶ ରାମ ବାଗ, ମଙ୍ଗଳ ସାହୁ, ନାଏବ ସରପଞ୍ଚ କୌଶଲ୍ୟା ଦେହୁରୀ, ଜେଇ ଫଗୁ ମୁର୍ମୁ, ଜିଆର୍‌ଏସ ବିଜୟ ସେଠ୍, ସମସ୍ତ ୱାର୍ଡ ମେମ୍ବର, ସିଆରପି ଓ ଏମବିକେ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ସଦର ବ୍ଲକ ଚାନ୍ଦନିମାଲ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅର୍ପଣ ରଥ ପରିକ୍ରମା କରିଛି। ପ୍ରଥମ ଦିନରେ ଚିଚିଣ୍ଡା ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଅର୍ପଣ ରଥ ବୁଲିବା ଆରମ୍ଭ କରି ଚିଚିଣ୍ଡା, ଚାନ୍ଦନିମାଲ, କେଛୋବାହାଲ, ଘୁସୁରାମୁଣ୍ଡା, କନ୍ଦାକୁଡ଼ା, ନୂଆପଡ଼ା, କେନ୍ଦୁପଡ଼ା, ଝାରମୁଣ୍ଡାରେ ଶେଷ ହୋଇଥିଲା। ଶନିବାର ବାକି ରହିଥିବା ଚାନ୍ଦନୀମାଲ ଗ୍ରାମ ପଞ୍ଚାୟତର ବରପାଲି, ଗୋବିନ୍ଦପୁର, ବଡ଼ଟିକ୍ରା, ତବଲାମାଲ, କିଷାନପଡ଼ା, ଅଘିରିଆପଡ଼ା, ତେତେଲପଡ଼ା ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ସଞ୍ଜୁଲତା ପାଉଲେ, ଝାରସୁଗୁଡ଼ା ବ୍ଲକ ବିଏସଏସଓ ସୌମ୍ୟରଞ୍ଜନ ଭୋଇ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓକିଲ ପ୍ରଧାନ, ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ସମିତି ସଭ୍ୟ ଯତୀନ ଦେଓଙ୍କ ସହିତ ଅନେକ ପୁରୁଷ ଓ ମହିଳା ସାମିଲ ରହିଥିଲେ।



# ପୂର୍ବ ଶତ୍ରୁତାକୁ ନେଇ ମରଣାନ୍ତକ ଆକ୍ରମଣ

**ବ୍ରଜରାଜନଗହ, ୧୩।୧(ସମିସ):** ବ୍ରଜରାଜନଗର ଥାନା ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ ଚାରଭାଟି ଖମନଟିକ୍ରାରେ ପୂର୍ବ ଶତ୍ରୁତା କାରଣରୁ ପଡ଼ୋଶୀ ଅନୀଲ ମୁଣ୍ଡା ମରଣାନ୍ତକ ଆକ୍ରମଣ କରିଥିବା ନେଇ ପ୍ରତାପ ମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ପ୍ରତାପ ଘରକୁ ଫେରୁଥିବା ସମୟରେ ଅନୀଲ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ପ୍ରତାପଙ୍କୁ ବଞ୍ଚାଇବା ପାଇଁ ତାଙ୍କ ଅଜା ଶିବା ମୁଣ୍ଡା ଆସିବାରେ ଅନୀଲର ଭାଇ ସରୋଜ ମୁଣ୍ଡା, ସୁନୀଲ ମୁଣ୍ଡା ଆସି ଉଭୟଙ୍କୁ ବାଡିରେ ପିଟିଥିଲେ। ଫଳରେ ଉଭୟଙ୍କ ମୁଣ୍ଡ ଫାଟି ଯାଇଥିଲା। ଏହା ସହିତ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ଗାଳିଗୁଲଜ ସହିତ ମାଡ଼ପିଟ କରିଥିବା ନେଇ ପ୍ରତାପ ମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଦେବଗଡ଼ ନବୋଦୟ ବିଦ୍ୟାଳୟରେ ୭.୬୦କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ

**ଦେବଗଡ଼, ୧୩।୧(ସମିସ):** ଦେବଗଡ଼ ପିଏମ୍‌ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟରେ ୭.୬୦ କୋଟି ଟଙ୍କା ମୂଲ୍ୟର ବିକାଶମୂଳକ କାର୍ଯ୍ୟ ସମେତ ଫୁଟ୍‌ବଲ ଫର୍ ସ୍କୁଲ୍ କାର୍ଯ୍ୟକ୍ରମକୁ କେନ୍ଦ୍ର ଶିକ୍ଷା, ଦକ୍ଷତାବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦଘାଟନ କରିଛନ୍ତି। ଉକ୍ତ ସ୍କୁଲରେ ପ୍ରାୟ ୪କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ୭୫୦ ଆସନ ବିଶିଷ୍ଟ ବହୁମୁଖୀ ସଭାଗୃହକୁ ମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ସେହିପରି ନବୋଦୟ ବିଦ୍ୟାଳୟରେ ଛାତ୍ରୀମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଦୃଷ୍ଟିରୁ ଆଜି ପ୍ରାୟ ୩କୋଟି ଟଙ୍କା ବ୍ୟୟରେ ନିର୍ମିତ ଅତିରିକ୍ତ ଛାତ୍ରୀ ନିବାସ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟରେ ପିଲାଙ୍କ ଦକ୍ଷତା ବିକାଶ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସ୍କିଲ ଲ୍ୟାବ ମଧ୍ୟ ଉଦଘାଟିତ ହୋଇଥିଲା। ବିଦ୍ୟାଳୟରେ ଆୟୋଜିତ ପ୍ରଦର୍ଶନୀ ମନ୍ତ୍ରୀ ବୁଲିବା ସହ ଛାତ୍ରଛାତ୍ରୀ ମାନଙ୍କ ବୁଦ୍ଧିମତା କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଏଥିସହ ଛାତ୍ରଛାତ୍ରୀ ମାନଙ୍କୁ ନିଯୁକ୍ତିଦାତା ହୋଇ ଆତ୍ମନିର୍ଭରଶୀଳ ହେବା ପାଇଁ ପରାମର୍ଶ ଦେଇଥିଲେ। ଏକାଦଶ ଶ୍ରେଣୀର ଛାତ୍ର ଅଙ୍କିତ ସାମନ୍ତ ଓ ଉଦିତ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ପେଟ୍ରୋଲରେ ଇଥାନଲ ବ୍ଲେଣ୍ଡିଂ ପ୍ରକଳ୍ପ ଦେଖି ମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ। ଫୁଟବଲ ଫର ସ୍କୁଲ ଅନ୍ତର୍ଗତ ଦେବଗଡ଼ ଜିଲ୍ଲାର ମୋଟ ୫୦ଟି ସ୍କୁଲରେ ୨୭୩ଟି ଫୁଟବଲ ବିତରଣ କରାଯିବ। ଏହି ଅବସରରେ ଦେବଗଡ଼ ପିଏମ୍‌ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ରୀ ମୋନାଲିସା ମଲ୍ଲିକ ଓ ବିଦୁସ୍ମିତା ଧରୁଆ କେନ୍ଦ୍ରମନ୍ତ୍ରୀଙ୍କୁ ଏକ କଳାକୃତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ନବୋଦୟ ବିଦ୍ୟାଳୟ ସମିତି ଭୋପାଳ ରିଜଅନର ଆସିଷ୍ଟାଣ୍ଟ କମିଶନର ନିଲମ ପାଣି, ଡେପୁଟି କମିଶନର ମୃଦୁଳା ତ୍ରିପାଠୀ ଓ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଉତ୍ତମ ପ୍ରସାଦ ପ୍ରମୁଖ ମଞ୍ଚାସୀନ ଥିଲେ।

# ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଭୂମିପୂଜନ

**ଦେବଗଡ଼, ୧୩।୧(ସମିସ):** ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ ଭବନର ଭୂମିପୂଜନ କେନ୍ଦ୍ର ଶିକ୍ଷା, ଦକ୍ଷତାବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୩୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ପୂର୍ଣ୍ଣାଙ୍ଗ ହେଲେ ଏକ ଭଲ ସ୍କୁଲ ହେବ। ସ୍କୁଲରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢୁଥିବା ଦୃଷ୍ଟିରେ ରଖି ଆସନ୍ତା ଶିକ୍ଷା ବର୍ଷରୁ ଏଠାରେ ୨ଟି ସେକ୍ସନ କରିବା ପାଇଁ ବ୍ୟବସ୍ଥା କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ଏହାସହ ସ୍କୁଲରେ ଦ୍ୱାଦଶ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରଛାତ୍ରୀମାନେ କିପରି ପ୍ରତିଯୋଗିତାମୂଳକ ଭାବେ ଆଗକୁ ବଢ଼ିବେ ସେଥିପାଇଁ ଉଦ୍ୟମ କରିବାକୁ ଶ୍ରୀ ପ୍ରଧାନ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଆଜିର ଭୂମି ପୂଜନ ଉତ୍ସବରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, କେନ୍ଦ୍ରୀୟ ବିଦ୍ୟାଳୟ, ଭୁବନେଶ୍ୱର ରିଜଅନର ଡେପୁଟି କମିସନର ଶିହରଣ ବୋଷ ଓ ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।




# ଘର ସାମନାରୁ ବାଇକ ଚୋରି

**ଝାରସୁଗୁଡ଼ା, ୧୩।୧(ସମିସ):** ଝାରସୁଗୁଡ଼ା ଟାଉନ ଥାନା ଅନ୍ତର୍ଗତ ମଙ୍ଗଳବଜାର ହଟଲିପଡ଼ାସ୍ଥ ଏକ ଘର ସାମନାରୁ ବାଇକ ଚୋରି ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ବାଇକ ଚୋରି ହେବା ନେଇ ସିସିଟିଭିରେ ଏହାର ଦୃଶ୍ୟ ଦେଖିବାକୁ ମିଳିଛି। ସିସିଟିଭି ଫୁଟେଜ୍ ଅନୁଯାୟୀ ଉକ୍ତ ବାଇକ ଚୋରିରେ ତିନି ଜଣ ଯୁବକ ସମ୍ପୃକ୍ତ ଅଛନ୍ତି। ଦୁଇ ଜଣ ରାସ୍ତା ଉପରେ ନଜର ରଖିଥିବା ବେଳେ ଅନ୍ୟ ଜଣେ ବାଇକର ହାଣ୍ଡଲ ଭାଙ୍ଗିଥିଲେ। ପରେ ତାର ଯୋଡ଼ି ବାଇକ ଧରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଉକ୍ତ ୩ ଯୁବକ ପରିଚୟ ଲୁଚାଇବାକୁ ଯାଇ ମୁହଁରେ କପଡ଼ା ବାନ୍ଧିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



## ୨୦ତମ ରାଜ୍ୟସ୍ତରୀୟ ରାଧାକୃଷ୍ଣ କ୍ରିକେଟ ପ୍ରତିଯୋଗିତାର ପଞ୍ଚମ ଦିବସ

# ରେଙ୍ଗାଲି ପିସିସିକୁ ହରାଇ ବଲାଙ୍ଗିର ବିସିଏ ବିଜୟୀ

**ଦେବଗଡ଼, ୧୩।୧(ସମିସ):** ରିଆମାଳ ବ୍ଲକ କଣ୍ଟାବାହାଳ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ରାଧାକୃଷ୍ଣ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୨୦ତମ ରାଜ୍ୟସ୍ତରୀୟ ରାଧାକୃଷ୍ଣ କ୍ରିକେଟ ପ୍ରତିଯୋଗିତାର ପଞ୍ଚମ ଦିବସରରେ ରେଙ୍ଗାଲିର ପିସିସିକୁ ୯ ଉଇକେଟରେ ପରାସ୍ତ କରିଛି ବଲାଙ୍ଗିରର ବିସିଏ। ବଲାଙ୍ଗିରର ବିସିଏ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ପାଇଁ ରେଙ୍ଗାଲିର ପିସିସିକୁ ଆମନ୍ତ୍ରଣ କରିଥିବା ବେଳେ ପିସିସି ପ୍ରଥମେ ବ୍ୟାଟିଂ କରି ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବଲାଙ୍ଗିରର ବିସିଏ ବ୍ୟାଟିଂ ଆରମ୍ଭ କରି ୧୨.୨ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ଆବଶ୍ୟକ ଲକ୍ଷ୍ୟ ପୂରଣ କରିବା ସହ ୯ ଉଇକେଟରେ ବିଜୟୀ ହୋଇଥିଲା। ଆଜିର ମ୍ୟାଚକୁ ଓଡ଼ିଶା କ୍ରିକେଟ ଏସୋସିଏସନ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ରଜନୀକାନ୍ତ ରେଡ୍ଡୀ ଓ ବିଶ୍ୱମ୍ବର ମହାକୁଡ଼ ପରିଚାଳନା କରିଥିଲେ। ଅନୀଲ କୁମାର ନାୟକ ଓ ଅମୀୟ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ଭାଷ୍ୟକାର ସୁଶାନ୍ତ କିସାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଆଜିର ମ୍ୟାଚରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ବଲାଙ୍ଗୀର ବିସିଏର ଖେଳାଳି ରାହୁଲ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତା ଆୟୋଜନରେ ରାଧାକୃଷ୍ଣ କ୍ରିକେଟ କ୍ଲବର ସଭାପତି ବିକାଶ କୁମାର ବେହେରା ଓ ସମ୍ପାଦକ ଜଗନ୍ନାଥ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରୁଥିବା ଜଣାପଡ଼ିଛି।




# ମା' ଗଡ଼ଦେବୀଙ୍କ ପୂଜା ପାଳିତ

**କିର୍ମିରା, ୧୩।୧(ସମିସ):** ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକର ଧୁତରା, ଅର୍ଡା, ଜାମକାନି, ଜୁନାପାଳି, ପନଖିପଡ଼ା, ଶ୍ରଦ୍ଧାପାଳି, ତୁଡିବାହାଳ, କାହାଲୀପରା, କଙ୍କରାମୁଣ୍ଡା, ବିରାମଡିହି, ଭୂର୍ଲାଡିହି, ସାରସମାଳ, ସାରସପାଳି, ଖାଲିଙ୍ଗପରା ଓ ଚମ୍ପାପରା ଆଦି ଗ୍ରାମମାନଙ୍କରେ ମା' ଗଡ଼ଦେବୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଭକ୍ତଙ୍କ ସମାଗମ ହୋଇଥିଲା। ଗାଁ ତଥା ସହର ଓ ରାଜ୍ୟ ବାହାରୁ ମା'ଙ୍କ ପ୍ରତି ବିଶ୍ୱାସ ରଖିଥିବା ଶ୍ରଦ୍ଧାଳୁଙ୍କ ଆଗମନ ଦେଖିବାକୁ ମିଳିଥିଲା। କେତେକେ ନଡିଆ, ଫଳଫୁଲ ଧରି ପୂଜା କରି ଆସୁଥିଲା ବେଳେ କେତେକଙ୍କ ମନୋସ୍କାମନା ପୂର୍ଣ୍ଣ ପରେ ବୋଦା, କୁକୁଡା ବଳି ପକାଇଥିଲେ। ଅଞ୍ଚଳର ଆବାଳବୃଦ୍ଧବନିତାଙ୍କ ଦୁଃଖସୁଖର ସାଥୀ ତଥା ବିଶ୍ୱାସର ପ୍ରତୀକ ରୂପେ ଆବହମାନ କାଳରୁ ମା' ଗଡ଼ଦେବୀଙ୍କୁ ଗାଁ ତଥା ଅଞ୍ଚଳର ସୁରକ୍ଷା ଦେବୀ ରୂପେ ମାନି ଚଳୁଛନ୍ତି। କେହି କେହି ଯାତ୍ରା କିମ୍ବା ଘର ଶୁଭକାର୍ଯ୍ୟ ଆରମ୍ଭରେ ମା' ଗଡ଼ଦେବୀଙ୍କ ନାମ ସ୍ମରଣ କଲେ ଶୁଭଫଳ ମିଳେ ବୋଲି ଗାଁ ତଥା ଆଖପାଖ ଅଞ୍ଚଳବାସୀଙ୍କ ଠାରୁ ଶୁଣିବାକୁ ମିଳେ। ଅଞ୍ଚଳରେ ଧାନପାନ ମୁଖ୍ୟ ଚାଷ ରହିଥିବାରୁ କାମ ଶେଷ ପରେ ପ୍ରତ୍ୟେକ ବର୍ଷ ପୌଷ ମାସରେ ବନ୍ଧୁବାନ୍ଧବ, ଭାଇ ସହୋଦର ଏକାଠି ହୋଇ ମା' ଗଡ଼ଦେବୀଙ୍କ ପୂଜା କରିଥାନ୍ତି। ପୌରାଣିକ ମତରେ ଗଡ଼ପୀଠ ମହାବୀର ବାବାଙ୍କ ଦ୍ୱାରା ନିର୍ମାଣ ସମୟରେ ବାବାଙ୍କ ମହାବୀର ପର୍ବତକୁ ଗମନ ପରେ ପାର୍ବତୀଙ୍କୁ ମା' ଗଡ଼ଦେବୀ ନାମରେ ପୂଜାର୍ଚ୍ଚନା କରାଯାଉଛି ବୋଲି କାହାଣୀ ଶୁଣିବାକୁ ମିଳେ। ଏହା ସହିତ ଇତିହାସ ପୃଷ୍ଠାରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଆ‡। ଓ ସୁରକ୍ଷାସ୍ଥଳୀ ସହ ଅମୂଲ୍ୟ ଧାତୁର ମନ୍ଦିର ପୂଜାସ୍ଥଳୀ ଗଡ଼ ମଝି ଗର୍ଭସ୍ଥଳେ ରହିଥିବାର ବୁଢାବୁଢୀଙ୍କଠାରୁ ଶୁଣିବାକୁ ମିଳେ।



# ମରଣଯନ୍ତା ପାଲଟିଛି ବଡ଼େଇମୁଣ୍ଡା ଛକ

**ଝାରସୁଗୁଡ଼ା, ୧୩।୧(ସମିସ) :** ଝାରସୁଗୁଡ଼ା ସହରର ଅତ୍ୟନ୍ତ ବ୍ୟସ୍ତବହୁଳ ଛକ ଭାବରେ ପରିଚିତ ବଡ଼େଇମୁଣ୍ଡା ଛକ ଏବେ ମରଣଯନ୍ତା ପାଲଟିଛି। ଏହି ଛକ ଦେଇ ଅନେକ ଯାନବାହାନ ବିଭିନ୍ନ ଶିଳ୍ପ ସଂସ୍ଥାକୁ ଯିବାଆସିବା କରେ। ବଡେଇମୁଣ୍ଡା ମୁଖ୍ୟ ଛକ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିଚାଳକ, ଶିକ୍ଷାନୁଷ୍ଠାନ କର୍ମଚାରୀ, ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟଲୋକେ ଗାତରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। କୁଚିଣ୍ଡା ଓ ଅର୍ଡା ପଟୁ ଆସୁଥିବା ଶହଶହ ଟ୍ରକ ଚଳପ୍ରଚଳ କରୁଥିବା ବେଳେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ଏକ ଗର୍ତ୍ତ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ପରିଲକ୍ଷିତ ହେଉଛି। ବଡେଇମୁଣ୍ଡା ମୁଖ୍ୟ ଛକ ରେ ଅନେକେ ସମୟରେ ଲାଇଟ୍ ଜଳୁ ନ ଥିବାରୁ ରାତିରେ ଦୁର୍ଘଟଣାମାନ ଘଟୁଛି। ଏହି ଛକଠାରେ ଡିଭାଇଡର ନିର୍ମାଣ ସହ ଏକ ଗୋଲେଇ ଛକ ନିର୍ମାଣ ପାଇଁ ଦୀର୍ଘ ଦିନରୁ ବୁଦ୍ଧିଜୀବୀମହଲରେ ଦାବି ହେଉଛି। ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।




# ସୁରକ୍ଷା ସଚେତନତା ନେଇ ନାଟକ 'ଅବୋଲକରାକୁ ସୁରକ୍ଷା ଶିକ୍ଷା' ମଞ୍ଚସ୍ଥ

**ବ୍ରଜରାଜନଗର, ୧୩।୧(ସମିସ):** ମହାନଦୀ କୋଇଲା ଖଣି ଅଧିନ ବିଭିନ୍ନ କୋଇଲା ଖଣିରେ ସୁରକ୍ଷା ସଚେତନ ସପ୍ତାହ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଅବସରରେ ଏମସିଏଲ କଲୋନୀର ଆଦର୍ଶ ନଗର କ୍ଲବରେ ସୁରକ୍ଷା ସଚେତନତାକୁ ନେଇ ଗୋବିନ୍ଦ ବେହେରାଙ୍କ ରଚିତ ଓ ଗୋବିନ୍ଦ ସିଂହଙ୍କ ନିର୍ଦ୍ଦେଶନାରେ 'ଅବୋଲକରାକୁ ସୁରକ୍ଷା ଶିକ୍ଷା' ନାଟକ ମଞ୍ଚସ୍ଥ ହୋଇଯାଇଛି। କାର୍ଯ୍ୟକ୍ରମକୁ ସୁଧୀର ନାଏକ ସଂଯୋଜନା କରିଥିବା ବେଳେ ଶମ୍ଭୁ ଚରଣ ଠାକୁର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ପ୍ରଦର୍ଶିତ ନାଟକରେ ସତେନ୍ଦ୍ର ନାଏକ, ବିଜୟକୁମାର ସାହୁ, ଜଗଦୀଶ ବଡ଼େଇ, ଗୋପାଳ ବିଶ୍ୱାଳ ଏବଂ ନାରୀ ଅଭିନେତ୍ରୀ ରୂପାଲ ପ୍ରମୁଖ ଅଭିନୟ କରିଥିଲେ।

# ବ୍ଲକ ଓ ସବ୍‌ଡିଭିଜନ ପୁନଃର୍ଗଠନ ନେଇ ବୈଠକ

**ଝାରସୁଗୁଡ଼ା, ୧୩।୧(ସମିସ):** ଲଖନପୁର ବ୍ଲକ ନାଗରିକ ପରିଷଦର ଆହ୍ୱାନ କ୍ରମେ କୁରେମାଲ ଡାକବଙ୍ଗଳାଠାରେ ଲଖନପୁର ଗ୍ରାପର ପୂର୍ବତନ ସରପଞ୍ଚ ବେଣୁଧର ଭୋଇଙ୍କ ସଭାପତିତ୍ୱରେ ଏକ ଜନସଭା ଆୟୋଜିତ ହୋଇଥିଲା। ପରିଷଦର ସଭାପତି ପିତାମ୍ବର ମିଶ୍ର ଉପସ୍ଥିତ ଜନସାଧାରଣଙ୍କୁ ଇଂରାଜୀ ନବ ବର୍ଷର ଅଭିନନ୍ଦନ ଜଣାଇବା ସହ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଶ୍ରୀ ମିଶ୍ର ତାଙ୍କ ସ୍ୱାଗତ ଭାଷଣରେ ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ବ୍ଲକ ଏବଂ ଜିଲ୍ଲା ସ୍ତରରେ ଆନ୍ଦୋଳନ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ଜନସଭାରେ ବରଗଡ଼ ସାଂସଦ ସୁରେଶ ପୂଜାରୀ ଯୋଗଦେଇ ଅଞ୍ଚଳର ଏହି ଦାବି ଯଥାର୍ଥ ତଥା ସମୟୋଚିତ ଭାବେ ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

# 'ନୂଆ-ଓ' ଅବସରରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**ବ୍ରଜରାଜନଗର, ୧୩।୧(ସମିସ):** ବ୍ରଜରାଜନଗର ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଓଡ଼ିଶା ସରକାରଙ୍କ 'ନୂଆ-'ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସମୀର ରଞ୍ଜନ ନାୟକ ସଭାପତିତ୍ୱ କରିଥିବା ବେଳେ ନୂଆ-ଓର ଯୁକ୍ତ ତିନି ପ୍ରଭାରୀ ସୁପ୍ରକାଶ ଚୌଧୁରୀ ଓ ସହ ପ୍ରଭାରୀ ପଦ୍ମିନୀ ତ୍ରିପାଠୀ, ଚିନ୍ତାମଣି ଦାଶ, ବନ୍ଧବାହାଲ ଜଗନ୍ନାଥ ମନ୍ଦିର ପୂଜକ ଜନାର୍ଦ୍ଦନ ପଣ୍ଡା, ବ୍ରଜରାଜନଗର ଦୁର୍ଗାମନ୍ଦିର ପୂଜକ ପଣ୍ଡିତ ବିଭୁତି ଭୂଷଣ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ଉପରେ ନିଜର ମନ୍ତବ୍ୟ ରଖି ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ପ୍ରଦାନ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତାର ଯୁକ୍ତ ତିନି ପ୍ରଭାରୀ ଶ୍ରୀକର ଭୋଇ ଓ ଯୁକ୍ତ ଦୁଇ ପ୍ରଭାରୀ ପଦ୍ମାବତୀ ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ବହୁସଂଖ୍ୟାରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିଥିଲେ। ଯୁକ୍ତ ତିନି ସାଂସ୍କୃତିକ ବିଭାଗ ମୁଖ୍ୟ ଋତୁପର୍ଣ୍ଣା ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ମଧୁମିତା କର୍ଣ୍ଣ, ସୁଚିତ୍ର ପ୍ରଧାନ, ଗଣିତ ବିଭାଗ ଅଧ୍ୟାପକ ସୌମ୍ୟରଞ୍ଜନ ସାହୁ, ମୃତ୍ୟୁଞ୍ଜୟ ମେହେର, ବାଣିଜ୍ୟ ବିଭାଗର ଅଧ୍ୟାପକ ବିକ୍ରମ ପ୍ରଧାନଙ୍କ ସମେତ ଅନ୍ୟାନ ଅଧ୍ୟାପକ ଅଧ୍ୟାପିକା, ମହାବିଦ୍ୟାଳୟର କର୍ମଚାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ରହିଥିଲେ।



## ପ୍ରଧାନପାଟ କପ ସର୍ବଭାରତୀୟ ଫୁଟ୍‌ବଲ ପ୍ରତିଯୋଗିତା

# ସୋନପୁରର ରାମଧୂନକୁ ହରାଇ ରାଉରକେଲା ୱାଇବିସି ଫାଇନାଲରେ

**ଦେବଗଡ଼, ୧୩।୧(ସମିସ)**

ପ୍ରଧାନପାଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଗତ ୮ ତାରିଖ ଠାରୁ ଆରମ୍ଭହୋଇଥିବା 'ପ୍ରଧାନପାଟ୍‌କପ୍' ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଆଜି ସୋନପୁରର ରାମଧୂନକୁ ୨-୧ ଗୋଲରେ ପରାସ୍ତ କରି ରାଉରକେଲାର ୱାଇବିସି ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚକୁ ରେଫରୀ ରାଜକୁମାର ମଣ୍ଡଳ, ନୀଳ ନାୟକ, ଚନ୍ଦ୍ର କିସାନ ଓ ସୌରଭ କୁମାର ନାୟକ ପରିଚାଳନା କରିଥିଲେ। ଭାଷ୍ୟକାର ବେଣୁଧର ଗଡ଼ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ମ୍ୟାଚରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ, ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ଦେବଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ବିଜେପି ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୟାଶଙ୍କର ଦ୍ୱିବେଦୀ, ଦେବଗଡ଼ ମଣ୍ଡଳ ସାଧାରଣ ସମ୍ପାଦକ ରମଣୀରଞ୍ଜନ ଆଚାର୍ଯ୍ୟ ଓ ବିଜେପି ଯୁବନେତା ଭୋଳେଶ୍ୱର ପ୍ରଧାନ ଯୋଗଦେଇ ଆୟୋଜକ ଏବଂ ଉଭୟ ଦଳର ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ରାଉରକେଲା ୱାଇବିସିର ଖେଳାଳି ଅଭିଷେକ କେର୍କେଟାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଆସନ୍ତାକାଲି ଝାରସୁଗୁଡାର ଆଦିବାସୀ କ୍ଲବ ଓ ରାଉରକେଲାର ୱାଇବିସି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ପ୍ରଧାନପାଟ କ୍ଲବର ସଭାପତି ସୁବାସ ଚନ୍ଦ୍ର ଭୋଇ, ପ୍ରଧାନପାଟ କପ ଆୟୋଜନ କମିଟିର ସଭାପତି ବିକାଶ କୁମାର ପ୍ରଧାନ, ସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ବେହେରା, କ୍ଲବର ସମ୍ପାଦକ ସଞ୍ଜୀବ କୁମାର ନାଏକ, ସଦସ୍ୟ ଯୋଗେନ୍ଦ୍ର ସାହୁ, ମଛିନ୍ଦ୍ର ନାୟକ, ଶୁକଦେବ ଭଞ୍ଜ, ରୂପକ କୁମାର ମାଝୀ, ଶରତ ମେହେର, ବିକାଶ ଅଗ୍ରୱାଲା, ଅନନ୍ତ ମେହେର, ଅଲେଖ ନାୟକ ଯୋଗେଶ ନାୟକ, ବାବୁଲୁ ଜେନା, ଜୟନାରାୟଣ ସାମଲ, ଦୀପକ ବେହେରା ଓ ସନ୍ତୋଷ ଭୋଇଙ୍କ ସମେତ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସକ୍ରିୟ ସହଯୋଗ କରୁଥିବା ଜଣାପଡ଼ିଛି।



# '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଦ୍ୱିତୀୟ ଦିନ ଗସ୍ତ































# ତୁଟୁନି ଲୋକ ଉତ୍ସବ ଆୟୋଜନ କେଁ

**ବଲାଙ୍ଗିର, ୧୩।୧(ସମିସ)**

୨୨ତମ ଲୋକ ଉତ୍ସବ ଆୟୋଜନକୁ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ହେଉନି। ପରିଚାଳନା କର୍ମକର୍ତ୍ତା ଚୟନରେ ପକ୍ଷପାତିତା କରାଯାଇଥିବାର ଅସନ୍ତୋଷ ଏପର୍ଯ୍ୟନ୍ତ ଲାଗି ରହିଛି। ଲୋକ ଉତ୍ସବର ଅନୁଦାନକୁ ନେଇ କମିଟି ଚିନ୍ତା ପ୍ରକଟ କରୁଛି। ହେଲେ ଗତବର୍ଷର ବଜେଟ ରିପୋର୍ଟରେ ଯେଭଳି ଭାବରେ ଖର୍ଚ୍ଚ କରାଯାଇଛି ତହିଁରେ କମିଟିର ମନମୁଖୀ କାରବାର ତଥା ଦୁର୍ନୀତିର ଗନ୍ଧ ଆସୁଥିବା ଏବେ ବିଭିନ୍ନ ମହଲରେ ଚର୍ଚ୍ଚା। ଗତବର୍ଷ ଜାନୁଆରୀ ମାସ ୨୦ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ୨୧ତମ ଲୋକ ଉତ୍ସବ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବା ବଜେଟ ରିପୋର୍ଟ କହୁଛି। ହେଲେ ଏହାକୁ ମନଇଚ୍ଛା ଖର୍ଚ୍ଚ କରାଯାଇଥିବା ସହିତ ରିପୋର୍ଟ ଏପଟସେପଟ କରି ପ୍ରସ୍ତୁତି କରିଥିବା ଯୁବ ସଂଗଠନମାନେ ଅଭିଯୋଗ କରିଛନ୍ତି। ଗତ ଲୋକ ଉତ୍ସବ ଉଦଯାପନୀ ଉତ୍ସବରେ ଷ୍ଟାର ନାଇଟ ସୋ କାର୍ଯ୍ୟକ୍ରମ କରାଯାଇଥିଲା। ଅସୀମା ପଣ୍ଡା ଓ ପଙ୍କଜ ଜାଲଙ୍କୁ ଡକାଯାଇଥିଲା। ଯେଉଁଥିରେ ୪ ଲକ୍ଷ ୩୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ସେହିଭଳି ଶେଷ ଦିନରେ ବାଣ ଫୁଟାରେ ୨୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ରିପୋର୍ଟ କହୁଛି। ୪ ଦିନର ଖାଦ୍ୟପେୟ ପାଇଁ ମୋଟ ୬ ଲକ୍ଷ ୧୯ ହଜାର ୧୫୦ ଟଙ୍କା ଖର୍ଚ୍ଚ ହୋଇଛି। ଅଫିସରେ ଫୁଲ ଓ ଗଛ ଲଗାଇବାକୁ ୧୪୨୦ ଟଙ୍କା ଖର୍ଚ୍ଚ ହୋଇଛି। ସେହିଭଳି ମାନପତ୍ର, ଫ୍ଲେକ୍ସ ଓ ବେଜ ପାଇଁ ୧ ଲକ୍ଷ ୭୯ ହଜାର ୭୩୦, ଟେଣ୍ଟ ପାଇଁ ୭ ଲକ୍ଷ, ସୋଭେନିୟର, ପୋଷ୍ଟର, ଓ ପ୍ରମାଣପତ୍ର ପ୍ରିଣ୍ଟ ପାଇଁ ୩ ଲକ୍ଷ ୫୧ ହଜାର ୯୦୦, ଷ୍ଟେଜ ର ଲାଇଟ ଓ ସାଉଣ୍ଡ ପାଇଁ ୧ ଲକ୍ଷ ୨୨ ହଜାର, ସ୍ଥାନୀୟ ଓ ଡିସିସି କଳାକାର ଙ୍କୁ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପାରିଶ୍ରମିକ ପ୍ରଦାନ, ରାଜ୍ୟ ବାହାରୁ ଆସିଥିବା ସାଂସ୍କୃତିକ ଦଳକୁ ୩ ଲକ୍ଷ ୨୦ ହଜାର ପାରିଶ୍ରମିକ ପ୍ରଦାନ ଆଦି ଖର୍ଚ୍ଚ କରାଯାଇଛି। ବିଦ୍ୟୁତ ସଂଯୋଗ ପାଇଁ ୪୭ ହଜାର ଖର୍ଚ୍ଚ କରାଯାଇଥିବାବେଳେ ନୂଆ ଷ୍ଟେଜକୁ ଅଲଗା ବିଦ୍ୟୁତ ସଂଯୋଗ କରାଯାଇଥିଲା। ତହିଁରେ ପୁଣି ୧୦ ହଜାର ଖର୍ଚ୍ଚ ହୋଇଥିବା ରିପୋର୍ଟରେ ଦେଖାଯାଇଛି। ଏଭଳି ମୋଟ ୪୩ ପ୍ରକାର ଖର୍ଚ୍ଚ ଦେଖାଇ ୪୦ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିବା କୁହାଯାଉଛି। ଯାହାକୁ ନେଇ ଦୁର୍ନୀତି ହୋଇଥିବା ଯୁବ ସଂଗଠନମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ କମିଟିର କର୍ମକର୍ତ୍ତା ଚୟନ କୁ ନେଇ ଯେଉଁ ବିବାଦ ସୃଷ୍ଟି ହୋଇଥିଲା ତାହା ଶନିବାର ମଧ ସମାଧାନ ହୋଇନି। ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଅପେକ୍ଷା କରି କୌଣସି ନିଷ୍କର୍ଷ ବାହାରିନାହିଁ। ଏ ସମ୍ପର୍କରେ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ରଙ୍କୁ ପଚାରିବାରୁ କମିଟି ଚୟନରେ ମୋର କୌଣସି ଭୂମିକା ନାହିଁ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଯାହାଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି ସେମାନେ ହିଁ ଏ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ସେ କହିଥିଲେ। ଲୋକ ଉତ୍ସବ ଆୟୋଜନ ପାଇଁ ଏକମାସରୁ କମ୍ ସମୟ ରହିଥିବାବେଳେ ଏପର୍ଯ୍ୟନ୍ତ ବିବାଦ ତୁଟିନାହିଁ। ତେବେ ଏହାର ସମାଧାନ ବାହାର କରି କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ଆୟୋଜନ ପ୍ରସ୍ତୁତିରେ ଲାଗିବେ ନା ବିବାଦ ମଧ୍ୟରେ ଛନ୍ଦି ହେବେ ତାହା ଦେଖିବାକୁ ବାକି ରହିଲା।

**ବଜେଟ ରିପୋର୍ଟରେ ଦୁର୍ନୀତିର ଗନ୍ଧ**

# ଚେନ୍ନାଇ ଗଲାବେଳେ ଶ୍ରମିକଙ୍କ ମୃତ୍ୟୁ

## ଟ୍ରେନ୍‌ରୁ ଖସିପଡ଼ି ଜୀବନ ଗଲା

**ସୋନପୁର, ୧୩।୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ଦୁଇଟି ଘଟଣା ସମସ୍ତଙ୍କୁ ସ୍ତବ୍ଧ କରି ଦେଇଛି। ଜଣେ ଦାଦନ ଶ୍ରମିକ ଘରକୁ ଫେରିବା ବେଳେ ମୃତ୍ୟୁ ହୋଇଥିବା ବେଳେ ଜଣେ ନିଜ ଭିଟାମାଟି ଛାଡି ତାମିଲନାଡୁ କାମ କରିବାକୁ ଯାଉଥିବା ବେଳେ ବାଟରେ ମୃତ୍ୟୁ ହୋଇଛି। ତେବେ ସୁବର୍ଣ୍ଣପୁର ଥାନା ଅନ୍ତର୍ଗତ ଗରିଆମୁଣ୍ଡା ଗାଁର ଦାଦନ ଶ୍ରମିକଙ୍କ ମୃତ ଦେହ ପ୍ରଶାସନ ସାହାଯ୍ୟରେ ଗାଁକୁ ଫେରିଥିବା ବେଳେ ଆଉ ଜଣେ ଶ୍ରମିକଙ୍କ ମୃତଦେହ ଫେରି ପାରିନାହିଁ।

ସୁବର୍ଣ୍ଣପୁର ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ଲୁପୁରସିଂହା ଗ୍ରାମର ବାସୁଦେବ ଗିରିଭାଙ୍କ ଭେଣ୍ଡିଆ ପୁଅ ସର୍ବେଶ୍ୱର ଗିରିଭା(୫୦)ଙ୍କ ମୃତ୍ୟୁ ହୋଇଛି। ସେ ବଲାଙ୍ଗିରରୁ ଟ୍ରେନ ଧରି ଚେନ୍ନାଇର କୌଣସି ଏକ ଫ୍ୟାକ୍ଟ୍ରିରେ କାମ କରିବାକୁ ଯାଉଥିବା ବେଳେ ବାଟରେ ମୃତ୍ୟୁ ହୋଇଥିବା ଜଣା ପଡ଼ିଛି। ଇରୋଡ଼ ଜଙ୍କସନ୍‌ଠାରେ ଟ୍ରେନ୍‌ରୁ ଖସି ପଡ଼ି ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ସେହି ଟ୍ରେନ୍‌ରେ ଚେନ୍ନାଇ କାମ ପାଇଁ ଲୁପୁରସିଂହା ଗାଁରୁ ଯାଉଥିବା ଅନ୍ୟ ଜଣେ ଯୁବକ ଚେନ୍ନାଇ ପହଞ୍ଚିଲା ପରେ ମୃତକଙ୍କ ପୁତ୍ରରାଙ୍କୁ ଏନେଇ ଖବର ଦେଇଥିଲେ। ଇରୋଡ଼ ଡାକ୍ତରଖାନାରେ ସର୍ବେଶ୍ୱରଙ୍କ ମୃତଦେହ ରଖା ଯାଇଥିବା ନେଇ ତାଙ୍କ ପୁତ୍ରରା ଅଭିଳାଷ ସୂଚନା ଦେଇଛନ୍ତି। ଶନିବାର ଖଲିଆପାଲି ଗସ୍ତରେ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଘଟଣା ସମ୍ପର୍କରେ ମୃତଦେହ ଗାଁକୁ ଆଣିବା ପାଇଁ ବ୍ୟବସ୍ଥା କରାଉଛନ୍ତି। ଏକ ଘରୋଇ ଆମ୍ବୁଲାନ୍ସରେ ମୃତଦେହ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉଛି ବୋଲି ଡିଏଲ୍‌ଓ ଦିଲେଶ୍ୱର ଖାଖା କହିଛନ୍ତି।

# ତୁଷୁରା ବାଳକ ହାଇସ୍କୁଲ: ୨ ଜଣ ଅଭିଭାବକଙ୍କୁ ନେଇ ସଭା

**ତୁଷୁରା, ୧୩।୧ (ସମିସ):** ଶନିବାର ଗୁଣାତ୍ମକ ଶିକ୍ଷାଦାନ ଦେବାପାଇଁ ପାଇଁ ତୁଷୁରା ବାଳକ ହାଇସ୍କୁଲରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସେହି ସଭାରେ ଶନିବାର ଦିନ ୧୨ଟା ୨୫ ମିନିଟ ସୁଦ୍ଧା ମାତ୍ର ୨ ଜଣ ଅଭିଭାବକ ଥିଲେ। ଜଣେ ଧାନଘରାର ବିଘ୍ନ ରଣା ଏବଂ ନୂଆପଡ଼ାର ଅନ୍ଧାରୁ ପୁଟେଲ। ଏହି ୨ ଜଣ ଅଭିଭାବକ କହିବା ମୁତାବକ ପ୍ରତ୍ୟେକ ଥର ଅଭିଭାବକ ଏବଂ ଶିକ୍ଷକଙ୍କ ମିଟିଂରେ ୨ରୁ ୩ ଜଣ ଖାଲି ଅଭିଭାବକ ଆସୁଛନ୍ତି। ଏହି ସମୟରେ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଭାନୁମତି ଛତ୍ରିଆ ପହଞ୍ଚି ଆମର ବିଦ୍ୟାଳୟର କୌଣସି ଖବର ଆପଣ ଦିଅନ୍ତୁ ନାହିଁ ଏବଂ ଅଭିଭାବକ ମାନଙ୍କ ଆମ ଅଛି ପରେ ଆସିବେ ଆପଣ ଯାଆନ୍ତୁ ବୋଲି କହିଥିଲେ। ତେବେ, କାହାର କଥା ସତ ଜାଣିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀ ରୁଷିଆ ମେହେରଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲା କିନ୍ତୁ ବ୍ଲକ ଶିକ୍ଷା ଅଧିକାରୀଙ୍କ ଫୋନ କଲ ଉତ୍ତର ବିହୀନ ଥିଲା। ବଲାଙ୍ଗୀର ଜିଲ୍ଲା ଶିକ୍ଷାଧିକାରୀ ଏ ବିଷୟରେ ଧ୍ୟାନ ଦେଇ ତୁଷୁରା ବାଳକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ପ୍ରତ୍ୟେକ ଥରର ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପିଟିଏମ ମିଟିଂରେ କେତେ ସଂଖ୍ୟକ ଅଭିଭାବକ ଉପସ୍ଥିତ ରହୁଛନ୍ତି, ଖର୍ଚ୍ଚ କେତେ ହେଉଛି ଏବଂ କେତେ ସମୟରେ ମିଟିଂ ଆରମ୍ଭ ହେଉଛି ସେ ବିଷୟରେ ଯାଞ୍ଚ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରୁଛନ୍ତି।



# ହରଭଙ୍ଗାରେ ସଂସ୍କୃତି ଦିବସ ପାଳିତ

**ହରଭଙ୍ଗା/ଚାରିଛକ, ୧୩।୧ (ସମିସ) :** ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରଣାଳୟ ଅଧୀନସ୍ଥ ନେହେରୁ ଯୁବ କେନ୍ଦ୍ର ବୌଦ୍ଧ ଓ ମୟୂରୀ ଯୁବକ ସଙ୍ଘ ଗୁଣ୍ଡୁରୀସାହି



ମିଳିତ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ସପ୍ତାହ ବା ଜାତୀୟ ଯୁବ ସପ୍ତାହ ପାଳନ ଅବସରରେ ଦ୍ୱିତୀୟ ଦିନରେ ହରଭଙ୍ଗା ନୋଡାଲ ହାଇସ୍କୁଲରେ ଜିଲ୍ଲା ସ୍ତରୀୟ ସଂସ୍କୃତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ପ୍ରଧାନ ଶିକ୍ଷକ ମୁରଲୀଧର ରଣା, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର ଦେହୁରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପ୍ରଦୀପ ନାଏକ ଯୋଗ ଦେଇ ଦିବସର ମହତ୍ତ୍ୱ ଉପରେ ଛାତ୍ରଛାତ୍ରୀଙ୍କୁ ନିଜର ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ନୃତ୍ୟ ବିଚାରକ ଭାବେ ସତ୍ୟରଞ୍ଜନ ବେହେରା, କାଞ୍ଚନ ମଲ୍ଲିକ, ସ୍ୱଶ୍ରୀ ସଙ୍ଗୀତା ଛୋଟରାୟ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ଚୟନ କରି ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ୨୦ ଜଣ ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିବା ବେଳେ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ତଥା ମୟୂରୀ ଯୁବକ ସଙ୍ଘର ସମ୍ପାଦକ ସୁଧିର ଦୀପ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଚିତ୍ତରଞ୍ଜନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। କୃଷ୍ଣଚନ୍ଦ୍ର କହଁର, ଶ୍ରୀକାନ୍ତ ଭୂୟାଁଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବାଙ୍କେଲ ଗାଁ ସ୍କୁଲରେ ମଦ୍ୟପର ଉତ୍ପାତ

**ଟିଟିଲାଗଡ଼, ୧୩।୧(ସମିସ) :** ଟିଟିଲାଗଡ଼ ଥାନା ଅନ୍ତର୍ଗତ ବାଙ୍କେଲ ଗାଁ ସ୍କୁଲରେ ମଦ୍ୟପ ଯୁବକର ଉନ୍ମତ୍ତ କାଣ୍ଡ ଖୋଯାଇଛି। ଏପରିକି ସେ ଆକ୍ରମଣ କରିବା ଫଳରେ ସ୍କୁଲ ଛାତ୍ରମାନେ ଗୁରୁତର ହୋଇଛନ୍ତି। ବଙ୍କେଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅପରାହ୍ନ ୧ଟା ସମୟରେ ଗାଁର ସୁରେନ୍ଦ୍ର କୁମ୍ଭାର ସ୍କୁଲ ଭିତରକୁ ପସି ଆସି ପ୍ରାୟ ୧୫ରୁ ଉର୍ଦ୍ଧ ଛାତ୍ର ମାନଙ୍କୁ ମାଡ଼ ମାରି ଫେରାର ହେଇଯାଇଛି। ଛଅ ଜଣ ଛାତ୍ରକୁ ଟିଟିଲାଗଡ଼ ଡାକ୍ତରଖାନାକୁ ଜଣେ ଶିକ୍ଷକ ଓ ଛାତ୍ରମାନଙ୍କ ଅଭିଭାବକ ଆଣିଛନ୍ତି। ଘଟଣାକୁ ନେଇ ଗାଁରେ ଅଭିଭାବକ ମାନଙ୍କ ଉତ୍ତେଜନା ଦେଖାଯାଇଛି। ଟିଟିଲାଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଅଭିଯୁକ୍ତକୁ ଖୋଜା ଖୋଜି କରୁଛି। ଜଣେ ଛାତ୍ରର ହାତ ଭାଙ୍ଗିଯାଇଥିବା ଅଭିଯୋଗ ହୋଇଥିବା ବେଳେ ଅନ୍ୟ ଜଣେ ଛାତ୍ରର କାନରୁ ରକ୍ତସ୍ରାବ ହୋଉଥିବା ଜଣାପଡ଼ିଛି।

# ଶିକ୍ଷାବିତ୍ ଯୁଗଳକିଶୋର ପଟ୍ଟନାୟକ ବିୟୋଗରେ ଶୋକ

**ସଇଁତଲା, ୧୩।୧ (ସମିସ):** ସଇଁତଲାସ୍ଥିତ ହାଟପଦା ପରିସରରେ ସ୍ୱର୍ଗତ ଯୁଗଳ କିଶୋର ପଟ୍ଟନାୟକ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇଙ୍କ ଆହ୍ୱାନକ୍ରମେ ବିଜୟ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ, ପ୍ରୀତିସାଗର ମହାନନ୍ଦ, ଅର୍ଜୁନ ଅଗ୍ରୱାଲ ଓ କବି ପ୍ରଦୀପ ଜାଲ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଶ୍ରୀ ପଟ୍ଟନାୟକ ୧୯୨୭ରେ ସୋନପୁର ଜିଲ୍ଲା ବିବିକା ବ୍ଲକ କୁଉଡିଆମୁଣ୍ଡା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ପରେ ସେ ୧୯୫୦ରେ ସଇଁତଲା ଏମ.ଇ. ସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲେ। ଶ୍ରୀ ପଟ୍ଟନାୟକ ସଇଁତଲାର ବିଭିନ୍ନ ଅନୁଷ୍ଠାନରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜଡିତ ରହି ଧାର୍ମିକ ଓ ଆଧ୍ୟାତ୍ମିକ ତଥା ସାମାଜିକ କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ରହିଥିଲେ। ଉକ୍ତ ସଭାରେ ସୁବାସ ରଥ, ଗୌରାଙ୍ଗ ସାହୁ, କିଶୋର ସାହୁ, ରାଧେଶ୍ୟାମ ସାହୁ, ପ୍ରମୋଦ ବୈଠାରୁ, ଭୀମସେନ ସ୍ୱାଇଁ, ସରୋଜ ବୈଠାରୁ, ଦେବରାଜ ପଣ୍ଡା, ମାନଭଞ୍ଜନ, ପାଣିଗ୍ରାହୀ, ନାରାୟଣ ନାଗ, ତପନ ଦାସ, ମଦନଲାଲ ଅଗ୍ରୱାଲ, ଗୁଣସାଗର ମାଝୀ, ପ୍ରମୋଦ ସେଲମା, ସୁବ୍ରତ ପଟ୍ଟନାୟକ, ବଜରଙ୍ଗଲାଲ ଅଗ୍ରୱାଲ, ଦେବେନ୍ଦ୍ର ଯୋଶୀ, ?ଶାଲ ଅଗ୍ରୱାଲ, ନାରାୟଣ ସାହୁ, ସୁବ୍ରତ ବେହେରା, ନୈମିଷ ପାଣିଗ୍ରାହୀ, ଲଲାଟେନ୍ଦୁ ପୃସେଠ୍, ଦୁର୍ବାଦଳ ପଶାୟତ, ଛନ୍ଦାଚରଣ ବେହେରା, କାନନ ପଟ୍ଟନାୟକ, ରାଜା ବୈଠାରୁ ପ୍ରମୁଖ ସଇଁତଲାବାସୀ ଉପସ୍ଥିତ ଥିଲେ। ଆଇନଜୀବୀ ସୁବୋଧ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରମିକ ବଦଳେ ମେସିନ ଭରସା, ନିଦାବିଷ୍ଟ ବ୍ଲକ ପ୍ରଶାସନ

**ସଇଁନ୍ତଲା, ୧୩।୧(ସମିସ):** ବଲାଙ୍ଗୀର ଜିଲ୍ଲା ଏକ ଦାଦନ ପ୍ରବଣ ଅଞ୍ଚଳ। ଏହି ଜିଲ୍ଲାରେ ପ୍ରତ୍ୟେକ ବର୍ଷ ୨ ଲକ୍ଷରୁ ଅଧିକ ଲୋକେ ବାହାର ରାଜ୍ୟକୁ କାମ ଧନ୍ଦା ପାଇଁ ଯାଉଛନ୍ତି। ଜିଲ୍ଲାରେ ଦାଦନ ଶ୍ରମିକ ସମସ୍ୟାର ସମାଧାନ ପାଇଁ ସରକାର ମନରେଗା ଯୋଜନାରେ କାର୍ଯ୍ୟକାରୀ କରିଛନ୍ତି। ମନରେଗାରେ ଶ୍ରମିକଙ୍କୁ ମିଳୁନି କାମ। ମେସିନ୍ ସାହାଯ୍ୟରେ କାର୍ଯ୍ୟ ହେଉଥିବା ବେଳେ ଶ୍ରମିକ କାମ ନ ପାଇଁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। କେତକ କ୍ଷେତ୍ରରେ ମନରେଗାରେ ଶ୍ରମିକଙ୍କୁ ଜବ୍ କାର୍ଡ ଦିଆନଯାଇ ଦିନ ମଜୁରିଆ ଭାବେ ପାରିଶ୍ରମିକ ଦିଆଯାଇଛି। ଏପରିକି ଜବ୍ କାର୍ଡ ପାଇଁ ଶ୍ରମିକଙ୍କ ଠାରୁ ସରକାରୀ ଅଧିକାରୀମାନେ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ଏହି ଯୋଜନା ବାବଦକୁ ଜିଲ୍ଲାରେ ପ୍ରତିବର୍ଷ ୩୫୦ କୋଟି ଟଙ୍କାରୁ ଅଧିକ ଅନୁଦାନ ଆସୁଛି। ପ୍ରଶାସନିକ ଉଦାସୀନତା ଓ ଠିକାଦାରଙ୍କ ଚଞ୍ଚକତା ଯୋଗୁଁ ଶ୍ରମିକମାନେ କାମ ନ ପାଇ ପୂର୍ବଭଳି ବାହାର ରାଜ୍ୟକୁ ଦାଦନ ଖଟିବା କୁ ଯାଉଛନ୍ତି। ବଲାଙ୍ଗିର ଜିଲ୍ଲା ୧୪ଟି ବ୍ଲକ ମଧ୍ୟରୁ ୬ଟି ବ୍ଲକକୁ ଅତ୍ୟଧିକ ଦାଦନ ପ୍ରବଣ ଅଞ୍ଚଳ ଭାବ ଚିହ୍ନଟ କରାଯାଇଛି। ତଥାପି ଏହି ଯୋଜନା ସମସ୍ୟାର ସମାଧାନ କରି ପାରୁନାହିଁ ଜିଲ୍ଲା ପ୍ରଶାସନ। ପ୍ରତ୍ୟେକ ଉନ୍ନତିକରଣ କାର୍ଯ୍ୟରେ ମେସିନ ଭରସାରେ କିଛି ସରପଞ୍ଚ, ଜିଆରଏସ ବାବୁମାନେ ମିଳିମିଶି କାମ କରୁଥିବା ଭଳି ଅଭିଯୋଗ ଆସିଛି। ଅନ୍ୟପଟେ ବ୍ଲକର କିଛି ପଞ୍ଚାୟତରେ ଜମି ଉନ୍ନତିକରଣ ନାଁରେ ଫାଇଲ ଖୋଲିବା ନାଁରେ ଏକ ହଜାର ଟଙ୍କା ନେଉ ଥିବା ବେଳେ କିଛି ସରପଞ୍ଚ ୫ରୁ ୧୦ ହଜାର ପର୍ଯ୍ୟନ୍ତ ଟଙ୍କା ନେଉ ଥିବା ଆଲୋଚନା ହେଉଛି। ବ୍ଲକର କିଛି ଜିଆରଏସ ପ୍ରତ୍ୟେକ ବର୍ଷ ମେସିନ ସାହାଯ୍ୟରେ କାମ କରି କୋଟି ପତି ହୋଇଥିବା ଆଲୋଚନା ହେଉଛି। କିଛି ଜିଆରଏସ ମାଲେମାଲ ହେଉଥିବା ବେଳେ ଜବ କାର୍ଡଗୁଡ଼ିକ ନିଜ ପାଖରେ ରଖି ଶ୍ରମିକମାନେ କାମ କରୁଥିବା ଦର୍ଶାଇ ଟଙ୍କା ମଧ ଉଠାଇଛନ୍ତି ବୋଲି ଅଭିଯୋଗ ଆସିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ଶେଷହେଲା ଗୁଡଭେଲା ତୃତୀୟ ପର୍ଯ୍ୟାୟ ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣ ତାଲିମ

**ତୁଷୁରା, ୧୩।୧ (ସମିସ):** ଗୁଡଭେଲା ବ୍ଲକ ର ଡାହିମାଲ ଓ ରୁଷୁଡା ହାଇସ୍କୁଲଠାରେ ଗତ ଜାନୁୟାରୀ ୧୧ ତାରିଖରୁ ଆରମ୍ଭ ହୋଇଥିବା ତୃତୀୟ ପର୍ଯ୍ୟାୟ ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣ ତାଲିମ ଶିବିର ୧୩ ଜାନୁଆରୀ ଶନିବାର ଅପରାହ୍ନରେ ଶେଷ ହୋଇ ଯାଇଛି। ବିଇଓ ରୁଷିଆ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ ଶିବିରରେ ଏବିଇଓ ରମେଶ ସାମର୍ଥ, ସୁରେନ୍ଦ୍ର ସୁନା ଓ ବିପିନ ବାଗ ଭେନ୍ୟୁ ଇନ୍‌ଚାର୍ଜ ଦାୟିତ୍ୱ ସୁଚାରୁରୂପେ ତୁଲାଇଥିଲେ। ଡାହିମାଲ ଭେନ୍ୟୁ ରେ ପ୍ରଶିକ୍ଷକ ଭାବେ ଅଭୟ କୁମାର ମିଶ୍ର, ଜଗମୋହନ ତ୍ରିପାଠୀ, ପ୍ରହଲ୍ଲାଦ ଦଣ୍ଡସେନା, ରଶ୍ମି ରଞ୍ଜନ ସାହୁ ଏବଂ ଅଫିସିଆଲ୍ ଷ୍ଟାଫ୍ ଭାବେ ସି.ଆର.ସି.ସି. ଷଡାନନ ପ୍ରଧାନୀ ଓ ସମୀର ପ୍ରଧାନ ଯୋଗ ଦେଇଥିଲେ। ଠିକ୍ ସେହିପରି ରୁଷୁଡା ଭେନ୍ୟୁରେ ପ୍ରଶିକ୍ଷକ ଭାବେ ମନୋରଞ୍ଜନ ଭୋଇ, କୃଷ୍ଣଚନ୍ଦ୍ର ଭୋଇ, କାର୍ତ୍ତିକ ହରପାଲ, ସୁଧାଂଶୁ ପୁଟା ଏବଂ ଅଫିସିଆଲ୍ ଷ୍ଟାଫ୍ ଭାବେ ସି.ଆର୍.ସି.ସି. ଟଙ୍କଧର ସା ଓ ପୂର୍ଣ୍ଣଚନ୍ଦ୍ର ଭୋଇ ସହଯୋଗ କରିଥିଲେ। ୩ଟି ପର୍ଯ୍ୟାୟରେ ବ୍ଲକ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ବିଇଓ ଅଫିସ୍ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସଇଁନ୍ତଲା, ୧୩।୧(ସମିସ):** ସଇଁନ୍ତଲା ବ୍ଲକ ସଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ହୋତାଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ବହୁ ଧୁମଧାମରେ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ସଞ୍ଜୀବ ତ୍ରିପାଠୀ, ମୁଖ୍ୟବକ୍ତା ଭାବରେ ଡେପୁଟି ମେନେଜର ଆରବିଆଇ ଦେବରାଜ ମେହେର, ସମ୍ମାନିତ ଅତିଥି ଭାବରେ ଖଗେଶ୍ୱର ରଣା ଓ ପାନମଣି ମୁର୍ମୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ ମଞ୍ଚରେ ସମ୍ମାନିତ ଭାବେ ମଞ୍ଚାସିନ ଥିଲେ। ସ୍କୁଲର ସଙ୍ଗୀତ ଶିକ୍ଷୟିତ୍ରୀ କଳ୍ପନା ପାଣିଗ୍ରାହୀ ଓ ଛାତ୍ରୀ ମାନଙ୍କ ଦ୍ୱାରା ସରସ୍ୱତୀଙ୍କ ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ବିଦ୍ୟୁତଲତା ଦେଇ ମଞ୍ଚ ପରିଚାଳନା କରିବା ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ପରେ ଅତିଥି ମାନଙ୍କୁ ଫୁଲତୋଳା ଦେଇ ସ୍ୱାଗତ ଜଣାଇଥିଲେ। ପରେ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତା ବାର୍ଷିକ ବିବରଣୀ ପଠନ କରିଥିଲେ। ଛାତ୍ରୀମାନେ ପାଠ ପଢ଼ି ଆଗକୁ ଯିବେ ଓ ସ୍କୁଲ ସବୁ ବେଳେ ଶିକ୍ଷା ଉପରେ ରାଜ୍ୟ ସରକାର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଗୁରୁତ୍ୱ ଦେଉଥିବା ବେଳେ ମହିଳା ମାନଙ୍କ ପାଇଁ ଅନେକ ଗୁଡିଏ ଯୋଜନା ମଧ୍ୟ କରିଛନ୍ତି। ତେଣୁ ନିଜ ଗୋଡ଼ରେ ଠିଆ ହେଲେ ଉଜ୍ୱଳ ହେବ ଜୀବନ କରିବାର ଆବଶ୍ୟକ ରହିଛି ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ ଦେଇଥିଲେ। ଜୟନ୍ତୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ କୃତୀ ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶ୍ରୀଲତା ମିଶ୍ର, ସଙ୍ଗୀତା ରଥ, ସନ୍ଧ୍ୟାରାଣୀ ଗହୀର, ଜୟନ୍ତୀ ଭୋଇ, ପ୍ରତ୍ୟାସିନି ବାଗ, ସୁହାସିନି ମିଶ୍ର, ନମିତା ମେହେର, ଅର୍ନ୍ନପୂର୍ଣ୍ଣା ମାଝୀ, ବିଜୟ ଲକ୍ଷ୍ମୀ ଦାସ, ଗଗନ ବେହେରା, ନିହାର ରଞ୍ଜନ ଷଡ଼ଙ୍ଗି ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟତ୍ରୀ ଶ୍ରୀଲତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମନାଇପାଦ ଆଦିବାସୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ପାଟଣାଗଡ଼ ୧୩।୧ (ସମିସ) :** ପାଟଣାଗଡ଼ ବ୍ଲକ ମଣ୍ଡୋମହୁଲ ପଞ୍ଚାୟତ ମନାଇପାଦ ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ୧୪ତମ ବାର୍ଷିକ କ୍ରୀଡାଉତ୍ସବ ଉଦଯାପିତ ହୋଇଯାଇଛି। ଏହି ଉତ୍ସବ ୧୨ ଓ ୧୩ ତାରିଖ ଦୁଇଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସ୍କୁଲ ପରିଚାଳନା କମିଟିର ସଭାପତି ଶଙ୍କର ମେହେର ମୁଖ୍ୟବକ୍ତା, ମଣ୍ଡୋମହୁଲ ସରପଞ୍ଚ ସୁଦର୍ଶନ ମହାନନ୍ଦ, ବିଧାୟକ ପ୍ରତିନିଧି କିର୍ତ୍ତନ ବରିହା, ଲୋକସଭା ସାଂସଦ ପ୍ରତିନିଧି ପଙ୍କଜ କୁମାର ଭୋଇ, ଦୁଲେଶ୍ୱର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଗରୁଡ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବିଦ୍ୟାଳୟ ସହକାରୀ ଓ କର୍ମଚାରୀ ଓଁ କାର ରଞ୍ଜନ ମିଶ୍ର, ପ୍ରଦୀପ କୁମାର ଦତ୍ତ, ମନ୍ମଥ ନାଥ ପୁଟେଲ, ଭେଙ୍କଟେଶ୍ୱର ଦାସ, ଡୋଲାମଣି ସାହୁ, ବିନୋଦ କୁମାର ମହାନ୍ତି, ଅଶ୍ୱିନୀ କୁମାର ସାହୁ, ପ୍ରଦୀପ କୁମାର ଭୋଇ, କାର୍ତ୍ତିକ ମାଝୀ, ରାତ୍ରଜଗୁଆଲି ରମଣୀ ରଞ୍ଜନ ଦାସ, ପରିଚାଳନା କମିଟିର ସଦସ୍ୟ, ପୂର୍ବତନ ଛାତ୍ର ଲଳିତ ମଲ୍ଲିକ, କୈଳାସ ତାଣ୍ଡି, ଘନ ଭୁଏ, ସୁଜିତ କୁମାର ମେହେର, ଶ୍ୟାମ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଶାରୀରିକ କ୍ରିଡା ଶିକ୍ଷକ ମନୋଜ କୁମାର ମେହେର ଖେଳ ପରିଚାଳନା କରିଥିଲେ।


# ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜର ବୈଠକ

**ତୁରେକେଲା, ୧୩।୧(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ଗୁର୍ଜିଭଟା ପାଥରପଡ଼ାଠାରେ ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତୁରେକେଲା ବ୍ଲକ ସଭାପତି ହରି ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଲାଟ ତଥା ଜିଲ୍ଲା ସଭାପତି ଚନ୍ଦ୍ରଶେଖର ବାଗ ମୁଖ୍ୟଅତିଥି, ଜିଲ୍ଲା ଉପ ସଭାପତି ଅର୍ଜୁନ ବରିହା, ବଲାଙ୍ଗିର ବ୍ଲକ ସଭାପତି କୁଶ ବରିହା, ଖପ୍ରାଖୋଲ ବ୍ଲକ ସଭାପତି ଚନ୍ଦ୍ରଶେଖର ବରିହା, ସମ୍ପାଦକ ଯୁଗଳ କିଶୋର ବରିହା, ପାଟଣାଗଡ଼ ବ୍ଲକ ସଭାପତି କିଶୋର ଚନ୍ଦ୍ର ବରିହା, କୋଷାଧ୍ୟକ୍ଷ ଯୁବମୋର୍ଚ୍ଚା ଗୌରାଙ୍ଗ ବରିହା, ଜିଲ୍ଲା ମିଡିଆ ସେଲ ସଂଯୋଜକ ଗୋରେଖନାଥ ବରିହା, ଶଶିକାନ୍ତ ବରିହା, ବିପିନ ବରିହା, ବିରଞ୍ଚି ବରିହା, ଯଦୁମଣି ବରିହା, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ବନମାଳୀ ବରିହା, ସମ୍ପାଦକ କାର୍ତ୍ତିକ ବରିହା, ମୁରିବାହାଲ ବ୍ଲକ ସଭାପତି ଶାନ୍ତନୁ ବରିହା, କାଶୀନାଥ ବରିହା, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ସାମାଜିକ ନୀତି ନିୟମ, କୁସଂସ୍କାର, ନିଶା, ଆଦିବାସୀମାନଙ୍କ ହକ ଅଧିକାର, ସମାଜ ସୁଦୃଢ଼ ଏକତା, ଗଭରା ଗାଁରେ ଗୋଟିଏ ପଙ୍ଗତ୍‌ରେ ଚଳିବା ପାଇଁ ଜିଲ୍ଲା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୁଅଝିଅମାନଙ୍କୁ ସମାଜରେ ଏକ ପ୍ରତିଷ୍ଠିତ ମଣିଷ କରି ଗଢି ତୋଳିବା ପାଇଁ ସମସ୍ତଙ୍କୁ ଚେଷ୍ଟିତ ହେବାକୁ ମୁଖ୍ୟଅତିଥି ଶ୍ରୀ ବାଗ ତାଙ୍କ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡୋଲାମଣି ବରିହା, ନୀଳମଣି ବରିହା, ମଦୁଆ ବରିହା, ଦେବେନ୍ଦ୍ର ବରିହା ପ୍ରମୁଖ ସହଯୋଗ କରିଥିଲେ। ବଲାଙ୍ଗିର ବ୍ଲକ ସଭାପତି କୁଶ ବରିହା ସଭା ପରାଚଳନା କରିଥିବା ବେଳେ ହରି ବରିହା ଧନ୍ୟବାଦ ଅର୍ପଣ କରିଥିଲେ।



# ରୋତ କଲେଜରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**ବଲାଙ୍ଗିର, ୧୩।୧(ସମିସ) :** ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତରେ ନୂଆଁ-ଓ ତରଫରୁ ଓଡିଆ ସାହିତ୍ୟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ରଥ ଏହାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ତଥା ଓଡିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରମୋଦ ଦାଶ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଭିତରେ ଥିବା ଓଡିଆ ଭାଷା ଓ ସାହିତ୍ୟ ଜ୍ଞାନ ତଥା ପ୍ରତିଭାର ବିକାଶ ଉଦ୍ଦେଶ୍ୟରେ ଦୀର୍ଘ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡିଆ କବିତା ଲିଖନ, ପ୍ରବନ୍ଧ ଲିଖନ, କବିତା ପଠନ, ହସ୍ତାକ୍ଷର ଲିଖନ, କୁଇଜ୍, ବିତର୍କ, ଜଗନ୍ନାଥ ଭଜନ ଗାନ, ଲୋକନୃତ୍ୟ ଆଦି ପ୍ରତିଯୋଗିତା ସହ ଓଡିଆ ଚଳଚ୍ଚିତ୍ର ପ୍ରଦର୍ଶନ ଓ ଓଡିଆ ସାହିତ୍ୟ ସମ୍ପର୍କରେ ଆଲୋଚନାଚକ୍ର ଆଦି ଅନୁଷ୍ଠିତ ହେବ। ଆସନ୍ତା ୨୦ ତାରିଖରେ ଉଦଯାପିନୀ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ।




# ଭକ୍ତିମୟ ପରିବେଶ ମଧ୍ୟରେ ପରିକ୍ରମା କରୁଛି ଅର୍ପଣ ରଥ

**ବଲାଙ୍ଗିର, ୧୩।୧(ସମିସ)**

ଏ ମନ ଦେଉଲେ ଉଡୁଛେ ବାନା ରେ, ବସିଛେ କାଳିଆ ସୁନା..... କୀର୍ତ୍ତନମଣ୍ଡଳୀଙ୍କ ଏଭଳି ଜଗନ୍ନାଥ ଭଜନ ଭକ୍ତଙ୍କ ଭାବାବେଗ ଆହୁରି ବୃଦ୍ଧି କରୁଛି। ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଜୟ ଜଗନ୍ନାଥ ଅର୍ପଣ ରଥ ଘରକୁ ଘର ବୁଲିବୁଲି

**ମନ ଦେଉଲେ ଉଡୁଛେ ବାନା**

ଗୁଆ ଓ ଚାଉଳ ସଂଗ୍ରହ କରୁଛି। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ଗୁଆ, ଚାଉଳ ଅର୍ପଣ କରିବା ସହିତ ଭୋଗ ଖାଇ ଶ୍ରୀ ଜଗନ୍ନାଥଙ୍କ ଆଶିଷ ଲାଭ କରୁଛନ୍ତି। ଏହି କ୍ରମରେ ଶନିବାର ୧୩ ନମ୍ବର ୱାର୍ଡରେ ଅର୍ପଣ ରଥକୁ ଧୁମଧାମରେ ସ୍ୱାଗତ କରାଯାଇଥିବାବେଳେ ଭକ୍ତଙ୍କୁ ପୁରୀର ମହାପ୍ରସାଦ ଅବଢ଼ା ବଣ୍ଟାଯାଇଥିବା ଦେଖିବାକୁ ମିଳିଛି। ଶନିବାର ସକାଳୁ ୱାର୍ଡନମ୍ବର ୧୩ ସ୍ଥିତ ଟିକ୍ରାପଡ଼ା ରାମ ମନ୍ଦିର ସମ୍ମୁଖରୁ ପରିକ୍ରମା ରଥ ବାହାରିଥିଲା। ସେଠାରୁ ଡେଲିମାର୍କେଟ ଦେଇଗଳି ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ଫେରି ପୁଣି ଡେଲିମାର୍କେଟ ରାସ୍ତା, ଟିକ୍ରାପଡ଼ା, କଂସାରୀ ପଡ଼ା ଦେଇ ଆରଏମସି କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା। ଅର୍ପଣ ରଥ ଯାତ୍ରାରେ ସଂକୀର୍ତ୍ତନ ଦଳ, ସାଉଣ୍ଡ ବକ୍ସର ବ୍ୟବସ୍ଥା କରାଯାଇଥିଲା। ୧୩ ନମ୍ବର ୱାର୍ଡର କାଉନସିଲର ଇସ୍ମତ ଆରା ଖାନଙ୍କ ନେତୃତ୍ୱରେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ୱାର୍ଡର ବିଭିନ୍ନ ପଡ଼ାର ସର୍ବସାଧାରଣ ସାମିଲ ହୋଇଥିଲେ। ଆରଏମସି ପରିସରରେ ଭକ୍ତ ମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଅଣାଯାଇଥିବା ମହାପ୍ରଭୁ ଙ୍କ ମହାପ୍ରସାଦ ଅବଢ଼ା ବଣ୍ଟନ କରାଯାଇଥିଲା।






# ରାଜନୀତି ପିଚ୍‌ରେ କ୍ରିକେଟର୍

କ୍ରୀଡ଼ାବିତମାନେ ରାଜନୀତି କରିବା ନୂଆ କଥା ନୁହେଁ । ଖାସ୍ କରି କ୍ରିକେଟରମାନେ ରାଜନୀତି କରି ସଫଳ ହେବାର ବହୁ ଉଦାହରଣ ରହିଛି । ଏହାର ତାଲିକା ମଧ୍ୟ ଯଥେଷ୍ଟ ଲମ୍ବା ରହିଛି । ଏହାର ସବୁଠାରୁ ଜ୍ୱଳନ୍ତ ଉଦାହରଣ ହେଉଛି ପାକିସ୍ତାନ ବିଶ୍ୱକପ୍ ବିଜୟୀ ଅଧିନାୟକ ଇମ୍ରାନ ଖାନ୍ । ଜଣେ ସଫଳ କ୍ରିକେଟର ହୋଇ ମଧ୍ୟ ରାଜନୀତିରେ ପ୍ରବେଶ କରି ସେ ପାକିସ୍ତାନର ପ୍ରଧାନମନ୍ତ୍ରୀ ହୋଇପାରିଥିଲେ । ଏବେ ଆଉ ଜଣେ କ୍ରିକେଟର ରାଜନୀତିରେ ପ୍ରବେଶ କରି ଚର୍ଚ୍ଚା ସୃଷ୍ଟି କରିଛନ୍ତି । ସେ ହେଉଛନ୍ତି ବାଂଲାଦେଶର ସର୍ବକାଳୀନ ଶ୍ରେଷ୍ଠ ଅଲରାଉଣ୍ଡର ସାକିବ ଅଲ ହାସନ । ସାକିବଙ୍କୁ ବାଦ ଦେଲେ ନିକଟ ଅତୀତରେ ମନୋଜ ତିୱାରୀ, ଆଶୋକ ଦିଣ୍ଡା, ଗୌତମ ଗମ୍ଭୀର, ହରଭଜନ ସିଂଙ୍କ ଭଳି ଭାରତୀୟ କ୍ରିକେଟର ମଧ୍ୟ ରାଜନୀତିରେ ଯୋଗ ଦେଇଛନ୍ତି । ଆମ ଦେଶର ନାଗରିକମାନେ ୩ଟି ସ୍ଥାନରେ ଏକାଠି ହୋଇଥାନ୍ତି । ଏହି ୩ଟି ଗୁରୁତ୍ୱପୂର୍ଣ୍ଣ ଜିନିଷ ହେଉଛି ରାଜନୀତି, କ୍ରିକେଟ ଓ ସିନେମା । ଏହି ୩ଟି ବିଭାଗରେ ଖ୍ୟାତି ଓ ଯଶ ଅର୍ଜନ କରିଥିବା ବ୍ୟକ୍ତିମାନେ ବେଳେବେଳେ ନିଜ ପେସା ଛାଡି ଅନ୍ୟ ପେସାରେ ଯୋଗ ଦେବାକୁ ପ୍ରୟାସ କରି ବହୁବାର ପ୍ରୟୋଗ କରିଆସିଛନ୍ତି । କ୍ରିକେଟ ଓ ସିନେମା ସହ ଜଡ଼ିତଥିବା ବ୍ୟକ୍ତି ରାଜନୀତି କରି ସଫଳତାର ଶୀର୍ଷକୁ ଛୁଇଁଛନ୍ତି ।





## ସାକିବଙ୍କ ନୂଆ ଇନିଂସ

ଏମାନଙ୍କ ମଧ୍ୟରେ ସଦ୍ୟତମ ଉଦାହରଣ ହେଉଛି ବାଂଲାଦେଶର ସାକିବ ଅଲ ହାସନ । ନିକଟରେ ଅନୁଷ୍ଠିତ ବାଂଲାଦେଶ ସାଧାରଣ ନିର୍ବାଚନରେ ସାକିବ ସେକ୍ ହସିନାଙ୍କ ପାର୍ଟି 'ଆବାମୀ ଲିଗ୍' ତରଫରୁ ନିର୍ବାଚନ ଲଢ଼ି ମଗୁରା-୧ ପାର୍ଲାମେଣ୍ଟ ଆସନରୁ ଦେଢ଼ ଲକ୍ଷ ଭୋଟ୍‌ରେ ବିଜୟୀ ହୋଇଛନ୍ତି । ଏବେ ସେ ବାଂଲାଦେଶ ପ୍ରିମିୟର ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଅଭ୍ୟାସ ଜାରି ରଖିଛନ୍ତି । ସାକିବ ଏପର୍ଯ୍ୟନ୍ତ ବାଂଲାଦେଶ ପାଇଁ ୬୬ ଟେଷ୍ଟ, ୨୪୭ ଦିନିକିଆ ଓ ୧୧୭ଟି ଟି-୨୦ ଖେଳିଛନ୍ତି । ସାକିବ ଏହାପୂର୍ବରୁ ନିର୍ବାଚନ ପ୍ରଚାର କରିବାକୁ ଯାଇ ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ଓ ବାହାର ସିରିଜରେ ଖେଳି ପାରିନଥିଲେ ।



## ରାଜ୍ୟସଭା ସଦସ୍ୟ ହରଭଜନ

ଭାରତ ଅନ୍ୟତମ ଶ୍ରେଷ୍ଠ ଅଫ୍‌ସ୍ପିନର ହରଭଜନ ସିଂ ମଧ୍ୟ ରାଜନୀତିରେ ଯୋଗ ଦେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ୨୦୨୨ରେ ସେ ଅରବିନ୍ଦ କେଜରିୱାଲଙ୍କ ଆପ୍ ତରଫରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ସେ ମଧ୍ୟ ଭାରତକୁ ୨୦୦୭ ଟି-୨୦ ଓ ୨୦୧୧ ଦିନିକିଆ ବିଶ୍ୱକପ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ୧୦୩ ଟେଷ୍ଟ, ୨୩୬ ଦିନିକିଆ ଓ ୨୮ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି ।



## ପଟୌଦିଙ୍କଠାରୁ ଆଝାରଙ୍କ ପର୍ଯ୍ୟନ୍ତ

ମହମ୍ମଦ ଆଝାରୁଦ୍ଦିନ, କିର୍ତ୍ତୀ ଆଜାଦ, ଚେତନ ଚୌହାନ, ବିନୋଦ କାମ୍ବଲୀ, ମନୋଜ ପ୍ରଭାକର, ମହମ୍ମଦ କୈଫ୍, ମନସୁର ଅଲି ଖାନ୍ ପଟୌଦି, ନବଜୋତ ସିଂ ସିଦ୍ଧୁ, ଏସ୍ ଶ୍ରୀସନ୍ଥ, ସଚିନ ତେନ୍ଦୁଲକର, ଲକ୍ଷ୍ମୀରତନ ଶୁକ୍ଲା । ଅବଶ୍ୟ ଏମାନଙ୍କ ମଧ୍ୟରୁ କେତେଜଣ ପ୍ରତ୍ୟକ୍ଷ ରାଜନୀତିରେ ସକ୍ରିୟ ନାହାଁନ୍ତି । ଆଜାଦ ଓ ଚୌହାନ ମନ୍ତ୍ରୀପଦ ଅଳଙ୍କୃତ କରି ସଫଳ ହୋଇଛନ୍ତି ।



## ବିଧାୟକ ଅଶୋକ ଦିଣ୍ଡା

ଭାରତ ପାଇଁ ୧୩ ଦିନିକିଆ, ୧୨ ଟି-୨୦ ମ୍ୟାଚ୍ ଖେଳିଥିବା ବେଙ୍ଗଲ ଦ୍ରୁତ ବୋଲର ଆଶୋକ ଦିଣ୍ଡା ରାଜନୀତିରେ ପ୍ରବେଶ କରିଛନ୍ତି । ୩୭ ବର୍ଷୀୟ ଦିଣ୍ଡା ୨୦୨୧ ନିର୍ବାଚନରେ ବିଜେପି ଟିକଟରେ ମୋୟନା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇ ପଶ୍ଚିମବଙ୍ଗ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ତୃଣମୂଳ କଂଗ୍ରେସର ଏକତରଫା ବିଜୟ ସତ୍ତ୍ୱେ ଦିଣ୍ଡା ବିଜୟୀ ହୋଇଥିଲା ।



## କ୍ରୀଡ଼ାମନ୍ତ୍ରୀ ମନୋଜ ତିୱାରୀ

ଭାରତ ପାଇଁ ୧୨ ଦିନିକିଆ, ୩ଟି ଟି-୨୦ ମ୍ୟାଚ୍ ଖେଳିଥିବା ବେଙ୍ଗଲ କ୍ରିକେଟର ତଥା ବ୍ୟାଟର ମନୋଜ ତିୱାରୀ ଏବେ ପଶ୍ଚିମବଙ୍ଗର କ୍ରୀଡ଼ାମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ସେ ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଶିବପୁର ଆସନରୁ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ଟିକଟରେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ । ସେ ଏବେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରୁଛନ୍ତି ।

## ଲୋକସଭା ସଦସ୍ୟ ଗମ୍ଭୀର

ଦୁଇ ଦୁଇଟି ବିଶ୍ୱକପ୍ ଜିତିଥିବା ଭାରତର ଅନ୍ୟତମ ଶ୍ରେଷ୍ଠ ଓପନର ଗୌତମ ଗମ୍ଭୀର ମଧ୍ୟ ରାଜନୀତିରେ ପ୍ରବେଶ କରି ଜଣେ ସଫଳତା ଅର୍ଜନ କରିଛନ୍ତି । ନିଜର ବିବାଦୀୟ ଆଚରଣ ପାଇଁ ସେ ପଡିଆ ଭିତରରେ ଓ ବାହାରେ ବେଶ୍ ଚର୍ଚ୍ଚିତ ରହିଛନ୍ତି । ଦୁଇ ପୂର୍ବତନ ମନ୍ତ୍ରୀ ଅରୁଣ ଜେଟ୍‌ଲି ଓ ରବିଶଙ୍କର ପ୍ରସାଦଙ୍କ ଉପସ୍ଥିତିରେ ବିଜେପିରେ ଯୋଗ ଦେଇଥିଲେ । ସେ ୨୦୧୯ ସାଧାରଣ ନିର୍ବାଚନରେ ପୂର୍ବଦିଲ୍ଲୀରେ ନିର୍ବାଚନ ଲଢି ସଂସଦକୁ ନିର୍ବାଚିତ ହୋଇଥିଲେ । ସେ ୨୦୦୭ ଟି-୨୦ ଓ ୨୦୧୧ ବିଶ୍ୱକପ୍ ଜିତିବା ସହ ଭାରତ ପାଇଁ ୫୮ ଟେଷ୍ଟ ଓ ୧୪୭ ଦିନିକିଆ ଓ ୩୭ ଟି-୨୦ ମ୍ୟାଚ୍ ଖେଳିଛନ୍ତି ।

# ଟେନିସ୍ ଖେଳିଲେ ସ୍ମିଥ୍, ବ୍ୟାଟିଂ କଲେ ଜୋକୋଭିଚ୍





ଅଷ୍ଟ୍ରେଲିଆ ବ୍ୟାଟିଂ ସୁପରଷ୍ଟାର ଷ୍ଟିଭେନ୍ ସ୍ମିଥ୍ ଜଣେ ଉଚ୍ଚକୋଟୀର ବ୍ୟାଟର ବୋଲି ସମସ୍ତେ ଜାଣନ୍ତି । ତେବେ ସେ ଭଲ ଟେନିସ ଖେଳନ୍ତି ବୋଲି କେହି ଜାଣି ନଥିବେ । ରବିବାରଠାରୁ ଅଷ୍ଟ୍ରେଲିଆନ୍ ଓପନ୍ ଆରମ୍ଭ ହେବା ପୂର୍ବରୁ ମେଲବୋର୍ଣ୍ଣ ପାର୍କର ରଡ୍ ଲିଭର ଏରିନାରେ ଖେଳାଯାଇଥିବା ଏକ ପ୍ରଦର୍ଶନୀ ମ୍ୟାଚ୍ ଅବସରରେ ସ୍ମିଥ୍ ନିଜ ଟେନିସ ପ୍ରତିଭାର ପ୍ରମାଣ ଦେଇଥିଲେ । ସେ ଜୋକୋଭିଚ୍‌ଙ୍କ ସହ ଟେନିସ ଖେଳି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ସ୍ମିଥ୍‌ଙ୍କ ଖେଳ ଦେଖି ଜୋକୋଭିଚ୍ ଚକିତ ହୋଇଥିଲେ । ସେହିପରି ଟେନିସ କୋର୍ଟର ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ଜୋକୋଭିଚ୍ ମଧ୍ୟ ଷ୍ଟମ୍ପ ଥୋଇ ବ୍ୟାଟିଂ କରୁଥିବାର ଲକ୍ଷ୍ୟ କରାଯାଇଥିଲା । ଅଷ୍ଟ୍ରେଲିଆନ୍ ଓପନର ଅଫିସିଆଲ ଏକ୍ସ ହ୍ୟାଣ୍ଡଲରେ ଏହାର ଭିଡିଓ ସେୟାର କରାଯାଇଥିଲା । ଓପନ ଏରାରେ ସେ ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ରେକର୍ଡ କରିଛନ୍ତି । ଅଷ୍ଟ୍ରେଲିଆନ୍ ଓପନ୍ ଜିତିଲେ ଜୋକୋଭିଚ୍‌ର ବିଶ୍ୱର ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ମାର୍ଗାରେଟ୍ କୋର୍ଟ (୨୪ଟି ଗ୍ରାଣ୍ଡସ୍ଲାମ)ଙ୍କୁ ପଛରେ ପକାଇ ବିଶ୍ୱ ରେକର୍ଡ ସୃଷ୍ଟି କରିବେ । ସେହିପରି ସ୍ମିଥ୍ ମଧ୍ୟ ୨୦୨୩ ଦିନିକିଆ ବିଶ୍ୱକପ୍ ବିଜୟୀ ଅଷ୍ଟ୍ରେଲିଆ ଦଳର ସଦସ୍ୟ ଥିଲେ । ■



# ଆଶାରୂପା ମନ୍ଦିରରେ ଜାଡେଜା

ଇଂଲଣ୍ଡ ବିପକ୍ଷ ଆଗାମୀ ଟେଷ୍ଟ ସିରିଜର ପ୍ରଥମ ଦୁଇ ମ୍ୟାଚ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି । ଏଥିରେ ତାରକା ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଦଳରେ ସାମିଲ କରାଯାଇଛି । ଜାନୁଆରୀ ୨୫ରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବାକୁ ଯାଉଥିବାବେଳେ ଜାଡେଜା ଏଥିପୂର୍ବରୁ ଗୁଜରାଟର କଚ୍ଛ ଜିଲ୍ଲାସ୍ଥିତ ମା' ଆଶାରୂପା ମନ୍ଦିର ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ମା'ଙ୍କ ଆଶୀର୍ବାଦ ମଧ୍ୟ ନେଇଛନ୍ତି । ଜାଡେଜାଙ୍କ ସହ ତାଙ୍କ ପତ୍ନୀ ତଥା ବିଧାୟିକା ରିଭାବା ମଧ୍ୟ ଆଶାରୂପା ମନ୍ଦିର ପରିଦର୍ଶନରେ ଯାଇଥିଲେ । କଚ୍ଛର ପୂର୍ବ ଶାସକ ଜାଡେଜାଙ୍କ ଦେବୀ ଥିଲେ ଆଶାରୂପା ମାତା । ଯାହାଙ୍କ ଉଦ୍ଦେଶ୍ୟରେ ୧୪୦୦ ଶତାବ୍ଦୀରେ କଚ୍ଛ ଜିଲ୍ଲାରେ ଆଶାରୂପା ମାତାଙ୍କ ଏହି ପ୍ରତିଷ୍ଠିତ ମନ୍ଦିର ନିର୍ମାଣ କରାଯାଇଥିଲା । ପତ୍ନୀ ରିଭାବାଙ୍କ ସହ ମନ୍ଦିର ପରିଦର୍ଶନ କରିବା ମୁହୂର୍ତ୍ତର ଫଟୋକୁ ଜାଡେଜା ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି । ଯାହାକୁ ତାଙ୍କର ହଜାର ହଜାର ପ୍ରଶଂସକ ଲାଇକ୍ କରିଛନ୍ତି । ■

# ହେଲିକପ୍ଟରରେ ଏସ୍‌ସିଜିରେ ପହଞ୍ଚିଲେ ୱାର୍ଣ୍ଣର

ଟେଷ୍ଟ ଓ ଦିନିକିଆ ଫର୍ମାଟରୁ ଅବସର ଘୋଷଣା କରିସାରିଥିବା ୩୭ ବର୍ଷୀୟ ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ଓପନର ଡେଭିଡ୍ ୱାର୍ଣ୍ଣର ଏକ ଭିନ୍ନ କାରଣରୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବିଗ୍‌ବାସ ଲିଗ୍‌ର ଏକ ମ୍ୟାଚ୍ ଖେଳିବାକୁ ସେ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ(ଏସ୍‌ସିଜି)ରେ ହେଲିକପ୍ଟରରେ ପହଞ୍ଚିଥିଲେ । ସେ ନିଜର ଭାଇଙ୍କ ବାହାଘରେ ଯୋଗ ଦେଇଥିଲେ ଓ ସେଠାରୁ ସିଧା ଆସି ଏସ୍‌ସିଜିରେ ପହଞ୍ଚିଥିଲେ । ୱାର୍ଣ୍ଣର ସିଡନୀ ଥଣ୍ଡର ତରଫରୁ ଏଥର ବିଗ୍ ବାସ ଲିଗ୍ (ବିବିଏଲ୍) ଖେଳିବେ । ଶୁକ୍ରବାର ଷ୍ଟିଭ ସ୍ମିଥ୍‌ଙ୍କ ସିଡ୍‌ନୀ ସିକ୍ସର ବିପକ୍ଷରେ ମ୍ୟାଚ୍ ଖେଳିବାକୁ ଗ୍ରାଉଣ୍ଡରେ ପହଞ୍ଚିବା ପାଇଁ ହେଲିକପ୍ଟରର ସହାୟତା ନେଇଥିଲେ । ଏସସିଜିର ଆଉଟ ଫିଲ୍ଡରେ ଏହି ହେଲିକପ୍ଟର ପହଞ୍ଚିଥିଲା । ସିଡ୍‌ନୀ ଥଣ୍ଡର ସହ ୱାର୍ଣ୍ଣର ଏକ ଦୁଇ ବର୍ଷୀୟ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି । ଅଷ୍ଟ୍ରେଲିଆ ପାଇଁ ୨୦୧୫, ୨୦୨୩ ଦିନିକିଆ, ୨୦୨୧ ଟି-୨୦ ବିଶ୍ୱକପ୍ ଓ ୨୦୨୧- ୨୦୨୩ ଡବ୍ଲୁଟିସି ଟାଇଟଲ ଜିତିଥିବା ୱାର୍ଣ୍ଣର ୧୧୨ ଟେଷ୍ଟ, ୧୬୧ ଦିନିକିଆ ଓ ୯୯ଟି ଟି-୨୦ ମ୍ୟାଚ୍ ଖେଳି ବେଶ୍ ସଫଳ ରହିଛନ୍ତି । ■



## ଅସମ୍ଭବକୁ ସମ୍ଭବ କରିଛନ୍ତି

# ଅମୀର ହୁସେନ ଲୋନ୍



କଥାରେ ଅଛି ଦୃଢ଼ ଇଚ୍ଛାଶକ୍ତି ଯାହାର ଅଛି, ସେ ସବୁକିଛି ଅସମ୍ଭବକୁ ସମ୍ଭବ କରିବାକୁ ସମର୍ଥ ହେଉଛନ୍ତି । କ୍ରୀଡ଼ା ଜଗତରେ ଏଭଳି ଏକ ଆଶ୍ଚର୍ଯ୍ୟଜନକ କ୍ରିକେଟ ଖେଳୁଛନ୍ତି ଜାମ୍ମୁ-କାଶ୍ମୀର ପାରା କ୍ରିକେଟ ଦଳର ଅଧିନାୟକ ଅମୀର ହୁସେନ ଲୋନ୍ । ଅମୀରଙ୍କର ଦୁଇ ହାତ ନାହିଁ, ତଥାପି ସେ ଖେଳୁଛନ୍ତି କ୍ରିକେଟ । ହାତ ନଥିଲେ ମଧ୍ୟ କଠିନ ପରିଶ୍ରମ ବଳରେ ସେ ଗୋଡ଼ରେ ବୋଲିଂ କରିଥାନ୍ତି । ହାତ ନଥିଲେ ମଧ୍ୟ ବ୍ୟାଟିଂ ତାଙ୍କ ଲାଗି ପ୍ରତିବନ୍ଧକ ହୋଇ ରହିନାହିଁ । ସେ ବେକ ଓ କାନ୍ଧରେ ବ୍ୟାଟ୍ ରଖି ବ୍ୟାଟିଂ କରିବାର କଳା ଶିଖିଯାଇଛନ୍ତି । ଏହି କୌଶଳ ବଳରେ ସେ କେବଳ ଘରୋଇ ନୁହେଁ; ବରଂ ଜାତୀୟ ଓ ଅନ୍ତର୍ଜାତୀୟ କ୍ରିକେଟ ଖେଳି ତାଙ୍କ ପରିବାର ସହିତ ନିଜ ରାଜ୍ୟ ଜାମ୍ମୁ-କାଶ୍ମୀର ଓ ଭାରତର ଗୌରବ ବଢ଼ାଇଛନ୍ତି । ଏଭଳି ଖେଳାଳି ବିଶ୍ୱରେ ବିରଳ ବୋଲି କୁହାଯାଏ ।

## ଗୋଡ଼ରେ କରନ୍ତି ବୋଲିଂ, ବେକ ଓ କାନ୍ଧରେ ବ୍ୟାଟିଂ

ଅମୀରଙ୍କ ଖେଳରେ ଖୁବ୍ ଉତ୍ସାହିତ ହୋଇପଡ଼ିଛନ୍ତି କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର । ତାଙ୍କ ଖେଳର ଏକ ଭିଡିଓ ଦେଖିବା ପରେ ଅମୀରଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ସଚିନ । କେବଳ ସେତିକି ନୁହେଁ ତାଙ୍କ ସହ ମିଶିକି ଏକ ଜର୍ସି ଉପହାର ଆଣିବେ ବୋଲି କହିଛନ୍ତି ଏହି ଭାରତୀୟ କିମ୍ବଦନ୍ତୀ କ୍ରିକେଟର । କ୍ରିକେଟ ଖେଳ ପ୍ରତି ଏତେ ଉତ୍ସର୍ଗ ଖୁବ୍ କମ୍ ଖେଳାଳିଙ୍କ ନିକଟରେ ଦେଖିବାକୁ ମିଳିଥାଏ । ଏଣୁ ସେ ଅନେକ ଖେଳାଳିଙ୍କ ଲାଗି ପ୍ରେରଣାଦାୟୀ ବୋଲି ସଚିନ କହନ୍ତି । ସଚିନଙ୍କର ଏହି ମତାମତ ଅମୀର ହୁସେନ ଲୋନ୍‌ଙ୍କୁ ବେଶ ପ୍ରଭାବିତ କରିଛି । ଏହି ମୁହୂର୍ତ୍ତକୁ ସେ ଅପେକ୍ଷା କରି ରହିଛନ୍ତି । ସଚିନ ଓ ବିରାଟ ହେଲେ ମୋ ଆଦର୍ଶ ଖେଳାଳି । ଏମାନଙ୍କୁ ନିକଟରେ ପାଇବା ଅର୍ଥ ସ୍ୱପ୍ନ ପୂରଣ ହେବା । ୩୪ ବର୍ଷୀୟ ଅମୀର ଜନ୍ମରୁ ଏପରି ନଥିଲେ । ୮ ବର୍ଷବେଳେ ସେ ତାଙ୍କ ପିତାଙ୍କ ମିଲରେ କାମ କରୁଥିଲାବେଳେ ଏକ ଦୁର୍ଘଟଣାରେ ଦୁଇଟିଯାକ ହାତ ହରାଇଥିଲେ । ଏହା ପରେ ଆରମ୍ଭ ହୋଇଥିଲା ତାଙ୍କ ସଂଘର୍ଷର କାହାଣୀ । ସେ ନିଜକୁ ଫିଟ କରିବା ସହ କ୍ରିକେଟ ଖେଳର କୌଶଳକୁ ଶିଖିବାରେ ସମର୍ଥ ହୋଇଥିଲେ । କେବଳ ପରିବାରଠାରୁ ସମର୍ଥନ ପାଇ ଏବେ ସେ ଜଣେ ଖେଳାଳି ହୋଇପାରିଛନ୍ତି । ମୋ ଖେଳ ଦେଖି କେବଳ ଭାରତରେ ନୁହେଁ; ବାଂଲାଦେଶ, ଦୁବାଇ, ନେପାଳ ଏବଂ ଶାରଜାରେ ମୋ ଖେଳ ଦେଖି ଲୋକ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ଏହା ମୋତେ ଅଧିକ ଖେଳିବାକୁ ଉତ୍ସାହିତ କରିବ ବୋଲି ଅମୀର କହନ୍ତି ।

# ଭିତରକନିକାରେ ୧୮୧୧ କୁମ୍ଭୀର

**ରାଜନଗର, ୧୩।୧ (ସମିସ):** ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତ ବର୍ଷ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇଛି। ଗତବର୍ଷ ଭିତରକନିକା ମଧ୍ୟରେ ଓ ବାହାରେ ଥିବା ନଦୀ, ନାଳଗୁଡ଼ିକରେ ୧୭୯୩ଟି ବଉଳା କୁମ୍ଭୀର ଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ୧୮୧୧କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତବର୍ଷଠାରୁ ଚଳିତବର୍ଷ ୧୮ କୁମ୍ଭୀର ଅଧିକ ଥିବା ଚଳିତ ବର୍ଷର କୁମ୍ଭୀର ଗଣନା ରିପୋର୍ଟରୁ ଜଣାପଡ଼ିଛି। ଚଳିତ ବର୍ଷ ଭିତରକନିକାରେ କନିକା

## ଗତବର୍ଷ ଠାରୁ ୧୮ କୁମ୍ଭୀର ଅଧିକ

ରେଞ୍ଜର ପାଟଶାଳାମାଉଥରୁ ଏଫ୍‌ଆର୍‌ଏଚ୍ ଜେଟି ମଧ୍ୟରେ ୨ଟି, ଏଫ୍‌ଆର୍‌ଏଚ୍ ଜେଟିରୁ ଖୋଲାମାଉଥ ମଧ୍ୟରେ ଗୋଟିଏ, ଗୁପ୍ତିରୁ ହଂସିଣା ମଧ୍ୟରେ ଗୋଟିଏ ୨୦ଫୁଟରୁ ଅଧିକ ଲମ୍ବର ବଉଳା କୁମ୍ଭୀରକୁ ବନବିଭାଗ ଗଣନା ଟିମ୍ ଗଣନା ବେଳେ ଠାବ କରିଛି।

ଚଳିତ ମାସ ୧୦ରୁ ୧୨ ତାରିଖ ଯାଏଁ ୩ ଦିନ ଧରି ଏହି କୁମ୍ଭୀର ଗଣନା କରାଯାଇଥିଲା। ବରିଷ୍ଠ ଜୀବବିଜ୍ଞାନୀ, ଗବେଷକ, କୁମ୍ଭୀର ବିଶାରଦ ଡଃ. ସୁଧାକର କରଙ୍କ ନେତୃତ୍ୱରେ ୨୨ଟି ଟିମ୍ ଗଣନା କାର୍ଯ୍ୟରେ ନିୟୋଜିତ ଥିଲେ। ଏହି ଗଣନା ସମୟରେ ୫୮୨ଟି କୁମ୍ଭୀର ଶାବକ (ଛୁଆ) ଅର୍ଥାତ୍ ୨ ଫୁଟ୍‌ରୁ କମ୍ ଲମ୍ବର କୁମ୍ଭୀର, ୩୮୭ଟି ବର୍ଷକିଆ ଛୁଆ ଅର୍ଥାତ୍ ୨ ରୁ ୩ଫୁଟିଆ କୁମ୍ଭୀର, ୩୨୭ଟି ଦୁଇବର୍ଷିଆ ଛୁଆ ଅର୍ଥାତ୍ ୩ ରୁ ୬ ଫୁଟିଆ କୁମ୍ଭୀର, ୧୬୭ଟି



୪ରୁ ୫ ବର୍ଷର ଅର୍ଥାତ୍ ୬ରୁ ୮ଫୁଟ୍ ଲମ୍ବର କୁମ୍ଭୀର ଦେଖିବାକୁ ମିଳିଥିଲା। ଏଥିସହ ବଡ଼ କୁମ୍ଭୀର ଅର୍ଥାତ୍ ୮ ଫୁଟ୍‌ରୁ ଅଧିକ ଲମ୍ବର ୩୪୮ଟି ଗଣନା ବେଳେ ଠାବ କରାଯାଇଛି ବୋଲି ଡିଏଫ୍‌ଓ ସୁଦର୍ଶନ ଗୋପିନାଥ ଯାଦବ ସୂଚନା ଦେଇଛନ୍ତି।

ସକାଳେ ଓ ସନ୍ଧ୍ୟାରେ ଏହି କୁମ୍ଭୀରମାନଙ୍କ ଗଣନା କରାଯାଇଥିଲା। ସକାଳେ କୁମ୍ଭୀରମାନେ ଖରା ପୁଇଁବା ଅବସ୍ଥାରେ ଓ ସନ୍ଧ୍ୟାରେ ସ୍ପଟ୍-ଲାଇଟ୍ ମାଧ୍ୟମରେ ଗଣନା କରାଯାଇଥିଲା। ୧୯୭୬ ମସିହାଠାରୁ ଭିତରକନିକାରେ କୁମ୍ଭୀର ଗଣନା କରାଯାଉଛି। ହୁଲିଡଙ୍ଗା ପାରମ୍ପାରିକ ପଦ୍ଧତି ସହିତ ପଲିଗନ ସର୍ଚ୍ଚ ଆପ୍ ମାଧ୍ୟମରେ କୁମ୍ଭୀର ଗଣନା କରାଯାଇଥିଲା।

ସୂଚନାଯୋଗ୍ୟ, ୧୯୭୦ ମସିହା ମଧ୍ୟଭାଗ୍ୟରେ କରାଯାଇଥିବା ଏକ ସର୍ଭେରେ ଭାରତବର୍ଷରେ କୁମ୍ଭୀରମାନଙ୍କ ସଂଖ୍ୟା ନଗଣ୍ୟ ବୋଲି ଜଣାପଡ଼ିଥିଲା। ଏହାପରେ କୁମ୍ଭୀରମାନଙ୍କର ବଂଶବୃଦ୍ଧି ଓ ବାସସ୍ଥଳୀର ସ୍ଥିତି ବଜାୟ ରଖିବା ପାଇଁ କେନ୍ଦ୍ର ସରକାର ମିଳିତ ଜାତିସଂଘର କୃଷି ଓ ଖାଦ୍ୟ ସଂସ୍ଥାର ସହାୟତାରେ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ଯୋଜନା ଅନୁଯାୟୀ, ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସାମୁଦ୍ରିକ ପ୍ରାଣୀ ବିଶେଷଜ୍ଞ ଡଃ. ଏଚ୍. ଆର୍. ବଷ୍ଟାର୍ଡ ଓଡ଼ିଶା ସମୁଦ୍ର ଉପକୂଳ ପରିଦର୍ଶନ କରି ଭିତରକନିକା କୁମ୍ଭୀର ବଂଶ ବୃଦ୍ଧି ପାଇଁ ଅନୁକୂଳ ପରିବେଶ ବୋଲି ଚିହ୍ନଟ କରିଥିଲେ। ୧୯୭୫ମସିହାରେ ୧୧୫ ବର୍ଗକିମି ଅଞ୍ଚଳରେ ୫୦ଲକ୍ଷ ବ୍ୟୟରେ ଦେଶର ପ୍ରଥମ ବଉଳା କୁମ୍ଭୀର ଗବେଷଣା ଓ ସଂରକ୍ଷଣ କେନ୍ଦ୍ର ଗଢ଼ି ଉଠିଥିଲା। ପ୍ରଥମେ ୩୪ଟି ପରିପକ୍ୱ କୁମ୍ଭୀରଙ୍କ ସହ ୯୬ଟି କୁମ୍ଭୀରଙ୍କୁ ନେଇ ଏହି ଯୋଜନା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ସଂଖ୍ୟା ୧୮୧୧ରେ ପହଞ୍ଚିଛି।

## ଆଜିଠୁ ପୁଣି ପର୍ଯ୍ୟଟକଙ୍କ ପାଇଁ ଖୋଲିବ

**ରାଜନଗର, ୧୩।୧ (ସମିସ):** ବଉଳା କୁମ୍ଭୀରମାନଙ୍କ ଭୂସ୍ୱର୍ଗ ଭାବେ ପରିଚିତ ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରମାନଙ୍କ ଗଣନା କାର୍ଯ୍ୟ ପାଇଁ ଚଳିତ ମାସ ୫ରୁ ୧୩ ତାରିଖ ଯାଏଁ ଭିତରକନିକା ବନ୍ଦ ରହିଥିଲା ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏହି ସମୟରେ ପରିଭ୍ରମଣ ପାଇଁ ନିଷିଦ୍ଧ କରାଯାଇଥିଲା। ବିଦେଶୀ ପକ୍ଷୀ ଓ ବଉଳା କୁମ୍ଭୀରଙ୍କ ଗଣନା ଶେଷ ହେବା ପରେ ଆସନ୍ତାକାଲି (ରବିବାର)ଠାରୁ ଭିତରକନିକା ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ପୁଣିଥରେ ଖୋଲିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଆଇଟିଆଇ ହଷ୍ଟେଲରୁ ଛାତ୍ରଙ୍କ ଝୁଲନ୍ତା ଶବ ଜବତ

ଯାଜପୁର, ୧୩।୧(ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ହଷ୍ଟେଲରୁ ଇଲେକ୍ଟ୍ରିକାଲ ବିଭାଗ ଦ୍ୱିତୀୟ ବର୍ଷ ଛାତ୍ର ନଗେନ ଦାସ(୧୭)ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ନଗେନ୍ ବାଲିଚନ୍ଦ୍ରପୁର

## ହତ୍ୟା ଅଭିଯୋଗ ଆଣିଲେ ପରିବାରଲୋକ

ଥାନା ଅନ୍ତର୍ଗତ ବଡ଼ବାଲିକୁଦା ଗ୍ରାମର ପ୍ରଶାନ୍ତ ଦାସଙ୍କ ପୁଅ। ସେ ଛାତ୍ରାବାସରେ ରହି ପାଠ ପଢୁଥିଲେ। ମାଜିଷ୍ଟ୍ରେଟ୍ ତଥା ଯାଜପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ଉପସ୍ଥିତିରେ ପୁଲିସ ଶବକୁ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ ଯାଜପୁର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଥିଲେ। ଏହି ଘଟଣାକୁ ନେଇ ଶିଳ୍ପ ପ୍ରତିଷ୍ଠାନରେ ସାମାନ୍ୟ ଉତ୍ତେଜନା ଦେଖାଯାଇଥିଲା। ମାଜିଷ୍ଟ୍ରେଟ୍ ଓ ଏସ୍‌ଡିପିଓ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା ହ୍ରାସ ପାଇଥିଲା। ତେବେ ପୁଅକୁ ହତ୍ୟା କରାଯାଇଛି ବୋଲି ନଗେନ୍‌ଙ୍କ ପରିବାରଲୋକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

ସୂଚନାନୁଯାୟୀ, ଗତ ରାତିରେ ହଷ୍ଟେଲରେ ଖାଇ ସାରି ନଗେନ୍ ନିଜ ରୁମ୍‌କୁ ଶୋଇବାକୁ ଯାଇଥିଲା। କିନ୍ତୁ ଆଜି ସକାଳ ୧୦ଟା ପର୍ଯ୍ୟନ୍ତ ବାହାରକୁ ନ ଆସିବାରୁ କିଛି ସହପାଠୀ ତା' ରୁମ୍‌ର କବାଟ ବାଡ଼େଇ ଡାକିଥିଲେ। କିନ୍ତୁ ବାରମ୍ବାର ଡାକିବା ସତ୍ତ୍ୱେ କବାଟ ନ ଖୋଲିବାରୁ ସେମାନଙ୍କ ସନ୍ଦେହ ହୋଇଥିଲା। ଏ ସଂପର୍କରେ ସେମାନେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଛାତ୍ରାବାସ କର୍ତ୍ତୃପକ୍ଷଙ୍କ ନିକଟରୁ ଖବର ପାଇ ସଦର ଥାନା ଅଧିକାରୀ ଅନିରୁଦ୍ଧ ନାୟକ ପହଞ୍ଚି ରୁମ୍‌ର କବାଟ ଖୋଲିଥିଲେ। ରୁମ୍ ଭିତରେ ନଗେନ୍ ଏକ ପ୍ଲାଷ୍ଟିକ ରଶିରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା।

# କାମାକ୍ଷାନଗର ବାର ସଭାପତି ଓ ନିର୍ବାଚନ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

**କଟକ,୧୩।୧(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବାର ସଭାପତି ଧର୍ମାନନ୍ଦ ମଲ୍ଲିକ ଓ ନିର୍ବାଚନ ଅଧିକାରୀ ପ୍ରଭାସ ରଞ୍ଜନ ମିଶ୍ରଙ୍କ ଶୃଙ୍ଖଳାଭଙ୍ଗ କାର୍ଯ୍ୟକଳାପ ପାଇଁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ସେମାନଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ତାହାର କାରଣ ଦର୍ଶାଇବାକୁ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉକି କାମାକ୍ଷାନଗର ବାର ସଭାପତି ନିର୍ବାଚନରେ ଧର୍ମାନନ୍ଦଙ୍କ ସହ ରଞ୍ଜନ କୁମାର ରାଉତ ପ୍ରାର୍ଥୀ ହୋଇଥିଲେ। କିନ୍ତୁ ନିର୍ବାଚନ ଅଧିକାରୀ ଥିବା ପ୍ରଭାସ ରଞ୍ଜନ ମିଶ୍ର ପକ୍ଷପାତିତା ଅବଲମ୍ବନ କରି ରଞ୍ଜନଙ୍କ ନାମାଙ୍କନପତ୍ର ନାକଚ କରି ଧର୍ମାନନ୍ଦଙ୍କୁ ବିଜୟୀ ଘୋଷଣା କରିଥିଲେ। ରଞ୍ଜନ ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଫଇସଲା ଆଇନଜୀବୀ ପରିଷଦର ନିର୍ବାଚନ ପ୍ରାଧିକରଣ ଉପରେ ଛାଡିଥିଲେ। ପ୍ରାଧିକରଣ ମଧ୍ୟ ଏହାର ଫଇସଲା କରି ଉକ୍ତ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ ଓ ଆସନ୍ତା ୧୪ ତାରିଖରେ ସାନି ନିର୍ବାଚନ ପାଇଁ ଧାର୍ଯ୍ୟ କରିଥିଲେ। କିନ୍ତୁ ପ୍ରତିକ୍ରିୟାଶୀଳ ହୋଇ ବାର ସଭାପତି ଧର୍ମାନନ୍ଦ ଓକିଲ ସଂଘ ଅଫିସକୁ ତାଲା ପକାଇଦେଇଥିଲେ। ଏହା ବିରୋଧରେ ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳ ରାଜ୍ୟ ଆଇନଜୀବୀ ପରିଷଦରେ ଫେରାଦ ହୋଇଥିଲେ।

- ଅପରାଧ ବିଧି ବିଜ୍ଞାନାଗାରଗୁଡ଼ିକରୁ ରିପୋର୍ଟ ମିଳିବାରେ ବିଳମ୍ବ

# ହାଇକୋର୍ଟଙ୍କ ଉଦ୍‌ବେଗ

**କଟକ, ୧୩।୧(ସମିସ):** ରାଜ୍ୟ ତଥା ବିଭିନ୍ନ ଆଞ୍ଚଳିକ ଅପରାଧ ବିଧି ବିଜ୍ଞାନାଗାର(ଫରେନସିକ ସାଇନ୍ସ ଲାବୋରାଟୋରୀ) ଗୁଡ଼ିକରୁ ଉପଯୁକ୍ତ ସମୟରେ ରାସାୟନିକ ପରୀକ୍ଷା (କେମିକାଲ ଏଗଜାମିନେସନ) ଓ ଭିସେରା ରିପୋର୍ଟ ଆଦି ମିଳୁନଥିବା ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ରିପୋର୍ଟଗୁଡ଼ିକ ପ୍ରଦାନ କରାଯାଉନଥିବାରୁ

## ବିସ୍ତୃତ ରିପୋର୍ଟ ଦେବାକୁ ଗୃହ ସଚିବଙ୍କୁ ନିର୍ଦ୍ଦେଶ

ବିଭିନ୍ନ ଅଦାଲତରେ ବିଚାରାଧୀନ ମାମଲା ଫଇସଲା ହୋଇପାରୁନାହିଁ। ବାରମ୍ବାର ନିର୍ଦ୍ଦେଶ ପରେ ବି ରିପୋର୍ଟଗୁଡ଼ିକ ନିର୍ଦ୍ଧାରିତ ସମୟରେ ଅଦାଲତରେ ପହଞ୍ଚି ପାରୁନାହିଁ। ଏହି ପ୍ରସଂଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ରାଜ୍ୟ ଗୃହ ବିଭାଗ ସଚିବଙ୍କୁ ଏକ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଏପରି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଓ ଆଞ୍ଚଳିକ ବିଜ୍ଞାନାଗାରରେ ମୋଟ କେତେଗୋଟି କେମିକାଲ ପରୀକ୍ଷା ରିପୋର୍ଟ ବିଚାରାଧୀନ ରହିଛି। ସେହିପରି ବିଭିନ୍ନ ଅଦାଲତକୁ କେତେଗୋଟି ଭିସେରା ରିପୋର୍ଟ ଏପର୍ଯ୍ୟନ୍ତ ଆସିପାରିନାହିଁ, ସେ ସମ୍ପର୍କରେ ଗୃହ ସଚିବଙ୍କ ପକ୍ଷରୁ ଏକ ରିପୋର୍ଟ ପରବର୍ତ୍ତୀ ଶୁଣାଣି ସମୟରେ ଉପସ୍ଥାପନ କରିବାକୁ କହିଛନ୍ତି ହାଇକୋର୍ଟ। ରିପୋର୍ଟ ଆସିବା ପରେ କେଉଁ ସମୟସୀମା ମଧ୍ୟରେ ଏହା ଶେଷ ହେବ, ତାହା ଅଦାଲତଙ୍କୁ ନିଶ୍ଚିତ କରାଯିବ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବ୍ରୁଆରୀ ୨୦କୁ ଧାର୍ଯ୍ୟ କରିଛନ୍ତି ଅଦାଲତ।

- ଗଣଦୁଷ୍କର୍ମ ଓ ଡବଲ୍ ମର୍ଡର୍ ମାମଲାର ୩ ଦୋଷୀକୁ ଆଜୀବନ ଜେଲ୍

# ହାଇକୋର୍ଟରେ କାଏମ ରହିଲା ନିମ୍ନ ଅଦାଲତଙ୍କ ରାୟ

**କଟକ,୧୩।୧(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅଞ୍ଚଳରେ ଘଟିଯାଇଥିବା ବହୁଚର୍ଚ୍ଚିତ ଡବଲ ମର୍ଡର୍ ଓ ଗଣଦୁଷ୍କର୍ମ ଘଟଣାରେ ସମସ୍ତ ଅଭିଯୁକ୍ତମାନଙ୍କୁ ନିମ୍ନ ଅଦାଲତ ପ୍ରଦାନ କରିଥିବା ଆଜୀବନ ଜେଲ ଦଣ୍ଡାଦେଶ ହାଇକୋର୍ଟରେ କାଏମ ରହିଛି। ସେହିପରି ଗଣଦୁଷ୍କର୍ମ ପୀଡ଼ିତାଜଣଙ୍କୁ ଯଦି କ୍ଷତିପୂରଣ ଦିଆ ଯାଇନଥାଏ, କେନ୍ଦୁଝର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଏ ଦିଗରେ ପଦକ୍ଷେପ ନେବ ବୋଲି ହାଇକୋର୍ଟ କହିଛନ୍ତି। ଉପେନ୍ଦ୍ର ମୁଣ୍ଡା ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଓ ଜଷ୍ଟିସ ଦେବବ୍ରତ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦୁଝର ଦୌରାଜଜ୍ ଗତ ୨୦୧୬ ନଭେମ୍ବର ୧୦ରେ ଅଭିଯୁକ୍ତମାନଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଥିଲେ। ଏହି ରାୟ ବିରୋଧରେ ଆବେଦନକାରୀ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଗତ ୨୦୧୪ ନଭେମ୍ବର ୨୫ରେ ଏକ ଆଦିବାସୀ ଦମ୍ପତିଙ୍କୁ ହତ୍ୟା କରିବା ସହ ତାଙ୍କ ଝିଅକୁ ଗଣଦୁଷ୍କର୍ମ କରିଥିବା ନେଇ ଯୋଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ତାନ୍ତ୍ରିକ ନିଧି ମୁଣ୍ଡା ନିଜ ବୋହୂର କଲ୍ୟାଣ ପାଇଁ ପୂଜା କରିଥିଲା। ଏହି ପୂଜା ନଡ଼ିଆକୁ ନେଇ ଅନ୍ୟତମ ସହଅଭିଯୁକ୍ତ ସେନା ମୁଣ୍ଡା ମୃତକଙ୍କ ଘରକୁ ଯାଇ ତାଙ୍କ ଘରେ ଥିବା ଏକ ହାଣ୍ଡିଆ ଭର୍ତ୍ତି ହାଣ୍ଡି ଭାଙ୍ଗି ଦେଇଥିଲା। ଏ ନେଇ ମୃତକ ଗ୍ରାମରେ ଫେରାଦ ହେବାରୁ ୩ ଅଭିଯୁକ୍ତ ନିଧି ମୁଣ୍ଡା, ଉପେନ୍ଦ୍ର ମୁଣ୍ଡା ଓ ସେନା ମୁଣ୍ଡାଙ୍କୁ ନୋଟିସ ଦିଆଯାଇଥିଲା। ଏଥିରେ ସେମାନେ ଉତ୍‌କ୍ଷିପ୍ତ ହୋଇ ସମ୍ପୃକ୍ତ ଆଦିବାସୀଙ୍କ ଘରେ ପଶି ସ୍ୱାମୀ-ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ସେହିପରି ପ୍ରଥମେ ପାଖ ଘରେ ଶୋଇଥିବା ମୃତକଙ୍କ ନାବାଳିକା କନ୍ୟାକୁ ଟାଣି ଆଣି ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା।

# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB: SANSKRIT

**क – खण्डः अपठितावबोधनम्**

1. **अधोलिखित गद्यांश पठित्वा प्रश्नाना उतरं संस्कृतेन लिखत ?**

मानवः विकासशील: | वयं पश्यामः यत् अस्माकं देशस्य जनसंख्या सुरसामुखमिव सततं प्रवर्धमाना अस्ति | अस्मात् कारणात् प्रचुरनिवास-स्थानानां आवश्यकता अनुभूयते | एत्कृतं सततविकासरतः मानवः नवीनाविष्कारपरम्परायां लघुस्थाने वहूभूमिकभवनानां निर्माणं कृतवान् | एतादृशेषु भवनेषु विविधानि तलानि भवन्ति येषु अधिकाधिक परिवारेभ्यः निवासव्यवस्था कर्तुं शक्यते | अत्र उन्नयन यन्त्रेण (लिफ्ट इति अनेन) उपरि गमनं अधः आगमनं च अतीव सुकरं भवति | अतएव जनाः एतादृशानि भवनानि प्रति आकृष्टाः भवन्ति | अद्यत्वे नगरेषु महानगरेषु च वहूभूमिकभवनानां प्रचलनमेव वत्रते | एतेषां भवनानां परिसरे एव देवालयः, तरणतालः समाजसदनं, जिम् इति व्यायामस्थानं, उद्यानम् इत्यादीनि उपयोगीनि सुविधाप्रदायकसाधनानि अपि भवन्ति | अतिशोभनमेतत सर्वं परं विकासं प्रति अन्धधावनशीलः मानवः प्रकृतेः उपेक्षां करोति इति अनुचितं प्रतीयते | अस्माभिः प्रकृतिमातुः संरक्षणपूर्वकं विकासस्य दिशि प्रयतितव्यम् |

**एकपदेन उतरत-** (1/2x4=2)
(क) जनसंख्या कथं वर्धते ?
(ख) वहूभूमिकभवनेषु उपरिगमनं अधः आगमनं केन सुकरं भवति ?
(ग) विकासं प्रति अन्धधावनशीलः मानवः कस्याः उपेक्षां करोति |
(घ) नगरेषु महानगरेषु च केषां प्रचलनं वत्रते |

**पूर्णवाक्येन उतरत-** (2x2=4)
(क) प्रचुरनिवासस्थानस्य कृते मनवः किं कृतवान् ?
(ख) वहूभूमिकभवनानां परिसरे कानि सुविधां साधनानि भवन्ति ?

**यथानिर्देशमुतरत-** (1x3=3)
(क) मानवः वहूभूमिकभवनानां निर्माणं कृतवान् - अत्र कि क्रिया पदम् भवति |
(ख) एतादृशानि भवनानि -अनयोः पादयोः किं विशेष्यपदम् भवति ?
(ग) अद्यत्वे वहूभूमिकभवनानां प्रचलनं वर्तते -अत्र किं अव्यय पदम् भवति ?
(घ) उचितं इति पदस्य किं विपरीतार्थवोधकं पदं अनुच्छेदे प्रत्युक्तम् ?
(ङ) अस्य अनुच्छेदस्य कृते समुचितं शीर्षकं लिखत | (1)

**ख – खण्डः रचनात्मककार्यम्**

2. **स्वस्थ्यभोजनस्यमहत्वं वर्णयन्त्याः अग्रजायाः अनुजं प्रति पत्रम् |** (1/2x10=5)

प्रियमाधवः !
सप्रेमनमोनमः |
माता लिखितं पत्रं (1)------------| तेन पत्रेण मया (2)-------यत् भवान् संतुलितभोजनं न सेवत, प्रतिदिनं च चाउमीन्-वर्गर इति (3)--------| ईदृशं भोजनं स्वास्थाय (4)--------न अस्ति | कदाचित् तु अस्य सेवनं कर्तुम् शक्यते,परं प्रतिदिनं (5)--------सेवनं स्वास्थाय हानिकरम् | (6)--------तु सन्तुलितभोजजनम् ग्रहीतव्यः, एव यतः (7)-------एव स्वस्थमनसः वासः भवति | अतः भवान् त्वरितभोजनस्य सेवनं मां करोतु | स्वास्थयवर्धकभोजनमेव (8)-------- | अनेन भवान् कदापि (9)-------न भविष्यति | भवान् स्वास्थविषये जागरूक तिष्ठतु इति मे(10)----------

भवतः अग्रजः माधवः

मञ्जुषा- (ज्ञातम्,प्राप्तम्, सम्यक्, खादति, स्वास्थाय, त्वरितभोजनस्य, खादतु, स्वस्थशरीरे, अनुरोधः, रूग्णः)

3. **अधोलिखित चित्रं दृष्टवा मञ्जुषायाः प्रदत शव्दानां सहायतया पञ्च वाक्यानि लिखत ? (1x5)**



मञ्जुषा- (फलबिक्रेता, आपणम्, फलानि, कदली फलम्, नारंगम्, ग्राहकः)

**खण्डः ग अनुप्रयुक्त व्याकरणम्**

4. **वाच्यानुसारं उचितं विकल्पं चिनुत |** (1x4)
   i. गणेशः किं त्वं महाभारतं पठसि ?
   वागिशः आम् ----------महाभारतं पठयते |
   (क)मया (ख)तेन (ग) त्वया (घ)तया
   ii. माधव किं त्वं पाठान् स्मरसि ?
   कैलासः - आम्' मया ------------अपि स्मर्यन्ते |
   (क)पाठान् (ख)पाठाः (ग)पाठम् (घ)पाठं
   iii. नरेन्द्रः किम् कक्षायां आचार्यः विषयं पाठयति ?
   देवेशः --आम् कक्षायां आचार्येण विषयः -------------
   (क)पठ्यते (ख)पाठ्ययते (ग) पठ्येते (घ) पठेत्
   iv. माधवः किं त्वं साहित्यं पठसि ?
   हरिः---आम् मया साहित्य विषयं ------
   (क) पठ्यते (ख)पठ्येते (ग) पठ्यन्ते (घ)पाठ्ययते

5. **अधोलिखित दिनचर्यायां रिक्तस्थानानि कालवोधकशब्दैः प्रदतेभ्यः विकल्पेभ्यः चित्वा लिखत। (1x4)**
   i. श्यामः प्रतिदिनं 6.00वादने उत्तिष्ठति |
   (क)षडवादने (ख)सपादषडवादने (ग)पादोन षड्वादने (घ)सार्धं षड्वादने
   ii. वैभवः सायं 4.15 वादने क्रीडति |
   (क)चतुर्वादने (ख)सपाद चतुर्वादने (ग) सार्धं चतुर्वादने (घ)पादोन चतुर्वादने
   iii. तन्मयः10.30वादने विद्यालयं गच्छति |
   (क)दशवादने (ख)सार्धं दशवादने (ग)पादोन दशवादने (घ)सपादश वादने
   iv. सायं 6.30 वादने जनाः प्रार्थनां कुर्वन्ति |
   (क) सार्धं षड्वादने (ख)पादोन षड्वादने (ग)सपादषडवादने (घ)षड्वादने
   v. सविता 7.30वादने गीतं गायति |
   (क)सार्थ सप्तवादने (ख)सप्तवादने (ग)पादोन सप्तवादने (घ)सपाद सप्तवादने

6. **अधोलिखितवाक्येषु रेखाडितपदं अशुद्धं अस्ति | शुद्धं पदं विकल्पेभ्यः चित्वा लिखत ? (1x4)**
   i. वृक्षात् <u>पत्राः</u> पतन्ति |
   (क)पत्रम् (ख) पत्राणि (ग) पत्राय (घ) पत्र
   ii. <u>वालकेः</u> पुस्तकं अपठत् |
   (क)रामः (ख)त्वं (ग)अहम् (घ) युवाम्
   iii. इमौ बालकौ <u>गच्छन्ति</u> |
   (क)गच्छतः (ख) गच्छन्ति (ग) गच्छति (घ)गच्छ
   iv. कविता कन्दुकेन <u>क्रीडिष्यथ</u> |
   (क)क्रीडिष्यति (ख) क्रीडिष्यथ (ग)क्रीडिष्यतः (घ)क्रीडिष्यामि

**खण्डः घ पठितावोधनम्**

7. **अधोलिखित पद्यांशम् पठित्वा प्रश्नाना उतरं संस्कृतेन पूर्णवाक्येन लिखत ? (5)**

वायु मण्डल भृशं दूषितं नहि निर्मलं जलम्
कुत्सितवस्तुमिश्रितं भक्षयसमलं धरातलं
करणीयम् वहिरन्तःजगति तु वहु शुद्धीकरणम् शुचि----

**एकपदेन उतरत-**
क- जलं कीदृशं न अस्ति ?
ख- समलं किं अस्ति ?
ग- भृशं दूषितम् किं अस्ति ?

**पूर्णवाक्येन उतरत-**
क- मनुष्यैः किं करणीयम् ?
ख- भक्षयं कीदृशं जातम् ?
ग- शुद्धिकरणं कुत्र करणीयम् ?

**भाषिककार्य-**
क- वहु इति पदस्य पर्यायपदं कि अस्ति ?
ख- अन्तर इति पदस्य किं विपर्यय शब्दं किं भवति ?
ग- जलम् इति पदस्य किं विपर्यय पदंम् भवति ?

8. **अधोलिखित नाट्यांशं पठित्वा प्रश्नाना उतरं संस्कृतेन लिखत ?** (5)

ककः---रे परभृत! अहं यदि तव सन्ति न पालयामि तर्हि कुत्र स्युः पिकाः? अतः अहं एव करूणापरः पक्षिसम्राट काकः |
गजः - सपीपतः एवागच्छन् अरे! सर्वाः वार्ताः शृण्वन् एव अहं अत्रागच्छम् | अहं विशालकायः वलशाली, पराक्रमी च | सिंहः वा स्यात् अथवा अन्यः कोऽपि वन्यपशुन् तु तुदन्तं जन्तुं अहं स्वशुण्डेन पोथयित्वा मारयिष्यामि | किमन्यः कोऽप्यस्ति एतादृशः परक्रमी | अंतः अहं एव योग्यः वनराजपदाय| |
वानरः - अरे!अरे | एवं वा शीघ्रमेव गजस्यापि पुच्छं विधूय वृक्षोपरि आरोहति |
सिंहः -भोः गजः! मामप्येवमेवातुदन् एते वानराः |

**एकपदेन उतरत - (केवल प्रश्नद्वयम्)**
(क) रे परभृत! अहं यदि तव सन्ततिं न पालयामि, तर्हि कुत्र स्युः पिकाः इति कः कथयति ?
(ख) कः आत्मानं पक्षिसम्राट कथयति |
(ग) वानरः कुत्र आरोहति ?

**पूर्णवाक्येन उतरत -**
(क) काकः किं वदति ?
(ख) कः विशालकायः ?
(ग) सिंहः किं कथयति ?

**निर्देशानुसारं उतरत-**
(क) नाट्यांशे आरोहति इति क्रियायाः कर्तृपदं किं भवति ?
(ख) करूणापरः काकः:इत्यत्र किं विशेष्यपदं भवति ?
(ग) नाट्यांशे दुःर्वलः इति पदस्य किं विलोम पदम् ?

9. **अधोलिखितानि वाक्यानि घटनाक्रमानुसारेण योजयत ?** (1/2 x8)
   1- व्याघ्रः व्याघ्रमारी इयमिति मत्वा पलायितः |
   2- प्रत्युत्पन्नमतिः सा शृगालं आक्षिपन्ती उवाच |
   3- जम्बुकोत्साहः व्याघ्रः पुनः काननं अगच्छत् |
   4- मार्गे सा एकं व्याघ्रं अपश्यत् |
   5- व्याघ्रं दृष्टवा सा पुत्रौ ताडयन्ती उवाच्-अधुना एकमेव व्याघ्रं विभज्य भुज्यताम् |
   6- वुद्धिमती पुत्रद्वयेन उपेता पितृगृहं प्रति चलिता |
   7- त्वं व्यघ्रत्रयम् आनेतुं प्रतिज्ञाय एकमेव आनीतवान् |
   8- गलवद्धशृगालकः व्याघ्रः पुनः पलायितः |

***** *All the Best...*

**ANSWER KEY**

**4.** (i)क (ii)ख (iii)ख (iv)क **5.** (i)क (ii)ख (iii)ख (iv)क (v)ख
**6.** (i)ख (ii)क (iii)क (iv)क

ePaper : sakalaepaper.com Twitter : SakalaNews
News Portal : thesakala.in Instagram : sakalanews
Facebook : SakalaNews Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

## ଶୁଭ୍ରାଂଶୁଙ୍କ ଅପରାଜିତ ଦ୍ୱିଶତକ

# ବିଶାଳ ସ୍କୋର ଅଭିମୁଖେ ଓଡ଼ିଶା

ଭୁବନେଶ୍ୱର, ୧୩।୧ (ସମିସ): ପ୍ରମୁଖ ବ୍ୟାଟର ଶୁଭ୍ରାଂଶୁ ଶେଖର ସେନାପତିଙ୍କ ଅପରାଜିତ ଦ୍ୱିଶତକ ଓ ଅବିଭକ୍ତ ୯ମ ୱିକେଟ ଭାଗିଦାରୀରେ ହର୍ଷିତ ରାଠୋଡଙ୍କ ସହ ଦ୍ୱିଶତକୀୟ ଭାଗିଦାରୀ ବଳରେ ଇନ୍ଦୋରରେ ଚାଲିଥିବା ମଧ ମଧ୍ୟପ୍ରଦେଶ ବିପକ୍ଷ ଏଲିଟ ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ଦଳ ବିଶାଳ ସ୍କୋର ଅଭିମୁଖେ ଅଗ୍ରସର ହୋଇଛି। ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଶୁଭ୍ରାଂଶୁ ୨୭୭ ଓ ହର୍ଷିତ ୬୦ ରନ୍‌ରେ ଅପରାଜିତ ରହିବା ଫଳରେ ପ୍ରଥମ ପାଳିରେ ଓଡ଼ିଶା ୮ ୱିକେଟରେ ୪୯୩ ରନ୍ କରିବାକୁ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ଆଉ ଦୁଇଦିନ ଖେଳ ବାକିଥିବା ବେଳେ ଫଳାଫଳ ବାହାରିବାର ଆଶଙ୍କା ସୃଷ୍ଟି ହୋଇଛି। ଓଡ଼ିଶା ପ୍ରଥମ ପାଳିରେ ଅନ୍ୟ ଖେଳାଳିଙ୍କ ମଧ୍ୟରେ ପ୍ରଥମ ଦିନରେ ରାଜେଶ ଧୂପର ୫୧, ପ୍ରୟାସ ସିଂ ଠାକୁର ୨୭ ଓ ଦ୍ୱିତୀୟ ଦିନରେ ସୂର୍ଯ୍ୟକାନ୍ତ ପ୍ରଧାନ ୨୬ ରନ୍ କରି ଉପଯୁକ୍ତ ସହାୟତା ଯୋଗାଇ ଦେଇଥିଲେ। ଘରୋଇ ଦଳ ପକ୍ଷରୁ ଆର୍ଯ୍ୟନ ପାଣ୍ଡେ, ଭେଙ୍କଟେଶ ଆୟର ଓ ସାରାଂଶ ଜୈନ ୨ଟି ଲେଖାଏଁ ୱିକେଟ ପାଇଛନ୍ତି। ଦଳର ପ୍ରମୁଖ ସ୍ପିନର କୁମାର କାର୍ତ୍ତିକେୟ ସିଂ ଓ ପ୍ରମୁଖ ଫାଷ୍ଟ ବୋଲର କୁଲୱନ୍ତ ଖେଜ୍ରୋଲିଆଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଛି।

### ରେକର୍ଡ ଦ୍ୱିଶତକୀୟ ଭାଗିଦାରୀ

ଓଡ଼ିଶା ତାହାର ଅସମାପ୍ତ ପ୍ରଥମ ପାଳି ୬ ୱିକେଟରେ ୪୯୩ ରନ୍‌ରୁ ଅତି ସତର୍କତାର ସହ ଖେଳ ଆରମ୍ଭ କରିଥିଲା। ପ୍ରଥମ ଦିନରେ ୮୭ ରନ୍‌ରେ ଅପରାଜିତ ରହିଥିବା ଶୁଭ୍ରାଂଶୁଙ୍କ ସହ ସୂର୍ଯ୍ୟକାନ୍ତ ପ୍ରଧାନ ସହଯୋଗ ଦେବା ଫଳରେ ଏମାନଙ୍କ ଭାଗିଦାରୀରୁ ୪୮ ରନ୍ ମିଳିଥିଲା। ଧୂଆଁଧାର ବ୍ୟାଟିଂ ଲାଗି ଖ୍ୟାତି ଲାଭ କରିଥିବା ସୂର୍ଯ୍ୟକାନ୍ତ ଏଠାରେ ୫୪ ବଲ୍ ଖେଳି ମାତ୍ର ୩ଟି ଚୌକା ସହ ୨୬ ରନ୍ କରିଥିଲେ। ତାଙ୍କ ପରେ ସୁନୀଲ ରାଉଳ ମଧ୍ୟ ଆଉଟ ହୋଇଯାଇଥିଲେ। ୨୫୯ ରନ୍‌ରେ ଅଷ୍ଟମ ୱିକେଟର ପତନ ପରେ ଓଡ଼ିଶାର ପାଳି ଶୀଘ୍ର ଶେଷ ହୋଇଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରୁଥିବା ଶୁଭ୍ରାଂଶୁଙ୍କ ସହ ଜୀବନର ପ୍ରଥମ ରଣଜୀ ମ୍ୟାଚ୍ ଖେଳୁଥିବା ବାମହାତୀ ସ୍ପିନ ବୋଲିଂ ଅଲରାଉଣ୍ଡର ହର୍ଷିତ ରାଠୋଡ ଯୋଗ ଦେବା ପରେ ଖେଳର ସ୍ଥିତି ବଦଳି ଯାଇଥିଲା। ଏମାନେ ପ୍ରଥମ କିଛି ସମୟ ଉତ୍କଣ୍ଠାର ସହ ଖେଳିବା ପରେ ପ୍ରତିପକ୍ଷ ବୋଲରଙ୍କୁ ମନଇଚ୍ଛା ସଟ୍‌ମାରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। ଏହା ମଧ୍ୟରେ ଶତକ ଓ ପରେ ଦ୍ୱିଶତକ ପୂରଣ କରିବା ପରେ ମଧ ଶୁଭ୍ରାଂଶୁ ଆଦୌ ଥକି ପଡ଼ି ନ ଥିଲେ। ହର୍ଷିତଙ୍କଠାରୁ ଉପଯୁକ୍ତ ସହଯୋଗ ମିଳିବା ପରେ ଉଭୟ ଖେଳାଳି ଦଳୀୟ ସ୍କୋରକୁ ଆଗୁ ବଢ଼ାଇଥିଲେ। ଦ୍ୱିତୀୟ ଦିନ ଷ୍ଟମ୍ପ ଅପସାରଣ ହେଲା ବେଳକୁ ଏମାନେ ୩୭୨ ବଲ ଖେଳି ୨୩୪ ରନ୍ ସଂଗ୍ରହ କରିନେଇଥିଲେ। ଏହା ମଧ୍ୟରୁ ଶୁଭ୍ରାଂଶୁ ୨୧୧ ବଲରୁ ୧୭୨ ଏବଂ ରାଠୋଡ ୧୬୧ ବଲ୍ ଖେଳି ୬୦ ରନ ଯୋଡିଥିଲେ। ପ୍ରଥମଶ୍ରେଣୀ କ୍ୟାରିୟରରେ ୭ମ ଶତକ ଓ ପ୍ରଥମ ଦ୍ୱିଶତକ ହାସଲ କରିଥିବା ଶୁଭ୍ରାଂଶୁ ୪୮୩ ବଲ୍ ଖେଳି ୧୯ ଚୌକା ଓ ୧୧ ଛକା ସହ ୨୭୭ ରନ୍ କରି ଅପରାଜିତ ରହିଥିଲେ। ଓଡ଼ିଶା ପକ୍ଷରୁ ରଣଜୀ ଟ୍ରଫିରେ ଏହା ଦ୍ୱିତୀୟ ସର୍ବାଧିକ ସ୍କୋର। ସେହିପରି ୯ମ ୱିକେଟରେ ସଂଗୃହୀତ ୨୩୪ ରନ୍ ମଧ ସର୍ବାଧିକ ଭାଗିଦାରୀ। ଏମାନେ ଦେବବ୍ରତ ପ୍ରଧାନ ଓ ଶୁଭମ ନାୟକଙ୍କ ରେକର୍ଡକୁ ଭାଙ୍ଗିଦେଇଥିଲେ। ଗତ ସିଜନରେ ଏହି ଯୋଡି ବିକାଶ କ୍ରିକେଟ ପଡ଼ିଆରେ ଖେଳାଯାଇଥିବା ବରୋଦା ବିପକ୍ଷ ରଣଜୀ ମ୍ୟାଚ୍‌ରେ ୯ମ ୱିକେଟରୁ ୧୬୧ ରନ୍ ଉଠାଇ ରେକର୍ଡ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଓଡ଼ିଶା ପ୍ରଥମ ପାଳି: ୪୯୩/୮, ୧୬୯ ଓଭର (ଶୁଭ୍ରାଂଶୁ ସେନାପତି-୨୭୭*, ହର୍ଷିତ ରାଠୋଡ-୬୦*, ରାଜେଶ ଧୂପର-୫୧, ଭେଙ୍କଟେଶ ଆୟର-୨/୩୮, ଆର୍ଯ୍ୟନ ପାଣ୍ଡେ- ୨/୮୯, ସାରାଂଶ ଜୈନ- ୨/୯୦)।


ହର୍ଷିତ ରାଠୋଡ- ୬୦*


ଶୁଭ୍ରାଂଶୁ ସେନାପତି- ୨୭୭*

● ରଣଜୀ ଟ୍ରଫି କ୍ରିକେଟରେ ଦ୍ୱିଶତକ

## ସେନାପତିଙ୍କ ପ୍ରଥମ, ଓଡ଼ିଶାର ୧୪ତମ

ଭୁବନେଶ୍ୱର, ୧୩।୧ (ସମିସ): ଇନ୍ଦୋରରେ ଚାଲିଥିବା ମଧ୍ୟପ୍ରଦେଶ ବିପକ୍ଷ ଏଲିଟ୍ ଗ୍ରୁପ୍ ରଣଜୀ ମୁକାବିଲାରେ ଓଡ଼ିଶାର ଶୁଭ୍ରାଂଶୁ ଶେଖର ସେନାପତି ଦ୍ୱିଶତକ ହାସଲ କରିଛନ୍ତି। ଦ୍ୱିତୀୟ ଦିନ ଖେଳରେ ସେ ଚମତ୍କାର ଧୈର୍ଯ୍ୟ ଓ ଦୃଢ଼ ବ୍ୟାଟିଂ ପ୍ରଦର୍ଶନ କରି ୨୭୭ ରନ୍‌ରେ ଶେଷ ଯାଏ ଅପରାଜିତ ରହିଛନ୍ତି। ସେ ଓ ଜୀବନର ପ୍ରଥମ ରଣଜୀ ମ୍ୟାଚ୍ ଖେଳୁଥିବା ହର୍ଷିତ ରାଠୋଡ ଅବିଭକ୍ତ ୯ମ ୱିକେଟ ଭାଗିଦାରୀରୁ ରେକର୍ଡ ୨୩୪ ରନ୍ ଉଠାଇ ଓଡ଼ିଶାକୁ ଏକ ଉନ୍ନତ ସ୍ଥିତିରେ ପହଞ୍ଚାଇଛନ୍ତି। ଶୁଭ୍ରାଂଶୁଙ୍କ ପ୍ରଥମ ଦ୍ୱିଶତକ ଓଡ଼ିଶା ଲାଗି ରଣଜୀ ଟ୍ରଫିରେ ୧୪ତମ।

ଚେନ୍ନାଇ ସୁପର କିଙ୍ଗ୍ସ ଦଳରୁ ବାଦ୍ ପଡ଼ିବା ପରେ ଶୁଭ୍ରାଂଶୁ ନିଜ ବ୍ୟାଟିଂ ଉପରେ ମନୋନିବେଶ କରିଥିଲେ। କିନ୍ତୁ ସିଜନର ପ୍ରଥମ ମ୍ୟାଚ୍‌ରେ ସେ ୪ ଓ ୧ ରନ୍ କରିବା ଫଳରେ ଦଳ ପରାଜୟ ବରଣ କରିଥିଲା। ଏଠାରେ ସେ ତାଙ୍କ ପୂର୍ବ ବିଫଳତାକୁ ଦୂରେଇବାକୁ ଯାଇ ଜବରଦସ୍ତ ବ୍ୟାଟିଂ କରିଥିଲେ। ଶୁଭ୍ରାଂଶୁ ତାଙ୍କ ମାରାଥନ ପାଳିରେ ମୋଟ ୪୮୩ ବଲ୍‌ର ସମ୍ମୁଖୀନ ହୋଇ ୧୯ ଚୌକା ଓ ୧୧ ଛକା ସହ ୨୭୭ ରନ୍ କରି ରଣଜୀ ଟ୍ରଫିରେ ପ୍ରଥମ ଦ୍ୱିଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ପୂର୍ବରୁ ଏହି ଫର୍ମାଟରରେ ତାଙ୍କର ସର୍ବାଧିକ ସ୍କୋର ଥିଲା ୧୭୩ । ବରୋଦା ବିପକ୍ଷ ଭଦୋଦରାରେ ଖେଳାଯାଇଥିବା ୨୦୧୭-୧୮ ସିଜନରେ ସେ ଏହି ସ୍କୋର ସଂଗ୍ରହ କରିଥିଲେ। ଏଠାରେ ଜୀବନର ୭ମ ପ୍ରଥମ ଶ୍ରେଣୀ ଶତକ ହାସଲ କରିବା ପରେ ନିଜ ନାମକୁ ରେକର୍ଡ ବୁକ୍‌ରେ ସାମିଲ କରିଛନ୍ତି।

୧୯୪୯-୫୦ରୁ ରଣଜୀ ଟ୍ରଫି ଖେଳୁଥିବା ଓଡ଼ିଶା ପକ୍ଷରୁ ୯ଜଣ ଖେଳାଳି ଏହି ୧୪ଟି ଶତକ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଭଞ୍ଜନ ମଲ୍ଲିକ ସର୍ବାଧିକ ୩ଟି, ଶିବସୁନ୍ଦର ଦାସ ଓ ନଟରାଜ ବେହେରା ୨ଟି ଲେଖାଏଁ ଦ୍ୱିଶତକ ହାସଲ କରିଛନ୍ତି। ଅନ୍ୟ ୭ଜଣ ଖେଳାଳି ଗୋଟିଏ ଲେଖାଏଁ ଦ୍ୱିଶତକ ସ୍କୋର କରିଛନ୍ତି। ୨୦୦୬-୦୭ ପ୍ଲେଟ୍ ଲିଗ୍‌ରେ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଜାମ୍ମୁ-କାଶ୍ମୀର ବିପକ୍ଷ ମ୍ୟାଚ୍‌ରେ ଅପରାଜିତ ୩୦୦ ରନ କରି ସର୍ବାଧିକ ସ୍କୋର କରିଛନ୍ତି। ଶୁଭ୍ରାଂଶୁଙ୍କ ନିକଟରେ ଏହାକୁ ଅତିକ୍ରମ କରିବାରେ ସୁଯୋଗ ରହିଛି। ସେହିପରି ରଣଜିତ ସିକ୍‌ଦାର ଓଡ଼ିଶାର ପ୍ରଥମ ରଣଜୀ ଖେଳାଳିଭାବେ ଦ୍ୱିଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି।

### ଓଡ଼ିଶାର ରଣଜୀ ଦ୍ୱିଶତକ ତାଲିକା

| ସ୍କୋର | ଖେଳାଳି | ବିପକ୍ଷ ଦଳ | ଭେନ୍ୟୁ |
|---|---|---|---|
| ୩୦୦* | ଶିବସୁନ୍ଦର ଦାସ | ଜାମ୍ମୁ-କାଶ୍ମୀର | ବାରବାଟୀ |
| ୨୭୭* | ଶୁଭ୍ରାଂଶୁ ସେନାପତି | ମଧ୍ୟପ୍ରଦେଶ | ଇନ୍ଦୋର |
| ୨୫୫* | ନଟରାଜ ବେହେରା | ହରିୟାଣା | ଲାହଲି |
| ୨୫୩ | ଶିବସୁନ୍ଦର ଦାସ | ବେଙ୍ଗଲ | ବାରିପଦା |
| ୨୨୫ | ଗୋବିନ୍ଦ ପୋଦ୍ଦାର | ଆସାମ | ହାଇଦରାବାଦ |
| ୨୨୦ | ରଶ୍ମିରଞ୍ଜନ ପରିଡ଼ା | ଜାମ୍ମୁ-କାଶ୍ମୀର | ବାରବାଟୀ |
| ୨୧୦ | ସଞ୍ଜୟ ରାଉଳ | ବେଙ୍ଗଲ | ବାରିପଦା |
| ୨୦୯ | ନଟରାଜ ବେହେରା | ସୌରାଷ୍ଟ୍ର | ବାରବାଟୀ |
| ୨୦୮* | ଏ. ଜୟପ୍ରକାଶମ | ରାଜସ୍ଥାନ | ରାଉରକେଲା |
| ୨୦୭* | ପ୍ରଭଞ୍ଜନ ମଲ୍ଲିକ | ବିହାର | ବାରିପଦା |
| ୨୦୨* | ପ୍ରଭଞ୍ଜନ ମଲ୍ଲିକ | ହିମାଚଳ ପ୍ରଦେଶ | ବାରବାଟୀ |
| ୨୦୧ | ରଣଜିତ ସିକ୍ଦାର | ଆସାମ | ରାଉରକେଲା |
| ୨୦୧ | ପ୍ରଭଞ୍ଜନ ମଲ୍ଲିକ | ତ୍ରିପୁରା | ବାରବାଟୀ |
| ୨୦୦* | ଶାନ୍ତନୁ ମିଶ୍ର | ନାଗାଲାଣ୍ଡ | ଡ୍ରିମ୍ସ, ଟାଙ୍ଗୀ |

### ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ ମହିଳା ଭଲିବଲ୍

## କିଟ୍‌କୁ ସ୍ମରଣୀୟ କାଂସ୍ୟ ପଦକ ସଫଳତା




ଭୁବନେଶ୍ୱର, ୧୩।୧ (ସମିସ): କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏଠାରେ ଚାଲିଥିବା ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ମହିଳା ଭଲିବଲ୍ ଚାମ୍ପିଅନସିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ସହଯୋଗରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟ ଐତିହାସିକ କାଂସ୍ୟ ପଦକ ବିଜୟୀ ହୋଇଛି। ଶନିବାର ଅନୁଷ୍ଠିତ କାଂସ୍ୟ ପଦକ ମୁକାବିଲାରେ କିଟ୍ ୩-୨ ସେଟ୍‌ରେ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ଏଥିସହ ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ କିଟ୍ ଏହି ମହିଳା ଭଲିବଲ୍ ପ୍ରତିଯୋଗିତାର ଇତିହାସରେ ପଦକ ସଫଳତା ପାଇଛି। ଏଥିପୂର୍ବରୁ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ମହାତ୍ମା ଗାନ୍ଧି ବିଶ୍ୱବିଦ୍ୟାଳୟ (କୋଟ୍ଟାୟାମ) ୩-୨ ସେଟ୍‌ରେ ଆଦାମସ୍ ବିଶ୍ୱବିଦ୍ୟାଳୟ (କୋଲକାତା)କୁ ହରାଇ ଚାମ୍ପିଅନ ହେବା ସହ ସ୍ୱର୍ଣ୍ଣ ପଦକ ଜିତିଛି।

ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଭଲିବଲ୍ ସଂଘ (ଓଭିଏ)ର ଉପସଭାପତି ବିଜୟ କୁମାର ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜାତୀୟ ପ୍ରଶିକ୍ଷକ ସଞ୍ଜୟ ଗଡ଼ନାୟକ, କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଓଭିଏ ସମ୍ପାଦକ ସୁଧାଂଶୁ ଭୂଷଣ ମିଶ୍ର, କୋଷାଧ୍ୟକ୍ଷ ପ୍ରମୋଦ କୁମାର ବେହେରା, କିଟ୍‌ର ଉପକ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି, କିସ୍‌ର ଉପକ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ କାଂସ୍ୟ ପଦକ ବିଜୟୀ କିଟ୍ ମହିଳା ଦଳକୁ ଭାରତୀୟ ଭଲିବଲ୍ ସଂଘର ସଭାପତି ତଥା ସାଂସଦ ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

### ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ୍

## ବିଜେଇଏମ୍-ଜାଭିୟର୍ ଫାଇନାଲ ଆଜି

ଭୁବନେଶ୍ୱର, ୧୩।୧ (ସମିସ): ଭେଟେରାନ କ୍ରିକେଟ୍ ଆସୋସିଏସନ୍ ଅଫ୍ ଓଡ଼ିଶା (ଭିସିଏଓ) ଆନୁକୂଲ୍ୟରେ ୟୁନିଟ୍-୨ ବାଳିକା ହାଇସ୍କୁଲ ପଡ଼ିଆରେ ଚାଲିଥିବା ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଯାଇଛି। ରବିବାର ବିଜେଇଏମ୍ ଓ ସେଣ୍ଟ ଜାଭିଅର (ଖଣ୍ଡଗିରି) ସ୍କୁଲ ମଧ୍ୟରେ ଫାଇନାଲ ଖେଳାଯିବ। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ଜାଭିଅର୍ ୧୦ ରନରେ କିସ୍‌କୁ ଏବଂ ବିଜେଇଏମ୍ ୮ ୱିକେଟ୍‌ରେ କିଟ୍‌କୁ ପରାସ୍ତ କରି ଟ୍ରଫି ଲଢ଼େଇକୁ ଅବତୀର୍ଣ୍ଣ ହୋଇଛନ୍ତି।

ପ୍ରଥମ ସେମିଫାଇନାଲରେ ସେଣ୍ଟ ଜାଭିଅର ୨୫ ଓଭରରେ ୬ ୱିକେଟ୍ ହରାଇ ୧୧୫ ରନ କରିଥିଲା। ଦଳ ପକ୍ଷରୁ ଆର୍ଯ୍ୟାନ ନାୟକ ୫୫ ରନ କରିଥିଲେ। ପ୍ରତିପକ୍ଷ କିସ୍‌ର ଅର୍ଜୁନ ମୁର୍ମୁଙ୍କୁ ୪ ୱିକେଟ୍ ମିଳିଥିଲା। ଜବାବରେ କିସ୍ ୯ ୱିକେଟ୍‌ରେ ୧୦୫ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟୀ ଦଳର ସୌମ୍ୟ ସରିତ ୫ ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିଭଳି ୨ୟ ସେମିଫାଇନାଲରେ ବିଜେଇଏମ୍ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି କିଟ୍ ମାତ୍ର ୬୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜେଇଏମ୍‌ର ମୃତ୍ୟୁଞ୍ଜୟ ତ୍ରିପାଠୀ ୩ୱିକେଟ୍ ନେଇଥିଲେ। ଜବାବରେ ବିଜେଇଏମ୍ ୮.୪ ଓଭରରେ ୨ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ମୃତ୍ୟୁଞ୍ଜୟ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।







## ସୁଟର୍ ବିଜୟବୀରଙ୍କୁ ପ୍ୟାରିସ ଟିକଟ୍

ଜାକର୍ତ୍ତା, ୧୩।୧ (ଏଜେନ୍ସି): ଭାରତର ୧୭ତମ ସୁଟର୍ ଭାବେ ବିଜୟବୀର ସିଧୁ ଆଗାମୀ ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଇଣ୍ଡୋନେସିଆର ଜାକର୍ତ୍ତାରେ ଚାଲିଥିବା ଏସିଆନ ସୁଟିଂ ଚାମ୍ପିଅନସିପ୍‌ର ଫାଇନାଲରେ ପ୍ରବେଶ କରି ସେ ଏହି ସଫଳତା ପାଇଛନ୍ତି। ପୁରୁଷ ୨୫ ମିଟର ର୍‌ୟାପିଡ୍ ଫାୟର୍ ପିସ୍ତଲ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟରେ ବିଜୟବୀର ୫୭୭ ସ୍କୋର କରି ୫ମ ସ୍ଥାନରେ ରହିବା ସହ ଫାଇନାଲରେ ପହଞ୍ଚିଛନ୍ତି। ଏହିକ୍ରମରେ ସେ ପ୍ୟାରିସ ଅଲିମ୍ପିକ୍ସରେ ସ୍ଥାନ ସୁରକ୍ଷିତ କରିଛନ୍ତି। ପୁରୁଷ ୨୫ ମିଟର ର୍‌ୟାପିଡ୍ ଫାୟର୍ ପିସ୍ତଲରେ ଭାରତର ୨ୟ ସୁଟର୍ ଭାବେ ସେ ଅଲିମ୍ପିକ୍ସ ଟିକଟ୍ ଅର୍ଜନ କରିଛନ୍ତି। ତାଙ୍କ ପୂର୍ବରୁ ଅନିଶ ଭନୱାଲ ଏହି ଇଭେଣ୍ଟରେ ପ୍ୟାରିସକୁ ଯୋଗ୍ୟତା ଲାଭ କରିଥିଲେ।

## ଆହାନ-ସାଇ, ଋତୁପର୍ଣ୍ଣା-ପ୍ରିସା ଫାଇନାଲ ଆଜି

### ଉତ୍କଳ ଓପନ୍ ଟେନିସ

ଭୁବନେଶ୍ୱର, ୧୩।୧ (ସମିସ): ଏସିଇ ଟେନିସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଉତ୍କଳ ଓପନ୍ ଟେନିସ ପ୍ରତିଯୋଗିତାର ୨ୟ ଦିବସ ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟର ପରିସରରେ ଖେଳାଯାଉଥିବା ଏହି ପ୍ରତିଯୋଗିତାର ୧୪ ବର୍ଷରୁ କମ୍ ବାଳକ ଏକକ ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି। ରବିବାର ଟାଇଟଲ୍ ପାଇଁ ଖୋର୍ଦ୍ଧାର ଆହାନ ମିଶ୍ର ଓ କଟକର ସାଇ ସ୍ୱସ୍ତିକ ମହାନ୍ତି ସାମ୍ନାସାମ୍ନି ହେବେ। ଶନିବାର ସେମିଫାଇନାଲରେ ଆହାନ ୯-୦ରେ କଟକର ଜଗତଜ୍ୟୋତି ପତିଙ୍କୁ ପରାସ୍ତ କରିଥିଲେ। ସେହିଭଳି ସାଇ ସ୍ୱସ୍ତିକ ୯-୨ ସେଟ୍‌ରେ ଆୟୁଷ ପଟ୍ଟନାୟକଙ୍କୁ ହରାଇଥିଲେ। ଅପରପକ୍ଷରେ ୧୪ ବର୍ଷରୁ କମ୍ ବାଳିକା ସେମିଫାଇନାଲରେ କଟକର ସରଞ୍ଜନା ଦାଶ ୯-୩ରେ ଖୋର୍ଦ୍ଧାର ସାନଭୀ ମହାନ୍ତିଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅନ୍ୟ ଏକ ସେମିରେ ଖୋର୍ଦ୍ଧାର ଶଫଜା ୱାନିଆ ୯-୧ରେ ଶ୍ରେୟା ମହାପାତ୍ରଙ୍କୁ ହରାଇ ରବିବାର ସରଞ୍ଜନାଙ୍କ ସହ ଫାଇନାଲ ଖେଳିବେ। ମହିଳା ଏକକରେ ଦୁଇ ଖୋର୍ଦ୍ଧା ଖେଳାଳି ଋତୁପର୍ଣ୍ଣା ଚୌଧୁରୀ ଓ ପ୍ରିଶା ଦାସଙ୍କ ମଧ୍ୟରେ ରବିବାର ଫାଇନାଲ ଅନୁଷ୍ଠିତ ହେବ। ଉଲ୍ଲେଖଯୋଗ୍ୟ, ଏହି ଟେନିସ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ।




● ଏଏଫ୍‌ସି ଏସିଆନ୍ କପ୍: ପରାଜୟରୁ ଭାରତର ଅଭିଯାନ

# ଅଷ୍ଟ୍ରେଲିଆ ୨-୦ ଗୋଲରେ ବିଜୟୀ

ଦୋହା, ୧୨।୧(ଏଜେନ୍ସି): କତାରରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏଏଫ୍‌ସି ଏସିଆନ କପ୍‌ରେ ସୁନୀଲ ଛେତ୍ରୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପରାଜୟରୁ ଆରମ୍ଭ କରିଛି। ଶନିବାର ସ୍ଥାନୀୟ ଅହମ୍ମଦ ବିନ ଅଲି ଷ୍ଟାଡିୟମରେ ଭାରତ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ଭେଟିଥିଲା। ଏଥିରେ ଅଷ୍ଟ୍ରେଲିଆ ୨-୦ ଗୋଲରେ ବିଜୟୀ ହୋଇଛି।

ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଭାରତ ଦମ୍‌ଦାର ପ୍ରଦର୍ଶନ କରି କୌଣସି ଗୋଲ ବରଣ ନକରି ଅଷ୍ଟ୍ରେଲିଆକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଅଷ୍ଟ୍ରେଲିଆ ଭାରତୀୟ ରକ୍ଷଣଭାଗକୁ ଭେଦ କରି ଦୁଇଟି ଗୋଲ ଦେବାରେ ସଫଳ ହୋଇଥିଲା। ମ୍ୟାଚ୍‌ର ୫୦ତମ ମିନିଟ୍‌ରେ ଜ୍ୟାକସନ ଇରଭାଇନ୍ ଓ ୭୩ତମ ମିନିଟ୍‌ରେ ଜୋର୍ଡାନ ବୋସ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଅନ୍ୟପଟେ କେତୋଟି ସୁଯୋଗ ପାଇଥିଲେ ମଧ୍ୟ ଭାରତ ଗୋଲ ଦେଇପାରି ନଥିଲା। ଫଳରେ ଅଷ୍ଟ୍ରେଲିଆ ବାଜି ମାରିଥିଲା। ଏହି ପରାଜୟ ସହ ଗ୍ରୁପ୍ ବି'ରେ ଭାରତ ଅଙ୍କ ତାଲିକାର ସବା ତଳକୁ ଖସିଛି। ଅନ୍ୟପଟେ ଅଷ୍ଟ୍ରେଲିଆ ୩ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଅଷ୍ଟ୍ରେଲିଆ ଭାରତଠାରୁ ଯଥେଷ୍ଟ ଭଲ ପ୍ରଦର୍ଶନ କରିଥିଲା। ଅଷ୍ଟ୍ରେଲିଆ ଦୁଇଗୁଣାରୁ ଅଧିକ ସମୟ ବଲ ନିଜ ଅକ୍ତିଆରରେ ରଖିଥିଲା। ସେହିପରି ପାସ୍ ଓ ପାସ୍ ଆକ୍ୟୁରେସିରେ ଭାରତ ଯଥେଷ୍ଟ ପଛରେ ରହିଥିଲା। ଫଳରେ ଭାରତକୁ ମୁଲ୍ୟ ଦେବାକୁ ହୋଇଥିଲା। ଭାରତ ୧୮ ତାରିଖରେ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଉଜବେକିସ୍ତାନକୁ ଭେଟିବ। ସେହିପରି ଅଷ୍ଟ୍ରେଲିଆ ଏହି ଦିନ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ସିରିଆକୁ ଭେଟିବ। ଶୁକ୍ରବାର ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ କତାର ୩-୦ ଗୋଲରେ ଲେବାନନକୁ ହରାଇଥିଲା।



### ପ୍ରଥମ ମହିଳା ରେଫରି ୟାମାଶିତା




ଜାପାନର ୟୋଶିମି ୟାମାସିତା ପ୍ରଥମ ମହିଳା ରେଫରି ଭାବେ ଏଏଫ୍‌ସି ଏସିଆନ କପ୍‌ରେ ମ୍ୟାଚ୍ ପରିଚାଳନା କରି ଇତିହାସ ସୃଷ୍ଟି କରିଛନ୍ତି। ଶନିବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌କୁ ୩୭ ବର୍ଷୀୟା ୟାମାଶିତା ପରିଚାଳନା କରିଥିଲେ। ଏହି ମ୍ୟାଚ୍‌ରେ ତାଙ୍କୁ ଅନ୍ୟ ଦୁଇ ମହିଳା ରେଫରି ଜାପାନର ମାକୋଟୋ ବୋଜୋନୋ ଓ ନାଓମି ତେଶିରୋଗି ପରିଚାଳନାରେ ସହାଯୋଗ କରିଥିଲେ। ଫଳରେ ଏହି ମ୍ୟାଚ୍‌କୁ ସବୁ ୩ ଜଣ ମହିଳା ରେଫରି ପରିଚାଳନା କରିଥିଲେ। ପୂର୍ବରୁ ଏହି ୩ ମହିଳା ରେଫରି ଗତବର୍ଷ ୨୦୧୯ ଏଏଫ୍‌ସି କପ୍, ୨୦୨୨ ଏଏଫ୍‌ସି ଚାମ୍ପିଅନ୍ସ ଲିଗ୍ ଓ ଜାପାନର ଜେ୧ ଲିଗ୍‌ର କ୍ଲବ ମ୍ୟାଚ୍‌ଗୁଡିକର ପରିଚାଳନା ଦାୟିତ୍ୱରେ ରହିଥିଲେ।

## ଆଜି ଦ୍ୱିତୀୟ ଟି-୨୦: କୋହଲି ଫେରିଲେ, ସ୍ପିନ୍ ଉପରେ ଆଫଗାନିସ୍ତାନର ଭରସା

# ସିରିଜ୍ ଜିତିବା ଲକ୍ଷ୍ୟରେ ଖେଳିବ ଭାରତ

ଇନ୍ଦୋର, ୧୩।୧ (ଏଜେନ୍ସି): ମୋହାଲିର ପ୍ରବଳ ଥଣ୍ଡା ଜଳବାୟୁ ସହ ମୁକାବିଲା କରିବା ପରେ ଭାରତ ଓ ଆଫଗାନିସ୍ତାନ ଦ୍ୱିତୀୟ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ଏଠାରେ ଆସି ପହଞ୍ଚିଛନ୍ତି। ଏହି ମ୍ୟାଚ୍‌ଟି ଏଠାରେ ରବିବାର ଖେଳାଯିବ। ବିରାଟ କୋହଲି ଓ ଯଶସ୍ୱୀ ଜୟସ୍ୱାଲଙ୍କ ଅନୁପସ୍ଥିତି ଓ ପ୍ରଥମ ଓଭରରେ ଅଧିନାୟକ



ରୋହିତ ଶର୍ମା ଖାତା ଖୋଲିବା ପୂର୍ବରୁ ଆଉଟ ହେବା ସତ୍ତ୍ୱେ ଭାରତ ସହଜରେ ପ୍ରଥମ ଟି-୨୦ ମ୍ୟାଚ୍ ଜିତିଥିଲା। ଏଠାରେ ଦଳ ଦ୍ୱିତୀୟ ମ୍ୟାଚ୍ ଓ ସିରିଜ୍ ଜିତିବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବ। କେବଳ ସିରିଜ୍ ବିଜୟ ନୁହେଁ, ବରଂ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଚୟନକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ଅନ୍ୟପକ୍ଷରେ ପ୍ରତିଦ୍ୱନ୍ଦ୍ୱୀ ଦଳ ନିକଟରେ ପ୍ରମୁଖ ସ୍ପିନର ରଶିଦ୍ ଖାନ୍‌ଙ୍କ ଅନୁପସ୍ଥିତି ରହିଛି। ଏହା ସତ୍ତ୍ୱେ ଦଳ ନିକଟରେ ଟି-୨୦ ଫ୍ରାଞ୍ଚାଇଜ୍ ଓ ଆଇପିଏଲ୍ ଖେଳିବାର ପର୍ଯ୍ୟାପ୍ତ ଅଭିଜ୍ଞତା ରହିଛି। ଦଳ ନିକଟରେ ଥିବା ଶ୍ରେଷ୍ଠ ସ୍ପିନରଙ୍କୁ ନେଇ ଆଫଗାନିସ୍ତାନ ଏହି ମ୍ୟାଚ୍‌ରେ ବିପର୍ଯ୍ୟୟ ସୃଷ୍ଟି କରିବାକୁ ନିଶ୍ଚିତ ଚେଷ୍ଟା କରିବ।

ଏହି ମ୍ୟାଚ୍ ଲାଗି ବିରାଟ କୋହଲି ଦଳକୁ ଫେରିବା ପରେ ନିଶ୍ଚିତଭାବେ ଶକ୍ତି ବୃଦ୍ଧି ପାଇଛି। କିନ୍ତୁ ସେ ଟି-୨୦ରେ କ୍ୱାଲିଟି ସ୍ପିନରଙ୍କ ବିପକ୍ଷରେ ଭଲ ଖେଳିପାରୁନାହାନ୍ତି। ଏହି ମ୍ୟାଚ୍‌ରେ ଆଫଗାନିସ୍ତାନ ସ୍ପିନରଙ୍କ ବିପକ୍ଷରେ ତାଙ୍କ ବ୍ୟାଟିଂ ଟେଷ୍ଟ ହେବ। ଜୟସ୍ୱାଲ ଯଦି ଫିଟ୍ ହୁଅନ୍ତି ତେବେ ଗିଲ୍‌ଙ୍କ ସ୍ଥାନରେ ସେ ଖେଳିବେ। ଏବେ ଦଳରେ ଶିବମ ଦୁବେ ଓ ୱାଶିଂଟନ ସୁନ୍ଦରଙ୍କୁ ସାମିଲ କରାଯିବା ଫଳରେ ଭାରତ ନଂ-୮ ଯାଏ ଭଲ ବ୍ୟାଟିଂ କରିପାରିବ। କିନ୍ତୁ ଦୁବେଙ୍କ ପ୍ରଦର୍ଶନ ଦଳକୁ ନୂଆ ଆଶା ଦେଇଛି। ସେ ଗତ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ବେଞ୍ଚରେ ବସି ସମୟ କଟାଇଥିଲେ। ଏଥର ପ୍ରଥମ ସୁଯୋଗକୁ ଦୁଇ ହାତରେ ବ୍ୟବହାର କରି ଭାରତକୁ ମ୍ୟାଚ୍ ଜିତାଇଲେ। ସେ ଯେତେ ଅଧିକ ଖେଳିବେ ଭାରତ ସେତିକି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟାକ୍ ଅପ୍ ଖେଳାଳି ପାଇବ। ୱିକେଟରକ୍ଷକ ଜିତେଶ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ତାଙ୍କୁ ପ୍ରଥମ ପସନ୍ଦର ଖେଳାଳିଭାବେ ସ୍ଥାନ ଦେଇଛି। ଏଥିରୁ ସେ ଫାଇଦା ନେବା ଉଚିତ୍। ବୋଲିଂରେ ବିଶେଷ କିଛି ପରିବର୍ତ୍ତନ ହେବାର ସମ୍ଭାବନା କମ୍। ତେବେ କୁଲଦୀପ ଯାଦବଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନାକୁ ଏଡାଇଦେଇ ହେବ ନାହିଁ।

ଅନ୍ୟ ପକ୍ଷରେ ଆଫଗାନିସ୍ତାନର ସମସ୍ୟା ହେଉଛି ବ୍ୟାଟିଂ। ଦଳ ନିକଟରେ ଢ଼େର ବ୍ୟାଟର ରହିଛନ୍ତି। କିନ୍ତୁ ଟପ୍ ଅର୍ଡରରେ ଦ୍ରୁତ ରନ୍ ସଂଗୃହୀତ ହୋଇପାରୁନି। ପ୍ରଥମ



ମ୍ୟାଚ୍‌ରେ ଦଳ ପ୍ରଥମ ୧୦ ଓଭରରେ ମାତ୍ର ୫୭ ରନ୍ ଉଠାଇଥିଲା। ଏହାକୁ ଦଳ ସୁଧାରିବାକୁ ନିଶ୍ଚିତ ଚେଷ୍ଟା କରିବ। ତେବେ ଦଳର ସ୍ପିନର ମୁଜୀବ ଉର ରହମନ, ମହମ୍ମଦ୍ ନବି ଓ ଅଲରାଉଣ୍ଡର ଆଜମତୁଲ୍ଲା ଓମରଜାଇ ଭାରତ ଲାଗି ସମସ୍ୟା ସୃଷ୍ଟି କରିପାରନ୍ତି।

**ପିଚ୍:** ଇନ୍ଦୋର ପିଚ୍ ବ୍ୟାଟରଙ୍କୁ ସୁହାଇବ। ଏଠାରେ ଏଯାଏ କୌଣସି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳାଯାଇନି। କିନ୍ତୁ ଶେଷଥର ଏଠାରେ ଅନୁଷ୍ଠିତ ଭାରତ- ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍‌ରେ ୪୦୫ ରନ ମିଳିଥିଲା। ଦକ୍ଷିଣ ଆଫ୍ରିକାର ରିଲି ରୁଷୋ ୪୮ ବଲ୍‌ରେ ଶତକ ହାସଲ କରିଥିଲେ। ଏଠାରେ ଜଳବାୟୁ ସାଧାରଣ ରହିଛି। କ୍ରିକେଟ ଖେଳ ଲାଗି ଏହା ଉପଯୁକ୍ତ ହେବ।

### ଖେଳାଳି ଦଳ:

**ଭାରତ:** ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଳକ ବର୍ମା, ରିଙ୍କୁ ସିଂ, ଜିତେଶ ଶର୍ମା ଓ ସଞ୍ଜୁ ସାମସନ (ଉଭୟ ୱିକେଟରକ୍ଷକ), ଶିବମ ଦୁବେ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ରବି ବିଷ୍ଣୋଇ, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ଆଭେଷ ଖାନ୍ ଓ ମୁକେଶ କୁମାର।

**ଆଫଗାନିସ୍ତାନ:** ଇବ୍ରାହିମ ଜଦ୍ରାନ, (ଅଧିନାୟକ), ରହମନୁଲ୍ଲା ଗୁରବାଜ ଓ ଇକ୍ରାମ ଅଲ୍ଲୀଖୀଲ (ଉଭୟ ୱିକେଟରକ୍ଷକ), ହଜରତଉଲ୍ଲା ଜାଜାଇ, ରହମତ ଶାହ, ନଜିବୁଲ୍ଲା ଜଦ୍ରାନ, ମହମ୍ମଦ୍ ନବି, କରିମ ଜାନତ, ଆଜମତଉଲା ଓମରଜାଇ, ସରାଫୁଦ୍ଦିନ ଅଶ୍ରଫ, ମୁଜୀବ-ଉର-ରହମନ, ଫଜଲ ହକ୍ ଫାରୁକି, ଫରୀଦ ଅହମ୍ମଦ୍, ନବୀନ-ଉଲ-ହକ୍, ନୁର ଅହମ୍ମଦ୍, ମହମ୍ମଦ୍ ସଲୀମ୍, କାଏସ ଅହମ୍ମଦ୍, ଗୁଲବଦିନ ନାଏବ।

**ଖେଳ ଆରମ୍ଭ : ରାତି ୭ଟା**
**ପ୍ରସାରଣ : ସ୍ପୋର୍ଟ୍ସ-୧୮ , ଜିଓ ସିନେମା**

## ଜାତୀୟ ପାରା ଆଥଲେଟିକ୍ ଚାମ୍ପିଅନସିପ୍

# ଜୟନ୍ତୀଙ୍କୁ ୩ ସ୍ୱର୍ଣ୍ଣ; ଓଡ଼ିଶାକୁ ୯ ପଦକ

ଭୁବନେଶ୍ୱର,୧୩।୧(ସମିସ): ଗୋଆ ରାଜଧାନୀ ପଣଜୀର ଜିଏମ୍‌ସି ଆଥଲେଟିକ ଷ୍ଟାଡିୟମରେ ଗତ କିଛିଦିନ ଧରି ଚାଲିଆସୁଥିବା ଜାତୀୟ ପାରା ଆଥଲେଟିକ୍ ଚାମ୍ପିଅନସିପ୍ ଶନିବାର ଉଦ୍‌ଯାପିତ ହୋଇଛି। ତାରକା ମହିଳା ପାରା ଆଥଲେଟ୍ ଜୟନ୍ତୀ ବେହେରା ଟି-୪୭ ବର୍ଗର ୧୦୦ମି, ୨୦୦ମି ଓ ୪୦୦ମି. ଦୌଡ଼ରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ ହାସଲ କରି ଜୟନ୍ତୀ ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି। ସେହିପରି ଆଉ ଜଣେ ଓଡ଼ିଆ ମହିଳା ପାରା ଆଥଲେଟ୍ ସୁଚିତ୍ରା ପରିଡା ଜାଭେଲିନ ଏଫ୍-୫୫ ବର୍ଗରେ ୧୬.୯୯ ମିଟର ଫିଙ୍ଗି ଜାତୀୟ ରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗୁମ୍‌ଦା ବାର୍ଲା ଟି-୫୪ ହ୍ୱିଲଚେୟାର ୫୦୦୦ମି ଦୌଡ଼ରେ ୧୯:୫୦.୮୫ ସମୟ ନେଇ ତୃତୀୟ ସ୍ଥାନରେ ରହିବା ସହ କାଂସ୍ୟ ପଦକ ଜିତିଛନ୍ତି। ମୋଟ୍ ଉପରେ ଓଡ଼ିଶା ୪ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ଗୋଟିଏ କାଂସ୍ୟ ସହ ୯ ପଦକ ହାସଲ କରିଛି। ଜୟନ୍ତି ଓ ସୁଚିତ୍ରାଙ୍କୁ ବାଦଦେଲେ ପଙ୍କଜ ଭୁଏ ୨ ରୌପ୍ୟ,



କୁନିଲତା ବାରିକ ଗୋଟିଏ ରୌପ୍ୟ, କମଳାକାନ୍ତ ନାୟକ ଗୋଟିଏ ରୌପ୍ୟ ଓ ଗୁମଦା ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି କ୍ରୀଡ଼ାରେ ୨୯ଜଣ ଓଡ଼ିଆ ଖେଳାଳି ଅଂଶଗ୍ରହଣ କରିଥିଲେ।

## ଆଡିଲେଡ୍ ଅନ୍ତର୍ଜାତୀୟ ଟେନିସ

# ଓଷ୍ଟାପେଙ୍କୋ, ଲେହେକା ଚାମ୍ପିଅନ

ଆଡିଲେଡ୍,୧୩।୧(ଏଜେନ୍ସି): ଏଠାରେ ଚାଲିଥିବା ଆଡିଲେଡ୍ ଅନ୍ତର୍ଜାତୀୟ ଟେନିସ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ପୁରୁଷ ଏକକରେ ଚେକ ଗଣରାଜ୍ୟର ୭ମ ସିଡ ଜିରି ଲେହେକା ଓ ମହିଳା ଏକକରେ ଷଷ୍ଠ ସିଡ୍ ଲାଟଭିଆର ଜେଲେନା ଓଷ୍ଟାପେଙ୍କୋ ଚାମ୍ପିଅନ ହୋଇଛନ୍ତି। ଲେହେକା ଫାଇନାଲ ମୁକାବିଲାରେ ୪-୬, ୬-୪, ୬-୩ ସେଟ୍‌ରେ ବ୍ରିଟେନର ଜ୍ୟାକ ଡ୍ରାପରଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ସେହିପରି ଓଷ୍ଟାପେଙ୍କୋ ଫାଇନାଲରେ ୬-୩, ୬-୨ ସେଟ୍‌ରେ ରୁଷିଆର ଡାରିଆ କାସାତକିନାଙ୍କୁ ହରାଇ ବାଜି ମାରିଛନ୍ତି।




**ଯୁଗଳ ଫାଇନାଲରେ ହାରିଲେ ବୋପାନ୍ନା:** ଅନ୍ୟପଟେ ପୁରୁଷ ଯୁଗଳ ପ୍ରତିଯୋଗିତାରେ ତୃତୀୟ ସିଡ ଭାରତର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥି ମାଥ୍ୟୁ ଏବଡେନ ଶନିବାର ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଛନ୍ତି। ଏହି ଯୋଡି ୫-୭, ୭-୫, ୯-୧୧ରେ ତୃତୀୟ ସିଡ ଆମେରିକା ଓ ବ୍ରିଟେନ ଯୋଡି ରାଜୀବ ରାମ ଓ ଜୋଏ ସାଲିସବୁରୀଙ୍କଠାରୁ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଛନ୍ତି।

## ମାଲେସିଆ ଓପନ୍ ବ୍ୟାଡମିଣ୍ଟନ

# ଫାଇନାଲରେ ସାତ୍ତ୍ୱିକ-ଚିରାଗ



କୁଆଲାଲମ୍ପୁର,୧୩।୧(ଏଜେନ୍ସି): ଏଠାରେ ଚାଲିଥିବା ମାଲେସିଆ ଓପନ ସୁପର-୧୦୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ପୁରୁଷ ଯୁଗଳ ଯୋଡି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛନ୍ତି। ପ୍ରଥମଥର ପାଇଁ କୌଣସି ଭାରତୀୟ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟର କୌଣସି ବର୍ଗ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି।

ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ସାତ୍ତ୍ୱିକ ଓ ଚିରାଗ ଶନିବାର ଅନୁଷ୍ଠିତ ସେମିଫାଇନାଲରେ ବିଶ୍ୱ ଚାମ୍ପିଅନ ଯୋଡି କୋରିଆର କାଙ୍ଗ ମିନ ହ୍ୟୁକ୍ ଓ ସିୟୋ ସେଓଙ୍ଗଙ୍କୁ ୨୧-୧୮, ୨୨-୨୦ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ୨୧ ମିନିଟ ଧରି ଚାଲିଥିବା ଏହି ମୁକାବିଲାରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ଏପର୍ଯ୍ୟନ୍ତ ଏହି କୋରିଆ ଯୋଡିଙ୍କୁ ସାତ୍ତ୍ୱିକ ଓ ଚିରାଗ ୩ଥର ହରାଇଥିବା ବେଳେ ତାଙ୍କଠାରୁ ୨ ପରାସ୍ତ ହୋଇଛନ୍ତି। ଏପର୍ଯ୍ୟନ୍ତ ମାଲେସିଆ ଓପନ୍‌ରେ କୌଣସି ଭାରତୀୟ ଖେଳାଳି ଟାଇଟଲ ଜିତିପାରି ନାହାନ୍ତି। ଏହାପୂର୍ବରୁ କ୍ୱାର୍ଟର ଫାଇନାଲରେ ଭାରତୀୟ ଯୋଡି ଚୀନର ରେନ ଜିଆଙ୍ଗ ୟୁ ଓ ଡେ ଜିନ ଟିଙ୍ଗ୍‌ଙ୍କୁ ୨-୦ ଗେମ୍‌ରେ, ରାଉଣ୍ଡ ଅଫ୍ ୧୬ରେ ଫ୍ରାନ୍ସର ଲୁକାସ କୋର୍ଭୀ ଓ ରୋନନ ଲାବାରଙ୍କୁ ୨-୦ ଗେମ୍‌ରେ ଓ ରାଉଣ୍ଡ ଅଫ୍ ୩୨ ମ୍ୟାଚ୍‌ରେ ଇଣ୍ଡୋନେସିଆର ମୁହମ୍ମଦ ସୋହିବୁଲ ଫିକରୀ ଓ ବଗାସ ମୌଲାନାଙ୍କୁ ୨-୦ରେ ପରାସ୍ତ କରିଥିଲେ। ପୂର୍ବରୁ ପୁରୁଷ ଓ ମହିଳା ଏକକ, ମିଶ୍ରିତ ଯୁଗଳ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ପରାସ୍ତ ହୋଇ ବିଦାୟ ନେଇଥିଲେ।

ପୂର୍ବରୁ ସାତ୍ତ୍ୱିକ- ଚିରାଗ ଯୋଡି ୨୦୨୩ ବ୍ୟାଡମିଣ୍ଟନ ଏସିଆ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ, ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ୨୦୨୨ ବିଡବ୍ଲ୍ୟୁଏଫ୍ ଚାମ୍ପିଅନସିପ୍‌ରେ କାଂସ୍ୟ ଓ ୨୦୨୨ ଥୋମାସ କପରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଗତବର୍ଷ ଏହି ଯୋଡି ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଇଣ୍ଡୋନେସିଆ ସୁପର ୧୦୦୦, କୋରିଆ ସୁପର ୫୦୦ ଓ ସୁଇସ୍ ଓପନ ସୁପର ୩୦୦ ଟାଇଟଲ ହାସଲ କରିଥିଲେ।

# ଅଷ୍ଟ୍ରେଲିଆନ୍ ଓପନ୍ ଆଜିଠାରୁ

ମେଲବୋର୍ଣ୍ଣ,୧୩।୧(ଏଜେନ୍ସି): ମେଲବୋର୍ଣ୍ଣ ପାର୍କରେ ରବିବାରଠାରୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟର ଏହି ୧୧୨ତମ ସଂସ୍କରଣ ଆସନ୍ତା ୨୮ ତାରିଖ ପର୍ଯ୍ୟାନ୍ତ ଚାଲିବ। ପାଖାପାଖି ୭୧୬ କୋଟି ୮୫ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ହାର୍ଡକୋର୍ଟର ସର୍ଫେସରେ ଖେଳାଯିବ। ଏଥର ଟୁର୍ଣ୍ଣାମେଣ୍ଟରେ ଭାରତର ସୁମିତ ନାଗଲ ପୁରୁଷ ଏକକରେ ଓ ଅଭିଜ୍ଞ ରୋହନ ବୋପାନ୍ନା ପୁରୁଷ ଯୁଗଳରେ ଅଂଶଗ୍ରହଣ କରିବେ। ଗତବର୍ଷ ସର୍ବିଆର ନୋଭାକ ଜୋକୋଭିଚ୍ ଓ ବେଲାରୁଷର ଅରିନା ସାବାଲେଙ୍କା ଯଥାକ୍ରମେ ପୁରୁଷ ଓ ମହିଳା ଏକକରେ ଟାଇଟଲ ଜିତିଥିଲେ। ଏଥର ମଧ୍ୟ ଏହି ଦୁଇ ଖେଳାଳି ଟାଇଟଲ ବଜାୟ ରଖିବାକୁ ପ୍ରୟାସ କରିବେ। ସ୍ପେନ୍‌ର ରାଫେଲ ନାଦାଲ ଆଘାତ ସମସ୍ୟା କାରଣରୁ ଖେଳିବେନି। ଫଳରେ ପ୍ରଶଂସକ ନିରାଶ ହୋଇଛନ୍ତି।

ଟୁର୍ଣ୍ଣାମେଣ୍ଟରେ ପୁରୁଷ ଏକକରେ ଜୋକୋଭିଚ୍ ଓ ମହିଳା ଏକକରେ ପୋଲାଣ୍ଡ ଇଗା ସ୍ୱିଆଟେକଙ୍କୁ ଶ୍ରେଷ୍ଠ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ସ୍ପେନର କାର୍ଲୋସ ଆଲକାରାଜଙ୍କୁ ଦ୍ୱିତୀୟ, ରୁଷିଆର ଡାନିଲ ମେଦଭେଦେଭଙ୍କୁ ତୃତୀୟ, ଇଟାଲୀର ଜାନିକ ସିନରଙ୍କୁ ଚତୁର୍ଥ, ରୁଷିଆରେ ଆନ୍ଦ୍ରେ ରୁବଲେଭଙ୍କୁ ୫ମ ସିଡ୍ ମାନ୍ୟତା ମିଳିଛି। ଅନ୍ୟପଟେ ମହିଳା ଏକକରେ ବେଲାରୁଷର ଅରିନା ସାବାଲେଙ୍କାଙ୍କୁ ଦ୍ୱିତୀୟ, କାଜାକସ୍ଥାନର ଏଲେନା ରିବାକିନାଙ୍କୁ ତୃତୀୟ, ଆମେରିକାର କୋକୋ ଗଫ୍‌ଙ୍କୁ ଚତୁର୍ଥ, ଜେସିକା ପେଗୁଲାଙ୍କୁ ୫ମ, ଟ୍ୟୁନିସିଆର ଓନ୍ସ ଜାବେଉରଙ୍କୁ ୬ଷ୍ଠସିଡ୍ ମାନ୍ୟତା ମିଳିଛି।

# ରଣଜୀ ଟ୍ରଫି: ୫୩ ଡଟ୍ ବଲ୍ ପକାଇଲେ ଆଦିତ୍ୟ

ଅହମ୍ମଦାବାଦ୍,୧୩।୧(ଏଜେନ୍ସି): ଚଳିତ ରଣଜୀ ଟ୍ରଫି ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ମଣିପୁର ବିପକ୍ଷରେ ବିଦର୍ଭ ବାମହାତୀ ସ୍ପିନର ଆଦିତ୍ୟ ସାରୱାତେ ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ପ୍ରଥମ ଇନିଂସରେ ସେ ତାଙ୍କ ୯ ଓଭର ସ୍ପେଲ୍‌ରେ ୫୩ଟି ଡଟ୍ ବଲ୍ ପକାଇଛନ୍ତି। ଶୁକ୍ରବାର ପ୍ରଥମ ଦିବସରେ ସେ ୯ ଓଭର ବୋଲିଂ କରି ୫୪ଟି ବଲ ପାଇଥିଲେ। ଏଥିରୁ ୫୩ଟି ବଲ ଡଟ୍ ଥିଲା। ତେବେ ତାଙ୍କ ଗୋଟିଏ ବଲ୍‌କୁ ବିକାଶ ସିଂ ଛକା ମାରିଥିଲେ। ମୋଟ ଉପରେ ସେ ୯ ଓଭର ବୋଲିଂ କରି ୮ ମେଡେନ ନେବା ସହ ୬ ରନ ବ୍ୟୟ କରି ୪ ୱିକେଟ ହାସଲ କରିଥିଲେ। ଏହି ମ୍ୟାଚ୍‌ରେ ମାତ୍ର ଦୁଇ ଦିନରେ ବିଦର୍ଭ ମଣିପୁରକୁ ଏକ ଇନିଂସ ଓ ୯୦ ରନରେ ପରାସ୍ତ କରିଥିଲା। ପ୍ରଥମ ପାଳିରେ ମଣିପୁର ୩୪.୪ ଓଭରରେ ୭୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ବିଦର୍ଭ ୮୦.୩ ଓଭରରେ ୨୩୦ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ମଣିପୁଣ ଶନିବାର ୩୨ ଓଭରରେ ୬୫ରନକରି ଅଲଆଉଟ ହୋଇ ପାଳି ପରାଜୟ ବରଣ କରିଥିଲା। ଦ୍ୱିତୀୟ ପାଳିରେ ଆଦିତ୍ୟ ୧୧ ଓଭର ବୋଲିଂ କରି ୬ ମେଡେନ ନେବା ସହ ୧୦ ରନ ବ୍ୟୟ କରି ୫ ୱିକେଟ ଅକ୍ତିଆର କରିଥିଲେ।

# ରାଜ୍ୟସ୍ତରୀୟ ମିନିଗଲ୍ଫ ଉଦ୍‌ଘାଟିତ

ଭୁବନେଶ୍ୱର, ୧୩।୧ (ସମିସ): ଓଡ଼ିଶା ମିନିଗଲ୍ଫ ସଂଘ ଆନୁକୂଲ୍ୟରେ ଏକ ଦୁଇଦିନିଆ ରାଜ୍ୟସ୍ତରୀୟ ମିନିଗଲ୍ଫ ପ୍ରତିଯୋଗିତା ଶନିବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଯାଇଛି। ଏଥିରେ ରାଜ୍ୟର ୨୦ ଜିଲ୍ଲାର ସଂଘ ଓ ବିଭିନ୍ନ ସ୍କୁଲ ଓ କଲେଜର କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଗଲ୍ଫର ଆଗାମୀ ଦିନରେ ରାଜ୍ୟ ପକ୍ଷରୁ ବିଭିନ୍ନ ବୟସବର୍ଗରେ ଜାତୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ। ଜାତୀୟ ପ୍ରତିଯୋଗିତାର ଶ୍ରେଷ୍ଠ-୮ ଗୋଟି ଦଳ ବର୍ଷ ଶେଷରେ ଉତ୍ତରାଖଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ଜାତୀୟ କ୍ରୀଡ଼ାର ୩୮ତମ ସଂସ୍କରଣକୁ ଯୋଗ୍ୟତା ଅର୍ଜନ କରିବେ। ତେଣୁ ଏହି ପ୍ରତିଯୋଗିତା ରାଜ୍ୟ ପାଇଁ ଗୁରୁତ୍ୱବହନ କରୁଛି। ଓଡ଼ିଶା ମିନିଗଲ୍ଫ ସଂଘର ସଭାପତି ସତ୍ୟବ୍ରତ ମୀନକେତନ, ସମ୍ପାଦକ ବିକାଶ ଚନ୍ଦ୍ର ପଟ୍ଟନାୟକ, ଭାରତୀୟ ମିନିଗଲ୍ଫ ମହାସଂଘର ମହାସଚିବ ଡ. ସୂରଜ ୟେତିକାର, ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର ଚୌହାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ୨ ଦିନିଆ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, କୋଷାଧ୍ୟକ୍ଷ ସୌମ୍ୟାଶ୍ରୀ ରଥ ପ୍ରମୁଖ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ, ଗତବର୍ଷ ଶେଷ ଭାଗରେ ଗୋଆରେ ଅନୁଷ୍ଠିତ ୩୭ତମ ଜାତୀୟ କ୍ରୀଡ଼ାରେ ପ୍ରଥମଥର ମିନିଗଲ୍ଫକୁ ସାମିଲ କରାଯାଇଥିଲା। ଏଥିରେ ଓଡ଼ିଶାର ବିକାଶ ଚନ୍ଦ୍ର ପ୍ରଧାନ ଓ ଅଭିପ୍ସା ପଣ୍ଡା ସ୍ୱର୍ଣ୍ଣିମ ସଫଳତା ପାଇ ରାଜ୍ୟକୁ ଗୌରବାନ୍ୱିତ କରିଥିଲେ।




## ଅଲ୍ଟିମେଟ୍ ଖୋ ଖୋ-୨ ଉଦ୍‌ଯାପିତ

# ଜାଏଣ୍ଟ୍ସ ଚାମ୍ପିଅନ; ଜଗରନଟ୍ସଙ୍କୁ କାଂସ୍ୟ

ଭୁବନେଶ୍ୱର, ୧୩।୧ (ସମିସ): ଲୋକପ୍ରିୟ ପାରମ୍ପରିକ କ୍ରୀଡ଼ା ଖୋ ଖୋ'ର ଫ୍ରାଞ୍ଚାଇଜଭିତ୍ତିକ ପ୍ରତିଯୋଗିତା 'ଅଲ୍ଟିମେଟ୍ ଖୋ ଖୋ'ର ଦ୍ୱିତୀୟ ସଂସ୍କରଣ ଶନିବାର କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ଚଳିତ ସଂସ୍କରଣରେ ଗୁଜରାଟ ଜାଏଣ୍ଟ୍ସ ନୂଆ ବିଜେତା ହୋଇଛି। ସନ୍ଧ୍ୟାରେ ଖେଳାଯାଇଥିବା ରୋମାଞ୍ଚକ ଗ୍ରାଣ୍ଡଫାଇନାଲରେ ଗୁଜରାଟ ୩୧-୨୬ ପଏଣ୍ଟରେ ଅନ୍ୟତମ ଶକ୍ତିଶାଳୀ ଦଳ ଚେନ୍ନାଇ କୁଇକ୍ ଗନ୍ସକୁ ପରାସ୍ତ କରିଛି। ସେହିଭଳି ପ୍ରଥମ ସଂସ୍କରଣ ବିଜେତା ତଥା ଘରୋଇ ଓଡ଼ିଶା ଜଗରନଟ୍ସ ଏଥର କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛି।

କୁଇକ୍ ଗନ୍ସ ବିପକ୍ଷ ଫାଇନାଲ ମ୍ୟାଚର ଆରମ୍ଭରୁ ହିଁ ପ୍ରଥମ ଟର୍ଣ୍ଣରେ ଗୁଜରାଟ ଜାଏଣ୍ଟ୍ସ ବଡ଼ ଅଗ୍ରଣୀ ହାସଲ କରି ପ୍ରଥମାର୍ଦ୍ଧ ସୁଦ୍ଧା ୧୯-୭ ପଏଣ୍ଟରେ ସ୍ଥିତି ଦୃଢ଼ କରିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ ଟର୍ଣ୍ଣରେ ଚେନ୍ନାଇ କୁଇକ୍ ଗନ୍ସ ପ୍ରତ୍ୟାବର୍ତ୍ତନ କରିଥିଲେ ଏହା ଯଥେଷ୍ଟ ହୋଇ ନ ଥିଲା। ଶେଷରେ ୫ ପଏଣ୍ଟ (୩୧-୨୬) ବ୍ୟବଧାନରେ ଗୁଜରାଟ ଜିତି ଚଳିତ ସଂସ୍କରଣ ଚାମ୍ପିଅନ ହୋଇଥିଲା। ଗୁଜରାଟ ଟଚ୍ ପଏଣ୍ଟରେ ୧୪, ସ୍କାଏ ଡାଇଭରେ ୮, ବ୍ୟାଚ୍ ବୋନସ୍ ଆକାରରେ ୫ ପଏଣ୍ଟ ସ୍କୋର କରିଥିଲା। ଫାଇନାଲ ମ୍ୟାଚରେ ଅତିଥି ଭାବେ ପୁରୀ ସାଂସଦ ପିନାକୀ ମିଶ୍ର, ଭାରତୀୟ ଖୋ ଖୋ ମହାସଂଘର ସଭାପତି ସୁଧାଂଶୁ ମିତ୍ତଲ, ଅଲ୍ଟିମେଟ୍ ଖୋ ଖୋ'ର ସିଇଓ ତେନ୍‌ଜୀ ନିୟୋଗୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ ଗୁଜରାଟକୁ ଟ୍ରଫି ସହ ଏକ କୋଟି ଟଙ୍କା ଓ ଉପବିଜେତା ଚେନ୍ନାଇ କୁଇକ୍ ଗନ୍ସକୁ ୫୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯାଇଥିଲା।



**ଯୋଦ୍ଧାସକୁ ହରାଇ ଜଗରନଟ୍ସ ୩ୟ:** ଅଲ୍ଟିମେଟ୍ ଖୋ ଖୋ'ର ପ୍ରଥମ ସଂସ୍କରଣରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିବା ଓଡ଼ିଶା ଜଗରନଟ୍ସ ଏଥର ୩ୟ ସ୍ଥାନରେ ସନ୍ତୁଷ୍ଟ ରହିଛି। ସେମିଫାଇନାଲରେ ପରାସ୍ତ ହୋଇଥିବା ଦୁଇ ଦଳ ଓଡ଼ିଶା ଜଗରନଟ୍ସ ଓ ତେଲୁଗୁ ଯୋଦ୍ଧାସ ଶନିବାର କାଂସ୍ୟ ପଦକ ପାଇଁ ଲଢ଼େଇ କରିଥିଲେ। ଏଥିରେ ଦୀପେଶ ମୋର'ଙ୍କ ନେତୃତ୍ୱାଧୀନ ଜଗରନଟ୍ସ ୩୨-୨୪ ପଏଣ୍ଟରେ ଗତ ସଂସ୍କରଣର ଉପବିଜେତା ଯୋଦ୍ଧାସକୁ ମାତ୍ ଦେଇ କାଂସ୍ୟ ପଦକ ହାସଲ କରିନେଇଥିଲା। ପୁରସ୍କାର ଆକାରରେ ଓଡ଼ିଶାକୁ ୩୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଗତବର୍ଷ ଫାଇନାଲରେ ଏହି ଦୁଇ ଦଳ ପ୍ରବେଶ କରିଥିଲେ ମଧ୍ୟ ଏଥର ସେମିଫାଇନାଲରେ ହାରି ଟାଇଟଲ୍ ଦୌଡ଼ରୁ ବାଦ୍ ପଡ଼ିଥିଲେ।

**ରାମଜୀ ସଂସ୍କରଣ ଶ୍ରେଷ୍ଠ ଖେଳାଳି:** ବର୍ତ୍ତମାନ ଭାରତର ଶ୍ରେଷ୍ଠ ଖୋ ଖୋ ଖେଳାଳି ଭାବେ ବିବେଚିତ ହେଉଥିବା ଚେନ୍ନାଇ କୁଇକ୍ ଗନ୍ସର ରାମଜୀ କାଶ୍ୟପ ଚଳିତ ସଂସ୍କରଣର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି। ସେ ଟୁର୍ଣ୍ଣାମେଣ୍ଟର ଆଟାକିଂରେ ୮୦ ପଏଣ୍ଟ କରିଥିବାବେଳେ ଡିଫେନ୍ସରେ ୩୦.୨୨ ମିନିଟ୍ ମ୍ୟାଚ୍‌ରେ ଅତିବାହିତ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର

# ହୀରାକୁଦ ଜଳଭଣ୍ଡାରରେ ରେକର୍ଡ ସଂଖ୍ୟକ ବିଦେଶୀ ପକ୍ଷୀ

**ସମ୍ବଲପୁର, ୧୩ା୧(ସମିସ)**

ହୀରାକୁଦ ଜଳଭଣ୍ଡାରକୁ ଚଳିତ ବର୍ଷ ୧୧୩ ପ୍ରଜାତିର ରେକର୍ଡ ସଂଖ୍ୟକ ୩, ୪୨, ୩୪୫ ପରିଭ୍ରାଜକ ପକ୍ଷୀଙ୍କ ଆଗମନ ହୋଇଛି।୫୦୦ ବର୍ଗ କିଲୋମିଟର ପରିମିତ ଜଳଭଣ୍ଡାର, ପାୱାର କେନାଲ କୂଳରେ ଥିବା ବିଭିନ୍ନ ଜଙ୍ଗଲରେ ବିଦେଶୀ ପକ୍ଷୀମାନଙ୍କ ଗଣନା କରାଯାଇଥିଲା ବୋଲି ହୀରାକୁଦ ବନ୍ୟପ୍ରାଣୀ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାଶ କହିଛନ୍ତି। ସେ ଆହୁରି କହିଛନ୍ତିଯେ, ଚଳିତ ବର୍ଷ ୨୦ ନୂତନ

## ୧୧୩ ପ୍ରଜାତିର ୩ ଲକ୍ଷ ୪୨ ହଜାର ୩୪୫ ପକ୍ଷୀ

ପ୍ରଜାତିର ପକ୍ଷୀ ହୀରାକୁଦକୁ ଆସିଛନ୍ତି। ଏମାନଙ୍କ ମଧ୍ୟରେ ଗୋଲ୍‌ସି ଲିବ୍‌ସ, ବ୍ଲେକ ବିଟର୍ଣ୍ଣ, ଗ୍ରୀନ୍ ସେଂଟପାଇପର୍, କମନ୍ ସ୍ନାଇପ୍, ରେଡ ରମ୍ପଟ୍, ସୁଆଲୋ, ୱାଇଟ୍ ୱାକ୍‌ଟେଲ, ସାଇବେରିଏନ୍ ଷ୍ଟୋନ୍ ଚାର୍ଟ, ପାମ୍, ସ୍ୱିଇଫ୍ଟ, କମନ୍ କେଷ୍ଟ୍ରେଲ, ଚେଷ୍ଟ ନଟ ବିଟର୍ଣ୍ଣ, ବ୍ରାଉନ୍ କ୍ରେକ୍, ୱାଟର କକ୍ ଗେଲି କ୍ରେସ୍, ବ୍ଲିଥ୍ ରିଚ, ୱାର୍କ ବ୍ଲର, ଇଣ୍ଡିଏନ୍ ଥିକ୍‌ନି, ସର୍ଟଥୋ, ସ୍ନେକ୍ ଇଗଲ, ଇଣ୍ଡିଏନ୍ ବୁଶ୍ ଲାର୍କ, ନକ୍‌ବିଲ୍‌ଡ ଡକ୍, କମନ୍ ଗ୍ରୀନ୍ ସାଙ୍କ, ଜିଟି ଟିଷ୍ଟିକୋଲା ରହିଛନ୍ତି। ଏଥର ସର୍ବାଧିକ୍ ୫୨ ହଜାର, ଲେସର୍ ହ୍ୱିସିଲିଂ ଡକ୍ ୪୯ ହଜାର ଓ ରେଡ କ୍ରିଏଟେଡ ପୋଚାର ୩୩ ହଜାର ସଂଖ୍ୟାରେ ଆସିଛନ୍ତି। ଚଳିତ ବର୍ଷ ଟଫ୍ଟେଡ ଡକ ୫୨ ହଜାର ୫୧୬, ଲେସର ହ୍‌ୱିସଲିଙ୍ଗ ଡକ ୪୯ ହଜାର ୨୫୯ ଏବଂ ରେଡ କ୍ରିଏଟେଡ ପୋଚାର୍ ୩୩ ହଜାର





୪୩୪ଟି ସର୍ବାଧିକ ରହିଛନ୍ତି। ସର୍ବାଧିକ ପକ୍ଷୀ ଗଣନା ପ୍ରଥମରେ ୭ ନମ୍ବର ସେକ୍ଟର ଓଡ଼ିଶା ଛତିଶଗଡ଼ ସୀମା ବରଗଡ଼ ଜିଲ୍ଲାର ୬୫ ପ୍ରଜାତିର ୪୮ ହଜାର ୩୬ ପକ୍ଷୀ, ଦ୍ୱିତୀୟ ସ୍ଥାନରେ ୮ ନମ୍ବର ସେକ୍ଟରରେ ୬୧ ପ୍ରଜାତିର ୪୪ହଜାର ୮୧୮ଟି ପକ୍ଷୀ ଓ ତୃତୀୟ ସ୍ଥାନରେ ୯ ନମ୍ବର ସେକ୍ଟର ଝାରସଗୁଡାରେ ୬୮ ପ୍ରଜାତିର ୩୪ହଜାର୨୫୧ ସଂଖ୍ୟକ ପକ୍ଷୀ ରେକଡଭୁକ୍ତ ହୋଇଛି। ମଙ୍ଗୋଲିଆ, ହିମାଳୟ ପର୍ବତମାଳା, ଆମେରିକା, ୟୁରୋପ, ୟୁକେ, ଅଷ୍ଟ୍ରେଲିଆ, ରଷିଆ ଓ ମଧ୍ୟପ୍ରାଚ୍ୟ ଅଞ୍ଚଳ ଏସିଆର ଅନ୍ୟାନ୍ୟ ସ୍ଥାନରୁ ପକ୍ଷୀମାନେ ରହିଛନ୍ତି। ଗ୍ରୀଷ୍ମ ଆଗମନ ସହିତ ଫେବ୍ରୁଆରୀ ମାସ ଶେଷ କିମ୍ବା ମାର୍ଚ୍ଚ ମାସର ପ୍ରଥମାର୍ଦ୍ଧରେ ଏହି ପକ୍ଷୀମାନେ ହଜାର ହଜାର କିଲୋମିଟର ଆକାଶପଥ ଅତିକ୍ରମ କରି ନିଜ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରିବେ। ବର୍ଷକୁ ବର୍ଷ ଏହି କୃତ୍ରିମ ହ୍ରଦ ବା ହୀରାକୁଦ ଜଳଭଣ୍ଡାର ଓ ପରିପାର୍ଶ୍ୱରେ ଥିବା ଜଙ୍ଗଲ ଓ ପାହାଡକୁ ବିଦେଶାଗତ ପକ୍ଷୀମାନଙ୍କ ସଂଖ୍ୟା ବଢ଼ି ଚାଲିଛି। ଅର୍ନ୍ତଜାତୀୟ ସଂସ୍ଥା ଦ୍ୱାରା ରାମସର ଆର୍ଦ୍ର ଭୂମି ମାନ୍ୟତା ପାଇଥିବା ହୀରାକୁଦ ଜଳଭଣ୍ଡାରରେ ଏଥର ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଗ୍ରାମବାସୀମାନେ ସାମିଲ ହୋଇଛନ୍ତି। ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ହୀରାକୁଦର ଉପରମୁଣ୍ଡ ଛତିଶଗଡ଼ ସୀମାରେ ଥିବା ଗୋବିନ୍ଦପୁର ଗ୍ରାମକୁ ପକ୍ଷୀଗ୍ରାମ ଘୋଷଣା କରାଯାଇଛି। ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଜନସଚେତନତା କାର୍ଯ୍ୟକ୍ରମରେ ଗ୍ରାମବାସୀମାନଙ୍କୁ ସାମିଲ୍ କରାଯାଇଛି। ଏଥର ଗତ ବର୍ଷ ଅପେକ୍ଷା ଅଧିକ ୨୦ ପ୍ରଜାତିର ନୂଆଁ ପକ୍ଷୀ ହୀରାକୁଦରେ ଦେଖା ଦେଇଛନ୍ତି। ଗତ ବର୍ଷ ରେକରଡ ୧୦୮ ପ୍ରଜାତିରେ ୩ ଲକ୍ଷ ୧୬ ହଜାର ୬୭୬ ପକ୍ଷୀ ଆସିଥିଲେ। ୨୦୨୨ରେ ୧୦୪ ପ୍ରଜାତିର ୨ ଲକ୍ଷ ୮ ହଜାର ୬୩୪ ପକ୍ଷୀ, ୨୦୨୧ ମସିହାରେ ୯୮ ପ୍ରଜାତିର ୧ ଲକ୍ଷ ୨୪ ହଜାର ୮୬୪ ପକ୍ଷୀ ଓ୨୦୨୦ ମସିହାରେ ୯୩ ପ୍ରଜାତିର ୯୭ ହଜାର୮ ୯ ୯ଟି ପକ୍ଷୀ ଆସିଥିବା ରେକଡ ରହିଛି।

# ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ଗୀତାର ପ୍ରାସଙ୍ଗିକତା ଆଲୋଚନା



**ସମ୍ବଲପୁର, ୧୩ା୧(ସମିସ):** ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଠାରେ ଆୟୋଜିତ ଏକ ଆଧ୍ୟାତ୍ମିକ ସଭାରେ କଲିକତା ଏନଆଇଟିଟିଟିଆରର ନିର୍ଦ୍ଦେଶକ ପ୍ରୋ. ଦେବୀ ପ୍ରସାଦ ମିଶ୍ର ଅତିଥିଭାବେ ଯୋଗଦାନ କରି ସାମ୍ପ୍ରତିକ ପରସ୍ଥିତିରେ ଭଗବତ ଗୀତାର ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ପରେ ସବୁ ଧର୍ମଗ୍ରନ୍ଥ ଠାରୁ ଗୀତା ବେଶ ପ୍ରଭାବଶାଳୀ ବୋଲି ମତବ୍ୟକ୍ତ କରି ଉଭୟ ପଢ଼ିବା ଓ ପଢେଇବା ଗୁରୁ ଶିଷ୍ୟଙ୍କ ଯୋଗଦାନର ଉଦାହରଣ ଦେଇ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ପ୍ରସଙ୍ଗ ଉପସ୍ଥାପନା କରିଥିଲେ। ଏହି ସଭାରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଫେସର ଶଙ୍କର ପ୍ରସାଦ ପତି ଅତିଥି ପରିଚୟ ଓ ସମ୍ପାଦକ ରଘୁନାଥ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ସହରର ବହୁମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟି ସମ୍ବଲପୁର ନଳିନୀ ଟ୍ରାଭେଲସର ପଣ୍ଡା ପରିବାରଙ୍କ ତରଫରୁ ପ୍ରାୟୋଜିତ ହୋଇଥିଲା।

# ସମ୍ବଲପୁର ଏସ୍‌ଏମ୍‌ସିରେ ବୁଲୁଛି ଅର୍ପଣ ରଥ

**ସମ୍ବଲପୁର, ୧୩ା୧(ସମିସ):** ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ। ଏହାକୁ ନେଇ ସମ୍ବଲପୁର ମହାନଗର ନିଗମ ବିଭିନ୍ନ ୱାର୍ଡ ଗୁଡିକରେ ଆଜି ଚତୁର୍ଥ ଦିନରେ ମଧ ଅର୍ପଣ ରଥ ବୁଲିଛି। ରଥ ଆଗରେ ଭଜନ, କୀର୍ତ୍ତନ୍ୟ, ଘଣ୍ଟଶଙ୍ଖ,



ବାଜା ବଜାଇ ପଡ଼ା ଗୁଡିରେ ସ୍ୱାଗତ କରାଯାଇଥିଲା। ମହିଳାମାନେ ଘର ସମ୍ମୁଖରେ ପୂର୍ଣ୍ଣ କଳସ ରଖି ପୂଜା ଅର୍ଚ୍ଚନା କରିଥିଲେ। ଫୁଲ, ଦୁବ ନଡିଆ ଦେଇ ପୂଜା କରିଥିଲେ। ଶ୍ରୀଜଗନ୍ନାଥଙ୍କ ପାଇଁ ଅରୁଆ ଚାଉଳ, ଗୁଆ ଦେଉଥିଲେ ଜଗନ୍ନାଥପ୍ରେମୀ। ଭକ୍ତିମୟ ଓ ଭାବାବେଗ ପରିବେଶରେ ପରିକ୍ରମା କରୁଛି ଅର୍ପଣ ରଥ। ଆଜି ୱାର୍ଡ ନଂ. ୬, ୧୨, ୧୯, ୧୭, ୨୧, ୩୦, ୩୬, ୪୦ ମୋଟ୍ ୮ ଗୋଟି ୱାର୍ଡ଼ର ଗ୍ରାମ ଓ ପଡ଼ା ଗୁଡିକ ରଥ ବୁଲିଥିଲା। ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହେଉଛି ଗାଁ ଠାରୁ ସହର। ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା। ଶ୍ରୀମନ୍ଦିର ପରିକ୍ରମା ରଥକୁ ସ୍ୱାଗତ କରିବା ସହ ଶାନ୍ତିଶୃଙ୍ଖଳାର ସହ ପରିକ୍ରମା କରାଇବା ପାଇଁ ଏସ୍‌ଏମ୍‌ସି ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଯେପରି ଅଧିକରୁ ଅଧିକ ଜଗନ୍ନାଥପ୍ରେମୀ ସାମିଲ ହୋଇପାରିବେ ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ପ୍ରତ୍ୟେକ ୱାର୍ଡରେ ହଜାର ହଜାର ଭକ୍ତମାନେ ଭବ୍ୟ ସ୍ୱାଗତ କରିଥିଲେ। ହରିବୋଲ, ହୁଳହୁଳି ଦେଉଥିଲେ। ସବୁଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ଗ୍ରାମର ପ୍ରତ୍ୟେକ ପରିବାର ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରୁଛନ୍ତି। ଲୋକାର୍ପଣ ପୂର୍ବରୁ ସମ୍ବଲପୁର ସହର ଭକ୍ତିମୟ ହୋଇପଡ଼ିଛି। ଶ୍ରୀଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ସୁରକ୍ଷା, ପ୍ରଚାରପ୍ରସାର ଓଡ଼ିଶା ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାର ଅନ୍ୟତମ ଅଂଶବିଶେଷ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୭ ତାରିଖ ଦିନ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ନିର୍ମିତ ଐତିହାସିକ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ର ଲୋକାର୍ପଣ କରିବେ। ଏହି ଐତିହାସିକ ମୁହୂର୍ତ୍ତ ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସମଗ୍ର ରାଜ୍ୟରୁ ଶ୍ରଦ୍ଧାଳୁଙ୍କୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ନିମନ୍ତେ ନିମନ୍ତ୍ରଣ କରିଛନ୍ତି। ଏହି ମୁହୂର୍ତ୍ତକୁ ଅଧିକ ଭାବପୂର୍ଣ୍ଣ କରିବା ପାଇଁ ବିବିଧ ସାଂସ୍କୃତିକ ଓ ପ୍ରଚାରଧର୍ମୀ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମପଞ୍ଚାୟତ ଏବଂ ବ୍ଲକରୁ ସମସ୍ତ ଶ୍ରଦ୍ଧାଳୁଙ୍କ ଅଂଶଗ୍ରହଣ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ଏହି କ୍ରମରେ ଶନିବାର ଠାରୁ ୧୬ତାରିଖ ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତ ଏବଂ ବ୍ଲକରେ ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ବିବିଧ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

# ରେଳବାଇ ଷ୍ଟାଡିୟମରେ ପୁଷ୍ପ ପ୍ରଦର୍ଶନୀ ସହ ଶୀତକାଳୀନ ଉତ୍ସବ

**ସମ୍ବଲପୁର, ୧୩ା୧(ସମିସ):** ପୂର୍ବତଟ ରେଳପଥ ସମ୍ବଲପୁର ପକ୍ଷରୁ ଦୁଇ ଦିନିଆ ପୁଷ୍ପ ପ୍ରଦର୍ଶନୀ ଓ ଶୀତକାଳୀନ ଉତ୍ସବ ରେଳବାଇ ଷ୍ଟାଡିୟମରେ ଆଜି ଉଦ୍‌ଘାଟିତ ହୋଇଯାଇଛି। ପୁଷ୍ପ ପ୍ରଦର୍ଶନୀ ଓ ଶୀତକାଳୀନ ଉତ୍ସବକୁ ମୁଖ୍ୟ ଅତିଥି ମଣ୍ଡଳ ରେଳ ପ୍ରବନ୍ଧକ ବିନୀତ ସିଂ ଉଦଘାଟନ କରିଥିଲେ। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ଅଧକ୍ଷା ଅଞ୍ଜନୀ ସିଂ ଓ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଫୁଲ ହେଉଛି ପ୍ରକୃତିର ସର୍ବଶ୍ରେଷ୍ଠ ଉପହାର, ଫୁଲ ହେଉଛି ପ୍ରମ, ସ୍ନେହ ଏବଂ ଉତ୍ସବର ପ୍ରତୀକ ବୋଲି ମୁଖ୍ୟ ଅତିଥି କହିଥିଲେ। ଏହି ଅବସରରେ ମଣ୍ଡଳର ସମସ୍ତ ଅଧିକାରୀ, ଇକୋରୋର ସଦସ୍ୟ, କର୍ମଚାରୀ ଓ ସେମାନଙ୍କର ପରିବାରବର୍ଗ, ସାଧାରଣ ଜନତା ଓ ଫୁଲ ପ୍ରେମୀମାନେ ଉପସ୍ଥିତ ଥିଲେ। ପୁଷ୍ପ ପ୍ରଦର୍ଶନୀରେ ମଣ୍ଡଳର ବିଭିନ୍ନ ବିଭାଗ ଗୁଡ଼ିକ, ସମ୍ବଲପୁର, ବରଗଡ଼, ବଲାଙ୍ଗିର, କଣ୍ଟାବାଞ୍ଜି, ରେଢାଖୋଲ, ଟିଟିଲାଗଡ଼, ମହାସମୁନ୍ଦ, ମୁନିଗୁଡ଼ା ଆଦିର ରେଳବାଇ ୟୁନିଟ ତଥା ଅନ୍ୟାନ୍ୟ ସଂଗଠନ ଓ ନର୍ସରୀ ଗୁଡ଼ିକ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ୫୦ରୁ ଅଧିକ ଶ୍ରେଣୀର ଫୁଲ ଏବଂ ହଜାର ହଜାର ରଙ୍ଗୀନ ଫୁଲ ଗମଲା ଦର୍ଶକମାନଙ୍କୁ ଆକର୍ଷିତ କରିଛି। ଏହି ପୁଷ୍ପ ପ୍ରଦର୍ଶନୀ ସାଧାରଣ ଲୋକଙ୍କ ପାଇଁ ରାତି ୯ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ। ସନ୍ଧ୍ୟା ୬ ଘ. ରୁ ୯ ଘ. ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଅଛି। ପୁଷ୍ପ ପ୍ରଦର୍ଶନୀରେ ଫୁଡ୍ ଷ୍ଟଲ ଓ ଗେମିଂଜୋନ ମଧ୍ୟ ଉପଲବ୍ଧ ରହିଛି।



# ଏନ୍‌ଏସ୍‌ସିବି କଲେଜରେ ଶୀତକାଳୀନ ଶିବିର ଉଦ୍‌ଯାପିତ

**ସମ୍ବଲପୁର, ୧୩ା୧(ସମିସ):** ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ସେବା ଯୋଜନା ପକ୍ଷରୁ ସାତ ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଅଧକ୍ଷ ଡ. ପ୍ରଦୀପ ହରପାଲଙ୍କ ଅଧକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଅଧିଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ଅନୁଷ୍ଠାନର ପୂର୍ବତମ ଅଧକ୍ଷା ଡ. ସିକତା ପଣ୍ଡା ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଶ୍ରୀଗଣେଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଭାତି ମିଶ୍ର ଉପସ୍ଥିତ ଥିଲେ। ଏହି ଶିବିର ୫ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଗତ କାଲି କାର୍ଯ୍ୟକ୍ରମଟି ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ଉଦଘାଟନୀ ସମାରୋହ, ଦ୍ୱିତୀୟ ଦିନ ପକ୍‌ସୋ ଏକ୍ଟ, ତୃତୀୟ ଦିନ ହୋପସ୍କୋପ୍ ରୋଡ଼ ସେଫ୍ଟି, ଚତୁର୍ଥ ଦିନ ଶିଶୁକନ୍ୟା ବିବାହ ସଚେତନତା, ପଞ୍ଚମ ଦିନ ଜୟ ଜଗନ୍ନାଥ ରଥ ଯାତ୍ରା ର୍‌ୟାଲୀ, ଷଷ୍ଠ ଦିନ ନିବନ୍ଧ ଲିଖନ ଓ କୁଇଜ ପ୍ରତିଯୋଗିତା ଆଦି ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୫୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଆୟୋଜିତ ଶିବିରର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ରଶ୍ମୀ କୈବର୍ତ୍ତ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଅନ୍ୟତମ ଅଧ୍ୟାପକ ବିଶ୍ୱଜିତ ମହାନ୍ତି ସହଯୋଗ କରିଥିଲେ।




# ଖଡ୍ଡୁରା ସମାଜ ସମ୍ବଲପୁର ଜିଲ୍ଲାସ୍ତରୀୟ ବୈଠକ

**ସମ୍ବଲପୁର, ୧୩ା୧(ସମିସ):** ସମ୍ବଲପୁର ଖଡ୍ଡୁରା ସମାଜ ତରଫରୁ ସଭାପତି ବିଦେଶୀ ନାୟକଙ୍କ ନେତୃତ୍ୱରେ ଖଡ୍ଡୁରା ସମାଜ ସମ୍ବଲପୁରର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଏକ ଜିଲ୍ଲାସ୍ତରୀୟ ବୈଠକ ଆଜି ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର କୁଚିଣ୍ଡା, ବାମରା ଏବଂ ସମ୍ବଲପୁର ଅଞ୍ଚଳର ସବୁ ଖଡ୍ଡୁରା ସମାଜର ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ବୈଠକରେ ରାଜ୍ୟ ନିଖିଳ ଉତ୍କଳ ଖଡ୍ଡୁରା ସମାଜର ଉପସଭାପତି ପ୍ରଫେସର ଟହୁଲୁ ସାହୁ ଓ ଯୁଗ୍ମ ସଂପାଦକ ନବକୃଷ୍ଣ ନାୟକ ଏବଂ କାର୍ଯ୍ୟକର୍ତ୍ତା ରବୀନ୍ଦ୍ର ସୁବୁଦ୍ଧି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଜିଲ୍ଲାସଂଯୋଜକ ଭାବେ କୃଷ୍ଣ ଚନ୍ଦ୍ର ନାୟକଙ୍କୁ ଚୟନ କରାଯାଇଛି। ବୈଠକରେ ସମ୍ବଲପୁର ଜିଲ୍ଲାର ସମସ୍ତ ସମସ୍ୟା ବିଷୟରେ ଆଲଚନା କରାଯାଇଥିଲା। ଶେଷରେ ମଧ୍ୟାହ୍ନ ଭୋଜନ କରି ବୈଠକ ସମାପ୍ତ ହୋଇଥିଲା।

# ୨୭ରୁ ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ



**ସମ୍ବଲପୁର, ୧୩ା୧(ସମିସ):** ସମ୍ବଲପୁର ଜିଲ୍ଲା ବର୍ଷିୟାନ କ୍ରୀଡା ସଂଘ ଆନୁକୂଲ୍ୟରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ୨୭ ଜାନୁଆରୀରୁ ୪ ଫେବୃଆରୀ ପର୍ଯ୍ୟନ୍ତ ସ୍ୱର୍ଗୀୟ ବିଜୟ ବାହାଦୁର ସିଂହ, ଭୀମସେନ ଛତର ମେମୋରିଏଲ ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟବଲ ପ୍ରତିଯୋଗିତା-୨୦୨୪ ଅନୁଷ୍ଠିତ ହେବ। ଏହି ଫୁଟବଲ ପ୍ରତିଯୋଗିତାରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲା ଅଂଶଗ୍ରହଣ କରିବେ। ଆଜି ଜିଲ୍ଲା ବର୍ଷିୟାନ କ୍ରୀଡା ସଂଘର ସାଧାରଣ ସମ୍ପାଦକ ସଦାଶିବ ପୁରୋହିତଙ୍କ ତତ୍ତ୍ୱାବଧାନରେ ଓ ସିଦ୍ଧାର୍ଥ ଶାହାଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ଅର୍ଗାନାଇଜିଙ୍ଗ ସେକ୍ରେଟାରୀ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ସହିତ ସାକ୍ଷାତ କରି ଆଲୋଚନା କରିଥିଲେ। ଶ୍ରୀ ଦାସ ଜିଲ୍ଲା ବର୍ଷିୟାନ କ୍ରୀଡାକୁ ଆଶାରୁ ଅଧିକ ଆର୍ଥିକ ସାହଯ୍ୟ କରି ପ୍ରତିଯୋଗିତାକୁ ସଫଳ ଆୟୋଜନ କରିବାପାଇଁ ପରାମର୍ଶ ଦେଇଥିଲେ। ଆଲୋଚନା ସମୟରେ ସଂଘର ସଦସ୍ୟ ହରେକୃଷ୍ଣ ପଣ୍ଡା, ବିଦ୍ୟାଧର ପ୍ରଧାନ, ସୁରେନ୍ଦ୍ର ନାୟକ, ସୁକାନ୍ତ ବୋଷ, ଜନ୍ ଖାଲକୋ, ଅଶୋକ ସାହୁ, ପ୍ରଦୀପ ପାଢ଼ୀ, ବିଜୟ ଦେହୁରୀ, କୃଷ୍ଣଚନ୍ଦ୍ର ଶତପଥି, ସନ୍ତୋଷ ବିଶ୍ୱାଲ, ବଳରାମ ମଟାରୀ, ପ୍ରଣବ ଶତ୍ରୁଶଲ୍ୟ, ରାଜସିଂ ଡିଙ୍ଗରା, ଅରୁଣ ପଟ୍ଟନାୟକ, ସୁବ୍ରତ ଚାନ୍ଦ, ସଞ୍ଜିତ ମାଝି, ବିଭୁତି ମିର୍ଦ୍ଧା, ଲକ୍ଷ୍ମଣ ପଣ୍ଡା, ଶିବନାରାୟଣ ବେହେରା, ସୁବାସ ରାଉତ, ପ୍ରଦୀପ ମିଶ୍ର, ମଥୁରା ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

# ଭଙ୍ଗା, ଦଦରା ଘରେ କ୍ଷୀରଙ୍କ ପରିବାର

**ସମ୍ବଲପୁର, ୧୩ା୧(ସମିସ)**

ମୁଣ୍ଡରେ ଅଛି ଛାତ ନା ମିଳୁଛି ଭଲ ଭାବେ ଦୁଇବେଳା ଖାଇବା। ବୃଦ୍ଧ ମହିଳା, ଛୋଟ ପିଲା, କଲେଜ ପଢୁଆ ଝିଅ ସମେତ ୬ଜଣ ପରିବାର ସଦସ୍ୟ। ଘର ନାହିଁ, ଖରା, ବର୍ଷା, ଶୀତ ସବୁ ସମୟରେ ଦଦରା ଭଙ୍ଗା ଘରେ ଜୀବନ କଟୁଛି। ପରିବାର ଚଳିବା ଏତେ କଷ୍ଟକର ଯେ ଘରର ମୁଖିଆ ଦାନନ ଖଟିବାକୁ ହାଇଦ୍ରାବାଦ ଯାଇଛନ୍ତି। ଏବେ ପରିବାର

## ସରକାରୀ ସୁବିଧା କେବଳ ପିଡିଏସ୍ ଚାଉଳ

ସରକାରୀ ସୁବିଧାକୁ ଅନେଇ ବସିଛନ୍ତି। ହେଲେ ଅଧିକାରୀଙ୍କ ଅବହେଳା, ରାଜନେତାଙ୍କ ଅଣଦେଖା ଯୋଗୁଁ ଏହି ପରିବାର ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ସରକାର ଗରିବ ଲୋକଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଅନ୍ୟତମ। ବାସହାରା ପରିବାର ମୁଣ୍ଡରେ ବାସ ଯୋଗାଇ ଦେବା ଏହି ଯୋଜନାରା ଲକ୍ଷ୍ୟ। ହେଲେ ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ କଳାମାଟି ପଞ୍ଚାୟତ ଡୁଙ୍ଗୁରିପଡ଼ାର କ୍ଷୀର ରଣବିଡ଼ାଙ୍କ ପରିବାର ପାଖରେ ପହଞ୍ଚି ପାରିନାହିଁ ଯୋଜନା। ୨୦୨୨ ସୁଦ୍ଧା ପ୍ରତ୍ୟେକ ବାସହରା ପାଇଁ ପକ୍କା ଘର ମିଳିବ, କଚ୍ଚା ଘର ପକ୍କା ହୋଇଯିବ ଏଭଳି ନାରା ଦେଉଥିଲା କେନ୍ଦ୍ର ସରକାର। ହେଲେ କ୍ଷୀରଙ୍କ କ୍ଷେତ୍ରରେ ଯୋଜନା ସଫଳ ରୂପାୟନ କେତେ ହେଉଛି ତାହା ସହଜରେ ଅନୁମେୟ କରିହେଉଛି। ରେଙ୍ଗାଲି ବିଧାନ ସଭା ଅନ୍ତର୍ଗତ ଆସୁଥିବା ଏହି କଳାମାଟି ପଞ୍ଚାୟତରେ




ଅନ୍ୟ ସରକାରି ଯୋଜନା ମଧ୍ୟ ବାଟବଣା ହେଉଥିବା ଭଳି ସନ୍ଦେହ ସୃଷ୍ଟି ହେଉଛି। ୬୫ବର୍ଷିୟା ବୃଦ୍ଧା କ୍ଷୀରଙ୍କ କହିବା ଅନୁସାରେ ସ୍ୱାମୀ ଛାଡ଼ି ଆର ପାରିକି ଚାଲିଗଲେ। ଏବେ ପୁଅ ସହ ରହୁଛନ୍ତି। ହେଲେ ମୁଣ୍ଡ ଗୁଞ୍ଜିବା ପାଇଁ ଘରଟିଏ ନାହିଁ। ଗାଁ ମୁଣ୍ଡରେ ଥିବା ଡୁମ୍ବରିପଡ଼ାର ବରଗଛ ତଳେ ଥିବା ଜଣଙ୍କ କୁଡ଼ିଆ ଭଙ୍ଗାଘରେ ରହୁଛନ୍ତି। ପରିବାର କହିଲେ ପୁଅ, ବୋହୁ, ନାତି ଓ ଦୁଇ ନାତୁଣୀ। ୬ଜଣଙ୍କ ମୁଣ୍ଡରେ ଛାୟା ଓ ଆଶ୍ରୟ ଦେଇଛି ଭଙ୍ଗା ଘର। ନିକଟସ୍ଥ ସ୍କୁଲରେ ସୁଇପର ଭାବେ କାମ କରନ୍ତି। ବାର୍ଦ୍ଧକ୍ୟଜନିତ ରୋଗ ଯୋଗୁଁ ଦିନ ମଜୁରିଆ ଭାବେ ରୋଜଗାର କରିଯାଇ ପାରନ୍ତି ନାହିଁ। ସ୍କୁଲରୁ ସଫା ସୁତୁରା କରି ଦୁଇପଇସା ରୋଜଗାର ହୋଇଥାଏ। ପୁଅ ଦିନମଜୁରିଆ କରି କିଛି ରୋଜଗାର କରି ପରିବାର ପୋଷଣ କରନ୍ତି। ହେଲେ ଆଜି ମହଙ୍ଗା ଦିନରେ ଜଣଙ୍କ ରୋଜଗାରରେ ପରିବାର ଚଳିବା କଷ୍ଟକର ହୋଇପଡ଼ିଛି। ଜଣେ ରୋଜଗାରକୁ ୬ପ୍ରାଣୀ ଅପେକ୍ଷା କରିଛନ୍ତି। ବାଧ ହୋଇ ଛୋଟ ପିଲାଙ୍କୁ ଛାଡ଼ି ବୋହୁ ରୋଜଗାର କରିବା ପାଇଁ ପର ଘରକୁ କାମ କରିବାକୁ ଯାଉଛନ୍ତି। ଯେତେ ରୋଜଗାର ହେଉଛି ତାହା ନିଅଣ୍ଟ। ସରକାରଙ୍କ ପିଡିଏସ୍ ଯୋଜନାରେ କେବଳ ଚାଉଳ ହିଁ ମିଳୁଛି। ତାହା ପୁଣି ୨୫କେଜି ଚାଉଳ ମିଳୁଛି। ବହୁବର୍ଷ ପୂବରୁ ମାଟି ଘର ଟିଏ କରି ରହିବା ନେଇ ସପ୍ନ ରହିଥିଲା। ତେଣୁ ଘର ପାଇଁ ମାଟି ପଥର ଯୋଗାଡ କରି ନିହ କରିଥିଲି। ଏଥିପାଇଁ ଋଣ କରିବାକୁ ପଡ଼ିଥିଲା। ହେଲେ ସେ ଘର ଏବେ ମଧ୍ୟ ପାଖରେ ନିଜ ଘର କରିବା ପାଇଁ ମୂଳଦୁଆ ପଡ଼ିଛି। ପଇସା ଅଭାବରୁ ଘର କାମ ଆଗକୁ ବଢ଼ିପାରୁ ନାହିଁ। ଆଗକୁ ହେବା ଭଳିଆ ଆଶା ଆଉନାହିଁ। ପ୍ରଧାନ ମନ୍ତ୍ରୀ ଆବାସ ପାଇଁ ବାରମ୍ବାର କଳାମାଟି ସରପଞ୍ଚ, ବିଡିଓ, ସମିତି ସମସ୍ତଙ୍କୁ ଗୁହାରୀ କରିଛନ୍ତି। ହେଲେ ଗୁହାରି ଶୁଣିକାବୁ କେହିନାହାନ୍ତି। ପୂର୍ବରୁ ଘର ପାଇଁ ନାମ ମଧ ଆସିଥିଲା ହେଲେ କେଉଁ କାରଣରୁ କଟିଯାଇଥିଲା ସେ ଜାଣି ନଥିବା କହିଛନ୍ତି। ତାଲିକାରୁ ବାଦ ଦିଆଯିବା କାରଣ ପଚାରିଲେ କେହି କହୁନାହାନ୍ତି। ସମସ୍ତ ସରକାରୀ ଯୋଜନା ଗୁଡ଼ିକ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ଜନପ୍ରତିନିଧି ଓ ଅଧିକାରୀମାନେ ନିଜ ପାଖ ଲୋକଙ୍କୁ ଅଧିକ ସୁବିଧା ସୁଯୋଗ ଦେଉଛନ୍ତି ବୋଲି କହିଛନ୍ତି। ଜିଲ୍ଲା ପ୍ରଶାସନ ଓ ରାଜନେତାମାନେ ଘର ଖଣ୍ଡିଏ ଓ ଅନ୍ୟାନ ସୁବିଧା ଯୋଗାଇ ଦୋବାକୁ ଅନୁରୋଧ କରିଛନ୍ତି।

